ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଲେ ବିଷ୍ଣୁଦେବ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୮ Vol. 21 No-298 26 JANUARY 2025 SUNDAY BHUBANESWAR ରବିବାର, ୨୬ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା

୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଆମେ ଆମର ଅଗଣିତ ପାଠକ,ପାଠିକା/ ଲେଖକ, ଲେଖିକା/ ବିଜ୍ଞାପନଦାତା/ ସମ୍ବାଦଦାତା/ ଏଜେଣ୍ଟ ବନ୍ଧୁ ତଥା ସର୍ବୋପରି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଉଛୁ।

*'ଓଡ଼ିଶା ଭାସ୍କର' ପରିବାର*

## ଛୁଟି ଘୋଷଣା

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୨୬ ତାରିଖ 'ଓଡ଼ିଶା ଭାସ୍କର' ପ୍ରେସ୍ ଓ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ ସକାଳେ ପ୍ରକାଶ ପାଇବ।

*ପରିଚାଳକ*

## ଗଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତିଙ୍କ ସମ୍ବୋଧନ

# ସମ୍ବିଧାନ ଆମର ଜୀବନ୍ତ ଦସ୍ତାବିଜ୍



ନୂଆଦିଲ୍ଲୀ, ୨୫।୧: ସମ୍ବିଧାନ ହେଉଛି ଆମର ଜୀବନ୍ତ ଦସ୍ତାବିଜ୍ । ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭାତୃତ୍ୱ କେବଳ ତାତ୍ତ୍ୱିକ ଧାରଣା ନୁହେଁ, ଏହା ଆମକୁ ଆଧୁନିକ ଯୁଗରେ ପରିଚିତ କରାଇଛି। ଏହି ଜୀବନର ମୂଲ୍ୟ ସର୍ବଦା ଆମର ସଭ୍ୟତା ଓ ସଂସ୍କୃତିର ଅଂଶବିଶେଷ ହୋଇ ରହିଛି। ବିଶ୍ୱର ପ୍ରାଚୀନ ସଭ୍ୟତା ମଧ୍ୟରୁ ଭାରତ ଅନ୍ୟତମ। ୭୬ତମ ଗଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ରଖି ଏହା କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ କହିଥିଲେ, ୭୫ବର୍ଷ ପୂର୍ବେ ୨୬ ଜାନୁଆରୀରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା। ଭାରତର ଗଣତନ୍ତ୍ରର ମୂଲ୍ୟ ପ୍ରତିଫଳନ ଆମର ସମ୍ବିଧାନ ରଚନାରେ ମଧ୍ୟ ଦୃଶ୍ୟମାନ ହେଉଛି। ସେଥିରେ ସମସ୍ତ ବର୍ଗଙ୍କର ପ୍ରତିନିଧିତ୍ୱ ରହିଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ସରୋଜିନୀ ନାଇଡୁ, ରାଜକୁମାରୀ ଅମୃତ କୌର, ସୁଚେତା କ୍ରିପାଳିନୀ, ହଂସାବେନ ମେହେଟ୍ଟା ଏବଂ ମାଳତୀ ଚୌଧୁରୀଙ୍କ ଭଳି ୧୫ଜଣ ଅସାଧାରଣ ମହିଳା ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ ଆମ ସମ୍ବିଧାନ ସାମୂହିକ ପରିଚୟର ଆଧାର। ସେ କହିଥିଲେ, ଆଜି ଆମେ ପ୍ରଥମେ ଦେଶ ନିର୍ମାଣରେ ନିଜର ପଦ ଚିହ୍ନ ଛାଡ଼ିଥିବା • ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶାର ୧୯ଜଣଙ୍କୁ ପୋଲିସ ପଦକ

ଭୁବନେଶ୍ୱର, ୨୫।୧ (ଭାସ୍କର ନ୍ୟୁଜ): ସାଧାରଣତନ୍ତ୍ର ଦିବସ ୨୦୨୫ ନିମନ୍ତେ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପୁରସ୍କାର ଘୋଷଣା କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ଓଡ଼ିଶାର ୧୯ଜଣ ପୋଲିସ ଅଧିକାରୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ଷେତ୍ରରେ ସାହସିକତା ପ୍ରଦର୍ଶନ ନିମନ୍ତେ ୬ଜଣଙ୍କୁ ସାହସିକତା ପୁରସ୍କାର, କାର୍ଯ୍ୟ କ୍ଷେତ୍ରରେ ବିଶିଷ୍ଟ ସେବା ନିମନ୍ତେ • ପୃଷ୍ଠା ୫ ଦେଖନ୍ତୁ

# ପଦ୍ମ ପୁରସ୍କାର ଘୋଷଣା

ନୂଆଦିଲ୍ଲୀ, ୨୫।୧: ୭୬ତମ ଗଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ କେନ୍ଦ୍ର ସରକାର ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି। ୧୧୩ଜଣଙ୍କୁ ପଦ୍ମଶ୍ରୀ, ୧୯ଜଣଙ୍କୁ ପଦ୍ମଭୂଷଣ ଏବଂ ୭ଜଣଙ୍କୁ ପଦ୍ମବିଭୂଷଣ ପ୍ରଦାନ ପାଇଁ ଘୋଷଣା କରାଯାଇଛି। ଏହି ତାଲିକାରେ କୁଏତର ଯୋଗ ପ୍ରଶିକ୍ଷକ ସାଇଖା ଏଜେ ଅଲ୍ ସବା, ଆପଲ ସମ୍ରାଟ ହାରିମାନ ଏବଂ ବ୍ରାଜିଲର ବେଦାନ୍ତ ଗୁରୁ ଜୋନାସ ମାସେଟିଙ୍କ ସମେତ ଅନେକ ଅଜଣା ଏବଂ ଅନନ୍ୟ ପଦ୍ମ ପୁରସ୍କାର ବିଜେତା ରହିଛନ୍ତି। ଗର୍ଭାଶୟ କର୍କଟରୋଗ ଚିହ୍ନଟ, ନିରାକରଣ ଏବଂ ପରିଚାଳନାରେ ବିଶେଷଜ୍ଞ ଦିଲ୍ଲୀର ସ୍ତ୍ରୀରୋଗ ଡାକ୍ତର ନିରଜା ଭଟଲାଙ୍କୁ ପଦ୍ମଶ୍ରୀ ସମ୍ମାନରେ • ପୃଷ୍ଠା ୫ ଦେଖନ୍ତୁ

### ଓଡ଼ିଶାର ୪ଜଣଙ୍କୁ ପଦ୍ମଶ୍ରୀ

ଭୁବନେଶ୍ୱର, ୨୫।୧ (ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଶନିବାର ସନ୍ଧ୍ୟାରେ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ସ୍ଥାନ ପାଇଛନ୍ତି। ମେଡିସିନ କ୍ଷେତ୍ରରେ ଡାକ୍ତର ଅଶୋକ କୁମାର ମହାପାତ୍ର, କଳାରେ ଅଦ୍ୱୈତ ଚରଣ ଗଡ଼ନାୟକ, ଦୁର୍ଗାଚରଣ ରଣବୀର ଏବଂ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରପାଇଁ ପ୍ରତିଭା ଶତପଥୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବା ନେଇ ଘୋଷଣା କରାଯାଇଛି।


76th Republic Day | PATANJALI

ଗଣତନ୍ତ୍ର ଦିବସରେ ଏକ ବିକଶିତ ଏବଂ ସମୃଦ୍ଧ ଭାରତ ଗଠନ ପାଇଁ ଶପଥ ନିଅନ୍ତୁ

ବିଦେଶୀମାନଙ୍କ ଦ୍ୱାରା ଭାରତ ମାତାଙ୍କ ଲୁଟ୍

ବିଶ୍ୱ ପ୍ରସିଦ୍ଧ ସଙ୍ଗଠନ ଅକ୍ସଫାମ୍ ଗ୍ଲୋବାଲ୍ ୟୁକେ ଦ୍ୱାରା କରାଯାଇଥିବା ଏକ ସାମ୍ପ୍ରତିକ ସର୍ଭେରୁ ଜଣାପଡ଼ିଛି ଯେ, ୧୭୬୫ ରୁ ୧୯୦୦ ମଧ୍ୟରେ ବ୍ରିଟିଶମାନେ ୬୪.୮୨ ଟ୍ରିଲିୟନ ଡଲାର ଲୁଟ କରିଥିଲେ। ଏହା ପୂର୍ବରୁ ଏବଂ ପରେ ବ୍ରିଟିଶ, ପର୍ତ୍ତୁଗୀଜ୍, ଡଚ୍, ହୁନ୍, ଶାକ ଏବଂ ମୋଗଲମାନଙ୍କ ଦ୍ୱାରା ହୋଇଥିବା ଲୁଟପାଟର ସଂଖ୍ୟା ଏଥିରେ ଅନ୍ତର୍ଭୁକ୍ତ ନୁହେଁ। ଯଦି ଆମେ ହାରାହାରି ୧୦୦୦ ବର୍ଷର ଲୁଟକୁ ନେବା, ତେବେ ଏହା ଅତି କମ୍‌ରେ ୧୦୦ ଟ୍ରିଲିୟନ ଟଙ୍କାରୁ ଅଧିକ ହେବ। ଯଦି ଦେଶର ମୋଟ ଅର୍ଥନୀତିର ଆକାର ଦୃଷ୍ଟିରୁ ଲୁଟକୁ ୨୫% ବୋଲି ବିଚାର କରାଯାଏ, ତେବେ ୫୦୦ ବର୍ଷ ପୂର୍ବେ ଭାରତର ମୋଟ ଅର୍ଥନୀତି ୫୦୦ ଟ୍ରିଲିୟନ ଟଙ୍କା ହେବ ବୋଲି ଆକଳନ କରାଯାଇପାରିବ।
ଏହା ବିଦେଶୀ ପ୍ରତିଷ୍ଠାନଗୁଡ଼ିକର ଦଲିଲ ଉପରେ ଆଧାରିତ ଭାରତର ଚୂଡ଼ାନ୍ତ ସମୃଦ୍ଧିର ଏକ ମୂଲ୍ୟାୟନ ଅଟେ। ଆମେ ଚାହୁଁଛୁ ଯେ ସମସ୍ତ ଭାରତୀୟ ଏହି ସତ୍ୟ ଏବଂ ଲୁଟର ତଥ୍ୟ ବିଷୟରେ ସଚେତନ ହୁଅନ୍ତୁ ଏବଂ ଭବିଷ୍ୟତରେ ଆମେ ଭାରତ ମାତାକୁ ଏହି ବିଦେଶୀ ଶକ୍ତିର ଲୁଟରୁ ରକ୍ଷା କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ଏବଂ ସଂଗଠିତ ହେବା ଉଚିତ ଏବଂ ଆଜିଠାରୁ ସ୍ୱଦେଶୀର ପ୍ରତିଜ୍ଞା ନେବା ଉଚିତ। ସ୍ୱଦେଶୀର ଏହି ମହାନ ଯଜ୍ଞରେ, ପତଞ୍ଜଳି ମଧ୍ୟ ରାଷ୍ଟ୍ର ପ୍ରତି ନିଜର ବିନମ୍ର ସେବାକୁ ଉତ୍ସର୍ଗ କରୁଛି।
ବିଦେଶୀମାନେ ବହୁ ଟ୍ରିଲିୟନ ଡଲାର ଲୁଟ କରିଛନ୍ତି ଏବଂ ଏବେ ମଧ୍ୟ ସାବୁନ, ସାମ୍ପୁ, ତେଲ, ଥଣ୍ଡା ପାନୀୟ, ପିଜା, ବର୍ଗର ଇତ୍ୟାଦି ବିକ୍ରି କରି ଦେଶର ସମ୍ପତ୍ତିକୁ ବିଦେଶକୁ ନେଇଯାଉଛନ୍ତି।

ପତଞ୍ଜଳି ଦ୍ୱାରା ଭାରତ ମାତା ଏବଂ ସନାତନଙ୍କ ସେବା

ପତଞ୍ଜଳି ୩୦ବର୍ଷ ଧରି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗବେଷଣା, ଚରିତ୍ର ନିର୍ମାଣ ଠାରୁ ଆରମ୍ଭ କରି ରାଷ୍ଟ୍ରନିର୍ମାଣ ପର୍ଯ୍ୟନ୍ତ କାର୍ଯ୍ୟକଳାପରେ ପ୍ରାୟ ଏକଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରି ଭାରତ ମାତାର ସେବା କରିଛି ଏବଂ ଏହି ସେବା ଯଜ୍ଞ ନିରବଚ୍ଛିନ୍ନ ଭାବରେ ଚାଲିଛି।

ଏହି ଗଣତନ୍ତ୍ର ଦିବସରେ, ସ୍ୱଦେଶୀର ପ୍ରତିଜ୍ଞା ନିଅନ୍ତୁ ଏବଂ ପତଞ୍ଜଳିର ସର୍ବୋତ୍ତମ ସ୍ୱଦେଶୀ ଉତ୍ପାଦଗୁଡ଼ିକୁ ଗ୍ରହଣ କରିବା ସହ ଜଣେ ସଚେତନ ନାଗରିକର କର୍ତ୍ତବ୍ୟ ପାଳନ କରନ୍ତୁ, ଦେଶକୁ ଆର୍ଥିକ ଲୁଣ୍ଠନ ଏବଂ ଦାସତ୍ୱରୁ ରକ୍ଷା କରନ୍ତୁ। ଦେଶର ଟଙ୍କା ଦେଶରେ ରହିବା ଉଚିତ ଏବଂ ଦେଶ ସେବାରେ ବ୍ୟବହୃତ ହେବା ଉଚିତ, ଏହା ଆମର ସ୍ୱଦେଶୀ ଅଭିଯାନର ମୌଳିକ ନୀତି। କଠିନ ପରିଶ୍ରମ ମାଧ୍ୟମରେ ଅର୍ଜିତ ଟଙ୍କାକୁ ଦାନ କାର୍ଯ୍ୟରେ ବିନିଯୋଗ କରି ଆମେ ଦାନ ପାଇଁ ସମୃଦ୍ଧିର ଏକ ଉତ୍କୃଷ୍ଟ ଉଦାହରଣ ଉପସ୍ଥାପନ କରିଛୁ।





ମହାକୁମ୍ଭ ଉପରେ ସନାତନଙ୍କ ସଂକଳ୍ପ

- ସନାତନ ଧର୍ମର ମୌଳିକ ସିଦ୍ଧାନ୍ତଗୁଡ଼ିକ ହେଉଛି ଏକତା, ସମାନତା, ଆଚରଣର ପବିତ୍ରତା, ନିଜ ଧର୍ମ ପ୍ରତି ସମର୍ପଣ, ସଦ୍ଭାବନା, ବେଦ ପ୍ରତି ସମର୍ପଣ, ଗୁରୁ ପ୍ରତି ସମର୍ପଣ ଏବଂ ଈଶ୍ୱରଙ୍କ ଅନନ୍ତ ସାଂସ୍କୃତିକ ସମ୍ବିଧାନ ଏବଂ ଦେଶର ଗଣତାନ୍ତ୍ରିକ ସମ୍ବିଧାନ ପ୍ରତି ପୂର୍ଣ୍ଣ ସମର୍ପଣ।
- ସନାତନ ଧର୍ମରେ ଜାତି, ବର୍ଗ, ସମ୍ପ୍ରଦାୟ ଇତ୍ୟାଦି ନାମରେ କୌଣସି ପ୍ରକାରର ଭେଦଭାବ, ପକ୍ଷପାତ, କପଟତା, ଅନ୍ଧବିଶ୍ୱାସ ନାହିଁ। ମହାକୁମ୍ଭ ମହୋତ୍ସବ ଅବସରରେ, ଆମକୁ ସନାତନ ଧର୍ମର ମୌଳିକ ନୀତିଗୁଡ଼ିକୁ ୧୦୦% ପ୍ରତିଶତ ବିଶ୍ୱାସ କରିବା, ବଞ୍ଚିବା ଏବଂ ପ୍ରଚାର କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ, ସଂଗଠିତ ଏବଂ ସକ୍ଷମ ହେବା ସହିତ ସନାତନ ଧର୍ମକୁ ଯୁଗର ଧର୍ମ ଭାବରେ ପ୍ରତିଷ୍ଠା କରିବା ପାଇଁ ଆମର ସମସ୍ତ ଶକ୍ତିକୁ ଆହ୍ୱାନ କରିବାକୁ ପଡିବ ଏବଂ ସନାତନ ଧର୍ମ ବିରୁଦ୍ଧରେ ସଂଗଠିତ ପ୍ରତିବାଦକୁ ବିରୋଧ କରନ୍ତୁ। ଆମକୁ ସବୁ ଦିଗରୁ ଏହାର ମୁକାବିଲା କରିବାକୁ ପଡ଼ିବ।

ମହାକୁମ୍ଭ ଅବସରରେ, କର୍ଣ୍ଣି ଆଶ୍ରମରେ ପୂଜ୍ୟପାଦ ସ୍ୱାମୀ ଗୁରୁ ଶରଣାନନ୍ଦ ମହାରାଜ ଜୀଙ୍କ ଉପସ୍ଥିତିରେ

ନିଃଶୁଳ୍କ ଯୋଗ ଚିକିତ୍ସା ଏବଂ ଧ୍ୟାନ ଶିବିର
ସ୍ଥାନ- ଶ୍ରୀ ଗୁରୁକାଶୀ କୁମ୍ଭ ମେଳା ଶିବିର, ସାଲୋରି, ସେକ୍ଟର-୯, ଗଙ୍ଗେଶ୍ୱର ମାର୍ଗ, ପ୍ରୟାଗରାଜ
ଯୋଗାଯୋଗ : ୮୯୫୪୫୫୫୯୯୯
୨୭ ଜାନୁଆରୀରୁ ୩୦ ଜାନୁଆରୀ ପର୍ଯ୍ୟନ୍ତ, ସକାଳ ୫:୦୦ ରୁ ୭:୩୦ ପର୍ଯ୍ୟନ୍ତ

ସଂଗମରେ ସ୍ନାନ ସହିତ ଯୋଗ ଏବଂ ଧ୍ୟାନର ପୂଣ୍ୟ ମାଧ୍ୟମରେ ଆପଣଙ୍କ ଜୀବନର ସୌଭାଗ୍ୟକୁ ଜାଗ୍ରତ କରନ୍ତୁ







DIGITAL EDITION

# ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୮ Vol. 21 No-298 26 JANUARY 2025 SUNDAY BHUBANESWAR ରବିବାର, ୨୬ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦








ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧିନସ୍ଥ କୁହୁଡ଼ି ଗ୍ରାମରେ ଥିବା ଅଗ୍ରଣୀ ଘରୋଇ ଶିକ୍ଷା ଅନୁଷ୍ଠାନ ଡିଏଭି ଗୁରୁକୁଳ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ 'ପ୍ରତ୍ୟାର୍ପଣ - ୨୦୨୫' ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେଞ୍ଚୁରୀଆନ୍ ବିଶ୍ୱବିଦ୍ୟାଳୟର ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟ ପ୍ରଫେସର ଡ଼ଃ ସୁଶାନ୍ତ କୁମାର ମିଶ୍ର ଯୋଗଦେଇ କର୍ତ୍ତବ୍ୟନିଷ୍ଠା ଓ କଠିନ ଅଧ୍ୟବସାୟରେ ହିଁ ଛାତ୍ରଟିଏ ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବରେ ଏକାଡେମିକ୍ ଡାଇରେକ୍ଟର ( ଡିଏଭି ଗୁରୁକୁଳ) ଶକ୍ତି ପ୍ରସାଦ ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ସହିତ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ବଳରେ ହିଁ ଶିକ୍ଷାର ଉନ୍ନତି ହୋଇପାରିବ ବୋଲି ମତ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ କୁହୁଡ଼ି ଗ୍ରାମର ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ରତନପୁର ପଞ୍ଚାୟତର ସରପଞ୍ଚ ଗୁରୁବନ୍ଧୁ ବେହେରା, ଅନୁଷ୍ଠାନର ସହ-ସମ୍ପାଦକ ପ୍ରଦିପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଅଧକ୍ଷ ଦିଲ୍ଲିପ କୁମାର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାଜଶ୍ରୀ ପାତ୍ର, ମାନସୀ ସାହୁ, ପୂଜା ବରାଳ, ରଚିତା ଜେନା, ସାଗରିକ ମହାରଣା, ମାନସୀ ଖଣ୍ଡାୟତରାୟ ଓ ପ୍ରଦୀପ ସାମନ୍ତରାୟ ପ୍ରମୁଖ ପରିଚାଳନା ଓ ସଂଯୋଜନା କରିଥିଲେ ।



### ଶହୀଦନଗର ପଶୁ ଚିକିତ୍ସାଳୟରେ ଚିକିତ୍ସା ବ୍ୟବସ୍ଥା ।।।।।।।।।।।।।।।।।।।।

# ଚତୁର୍ଥଶ୍ରେଣୀ କର୍ମଚାରୀ ସାଜିଛନ୍ତି ପଶୁ ଚିକିତ୍ସକ

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ଶହୀଦନଗର ପଶୁ ଚିକିତ୍ସାଳୟ ଅଧୀନ ଅଞ୍ଚଳର ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି । ଚିକିତ୍ସାଳୟର ଡାକ୍ତରଙ୍କ ଅପେକ୍ଷା ଏଠାରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ପଶୁ ଚିକିତ୍ସକ ଭାବେ କାର୍ଯ୍ୟ କରୁଛନ୍ତି । ଫଳରେ ଉପଯୁକ୍ତ ଚିକିତ୍ସା ନପାଇ ଅଧିକାଂଶ ଗୃହପାଳିତ ପଶୁଙ୍କ ମୃତ୍ୟୁ ହେବା ସହିତ ଚିକିତ୍ସା ବାବଦ ଖର୍ଚ୍ଚ ଅଧିକ ହେଉଥିବା ଏସଡିଭିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି । ଅଭିଯୋଗକାରୀ ବିଦେଶୀ ସ୍ୱାଇଁ, ପ୍ରମୋଦ କୁମାର ଦାସ, ସୋରେନ ଦାସ, ଧୀରେନ କୁମାର ବେବର୍ତ୍ତା, ଶ୍ରୀକାନ୍ତ ବେହେରା, ନିରଞ୍ଜନ ବସ୍ତି ପ୍ରମୁଖ କରିଥିବା ଅଭିଯୋଗ ଅନୁଯାୟୀ ଏହି ଚିକିତ୍ସାଳୟ ଅଞ୍ଚଳ ଅଧୀନରେ ଉତ୍ତର, ଏକାମ୍ର ଓ ମଧ୍ୟ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅଞ୍ଚଳର ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ବ୍ୟବସ୍ଥା ହେଉଛି । ଏହି ଅଞ୍ଚଳରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରହୁଛନ୍ତି । ସେମାନଙ୍କ ଗୃହପାଳିତ ପଶୁ ଚିକିତ୍ସା ପାଇଁ ଆସିଲେ ଭୁବନେଶ୍ୱରର ଶହୀଦନଗର ସ୍ଥିତ ଚିକିତ୍ସାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସୋମନାଥ ମହାନ୍ତି ତତ୍ପର ହୋଇ ଚିକିତ୍ସା ବ୍ୟବସ୍ଥା ନାମରେ ଠକେଇ କରୁଥିବା ଅଭିଯୋଗ ହୋଇଛି । ଏପରିକି ସାଧାରଣ ଲୋକ ମଧ୍ୟ ଏହି ଠକେଇରୁ ବାଦ ପଡୁନାହାନ୍ତି । ଚିକିତ୍ସାଳୟର ପଛପଟେ ସେମାନଙ୍କୁ ଚଢ଼ା ଦରରେ ଔଷଧ ବିକ୍ରୀ କରିବା ସହ ଘରୋଇ ଚିକିତ୍ସା କରିଦେବାକୁ କହି ସେମାନଙ୍କୁ ଭଣ୍ଡିଥିବା ଅଭିଯୋଗ ହୋଇଛି । ଏଥିସହିତ କର୍ମଚାରୀ ଶ୍ରୀ ମହାନ୍ତି ଘରୋଇ ଚିକିତ୍ସକ ଭାବେ କାର୍ଯ୍ୟ କରି ଭୁଲ ଔଷଧ ଓ ଇଞ୍ଜେକସନ ଦେଇ ରୋଗରେ ପୀଡିତ ଥିବା ପଶୁପକ୍ଷୀଙ୍କୁ ମାରିଦେଉଥିବା ମଧ୍ୟ ଅଭିଯୋଗ ହୋଇଛି । ତାଙ୍କର ଏହି ବେଆଇନ ଚିକିତ୍ସା କାର୍ଯ୍ୟ ସମ୍ପର୍କରେ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସକଙ୍କୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ । ଫଳରେ ସ୍ଥାନୀୟ ଅଞ୍ଚଳରେ ଚିକିତ୍ସାଳୟର ସ୍ୱାସ୍ଥ୍ୟ ସେବା ଉପରେ ଲୋକଙ୍କ ଆସ୍ଥା ତୁଟୁଥିବା ଦେଖିବାକୁ ମିଳିଛି । ଲୋକଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି । ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ ସହିତ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆସନ୍ତା ମାସରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଭିଯୋଗକାରୀମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

# ମନ୍ତ୍ରୀଙ୍କ ରାୟଗଡ଼ ଗସ୍ତ




ରାୟଗଡ(ଭାସ୍କର ନ୍ୟୁଜ୍): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତଥା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ତିନି ଗୋଟି ବିଭାଗର ବିଭିନ୍ନ ସରକାରୀ ଯୋଜନାର ପ୍ରଗତି ବିଷୟରେ ସମୀକ୍ଷା କରାଯାଇଛି । ପ୍ରାଣୀ ସମ୍ପଦ ବିକାଶ ବିଭାଗର - ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ମାଧ୍ୟମରେ ଗୋପାଳନ, ଘାସ ଚାଷ ତଥା ପ୍ରାଣୀ ସମୃଦ୍ଧି ଯୋଜନା ମାଧ୍ୟମରେ କୁକୁଡା ପାଳନ ଓ ଅଣ୍ଡା ଉତ୍ପାଦନକୁ ପ୍ରାଧାନ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମତ୍ସ୍ୟ ବିଭାଗର ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ମାଧ୍ୟମରେ ଚାଷୀମାନଙ୍କ ଆୟ କୁ ବହୁଗୁଣିତ କରିବା ସହ ସମସ୍ତ ଯୋଜନାକୁ ଚାଷୀ ମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ସଚେତନତା ଶିବିର ର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପଦ୍ମପୁର ବ୍ଲକ, କେନ୍ଦୁଗୁଡା ଠାରେ ଥିବା, ଜଳଭଣ୍ଡାରରେ ପଞ୍ଜୁରୀ ମାଧ୍ୟମରେ ମାଛ ଚାଷ କରିବା ପାଇଁ କହିଥିଲେ । ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ଲୋକମାନଙ୍କର ଆୟକୁ ବୃଦ୍ଧି କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରି, ସଭାପତିତ୍ୱ କରିଥିବା ବେଳେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଦେବରାଜ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ଏବଂ ସାଧାରଣ ପରିଚାଳକ ଜିଲ୍ଲା ଶିଳ୍ପକେନ୍ଦ୍ର, ରାୟଗଡା ବିଜୟ କୁମାର ସାହୁ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ଏଗାର ଗୋଟି ବ୍ଲକରୁ ଆସିଥିବା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଜିଏମ୍ ଓମଫେଡ୍ ଏବଂ ଆଇପିଓ ମଧ୍ୟ ଉପସ୍ଥିତ ଥିଲେ ।

## ଅଗ୍ନି ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ଛତ୍ରପୁର (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅନ୍ତର୍ଗତ ଭାଗ୍ୟଲକ୍ଷ୍ମୀ ନଗରରେ ଅଗ୍ନିକାଣ୍ଡରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତ ବୃଦ୍ଧ ଜଣକ ରଙ୍କନିଧି ସାହୁ ବୋଲି ଜଣାପଡିଛି । ସୂଚନା ମୁତାବକ ରଙ୍କନିଧି ଆଜି ସନ୍ଧ୍ୟାରେ ଘରେ ଥିବା ବେଳେ ଘରେ କୌଣସି କାରଣବଶତଃ ନିଆଁ ଲାଗିଯାଇଥିଲା । ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଛତ୍ରପୁର ଆସିଷ୍ଟାଣ୍ଟ ଫାୟାର ଅଫିସର ଧନଞ୍ଜୟ ମଲ୍ଲିକ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ । ଘରେ ରଙ୍କନିଧିଙ୍କ ଅର୍ଦ୍ଧ ଦଗ୍ଧ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଏହି ଖବର ପାଇ ଛତ୍ରପୁର ଏସ୍‌ଡିପିଓ ଗୌର ହରି ସାହୁ ଓ ଛତ୍ରପୁର ଥାନାର ସବ୍ ଇନିସ୍‌ପେକ୍ଟର ବିଶ୍ୱଜିତ ନାହାକ ଓ ପୋଲିସ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି । ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନାହିଁ ।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଧାନମଣ୍ଡି ପରିଦର୍ଶନ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଧାନମଣ୍ଡିକୁ ଶନିବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ବୈଷୟିକ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବେସରକାରୀ ଭାବେ ଏକ ସୌଜନ୍ୟମୂଳକ ପରିଦର୍ଶନ କରିଛନ୍ତି । ଶୁକ୍ରବାର ଧାନମଣ୍ଡିରେ ହେଉଥିବା କଟନି ଛଟନି ସମ୍ପର୍କରେ ତିର୍ତ୍ତୋଲ ବିଜେପି ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା ଯୋଗାଣ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ । ଶନିବାର ମନ୍ତ୍ରୀ ପାରାଦ୍ୱୀପ ଗସ୍ତରେ ଯିବା ସମୟରେ ତାରପୁର ଠାରେ କିଛିସମୟ ରହି ଧାନମଣ୍ଡିକୁ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରାଙ୍କ ନେତୃତ୍ୱରେ ବିଜେପି କର୍ମୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଏଥିରେ ବିଜେପି ଓବିସି ମୋର୍ଚ୍ଚାର ଜାତୀୟ ସଦସ୍ୟ ଚିତ୍ତରଞ୍ଜନ କଂସ, ବିଜେପି ନେତା ସୁବାଷ ଜେନା, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠୀ, ସମିତି ସଭ୍ୟ ବିଚିତ୍ରା ନନ୍ଦ ସ୍ୱାଇଁ ରଘୁନାଥପୁର ମଣ୍ଡଳ ସଭାପତି ସ୍ୱରାଜ ସାମଲ, ଜଇପୁର ମଣ୍ଡଳ ସଭାପତି ବନୋଜ ନାୟକ, ଭଗବାନ ସ୍ୱାଇଁ, ମନୋଜ କୁମାର ସାହୁ, ସୁଶାନ୍ତ କୁମାର ମହାନ୍ତି, ଲୁଭେନ୍ଦ୍ର କୁମାର ମିଶ୍ର, ଶଚିକାନ୍ତ ବାରିକ, ସରୋଜ ଦାସ, ପ୍ରତାପ ଚନ୍ଦ୍ର ମହାନ୍ତି, ଅବନୀ କୁମାର ଦାସ ସମେତ ବହୁ ବିଜେପି କର୍ମୀ ସାମିଲ ଥିଲେ । ସେଠାରେ ତାରପୁର ସରପଞ୍ଚ ସୁଷମା ମଲ୍ଲିକ ମଧ୍ୟ ମନ୍ତ୍ରୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ । ତେବେ ଧାନମଣ୍ଡିରେ କଟନି ଛଟନି ବନ୍ଦ କରାଯାଇଛି । ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ । ଜଗତସିଂହପୁର ଜିଲ୍ଲାରେ ୧୦ ଗୋଟି ନୂତନ ରାଇସ ମିଲ ଖୋଲାଯିବାର ସରକାରଙ୍କ ଯୋଜନା ରହିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଗଣ ମାଧ୍ୟମକୁ ସୂଚନା ଦେଇଥିଲେ ।

# ସ୍ୱାଗତ ସମ୍ବର୍ଦ୍ଧନା ଓ ପ୍ରବେଶ ଉତ୍ସବ




ବୋଲଗଡ଼(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ବାଙ୍କୋଇ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର ସରକାରୀ ପ୍ରାରମ୍ଭିକ ଶିକ୍ଷା ପ୍ରତିଷ୍ଠାନରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ମନୋରଂଜନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁବାଷ ଚନ୍ଦ୍ର ରାୟଗୁରୁ , ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା କାଳୀଚରଣ ଜୟସିଂହ ଏବଂ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ରାଉତରାୟ, ସମିତି ମେମ୍ବର ରଞ୍ଜନ ଲେଙ୍କା, ଶିକ୍ଷାବିତ ଜୟକୃଷ୍ଣ ଫତେସିଂହ, କୁମୁଦିନ ଜୟସିଂହ ଏବଂ ରଥ ସାରଙ୍କ ସମେତ ଅନ୍ୟ ଅତିଥି ମାନେ ଉପସ୍ଥିତ ରହି ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ସୁଶାନ୍ତ କୁମାର ସୁବୁଦ୍ଧି ଅତିଥି ପରିଚୟ କରିଥିବା ବେଳେ ଛାତ୍ରୀ ରାଜଲକ୍ଷ୍ମୀ ସାହୁ ସଂପାଦକୀୟ ବିବରଣୀ ପାଠ କରୁଥିଲେ । ପ୍ରଥମେ ଅନୁଷ୍ଠାନ ପକ୍ଷରୁ ନୂତନ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ । ପରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ । ପରିଶେଷରେ ଛାତ୍ରୀ ସୋନାଲିକା ଜେନା ଧନ୍ୟବାଦ ଦେଇଥିଲେ ।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ



ଭଞ୍ଜନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ରାଧାକୃଷ୍ଣ ପାଠାଗାର ତରଫରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି । ଇତ୍ୟବସରରେ ମହାନ ସ୍ୱାଧୀନତା ସଂଗ୍ରାମ ଦ୍ୱୟଙ୍କ 'ଜୟନ୍ତୀ ପାଳନର ପ୍ରାସଙ୍ଗିକତା' ଭିତ୍ତିକ ଏକ ଆଲୋଚନା ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁ ମୁଖ୍ୟ ଅତିଥି,କବି ପ୍ରଶାନ୍ତ ମହାନ୍ତି ସମ୍ମାନୀତ ଅତିଥି ଓ ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟ ମୁଖ୍ୟବକ୍ତା ରୂପେ ମଞ୍ଚାସୀନ ଥିଲେ । ସଶସ୍ତ୍ର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ସାହୁ ସାମ୍ପ୍ରତିକ ଶାସନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କହିଥିଲେଯେ, ଇଂରେଜ ସରକାର ଯେପରି ବିଭିନ୍ନ ଜାତି, ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି କରି ନିଜର ଶାସନ ବୃଦ୍ଧି କରିବାକୁ ଚାହୁଁଥିଲେ, ସେହିପରି ଶାସନ ଗାଦି ଆସୀନ ସରକାର ଭାରତୀୟ ମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଶାସନ କରିବାକୁ ଚାହିଁଥାଏ, ବର୍ତ୍ତମାନ ପରିସ୍ଥିତିରେ ଆମ ମଧ୍ୟରେ ଥିବା ସମସ୍ତ ପାର୍ଥକ୍ୟ ଓ ଭେଦଭାବକୁ ଭୁଲି ସଚେତନ ଓ ଏକଜୁଟ ହୋଇ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ । କବି ପ୍ରଶାନ୍ତ ମହାନ୍ତି ପ୍ରସଙ୍ଗ କ୍ରମେ କହିଥିଲେ ଯେ ନେତାଜୀ ପୂର୍ଣ୍ଣାଙ୍ଗ ଭାରତର କଳ୍ପନାକୁ ସାକାର କରିବାକୁ ପ୍ରାୟସରେ ଫରଓ୍ୱାର୍ଡ ବ୍ଲକ ଗଠନ କରି ହିନ୍ଦୁ ମୁସଲମାନ ଏକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହା ବ୍ୟତୀତ ସ୍ୱାଭିମାନୀ ସୁରେନ୍ଦ୍ର ସାଏ ଇଂରେଜ ସରକାରଙ୍କର ବିରୁଦ୍ଧରେ ଯୁଦ୍ଧକରି ୩୭ବର୍ଷ ବନ୍ଦୀ ଜୀବନ କଟାଇ ମୃତ୍ୟୁ ବରଣ କରିଥିଲେ । ବର୍ତ୍ତମାନ ଭାରତର ଯୁବକ ଦାରିଦ୍ର୍ୟ ଓ ବେକାରୀର ଶିକାର ହୋଇ ଋଷ ଓ ଇସ୍ରାଏଲ ପରି ଆକ୍ରମଣ କାରୀ ଦେଶର ସୈନ୍ୟ ବାହିନୀରେ ଯୋଗଦେଇ ଜୀବନ ଦେଉଛନ୍ତି-ଏହା ଦେଶର ଉତ୍କଟ ବେକାରୀ ଓ ଦାରିଦ୍ର୍ୟତାକୁ ସୂଚାଏ ବୋଲି କହିଥିଲେ । ଏଣୁ ଏହି ସାମାଜିକ ସମସ୍ୟାକୁ ଦୂରୀକରଣ ପାଇଁ ନେତାଜୀଙ୍କ ପ୍ରଦର୍ଶିତ କୃଷି, ଶିଳ୍ପ ଓ ଶିକ୍ଷା ବିକାଶର ପନ୍ଥା ଅନୁସରଣ କରିବାକୁ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ଡ଼. ସନ୍ତୋଷ କୁମାର ଆପଟ ମହାନାୟକ ଦ୍ୱୟଙ୍କ ସଶସ୍ତ୍ର ସଂଗ୍ରାମ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରି କହିଥିଲେ ଯେ ବୀର ସୁରେନ୍ଦ୍ର ସାଏ ଉପନିବେଶବାଦୀ ଇଂରେଜ ବିରୁଦ୍ଧରେ ଲଢ଼ି ନିଜର ପରିବାର ଓ ଆତ୍ମୀୟ ସ୍ୱଜନଙ୍କ ସହିତ ପ୍ରାଣ ବଳି ଦେଇଥିଲେ । ନେତାଜୀ ସୁବାଷଚନ୍ଦ୍ର ବୋଷ ଆଇସିଏସ ପରି ଉଚ୍ଚ ପ୍ରଶାସନିକ ପଦବୀ ପ୍ରଲୋଭନକୁ ତ୍ୟାଗ କରି ଭାରତର ସ୍ୱାଧୀନତା ଆନ୍ଦୋଳନରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଉଭୟ ସଂଗ୍ରାମୀଙ୍କ ତ୍ୟାଗ, ଦେଶ ପ୍ରେମ, ନିସ୍ୱାର୍ଥପର ସେବା ବର୍ତ୍ତମାନ ଛାତ୍ର ଓ ଯୁବସମାଜ ହୃଦବୋଧ କରି ନିଜକୁ ଦେଶ ମାତୃକାର ସେବାରେ ନିୟୋଜିତ କରିପାରିଲେ, ତାଙ୍କପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ପ୍ରଦର୍ଶନ ହୋଇପାରିବ । ଅନ୍ୟମାନଙ୍କ ମଧ୍ୟରେ ଆମ୍ବେଦକରବାଦୀ ଦଳିତ ପ୍ରତିନିଧି ସିମନାଥ ନାୟକ, ଆଇନଜୀବୀ ଅଭିମନ୍ୟୁ ଗୌଡ଼, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମ ଚରଣ ପ୍ରଧାନ, ବନମାଳୀ ଲେଙ୍କା, ନେତାଜୀ ବିଷୋୟୀ, ସଂଗୀତ ଗୁରୁ ଅଶୋକ କୁମାର ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରି ବର୍ତ୍ତମାନ ସମାଜରେ ଦେଖାଦେଇଥିବା ଅନ୍ୟାୟ, ସାମାଜିକ ଭେଦଭାବ,ଆର୍ଥିକ ଅସମାନତା, ସାମ୍ପ୍ରଦାୟିକ ବିଦ୍ୱେଷ ଭାବ, ଅତ୍ୟଧିକ ଟ୍ୟାକ୍ସ ଜନସାଧାରଣ ଠାରୁ ଆଦାୟ, ସମ୍ବିଧାନ ପ୍ରଣୀତ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ଉପରେ ଆକ୍ରମଣ, ଫାସିବାଦୀ, ମନୁବାଦୀ ଓ କର୍ପୋରେଟ ତୋଷଣ ନୀତି ବିରୁଦ୍ଧରେ ସଚେତନ ହୋଇ ଛାତ୍ର ଓ ଯୁବଶକ୍ତି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ର, ଶିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଅନୁଷ୍ଠାନର ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ଧୁମିଳନ କାର୍ଯ୍ୟକ୍ରମ



ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳରେ ଥିବା ହାଇସ୍କୁଲର ୧୯୯୭ ମସିହାରେ ମାଟ୍ରିକ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମା' ଉଗ୍ରତାରା ଦେବୀ ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ । ଭାଇଚାର , ପରୋପକାର କରିବା ହେଉଛି ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଭଗବାନ ସାହୁ, ରାମଚନ୍ଦ୍ର ବେହେରା, ରମେଶ ବେହେରା, ସରବା ପ୍ରଧାନ, ଅଜିତ ମହାପାତ୍ର ପ୍ରମୁଖ ଏହି ବନ୍ଧୁ ମିଳନର ସଂଯୋଜନା କରିଥିଲେ ।

# ଏଥର ଜନଜାତିଙ୍କ କୁଡ଼ିଆ ହେବ ପକ୍କାଘର



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଅନ୍ତର୍ଗତ ୩୧ ଗାଁରେ ବିକାଶ ଅପହଞ୍ଚ ହୋଇ ରହିଥିଲା । ବିଜେପି ରାଜ୍ୟରେ କ୍ଷମତାକୁ ଆସିବା ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତ ମାସରେ ବଣ୍ଡାଘାଟି ଗସ୍ତରେ ଆସି ଆଦିମ ଜନଜାତି ବଣ୍ଡାଙ୍କ ସମସ୍ୟା ଅତି ନିକଟରୁ ଦେଖିଥିଲେ । ଜନଜାତିମାନେ ଅତି ଦୟନୀୟ ଅବସ୍ଥାରେ କୁଡ଼ିଆ ଏବଂ ଛପର ଘରେ ରହୁଥିବା ଦେଖିବାକୁ ପାଇଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହିଁକି ଏଠାରେ ଅପହଞ୍ଚ ବୋଲି ପଚାରିଥିଲେ । ଘର ତିଆରି ପାଇଁ ଆବଶ୍ୟକ ସରଞ୍ଜାମ ଘାଟି ଉପରକୁ ଚଢ଼ି ପାରୁନି । ଘାଟି ତଳୁ ସିମେଣ୍ଟ, ବାଲି ନେବା ଅତି କଷ୍ଟକର ଏବଂ ଖର୍ଚ୍ଚ ଅଧିକ ବୋଲି କୁହାଯାଇଥିଲା । ଏହି ସମସ୍ୟା ବିଷୟରେ ଅବଗତ ହୋଇ ଉପମୁଖ୍ୟମନ୍ତ୍ରୀ ପ୍ରତି ଘର ନିର୍ମାଣ ପାଇଁ ଅଧିକ ୫୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତର ମାସକ ପରେ ବଣ୍ଡାଘାଟିର ଚିତ୍ର ବଦଳିବାରେ ଲାଗିଛି । ଏବେ ଘାଟିକୁ ବାଲି, ସିମେଣ୍ଟ ପହଞ୍ଚିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କାମ ଜାରି ରହିଛି । ଆଉ କିଛି ଦିନ ଭିତରେ ଏହି ଘର ନିର୍ମାଣ ସଂପୂର୍ଣ୍ଣ ହୋଇଯିବା ବହୁ ବର୍ଷ ହେଲା ଜନଜାତି ଯେଉଁ ସ୍ୱପ୍ନ ଦେଖୁଥିଲେ ତାହା ପୂରଣ ହେଉଛି । ଏବେ ସେମାନଙ୍କ ଖୁସି କହିଲେ ନ ସରେ । ସେହିପରି ଘର ସଂପୂର୍ଣ୍ଣ ହେବା ପରେ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି । ଯାହାଫଳରେ ସେମାନେ ଟେଲିଭିଜନ୍ ଦେଖିବା ସହ ମୋବାଇଲ ବି ବ୍ୟବହାର କରିପାରିବେ । ବଡ଼କଥା ହେଲା, ରାଜ୍ୟ ସରକାର ପ୍ରତି ବଣ୍ଡା ପରିବାରକୁ ପକ୍କାଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି । ଆଗକୁ ଜନଜାତିଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ସରକାର ଖୁବଶୀଘ୍ର ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଥିବା ସୂଚନା ମିଳିଛି । ପ୍ରକାଶଥାଉକି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ୟ ହିତାଧିକାରୀଙ୍କୁ ମୋଟ ୧ଲକ୍ଷ ୩୦ହଜାର ଟଙ୍କା ମିଳୁଛି । ଆଦିମ ଜନଜାତି ବଣ୍ଡାଙ୍କ କ୍ଷେତ୍ରରେ ଆବାସ ଯୋଜନରେ ୨ ଲକ୍ଷ ଲେଖାଏଁ ପ୍ରଦାନ କରାଯାଉଛି ।

# 'ନବୀନ ନବୀନ' ଗୀତକୁ ନେଇ ଥାନାରେ ଏତଲା



ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଧାମରାର ମା' ଧାମରେଇ ମେଳା ମକର ମେଳା ଠାରୁ ଚାଲିଆସୁଛି । ଏହି ମେଳାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । ତେବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯାତ୍ରା ପରିବେଷଣ ହୋଇଥିଲା । ନିକଟସ୍ଥ ଗଙ୍ଗା ମାତା ପଡିଆରେ ଯାତ୍ରା ସ୍ୱର୍ଣ୍ଣମହଲ ନିଜର ଅପେରା ସୋ କରିବା ପୂର୍ବରୁ ମେଲୋଡି କାର୍ଯ୍ୟକ୍ରମ କରିଥିଲା । ଏହି ସମୟରେ କମିଟି ପକ୍ଷରୁ ନବୀନ ନବୀନ ଗୀତଟି ଯାତ୍ରା କଳାକାରଙ୍କ ପକ୍ଷରୁ ଷ୍ଟେଜ ସୋରେ ପରିବେଷଣ କରା ଯାଇଥିଲା । ଏହି ନବୀନ ନବୀନ ଗୀତ ଅଦିନିଆ ପରିବେଷଣକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ଏହାକୁ ନେଇ ଦର୍ଶକ ମହଲରେ ତୀବ୍ର ଉତ୍ତେଜନା ଏବଂ ଅସନ୍ତୋଷ ପ୍ରକାଶ ପାଇଥିଲା । ଏହି ସମୟରେ ଯାତ୍ରା ସ୍ୱର୍ଣ୍ଣମହଲ ଷ୍ଟେଜ ନିକଟରେ ଚାନ୍ଦବାଲି ବିଧାୟକ ନିଜର ଦଳ ବଳ ନେଇ ଯାତ୍ରା ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା । ଦର୍ଶକମାନଙ୍କର କହିବା କଥା ନିଜ ପକେଟରୁ ଟିକେଟ କାଟି ଯାତ୍ରା ଆସିଛନ୍ତି । ନା କୌଣସି ପାର୍ଟି ତରଫରୁ ପାଣି କିମ୍ବା ଟିଫିନ ଦିଆଯାଇଛି । ତେବେ ଏବେ ନା ଅଛି ଇଲେକ୍ସନ ନା ନିର୍ଦ୍ଦିଷ୍ଟ ଦଳୀୟ ପାର୍ଟି ତରଫରୁ ଯାତ୍ରା ହେଉଛି, ତାହାଲେ ଦଳୀୟ ଗୀତ ଶୁଣିବୁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି । ଏହି ଘଟଣାକୁ ନେଇ ବିଜେପି ଧାମରାଇ ମଣ୍ଡଳ ପକ୍ଷରୁ ଧାମରା ସାମୁଦ୍ରିକ ଥାନାରେ ଯାତ୍ରା ସ୍ୱର୍ଣ୍ଣ ମହଲ ନାମରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା । ପରେ ସାମୁଦ୍ରିକ ଥାନାଧିକାରୀ ସମ୍ପୃକ୍ତ ଯାତ୍ରା ପାର୍ଟିର ପରିଚାଳକଙ୍କୁ ଡାକି ଏହି ବିଷୟରେ ପଚାରିଥିଲେ । ସମ୍ପୃକ୍ତ ପରିଚାଳକ ଏହି ବିଷୟରେ ଅଭିଯୋଗ ହୋଇଥିବାରୁ ନିସର୍ତ୍ତ କ୍ଷମା ପ୍ରାଥନା କରିବା ସହ ଭବିଷ୍ୟତରେ କୌଣସି ଦଳର କେବେ କୌଣସି ସ୍ଥାନରେ ପ୍ରଚାର ପ୍ରସାର କରିବୁ ନାହିଁ କି ଏପରି ଭୁଲ କେବେ ହେବ ନାହିଁ ବୋଲି ଲିଖିତ ଦେଲା ପରେ ସମସ୍ୟା ର ସମାଧାନ ହୋଇଥିଲା ।

# ମନ୍ତ୍ରୀଙ୍କ ଦିନିକିଆ ଗଜପତି ଗସ୍ତ ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ୍ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଆଜି ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି ମହେନ୍ଦ୍ରଗିରି କମିଟି ବିକାଶ ମୂଳକ କାର୍ଯ୍ୟର ସମିକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ବିଜୟ କୁମାର ଦାଶ, ଜିଲ୍ଲାପାଳ ଗଜପତି, ଯତୀନ୍ଦ୍ର କୁମାର ପଣ୍ଡା,ଆରକ୍ଷୀ ଅଧିକ୍ଷକ ଗଜପତି, ଏସ.ଆନନ୍ଧ, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି, ପ୍ରମୁଖ ମଞ୍ଚାସୀନ ଥିଲେ । ପବିତ୍ର ମହେନ୍ଦ୍ରଗିରି ପର୍ବତରେ ଅଧିକରୁ ଅଧିକ କିପରି ବିକାଶ ହୋଇପାରିବ ସେ ନେଇ ସ୍ଥାନୀୟ ସମସ୍ତ ଜନପ୍ରତିନିଧିମାନଙ୍କ ଉପସ୍ଥିତିରେ ସମୀକ୍ଷା କରାଯାଇଛି । ମହେନ୍ଦ୍ରଗିରି ପର୍ଯ୍ୟଟନ ସ୍ଥଳୀରେ ଦେଶ ବିଦେଶର ବହୁ ପର୍ଯ୍ୟଟକ ଆସୁଛନ୍ତି । ଏଣୁ ଏହି ପବିତ୍ର ମହେନ୍ଦ୍ରଗିରି ର ବିକାଶ କରିବା ସମସ୍ତଙ୍କର କର୍ତ୍ତବ୍ୟ ରହିଛି । ଏହି ପର୍ବତରେ ବହୁ ଔଷଧୀୟ ବୃକ୍ଷ ରହିଅଛି,ଏହାକୁ ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ମହେନ୍ଦ୍ରଗିରି ପର୍ବତର ଅଧିକରୁ ଅଧିକ ଗବେଷଣା କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ମତ ପୋଷଣ କରିଛନ୍ତି । ସେହିପରି ବିକାଶ ନିମନ୍ତେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ, ଏହି କମିଟିରେ ସ୍ଥାନୀୟ ଅଧିବାସୀଙ୍କୁ ପ୍ରାଧାନ୍ୟ ଦିଆଯିବ । ଏହି ପବିତ୍ର ମହେନ୍ଦ୍ରଗିରି ପର୍ବତରେ ଯୋଗୀ ଋଷି ମାନଙ୍କ ପାଇଁ ଏକ ଆଶ୍ରମ କରାଯିବ।, ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇ ମହେନ୍ଦ୍ରଗିରିର ଐତିହାସିକ ବିଷୟବସ୍ତୁ ସ୍ଥାନିତ ହେବ ଏବଂ ପର୍ଯ୍ୟଟକଙ୍କ ପାଇଁ ଅତ୍ୟାଧୁନିକ ପାର୍କ ବ୍ୟବସ୍ଥା କରାଯିବ । ସେହିପରି ପର୍ଯ୍ୟଟନକୁ ପ୍ରାଧାନ୍ୟ ଦେବାପାଇଁ କେବୁଲ ପରିବହନର ରୋପୱେ ଟାୱାର ସ୍ଥାପନ କରାଯିବ । ଭୀମ ମନ୍ଦିର ଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ଅଭିନବ ସ୍ଲୋ ଟ୍ରେନ୍‌ର ଚଳାଚଳ ପାଇଁ ନୂତନ ପଦକ୍ଷେପ ନିଆଯିବ । ଯୁଧିଷ୍ଠିର ମନ୍ଦିର ନିକଟରେ ସୂର୍ଯ୍ୟ ଉଦୟ ଓ ସୂର୍ଯ୍ୟ ଅସ୍ତ ଦେଖିବା ପାଇଁ ଏକ ଗ୍ୟାଲେରି ନିର୍ମାଣ କରାଯିବ । ବୁରୁଖତରୁ ମନ୍ଦିର ପର୍ଯ୍ୟନ୍ତ ଆଲୋକର ବ୍ୟବସ୍ଥା କରାଯିବ । ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବ୍ୟାଟେରୀ ଚାଳିତ ଗାଡିର ଅଭିନବ ବ୍ୟବସ୍ଥା କରାଯିବ । କଇଁପୁର ଠାରେ ଏକ ନୂତନ ଥାନା ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ କରାଯିବ ଓ ଏହି ଥାନା ଅଧୀନରେ ଏକ ଆଉଟ୍ ପୋଷ୍ଟ ଥାନା ମହେନ୍ଦ୍ରଗିରି ଠାରେ ସ୍ଥାପନ କରାଯିବ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଡ୍ରୋନ୍ ଦ୍ୱାରା ସର୍ବେକ୍ଷଣ କରାଯିବ । ସ୍ଥାନୀୟ ଅଧିବାସୀମାନଙ୍କୁ ମାର୍ଗ ଦର୍ଶକ ତଥା ସେଚ୍ଛାସେବୀ ଭାବରେ ନିଯୁକ୍ତି ଦିଆଯିବ । ଏହି ସମସ୍ତ ଉନ୍ନୟନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅନୁପ ପଣ୍ଡା, ପଞ୍ଚାୟତ ସମିତି ଅଧକ୍ଷା ପୂର୍ଣ୍ଣବାସି ନାୟକ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧୀର ସିଂ ଓ ସ୍ଥାନୀୟ ସମସ୍ତ ଜନପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ଶିଶୁ ସ୍ୱାସ୍ଥ୍ୟ ଓ ଶିକ୍ଷା ରିପୋର୍ଟିଂ ନେଇ ସ୍ୱତନ୍ତ୍ର ଆଲୋଚନା




ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳରେ 'ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଓ ପ୍ରାରମ୍ଭିକ ଶିଶୁ ଶିକ୍ଷା କ୍ଷେତ୍ରରେ ସମସ୍ୟା' ସମ୍ପର୍କିତ ଏକ ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୟୁନିସେଫ୍‌ର ସୋସିଆଲ୍ ଆଣ୍ଡ ବିହେଭିଅର ସ୍ପେଶାଲିଷ୍ଟ ଡ. ସ୍ୱାଗତ ରୟ ଯୋଗଦେଇ ସଂସ୍ଥାନର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଡ. ରୟ କହିଛନ୍ତି, ଶିଶୁମାନେ ହେଉଛନ୍ତି ଆଗାମୀ କାଲିର ଭବିଷ୍ୟତ । ହେଲେ ଆଜି ବି ବହୁତ ଶିଶୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅନେକ କ୍ଷେତ୍ରରେ ଶିଶୁଙ୍କ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ସଠିକ୍ ସମୟରେ ହୋଇପାରୁନି । ପୁଣି ଆଉ କିଛି ସ୍ଥାନରେ ପୁଷ୍ଟିକର ଖାଦ୍ୟରୁ ବଂଚିତ ହେଉଛନ୍ତି ଅନେକ ଶିଶୁ । ସେହିପରି ଉପଯୁକ୍ତ ପ୍ରାରମ୍ଭିକ ଶିଶୁ ଶିକ୍ଷା ମଧ୍ୟ ଆଉ ଏକ ସମସ୍ୟା । ତେବେ ଏ କ୍ଷେତ୍ରରେ ସାମ୍ବାଦିକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସାମ୍ବାଦିକମାନେ ଶିଶୁଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଖବରକୁ ଅଧିକ ପ୍ରାଧାନ୍ୟ ଦେଇ ପରିବେଷଣ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏଥିସହିତ ୟୁନିସେଫ୍‌ର ଯୋଗାଯୋଗ ବିଶେଷଜ୍ଞ ଶାରଦା ଲାହାଙ୍ଗିର କହିଛନ୍ତି, ସାମ୍ବାଦିକମାନେ ଶିଶୁଙ୍କ ସମସ୍ୟା ସମ୍ପର୍କରେ ଅଧିକ ସଚେତନ ରହିବା ସହ ସେ ସମ୍ପର୍କିତ ଅଧିକରୁ ଅଧିକ ଖବର ଉପସ୍ଥାପନ କରିବା ଆବଶ୍ୟକ । ଏହାଦ୍ୱାରା ନୀତି ପ୍ରଣୟନକାରୀମାନେ ଶିଶୁ ସମ୍ବନ୍ଧୀୟ ନୀତି ପ୍ରସ୍ତୁତ କରିବା ବେଳେ ବିଭିନ୍ନ ବିଷୟକୁ ବିଚାରକୁ ନେଇପାରିବେ ଏବଂ ସମାଜରେ ଏକ ମୂଲ୍ୟବାନ ପରିବର୍ତ୍ତନ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି । ସଂସ୍ଥାନର ଆଂଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସହକାରୀ ପ୍ରଫେସର ଡ. ବିରଂଚି ନାରାୟଣ ସେଠ୍ ଅତିଥି ପରିଚୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂସ୍ଥାନର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଉପସ୍ଥିତ ଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତରେ ଅନେକ ଗାଆଁ ରହିଛି ଯାହା ସହରୀ ସଭ୍ୟତା ଠାରୁ ବହୁ ଦୂରରେ ଥାଇ ବି ସ୍ୱତନ୍ତ୍ର । କଥାରେ ଅଛି ଗାଆଁରେ ରହିଛି ଭାରତର ଆତ୍ମା । ଆଉ ସେହିସବୁ ଗାଆଁର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ ଓ ସ୍ମୃତି ଅବିସ୍ମରଣୀୟ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ୨୫ କି.ମି. ଦୂରତାରେ ଏଭଳି ଗୋଟିଏ ଜନଜାତି ଗାଆଁ ରହିଛି ଯାହା ବଣ ପାହାଡ଼ ଘେର ମଧ୍ୟରେ ଅବସ୍ଥିତ । ପଲ୍ଲୀଟିର ନାଁ ହେଉଛି କନ୍ଦଳେଇ । ଗ୍ରାମରେ ରାଷ୍ଟ୍ରୀୟ ପର୍ବ ସାଧାରଣତନ୍ତ୍ର ଦିବସ ହେଉ କି ସ୍ୱାଧୀନତା ଦିବସ ନିଆରା ଢ଼ଙ୍ଗରେ ପାଳନ କରାଯାଇଥାଏ । ଏଠି ଗାଆଁର ବିଦ୍ୟାର୍ଥୀ ସାଜନ୍ତି ଅତିଥି ଓ କରନ୍ତି ପତାକା ଉତ୍ତୋଳନ । ଦିନ ଥିଲା ପଲ୍ଲୀର ଲୋକମାନେ ଜାତୀୟ ପତାକା କ'ଣ ଓ ତା'ର ବ୍ୟବହାର ଉପରେ ସାମାନ୍ୟ ଧାରଣା ନଥିଲା । ୨୦୧୬ ମସିହାରେ ଗ୍ରାମବାସୀମାନେ ଜାତୀୟତାର ମହାନ୍ ଚିନ୍ତାଧାରାରେ ଉଦ୍‌ବୃଦ୍ଧ ହୋଇ ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସ ପାଳିଥିଲେ । ସେବେଠାରୁ ଗାଆଁରେ ଫର୍ ଫର୍ ହୋଇ ଉଡୁଛି ଜାତୀୟ ପତାକା । ଗାଆଁର ବିକାଶ ନେଇ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ, ପ୍ରଥମେ ଏପରି ଏକ ଜାତୀୟ ପର୍ବ ପାଳନ ଓ ବିଦ୍ୟାର୍ଥୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ପାଇଁ ଗ୍ରାମର ଲୋକଙ୍କୁ ପ୍ରବର୍ତ୍ତାଇଥିଲେ । ସେହିଦିନ ଠାରୁ ଆଜକୁ ୯ ବର୍ଷ ହେଲା ଗ୍ରାମରେ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଆସୁଛି ।

### ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ

## ସାମୂହିକ ଶପଥପାଠ କରାଇଲେ ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୧୫ ତମ ଜାତୀୟ ମତଦାତା ଦିବସ ପାଳନର ରାଜ୍ୟସ୍ତରୀୟ ସମାରୋହ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତଦାତା ସଂକଳ୍ପ ପାଠ କରାଇଥିଲେ । ମତଦାତା ସଚେତନତା ଓ ଭାରତକୁ ଏକ ସୁଦୃଢ଼ ଗଣତନ୍ତ୍ର ରୂପେ ବଜାୟ ରଖିବା ଦିଗରେ ପ୍ରେରିତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ଆନୁକୂଲ୍ୟରେ ଆଜି ରାଜ୍ୟ ସ୍ତରୀୟ ୧୫ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମତଦାତା ସଂକଳ୍ପ ପାଠ କରାଇବା ସହ ସଭାକୁ ସମ୍ବୋଧନ କରିଥିଲେ । ଏହି ଅବସରରେ ନିଜର ମତ ରଖି ମତଦାନକୁ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଦାୟିତ୍ୱ ରୂପେ ଅଭିହିତ କରିଥିଲେ । ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଆର୍ ଏସ୍ ଗୋପାଳନ୍, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି ପରମେଶ୍ୱରନ୍, ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ କୁମାର ରାଣା ଭାରତୀୟ ଗଣତନ୍ତ୍ର ଓ ସେଥିରେ ମତଦାତାଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ଲାଇଫ୍ ହୋଟେଲଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି 'ଇଲାଇଟି ୧୦୦ ଚେଞ୍ଜ ମେକର୍ସ' ପୁସ୍ତକୁ ଉନ୍ମୋଚନ କରୁଛନ୍ତି ।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ସାମାଜିକ ଗାଁ ମାଧ୍ୟମ ବିଭାଗର ଦୟିତ୍ୱ ବଣ୍ଟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଓଡିଶା ଆଶାର ସାମାଜିକ ଗଣମାଧ୍ୟମ ବିଭାଗର ନୂଆ କର୍ମକର୍ତ୍ତା ଚୟନ କରି ନିଯୁକ୍ତି ଦିଆଯାଇଛି । ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ହର୍ଷବର୍ଦ୍ଧନ ସୁପକାଲଙ୍କ ଅନୁମୋଦନ କ୍ରମେ ଓଡିଶା ରାଜ୍ୟ ଅଧକ୍ଷ ଶ୍ରୀସୁଦର୍ଶନଦାସ ଓଡିଶା ପାଇଁ ସାମାଜିକ ଗଣମାଧ୍ୟମ ବିଭାଗକୁ ପୁର୍ନଗଠନ କରିଛନ୍ତି । ଏହି ବିଭାଗର ଆବାହକ ଭାବରେ ଆଦିତ୍ୟନାଥଙ୍କୁ ଆବାହକ ଭାବରେ ନିଯୁକ୍ତି କରାଯାଇଥିବାବେଳେ ରାଜ୍ୟ ସଂଯାଜକ ଭାବରେ ଅଞ୍ଜନ କୁମାର ସିଂହଙ୍କୁ ନିଯୁକ୍ତ କରାଯାଇଛି । ଯୁଗ୍ମ ସଂଯୋଜକ ଭାବରେ ଦିଲେଶ୍ୱର ଜଲ, ସୁଶିଲ ସାହାଣୀ, ମହମ୍ମଦ ଅଖିଲ, ହେମପ୍ରସାଦ ଜଗତ, କୁନୁ ମିଶ୍ର ଓ ଅଜୟ କୁମାର ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି । ଏମାନଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଓ ବ୍ଲକସ୍ତରରେ ସାମାଜିକ ଗଣମାଧ୍ୟମ ପାଇଁ ସଂଯୋଜକ ନିଯୁକ୍ତି କରାଯିବ । ଆସନ୍ତା ଜାନୁଆରୀ ୨୭ ତାରିଖରେ ସଂଗଠନର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟି ବୈଠକ ଆହ୍ୱାନ କରାଯାଇଛି ବୋଲି ରାଜ୍ୟ ଅଧ୍ୟକ୍ଷ ଶ୍ରୀସୁଦର୍ଶନ ଦାସ ଜଣାଇଛନ୍ତି ।



ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଆଲୋକମାଳାରେ ଝଲସୁଛି ରାଜଭବନ

## ବିଜେପିର ନୂତନ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଜେପିର ନୂତନ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା ହୋଇଛି । ନୂତନ ସଭାପତିଙ୍କ ମଧ୍ୟରେ ଗଞ୍ଜାମର ସରୋଜ ସାବତ, ବଲାଙ୍ଗିରର ଶ୍ରୀବତ୍ସ ବେହେରା, ଢେଙ୍କାନାଳର ରାସ ବିହାରୀ ବେହେରା, ସୁନ୍ଦରଗଡର ଗିରିଷ ସାହୁ, କେନ୍ଦ୍ରାପଡ଼ାର ଶଶାଙ୍କ ଶେଖର ସେଠି, ବାଲେଶ୍ୱରର ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱରର ଉତ୍ତରର ପ୍ରଦୀପ କୁମାର ପଣ୍ଡା, କଟକର ସୁକାନ୍ତ ବିଶ୍ୱାଳ, କଟକ ଗ୍ରାମୀଣର ରାମ ନାରାୟଣ ମହାନ୍ତି, ପୁରୀର ଡ.ଦେବେନ୍ଦ୍ର ନାଥ ତରାଇ, କଳାହାଣ୍ଡିର ଯୁଗଳ ପୋଢ଼, ବରଗଡର ଡ. ଅରୁପାନନ୍ଦ ସାହୁ, ଘୁମୁସର ଆସ୍କାର ବିଜୟ ସ୍ୱାଇଁ, ଘୁମୁସର (ଭଞ୍ଜନଗର)ର ନୀଳମାଧବ ପାତ୍ର, ପଶ୍ଚିମ ମୟୂରଭଞ୍ଜ (ରାଇରଙ୍ଗପୁର)ର ଜୁରୀଲାଲ ମହନ୍ତ, ପୂର୍ବ ମୟୂରଭଞ୍ଜର ନିହାର ମୋଦି, ଦେବଗଡ଼ର ଅରୁଣ କୁମାର ସାହୁ, ନବରଙ୍ଗପୁରର କୁଞ୍ଜ ବିହାରୀ ଦାସ, ଜଗତସିଂହପୁରର ପ୍ରତାପ ମିଶ୍ର, ବୌଦ୍ଧର ପ୍ରେମାନନ୍ଦ ମିଶ୍ର, ମାଲକାନଗିରିର ଅଶୋକ କୁମାର ପରିଡ଼ା, କେନ୍ଦୁଝରର ଶୁକଦେବ ମହାନ୍ତ ଏବଂ ନୂଆପଡ଼ାର କମଳେଶ ଦୀକ୍ଷିତ ପ୍ରମୁଖ ରହିଛନ୍ତି । ଖୁବ୍‌ଶୀଘ୍ର ଅନ୍ୟ ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ଜଣାପଡ଼ିଛି ।

### ନୀତି ଆୟୋଗଙ୍କ ବିତ୍ତୀୟ ସ୍ୱାସ୍ଥ୍ୟ ସୂଚୀରେ ଓଡିଶା ପ୍ରଥମ

## ନବୀନଙ୍କ ସୁଶାସନର ପ୍ରତିଫଳନ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ୨୦୨୫ର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚୀରେ, ଓଡ଼ିଶା ଦେଶର ସମସ୍ତ ରାଜ୍ୟ ମାନଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନରେ ରହିଛି । ଏହି ରିପୋର୍ଟକୁ ନେଇ ଆଜି ବିଜୁ ଜନତା ଦଳ ବିଜେପିକୁ ଘେରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ଼ ସଂତୃପ୍ତ ମିଶ୍ର କହିଥିଲେ, ବିଜେପିର ନେତା ଓ ମନ୍ତ୍ରୀ ମାନଙ୍କ ଦ୍ୱାରା ବାରମ୍ବାର ନବୀନଙ୍କ ଶାସନ କାଳରେ କିଛି ହୋଇନାହିଁ ବୋଲି କରୁଥିବା ପ୍ରଚାର ଆଜି କେନ୍ଦ୍ର ସରକାରଙ୍କ ସଂସ୍ଥା ନୀତି ଆୟୋଗର ଏହି ରିପୋର୍ଟରେ ଭୁଲ୍ ପ୍ରମାଣିତ ହୋଇଛି । ଡ଼ ମିଶ୍ର କହିଥିଲେ, ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଏହି ସୂଚୀ ଜାରି କରାଯାଇଛି, ଯେଉଁଥିରେ ଓଡିଶା ପ୍ରଥମ ସ୍ଥାନ ହାସଲ କରି ଆଚିଭର ବର୍ଗରେ ରହିଛି । ନୀତି ଆୟୋଗର ଏହି ରିପୋର୍ଟ ଅନୁଯାୟୀ, ୨୦୧୪-୧୫ରୁ ୨୦୨୧-୨୨ ପର୍ଯ୍ୟନ୍ତ ଲଗାତର ଭାବେ ଓଡିଶା ପ୍ରଥମ ସ୍ଥାନ ହାସଲ କରିଆସୁଛି । ତେଣୁ ଦୀର୍ଘ ସମୟ ଧରି ବିତ୍ତୀୟ ଶୃଙ୍ଖଳା ପ୍ରଦର୍ଶନ କରିବାରେ ଓଡିଶା ଉଦାହରଣ ସୃଷ୍ଟି କରିଛି ।

## ଓଡ଼ିଶା ଉଠା ଜଳସେଚନ ନିଗମର ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଉଠା ଜଳସେଚନ ନିଗମର ୨୦୭ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ ୨୪ ତାରିଖ ଶୁକ୍ରବାର ଉନ୍ନୟନ କମିଶନରଏବଂ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏଲ୍ଆଇସିର ଅଧକ୍ଷ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଓଏଲଆଇସିର ପରିଚାଳନା ନିର୍ଦ୍ଦେଶକ ତଥା ବୋର୍ଡର ନିର୍ଦ୍ଦେଶକ ଆଲୋକ କୁମାର କରଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ବୈଠକରେ ଆଲୋଚନା ପୂର୍ବକ ପରିଷଦ ଦ୍ୱାରା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦନ ଲାଭ କରିଛି । କନ୍ଧମାଳ ଜିଲ୍ଲାରେ ୫୦୦ଟି, ମୟୂରଭଞ୍ଜ ଜିଲ୍ଲାରେ ୬୦୦ଟି, ଦେବଗଡ଼ ଜିଲ୍ଲାରେ ୩୦୦ଟି, କୋରାପୁଟ ଜିଲ୍ଲାରେ ୭୦୦ଟି , ନବରଙ୍ଗପୁର ଜିଲ୍ଲାରେ ୧୦୦୦ଟି ଏବଂ ନୂଆପଡ଼ା ଜିଲ୍ଲାରେ ୧୦୦୦ ସଂଖ୍ୟକ ସୋଲାର ଡିପ୍ ବୋରୱେଲ ସ୍ଥାପନ ପାଇଁ ଟେଣ୍ଡର ପ୍ରସ୍ତାବକୁ ବୋର୍ଡ ଅନୁମୋଦନ କରିଛି ।

## ରାମ ମନ୍ଦିର ଟ୍ରାଫିକ୍ ପୋଷ୍ଟରେ ଓଲଟିଲା ପାଣି ଟ୍ୟାଙ୍କର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାମ ମନ୍ଦିର ଟ୍ରାଫିକ ପୋଷ୍ଟରେ ଓଲଟିଲା ପାଣି ଟ୍ୟାଙ୍କର । ଭାରସାମ୍ୟ ହରାଇ ଓଲଟି ପଡିଲା ପାଣି ଟ୍ୟାଙ୍କର । ହେଲ୍ପର, ଡ୍ରାଇଭର ଆହତ ହୋଇଛନ୍ତି । ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ଦମକଳ ବାହିନୀ ଏବଂ ପୋଲିସ ପହଞ୍ଚିଛନ୍ତି ।

## କୁହୁଡି ପାଇଁ ଗଛରେ ପିଟିହେଲା କାର୍, ଜଣେ ମୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ପୁରୀ ବାଇପାସରେ କୁହୁଡି ପାଇଁ ଗଛରେ ପିଟିହେଲା କାର । ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ କଟକ ବଡ ମେଡିକାଲକୁ ସ୍ଥାନନ୍ତର କରାଯାଇଛି । ଗତ ରାତି ପ୍ରାୟ ସାଢେ ଗୋଟାଏରେ ପୁରୀ ବାଇପାସ ନିକଟରେ ଏହି ଦୁର୍ଘଟଣା ହୋଇଛି । ମୃତକ ହେଲେ କାର ଡ୍ରାଇଭର ସୁନୀଲ ସ୍ୱାଇଁ । ଏକ ବାହାଘର ଭୋଜିରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଘନ କୁହୁଡି ପାଇଁ ଦ୍ରୁତଗାମୀ କାରଟି ଗଛରେ ପିଟି ହୋଇଥିଲା । ଫଳରେ ଗାଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଡ୍ରାଇଭରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ ଧଉଳି ଥାନା ଓ ଅଗ୍ନିଶମ ବିଭାଗ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଉଦ୍ଧାର କରିବା ସହ ଆହତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।









ଓଡ଼ିଶା ଭାସ୍କର
ଦୃଷ୍ଟିପାତ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"

- ମହାତ୍ମା ଗାନ୍ଧୀ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



# ଭାରତର ଆତ୍ମା ହେଉଛି ଗଣତନ୍ତ୍ର



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଜନଗଣ ମନ ଅଧିନାୟକ ଜୟ ହୋ! ସମ୍ବିଧାନର ମୂଳ ଭାବନା ୭୬ ବର୍ଷ ମଧ୍ୟରେ ଜନମାନସରେ ଛାଇ ହୋଇ ଯାଇଛି। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଏଇ ୭୬ବର୍ଷ ମଧ୍ୟରେ ଦେଶରେ ଗଣତାନ୍ତ୍ରିକ ପରମ୍ପରା ମଧ୍ୟ ଅଧିକ ସମୃଦ୍ଧି ହୋଇଛି। ଏହି ୭୬ ବର୍ଷ ମଧ୍ୟରେ ୧୮ଥର ଲୋକସଭା ପାଇଁ ସାଧାରଣ ନିର୍ବାଚନ ହୋଇଛି ଓ କେନ୍ଦ୍ରରେ ଅନେକ ଦଳ ମଧ୍ୟ ସରକାର ଗଠନ କରିଛନ୍ତି। ସାଧାରଣ ଲୋକଙ୍କ ଜୀବନସ୍ତର ମଧ୍ୟ କିଛି ପରିମାଣରେ ଉନ୍ନତ ସ୍ତରକୁ ଆସିଛି। ଭାରତୀୟ ମାନେ ସାରା ବିଶ୍ୱରେ ନିଜ କ୍ଷମତାର ଛାପ ଛାଡିଛନ୍ତି। ଆନ୍ତର୍ଜାତୀୟ ସ୍ତରରେ ଭାରତର ଗୁରୁତ୍ୱ ବଢ଼ିଛି। ୧୪୨ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶରେ ଅଧାରୁ ଅଧିକ ହେଉଛନ୍ତି ଯୁବବର୍ଗ। ବିଶ୍ୱର ଅନ୍ୟ କୌଣସି ଦେଶରେ ଏତେ ସଂଖ୍ୟକ ଯୁବବର୍ଗ ନାହାଁନ୍ତି ଯେତେ ଭାରତରେ ଅଛନ୍ତି। ଏହି ଜନସଂଖ୍ୟାକୁ ଠିକ୍ ଦିଗରେ ପରିଚାଳନା କରିବା ହେଉଛି ସମୟର ଆବଶ୍ୟକତା। ଏହି ଯୁବ ବର୍ଗଙ୍କର ଉଲ୍ଲାସ ଏବଂ ଉତ୍ସାହକୁ ରୋଜଗାର ସହ ଯୋଡିବା ହିଁ ଗଣତନ୍ତ୍ର ଦିବସର ପରମ ଉପଲବ୍ଧି ହେବା ଉଚିତ୍। ସବୁବର୍ଗ ଏପରିକି ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ବାବଦରେ ଚିନ୍ତା କରିବା ସମସ୍ତଙ୍କର ଦାୟିତ୍ୱ, ତେବେ ହିଁ ଗଣତନ୍ତ୍ରର ପ୍ରକୃତ ଉଦ୍ଦେଶ୍ୟ ପ୍ରାପ୍ତ ହୋଇପାରିବ। ଦେଶର ଅର୍ଥବ୍ୟବସ୍ଥା ପାଇଁ ଯୋଗ୍ୟ ଶ୍ରମ ବଳ ଏବଂ ଜନସୁଲଭ ଜ୍ଞାନକୌଶଳର ଆବଶ୍ୟକତା ରହିଛି। ଏଥିପାଇଁ ସାମାଜିକ ସଂରଚନା କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। ଅଧିକାର ପ୍ରତି ଜାଗରୁକ ହେବା ସହ କର୍ତ୍ତବ୍ୟ ପ୍ରତି ଦେଶର ନାଗରିକ ଭାବେ ଏପରିକି ପରିବାର ରୂପରେ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବା ସମସ୍ତଙ୍କର ଧ୍ୟେୟ ହେଉ। ସରକାରଙ୍କ ଠାରୁ ଆଶା ଓ ଅପେକ୍ଷା କରାଯିବା ଉଚିତ୍ କିନ୍ତୁ ଆମକୁ ଆମ କର୍ତ୍ତବ୍ୟ ପାଳନ କରିବାକୁ ପଡିବ। ଗଣତନ୍ତ୍ର ସୂଚାଇଥାଏ ଜନ(ଲୋକ)ଙ୍କ ମହିମା, ଗଣତନ୍ତ୍ର ଚିହ୍ନିତ କରିଥାଏ ଗଣ (ଲୋକ)ଙ୍କ ଗରିମା। ଜନତନ୍ତ୍ର ଜନତାଙ୍କ ସାହାସ, କିନ୍ତୁ ଗଣତନ୍ତ୍ର ଲୋକଙ୍କ ହୃଦୟ ଓ ମନ ବା ଦିମାକ ଅଟେ।

୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ସକାଳ ୧୦ଟା ୧୮ ମିନିଟ ସମୟରେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା। ଏହାର ଠିକ୍ ୬ ମିନିଟ ପରେ ୧୦ଟା୨୪ ମିନିଟରେ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ଡଃ ରାଜେନ୍ଦ୍ର ପ୍ରସାଦ ଶପଥ ନେଇଥିଲେ। ଗଣତନ୍ତ୍ର ଦିବସ କଥା ଭାବିଲେ ସାଧାରଣତଃ ସମସ୍ତଙ୍କମନ ସେଇ କାଳଖଣ୍ଡ ବା ସମୟ ଆଡକୁ ଚାଲିଯାଏ ଯେବେ ଶହଶହ ବର୍ଷର ସଂଘର୍ଷ ପରେ ଦେଶ ସ୍ୱାଧୀନ ହୋଇଥିଲା। ଗଣତନ୍ତ୍ର ଦିବସ ଏମିତି ଏକ ପର୍ବ ଯେଉଁ ପର୍ବରେ ଦେଶବାସୀ ଏକତା, ସଂପ୍ରଭୁତା ଏବଂ ସ୍ୱତନ୍ତ୍ରତାର ଭାବନାର ଉତ୍ସବ ପାଳନ କରିଥାନ୍ତି। ଦେଶ ସ୍ୱାଧୀନ ହେବାର କିଛିଦିନ ପୂର୍ବରୁ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଆୟୋଜିତ ସମ୍ବିଧାନ ସଭାର ବୈଠକରେ ରାଷ୍ଟ୍ରୀୟ ଧ୍ୱଜକୁ ସ୍ୱୀକୃତି ଦିଆଯାଇଥିଲା ଏବଂ ୧୯୪୭ ମସିହା ଅଗଷ୍ଟ ୧୫ ଠାରୁ ଭାରତର ଧ୍ୱଜର ନାମ ତ୍ରିରଙ୍ଗା ବଛାଯାଇଥିଲା। ତ୍ରିରଙ୍ଗାର ୩ଟି ରଙ୍ଗ ମହତ୍ୱ ରହିଛି। କେସର ରଙ୍ଗ ଶକ୍ତିର ପ୍ରତୀକ ଓ ଏହା ବ୍ୟକ୍ତିର ମେହେନତ, ଆତ୍ମନିର୍ଭର ଏବଂ ଆତ୍ମବଳ ବୃଦ୍ଧିର ସୂଚକ ଅଟେ। ସେହିପରି ଧଳା ରଙ୍ଗକୁ ଶାନ୍ତିର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ଏହି ରଙ୍ଗ ଲୋକଙ୍କ ମଧ୍ୟରେ ପରସ୍ପର ସମାନତା, ଏକତା ସଦ୍‌ଭାବନା ଏବଂ ପ୍ରେମର ଭାବ ସୃଷ୍ଟି କରିଥାଏ। ତ୍ରିରଙ୍ଗାର ସବୁଜ ରଙ୍ଗ ସମ୍ପନ୍ନତା ଏବଂ ସବୁଜକ୍ଷେତ୍ରର ପ୍ରତୀକ ଅଟେ। ତ୍ରିରଙ୍ଗାରେ ଅଶୋକ ଚକ୍ର ରହିଛି। ଏହି ଚକ୍ର ଗତିଶୀଳତାର ପ୍ରତିନିଧିତ୍ୱ କରିଥାଏ।

ଆମ ଗଣତନ୍ତ୍ରର ଉପଲବ୍ଧି ହେଉଛି ବିଗତ କିଛି ବର୍ଷ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ବିଶ୍ୱର ସବୁଠାରୁ ଦ୍ରୁତଗତିରେ ବଢୁଥିବା ଅର୍ଥ ବ୍ୟବସ୍ଥା ମଧ୍ୟରେ ଅନ୍ୟତମ। ଦେଶ ମଧ୍ୟ ବିକାଶ କ୍ଷେତ୍ରରେ ଆଗେଇ ଚାଲିଛି। ଜିଏସ୍‌ଟି ମାଧ୍ୟମରେ ଦେଶ ଅପ୍ରତ୍ୟକ୍ଷ ଟିକସ ପ୍ରଣାଳୀରେ ଏକରୂପତା ଆସିଛି। ପ୍ରାରମ୍ଭରେ ଜିଏସ୍‌ଟିକୁ ନେଇ କେତେକ ଅସୁବିଧା ଦେଖାଦେଇଥିଲା ହେଲେ ପରେ ଏହାକୁ ସୁଧୁରା ଯାଇପାରିଛି। ନେଣ ଦେଣ ପ୍ରକ୍ରିୟାରେ ଡିଜିଟାଲାଇଜେସନର ଗୁରୁତ୍ୱ ବଢିଛି ଯାହା ମଧ୍ୟ ଏକ ଉପଲବ୍ଧି। ଏଥିସହିତ ବିଭୁଦ୍ରୀକରଣ ସହ ଲୋକଙ୍କର ଖରାପ ସ୍ମୃତି ମଧ୍ୟ ରହିଛି। ବିକାଶ ପ୍ରକ୍ରିୟାରେ ପଛୁଆ ବର୍ଗଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମହିଳାମାନଙ୍କ ଭାଗିଦାରୀ ସବୁକ୍ଷେତ୍ରରେ ବଢିଛି। ବିଶ୍ୱସ୍ତରୀୟ ମଞ୍ଚରେ ଭାରତର ପ୍ରତିଷ୍ଠା ବଢିଛି ଓ ଭାରତକୁ ଅନ୍ୟ ଦେଶ ମାନେ ଗୁରୁତ୍ୱ ଦେଉଛନ୍ତି। ଭାରତ ଏବେ ଏକ ମଜଭୁତ ଅର୍ଥବ୍ୟବସ୍ଥା ଓ ଶକ୍ତିଶାଳୀ ଦେଶରେ ପରିଣତ ହୋଇଛି। ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କରେ ଭାରତୀୟଙ୍କ କାର୍ଯ୍ୟାକୁଶଳତାକୁ ନେଇ ପ୍ରଶଂସା ହେଉଛି। ଏସବୁ ଉପଲବ୍ଧି ପ୍ରମାଣ କରିଦେଉଛି ଯେ ଭାରତୀୟ ମାନଙ୍କ ପକ୍ଷରେ କୌଣସି କଥା ଅସମ୍ଭବ ନୁହେଁ।

ଭାରତୀୟ ସମ୍ବିଧାନ ବହୁଳତା ମଧ୍ୟରେ ଏକତାର ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ ଏଣୁ ଏଥିରେ ଭେଦଭାବର କଥା ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଜାତି, ଧର୍ମ, ଲିଙ୍ଗ ଏବଂ ଆର୍ଥିକ ସ୍ଥିତିର ଭେଦଭାବରୁ ଆମେ ମୁକୁଳି ପାରୁନାହେଁ। ଭୋଟ ରାଜନୀତି ଆମ ସମାଜକୁ ବିଭାଜିତ କରୁଛି। ଆମେ ତାକୁ ମଧ୍ୟ ବିରୋଧ କରିବାର ସାହାସ ଜୁଟାଇ ପାରୁନାହେଁ। ପରସ୍ପର ମଧ୍ୟରେ ଶତ୍ରୁତା ସୃଷ୍ଟି କରୁଛେ। ଏବେ ଜାତିକୁ ନେଇ ରାଜନୀତି ଚାଲିଛି। ସମ୍ବିଧାନ ଆମକୁ ମୌଳିକ ଅଧିକାର ଦେଇଛି ଓ ସେଥିରେ ଆମର କର୍ତ୍ତବ୍ୟ ନିର୍ଦ୍ଧାରିତ ହୋଇଛି। କିନ୍ତୁ ଆମ ଭିତରେ ଜାଗରୁକତାର ଅଭାବ କାରଣରୁ ଅଧିକ ଲୋକ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟକୁ ନେଇ ସଚେତନ ନୁହଁନ୍ତି। ଜଣେ ଆଦର୍ଶ ନାଗରିକଙ୍କ ପାଖରେ ଅଧିକାରର ଜ୍ଞାନ ରହିବା ଦରକାର। ନିଜର କର୍ତ୍ତବ୍ୟକୁ ଠିକ୍ ଭାବେ ପାଳନ କରିବା ଉଚିତ୍। କିନ୍ତୁ ଏ କଥା ମଧ୍ୟ ସତ୍ୟ ଯେ ଏତେ ବର୍ଷ ମଧ୍ୟରେ ଆମେ ଆଦର୍ଶ ନାଗରିକ ହୋଇପାରିନାହେଁ। ଆମେ ସମ୍ବିଧାନର ବିଧାନ ସମ୍ପର୍କରେ ବୁଝିବାକୁ ଅସମର୍ଥ। ଆମ ସଂସଦୀୟ ସଂସ୍ଥାମାନଙ୍କରେ ବାହୁବଳୀ ଏବଂ ଅପରାଧୀଙ୍କର ପ୍ରଭାବ ବଢିବାରେ ଲାଗିଛି। ଗଣତନ୍ତ୍ର ଦିବସ କେବଳ ଉତ୍ସବ ପାଳନର ଅବସର ନୁହେଁ ବରଂ ଏହା ସମୀକ୍ଷାର ଅବସରର ଦିନ ଅଟେ। ଆମେ କେତେ ଆତ୍ମନିର୍ଭର, ଆମ ସମାଜର ବଞ୍ଚିତ ବର୍ଗ କେତେ ସୁବିଧା ପାଇପାରୁଛନ୍ତି ଏ ବାବଦରେ ସମୀକ୍ଷା କରିବା ଆବଶ୍ୟକ। ଦେଶ ଓ ସମାଜର ବିକାଶରେ ଆମେ କେତେ ଯୋଗଦାନ କରିଛେ ସେ ବାବଦରେ ମଧ୍ୟ ସମୀକ୍ଷା କରିବା ଆବଶ୍ୟକ। ଆମେ ଆମ ସଂସାଧନର କେତେ ଉପଯୋଗ କରିଛେ ? ଏମିତି ଅନେକ ପ୍ରକାର ପ୍ରଶ୍ନ ରହିଛି ଯାହାର ଉତ୍ତର ଆମକୁ ଖୋଜିବାକୁ ପଡିବ। ଆମ ସମ୍ବିଧାନ ତୃଣମୂଳ ସ୍ତରରେ ଗଣତନ୍ତ୍ର, ମୌଳିକ ଅଧିକାର ଏବଂ ଶାସନର ବିକେନ୍ଦ୍ରୀକରଣ ରୂପରେ ଠିଆ ହୋଇଛି।

# ଗଣତାନ୍ତ୍ରିକ ପରମ୍ପରାର ଆଦର୍ଶ



**ଦାଶରଥୀ ଶତପଥୀ**
ସଚିବ, ଓଡ଼ିଶା ବିଧାନସଭା
ମୋ: ୯୩୩୭୪୪୯୩୭୩

ଭାରତର ସ୍ୱାଧୀନତାପ୍ରାପ୍ତି ପରେ ରାଷ୍ଟ୍ରନାୟକ ଡଃ. ଭିମରାଓ ରାମଜୀ ଆମ୍ବେଦକର ସ୍ୱାଧୀନ ରାଷ୍ଟ୍ରକୁ କେତେକ ନୀତି ନିୟମରେ ଚଳାଇବା ନିମନ୍ତେ ସମ୍ବିଧାନ ପ୍ରଣୟନ କରିଥିଲେ। ସେହି ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଗୃହୀତ ହୋଇ କାର୍ଯ୍ୟକାରୀ କରାଯାଇଥିଲା ଯଦିଓ ୧୯୪୯ ମସିହା ନଭେମ୍ବରର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭା ଏହି ସମ୍ବିଧାନକୁ ପ୍ରଣୟନ କରିଥିଲେ। ଗଣତନ୍ତ୍ର ଦିବସ ପୂର୍ବରୁ ଇଂରେଜମାନଙ୍କ ଦ୍ୱାରା ଗଠିତ ସମ୍ବିଧାନ ଢାଞ୍ଚାରେ କିଛିଦିନ ଆମ ଦେଶର ଶାସନତନ୍ତ୍ର ଅନୁବନ୍ଧିତ ଥିଲା । ଶାସ୍ତ୍ରରେ କୁହାଯାଇଛି –

"ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ,
ପରଧର୍ମାତ୍ ସ୍ୱନୁଷ୍ଠିତାତ୍"।
ସ୍ୱଧର୍ମେ ନିଧନଂ ଶ୍ରେୟଃ,
ପରଧର୍ମେ ଭୟାବହଃ"॥ (ଗୀତା- ୩/୩୫)

ଉତ୍ତମ ଆଚରଣ ସହିତ ପାଳିତ ହେଉଥିବା ଅନ୍ୟର ଧର୍ମଠାରୁ ଗୁଣରହିତ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକର। ନିଜ ଧର୍ମରେ ମରିବା ମଧ୍ୟ କଲ୍ୟାଣକର, କିନ୍ତୁ ଅନ୍ୟର ଧର୍ମ ଭୟାବହ ଅର୍ଥାତ୍ ବିବେକାନୁମୋଦିତ ପନ୍ଥାରେ ଐକାନ୍ତିକ ଭାବେ ନିଷ୍ଠାରେ କାର୍ଯ୍ୟ କରିବା ଉଚିତ୍। ସଫଳତା ବା ବିଫଳତା ଯାହା ମିଳୁନା କାହିଁକି ତାକୁ ସମାନ ଭାବରେ ଗ୍ରହଣ କଲେ ତାହା ସାମାଜିକ ଜୀବନରେ ନାନା ସମସ୍ୟା ସମାଧାନ ହୋଇଥାଏ।

ଆମ ସମ୍ବିଧାନ ପ୍ରସ୍ତାବନାରେ ରହିଛି: ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା, ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା, ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ ଏହି ୧୯୪୯ ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

ସମ୍ବିଧାନ ପ୍ରଣେତା ଡଃ. ଭିମରାଓ ରାମଜୀ ଆମ୍ବେଦକର ସମ୍ବିଧାନ ସଭାର ଅନ୍ତିମ ଭାଷଣରେ କହିଥିଲେ- ସମ୍ବିଧାନର ପ୍ରସ୍ତୁତି ସରିଛି, ଆମ ସମସ୍ତଙ୍କୁ ହିଂସା, ଦ୍ୱେଷ ଓ ଅରାଜକତାକୁ ପରିହାର କରିବାକୁ ପଡିବ। ସମ୍ବିଧାନ ମାଧ୍ୟମରେ ବିଚାର ବିମର୍ଶ କରି ସମାସ୍ୟାର ସମାଧାନ କରିବାକୁ ପଡିବ। ବିଭିନ୍ନ ସମ୍ବିଧାନ ପ୍ରଣୟନ ସଭାରେ ଧାରାବାହିକ ଆଲୋଚନା ପର୍ଯ୍ୟାଲୋଚନା ପରେ ଆମର ଯେଉଁ ସମ୍ବିଧାନ ପ୍ରଣୟନ ହେଲା ତାହା ବିଶ୍ୱବାସୀଙ୍କ ନୂଆ ବାତାବରଣ ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ଅନେକ ରାଜନୈତିକ ସମୀକ୍ଷକ ସ୍ୱୀକାର କରନ୍ତି ଯେ ଭାରତୀୟ ସମ୍ବିଧାନ ବିଶ୍ୱରେ ବିରଳ ଓ ସମୟୋପଯୋଗୀ। ଆଇନ ସମ୍ମୁଖରେ ସମସ୍ତେ ସମାନ ଓ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ। ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଲୋକ ପ୍ରତିନିଧିଙ୍କ ସରକାର ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରିଆସୁଛି। ଏହା ଆମକୁ ବଞ୍ଚିବା, ବଢିବାର ଧାର୍ମିକ କୌଶଳ, ସମବେଦନାର କୌଶଳ, ଭାତୃତ୍ୱ ବନ୍ଧନରେ ବାନ୍ଧିବାର କୌଶଳ ଓ ମଣିଷ ହୋଇ ତିଷ୍ଠି ରହିବାର ଅଭିମନ୍ତ୍ରରେ ବାନ୍ଧି ରଖିଛି।

ସ୍ୱାଧିନତା ପ୍ରାପ୍ତି ପରେ ଭାରତ ବିକାଶର ପଥରେ ଅଗ୍ରସର ହୋଇ ଆଜି ପୃଥିବୀର ଏକ ସମୃଦ୍ଧ ରାଷ୍ଟ୍ର ରୂପେ ପରିଗଣିତ ହେଉଛି। ଭାରତୀୟ ଗଣତନ୍ତ୍ର ହୋଇଛି ସୁଦୃଢ ଓ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳତା ହାସଲ ଦିଗରେ ଏହାର ଜୟଯାତ୍ରା ଅବ୍ୟାହତ ରହିଛି। ଆଜି ପୃଥିବୀର ଅନେକ ଦେଶରେ ଗଣତାନ୍ତ୍ରିକ ବ୍ୟବସ୍ଥା ଭୁଷୁଡି ଯାଇ ସାମରିକ ବା ଏକଛତ୍ରବାଦ ଶାସନ ଚାଲିଥିବାବେଳେ ଆମ ଦେଶରେ ଓ ରାଜ୍ୟରେ ଗଣତନ୍ତ୍ର ପଦ୍ଧତିରେ ଶାସନ ଚାଲିଛି ଯାହାକି ଭାରତୀୟ ସଂସ୍କୃତିର ମହତ ପଣିଆକୁ ସୂଚାଇ ଦେଉଛି। ଦେଶବାସୀ ଓ ରାଜ୍ୟବାସୀଙ୍କ ହିତ ସାଧନ ପାଇଁ ସରକାର ଅନେକ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି।

ବିଶ୍ୱରେ ଶାନ୍ତି, ସ୍ଥିରତା ବଜାୟ ରଖିବା ଦିଗରେ ଭାରତ ଏକ ମହତ ଭୂମିକା ଗ୍ରହଣ କରିଆସୁଛି। ଆଜି ବିଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କ୍ରୀଡା କ୍ଷେତ୍ରରେ ଆମ ଦେଶ ତଥା ରାଜ୍ୟ ଅଗ୍ରଣୀ ଲାଭ କରିଛି। ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଦଳିତ, ଗରିବ ଲୋକଙ୍କ ଉନ୍ନତି ପାଇଁ ଚେଷ୍ଟା ଅହରହ ଚାଲିଛି। ଗାନ୍ଧିଜୀର ଆଦର୍ଶ ତଥା ସତ୍ୟ, ଧର୍ମ, ନ୍ୟାୟ, ଶୃଙ୍ଖଳା ଓ ଅନୁଶାସନ ପଥରେ ରହି ଆମକୁ କାର୍ଯ୍ୟ କରିବାକୁ ପଡିବ। ଦେଶକୁ, ରାଜ୍ୟକୁ ଶକ୍ତିଶାଳି କରିବା ପାଇଁ ଓ ଆର୍ଥିକ ଅବସ୍ଥାର ସୁଧାର ପାଇଁ ଆମକୁ କଠିନ ପରିଶ୍ରମ କରିବାକୁ ପଡିବ ଯାହାକି ଏକମାତ୍ର ମାର୍ଗ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି :-

"କର୍ମଣ୍ୟୋ ବାଧିତାରସ୍ତେ ମା ଫଳେଷୁ କଦାଚନ
ମା କର୍ମଫଳହେତୁର୍ଭୁର୍ମା ତେ ସଙ୍ଗୋଦ୍ଧ ସ୍ତ୍ୱକର୍ମଣି"।

ଅର୍ଥାତ୍ କର୍ମ କରିବାରେ ହିଁ ତୋର ଅଧିକାର ଅଛି। ତାହାର ଫଳରେ କଦାପି ନୁହେଁ । ତେଣୁକରି ତୁ କର୍ମ ଫଳର ହେତୁ ହୁଅନାହିଁ ତଥା କର୍ମ ନକରିବାରେ ବି ତୋର ଆସକ୍ତି ନହେଉ। ତେଣୁ ଏହି ପବିତ୍ର ଦିନରେ ଆମେ ଶପଥ ନେବା ଯେ ସୁଖ-ଦୁଃଖ, ଜୟ-ପରାଜୟ, ଲାଭ-କ୍ଷତି, ମାନ-ଅପମାନ ଆଦି ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱକୁ ଯାଇ ଦେଶକୁ, ସମାଜକୁ କିପରି ଆଗେଇ ନେଇପାରିବା, ନିଷ୍କାମ ହୃଦୟରେ ଚିନ୍ତା କରିବା, ସତ୍ କର୍ମ, ଶୁଭ କର୍ମ ମାଧ୍ୟମରେ ଦେଶର ମଙ୍ଗଳ ସାଧନା କରିପାରିବା ଯେଉଁଥିରେ କି ସମଗ୍ର ଦେଶର ଜନସାଧାରଣଙ୍କ ଜୀବନ ସୁଖ, ଶାନ୍ତିରେ ପରିପୂର୍ଣ୍ଣ ହୋଇପାରିବ ଓ ଏହା ସହିତ ଦେଶରୁ ସନ୍ତ୍ରାସବାଦୀ କାର୍ଯ୍ୟାକଳାପକୁ ସଂପୂର୍ଣ୍ଣ ଧ୍ୱଂସ କରିବା ନିମନ୍ତେ ସମସ୍ତ ନାଗରିକ ପ୍ରତିଜ୍ଞାବଦ୍ଧ ହେବା ଉଚିତ୍। ଦେଶକୁ ଏକ ପୃଥିବାର ଅଗ୍ରଣୀ ଦେଶ ଭାବେ ପରିଣତ କରିବା ପାଇଁ ଆଜିର ଦିନରେ ଆମେ ଶପଥ ନେବା ଉଚିତ୍ ।

ଜୟହିନ୍ଦ୍

# ସାଧାରଣତନ୍ତ୍ର ଦିବସ : କିଛି ସ୍ମୃତି କିଛି ଅନୁଭୂତି



**ହିଂମାଶୁ ଶେଖର ଆଚାର୍ଯ୍ୟ**
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଅବିସ୍ମରଣୀୟ ଜାନୁଆରୀ ୨୬। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍ମରଣୀୟ ଦିବସ। ଅଗଣିତ ଦେଶପ୍ରାଣ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ। ଏହି ଦିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲାଲକିଲ୍ଲା ଉପରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଦେଇଥିବା ବେତାରବାଣୀ ଶୁଣି ଦେଶବାସୀ ଆନନ୍ଦରେ ଆତ୍ମହରା ହୋଇଥିଲେ ଓ ଗାଇଥିଲେ – "ଆମେ ଚଳାଇଛୁ ଦେଶ ଆମରି, ଆମରି ନାଆରେ ଆମେ ନାଉରୀ"। କିନ୍ତୁ ପ୍ରକୃତରେ ଆମେ ଆମକୁ ଶାସନ କରିବାର କ୍ଷମତା ଲାଭ କଲୁ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ, ଏହି ଦିନ ଆମ ସମ୍ବିଧାନ କାର୍ଯ୍ୟକାରୀ ହେଲା। ସେହିଦିନ ଠାରୁ ଆମେ ଜାନୁଆରୀ ୨୬ ତାରିଖକୁ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ବା ଜନରାଜ୍ୟ ଦିବସ ଭାବେ ପାଳନ କରିଆସୁଅଛୁ।

ପ୍ରତ୍ୟେକ ଲିଖିତ ସମ୍ବିଧାନ ପରି ଭାରତୀୟ ସମ୍ବିଧାନର ପ୍ରାରମ୍ଭରେ ଏକ ପ୍ରସ୍ତାବନା ରହିଛି। ପ୍ରସ୍ତାବନା ସମ୍ବିଧାନର ଏକ ସଂକ୍ଷିପ୍ତ ରୂପ ଅଟେ। ଏଥିରେ ସମ୍ବିଧାନର ଲକ୍ଷ୍ୟ, ଅଭୀପ୍‌ସା, ଆକାଂକ୍ଷା ଓ ଆଇନଗତ ଭିତ୍ତି ସମ୍ବନ୍ଧରେ ସୂଚନା ଦିଆଯାଇଛି। ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି- "ଆମେ ଭାରତର ଜନସାଧାରଣ, ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିବା ନିମିତ୍ତ ଏବଂ ଏହାର ସମସ୍ତ ନାଗରିକମାନଙ୍କୁ ସାମାଜିକ, ଅର୍ଥନୈତିକ, ରାଜନୈତିକ, ନ୍ୟାୟ, ଚିନ୍ତା, ମତପ୍ରକାଶ, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସ୍ଥିତି ଓ ସୁଯୋଗର ସମାନତା ପ୍ରଦାନ ତଥା ସେମାନଙ୍କ ମଧ୍ୟରେ ବ୍ୟକ୍ତିର ଗୌରବ ଓ ଜାତୀୟଐକ୍ୟ ଏବଂ ସଂହତି ନିଶ୍ଚିତ ଭାବେ ରକ୍ଷା କରିବାର ଅନୁକୂଳ ଭାତୃଭାବ ବର୍ଦ୍ଧନ କରାଇବା ନିମିତ୍ତ ସତ୍ୟ ଓ ନିଷ୍ଠାର ସହିତ ସଂକଳ୍ପ କରି ଆମ୍ଭମାନଙ୍କର ଏହି ଶାସନ ବିଧାୟକ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରୁଅଛୁ।" ୧୯୭୬ ମସିହାର ୪୨ତମ ସମ୍ବିଧାନ ସଂଶୋଧନରେ ପ୍ରସ୍ତାବନାରେ ସମାଜବାଦୀ ଓ ଧର୍ମ ନିରପେକ୍ଷ ଶବ୍ଦ ଦ୍ୱୟକୁ ସଂଯୋଗ କରାଯାଇଛି। ୧୯୫୦ ମସିହା ଆଜିର ଦିନରେ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହାପରେ ରାଷ୍ଟ୍ରପତି ଡ଼ଃ ରାଜେନ୍ଦ୍ର ପ୍ରସାଦ ସଦସ୍ୟମାନଙ୍କୁ ସମ୍ବିଧାନରେ ସ୍ୱାକ୍ଷର କରିବା ପାଇଁ ଆମନ୍ତ୍ରଣ କରିଥିଲେ। ନେହେରୁ ପ୍ରଥମେ ସ୍ୱାକ୍ଷର କରିଥିଲେ ଏବଂ ସର୍ବଶେଷରେ ରାଜେନ୍ଦ୍ର ପ୍ରସାଦ। ନିର୍ମଳ ଶାସନ ନିମନ୍ତେ ଏହି ବ୍ୟବସ୍ଥାରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଠାରୁ ବିଚାର ବିଭାଗକୁ ସ୍ୱତନ୍ତ୍ର ଓ ସ୍ୱାଧୀନ କରାଯାଇଛି। ପ୍ରସ୍ତାବନା ଅନୁଯାୟୀ ଭାରତର ସାର୍ବଭୌମ କ୍ଷମତା ଲୋକମାନଙ୍କ ହସ୍ତରେ ନ୍ୟସ୍ତ। ସାର୍ବଜନୀନ ଭୋଟ ପ୍ରଥା ଆମ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସଂକ୍ଷେପରେ ଏହା ହିଁ ଆମ ସମ୍ବିଧାନର ବିଶେଷତ୍ୱ। ଇତିମଧ୍ୟରେ ଆମ ସମ୍ବିଧାନ ୧୨୩ ଥର ସଂଶୋଧିତ ହୋଇସାରିଛି। ଦୀର୍ଘପଥ ଅତିକ୍ରମ କରି ଏକ ସାଧାରଣତନ୍ତ୍ର ଭାବେ ଭାରତ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଛି। ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି। ଶ୍ୱେତବିପ୍ଳବ ଯୋଗୁଁ



ଦେଶରେ ଦୁଗ୍ଧର ବନ୍ୟା ସୃଷ୍ଟି ହୋଇଛି। ଭାରତ ପୃଥିବୀର ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ। ସ୍ୱାଧୀନତାବେଳେ ଯେଉଁ ଦେଶରେ ପିନ୍ କଣ୍ଟାଟିଏ ଉତ୍ପାଦନ ହୋଇପାରୁନଥିଲା ସେଇ ଦେଶ ଆଜି ବିଜ୍ଞାନ ଓ କାରିଗରୀରେ ବିଶ୍ୱର ଗୋଟିଏ ଆଗଧାଡ଼ିର ଦେଶ। ଖାଲି ସେତିକି ନୁହେଁ ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା, ସଫ୍ଟୱେର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ଏକ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି। ସଂସଦୀୟ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ଆମ ଦେଶର ଆନୁଗତ୍ୟ ନେଇ ଆମକୁ କେହି ପ୍ରଶ୍ନ କରିପାରିବେ ନାହିଁ। ଇତିମଧ୍ୟରେ ଭାରତୀୟ ହାରାହାରି ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ ପ୍ରତିଶତକୁ ବୃଦ୍ଧିପାଇଛି। କିନ୍ତୁ ଭାରତକୁ ଉଦ୍‌ଭାସିତ କରୁଥିବା ଏସବୁ ସଫଳତା ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତା'ହେଉଛି ଏବେ ବି ଭାରତରେ ରହୁଛନ୍ତି ୨୮କୋଟି ନିରକ୍ଷର, ୨୬ କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପୁଷ୍ଟିର ଶୀକାର ହେଉଥିବା ୪୨ ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡ଼କ ଓ ପାନୀୟଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ। ମୋଟ ଲୋକସଂଖ୍ୟାର ୧୯ ପ୍ରତିଶତ ଲୋକ ଭୋକିଲା ତାଲିକାରେ ଅଛନ୍ତି। ନିକଟରେ ଏକ ସର୍ଭେ ଅନୁଯାୟୀ ଆମ ଦେଶର ମାତ୍ର ଏକ ପ୍ରତିଶତ ଧନି ବ୍ୟକ୍ତିଙ୍କ ନିକଟରେ ଥିବା ସମ୍ପତ୍ତି ଦେଶର ୭୦ ପ୍ରତିଶତ ବା ୯୫୩ ନିୟୁତ ଗରିବ ଲୋକଙ୍କ ସମ୍ପତ୍ତି ଠାରୁ ଚାରି ଗୁଣ ଅଧିକ।

ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଭାରତର ପରିଚୟ ହିଁ ଆମ ପାଇଁ ଆଶ୍ୱାସନାର ବିଷୟ ହୋଇରହିଛି। ମାତ୍ର ଗୋଟିଏ ପଟେ ରହିଛି ଉଜ୍ଜ୍ୱଳା ଭାରତ ଓ ଅନ୍ୟପଟେ ଉଜୁଡା ଭାରତ। ଏହାର ମୂଳ କାରଣ ହେଉଛି ଦୁର୍ନୀତି। ବିଡମ୍ବନା ହେଲା ଯେ ଏହି ଦୁର୍ନୀତିର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ ମସିହାର ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୨୦୧୧ ଆଦର୍ଶ ହାଉସିଂ ଓ ନିକଟରେ ୨୦୧୫ର ବ୍ୟାପମ୍ ଦୁର୍ନୀତି ପର୍ଯ୍ୟନ୍ତ ସବୁଠି ଦୁର୍ନୀତିର ଲମ୍ବା ତାଲିକା। ୧୯୪୮ରୁ ଏଯାବତ୍ କେବଳ ଦୃଶ୍ୟମାନ ଦୁର୍ନୀତିର ପରିଣାମ ୨୧ଲକ୍ଷ କୋଟି ଟଙ୍କାରୁ ଅଧିକ। ବର୍ତ୍ତମାନ ବଡ଼ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମିର ଲୋକମାନେ। ଦେଶର ସଂସଦ ଦେଶବାସୀଙ୍କ ପାଇଁ ମନ୍ଦିର ସଦୃଶ। ଏଠାରେ ଆଇନ ତିଆରି ହୁଏ, ଦେଶପାଇଁ ତିଆରି ଶାସନ-ଖସଡା। ଶସ୍ତା ରାଜନୀତି ଦେଶ ପାଇଁ କାଳ। ଜର୍ଜ ବର୍ଣ୍ଣାଡ ସ'ଙ୍କ ମତରେ ବୁଦ୍ଧିଜୀବୀମାନେ ରାଜନୀତିକୁ "ସଇତାନର ଆଶ୍ରୟସ୍ଥଳ" ବୋଲି ଭାବୁଛନ୍ତି। ତେଣୁ, ସେମାନେ ନିର୍ବାଚନ ପ୍ରକ୍ରିୟାରୁ ନିରାପଦ ଦୂରତାରେ ରହିବାକୁ ପସନ୍ଦ କରୁଛନ୍ତି। ଫଳରେ ଅପରାଧ ପୃଷ୍ଠଭୂମି ଥିବା ବ୍ୟକ୍ତି ବିଶେଷ ଅର୍ଥବଳ ଓ ବାହୁବଳରେ ଦଳୀୟ ଟିକେଟ ହାସଲ କରିନେଉଛନ୍ତି। ବିକଳ୍ପ ନପାଇ ଭୋଟରମାନେ ଏଭଳି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବାଧ୍ୟ ହେଉଛନ୍ତି। ଏ ପରମ୍ପରା କ୍ରମଶଃ ବଢିବାରେ ଲାଗିଛି। ଏପରିହେଲେ ଗଣତନ୍ତ୍ର କିଭଳି ଗୁଣାତ୍ମକ ହେବ ?

# ଦେଶଦ୍ରୋହର ପୁରସ୍କାର ତେଇଶହଜାର କୋଟି



**ସୁଜାତା ପ୍ରହରାଜ**
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ସାଧାରଣ ଲୋକଟିଏ ଯେତେବେଳେ ନିଜେ ଜମା କରିଥିବା ସ୍ୱାସ୍ଥ୍ୟବୀମା ପାଇବା ପାଇଁ ଚେଷ୍ଟା କରେ ବୀମା କମ୍ପାନୀ ବିଭିନ୍ନ ଆଳ କରି ଅର୍ଥ ଦେବାକୁ ଅମଙ୍ଗ ହୁଅନ୍ତି, ବିଭିନ୍ନ କାରଣ ଦର୍ଶାଇ ବୀମାଅର୍ଥ କାଟିପକାନ୍ତି। କିନ୍ତୁ ସେମାନେ ଏମିତି ସମସ୍ତଙ୍କ ପାଇଁ କରି ନଥା'ନ୍ତି। ନିକଟରେ ବଲିଉଡ୍ ଅଭିନେତା ସୈଫ୍ ଅଲ୍ଲୀ ଖାଁ ଗୋଟିଏ ଦୁର୍ବୃତ୍ତର ଆକ୍ରମଣରେ ଶିକାର ହୋଇ ଚିକିତ୍ସିତ ହେଲେ। ମାତ୍ର ପାଞ୍ଚଦିନରେ ସେ ସୁସ୍ଥ ହୋଇଗଲେ। ଆକ୍ରମଣ ହେଉହେଉ ସେ ସ୍ୱାସ୍ଥ୍ୟବୀମା ଦାବି କଲେ। ଚାରିଦିନ ଭିତରେ ବୀମାକମ୍ପାନୀ ପଚିଶଲକ୍ଷ ଟଙ୍କା ଦେଇଦେଲେ। ତେଲିଆ ମୁଣ୍ଡରେ ତେଲ। ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖିଲେ ତାଙ୍କ ଉପରେ ବାହ୍ୟ ଆକ୍ରମଣ ସନ୍ଦେହଜନକ। ଏହା ତାଙ୍କର ଆଗାମୀ ଚଳଚ୍ଚିତ୍ର ପାଇଁ ଦର୍ଶକଙ୍କ ସହାନୁଭୂତି ଗୋଟେଇବାର ଉପାୟ ବୋଲି ଲୋକେ କହନ୍ତି। ନିଜର ଓ ନିଜ ସ୍ତ୍ରୀଙ୍କର ଚଳଚ୍ଚିତ୍ରରୁ ଆସୁଥିବା ପ୍ରଚୁର ଆୟକୁ ଛାଡ଼ି ପଟୌଦୀ ରାଜବଂଶର ଦଶମ ନବାବ ସୈଫ୍ ଅଲ୍ଲୀ ଖାଁଙ୍କର ପୈତୃକ ସମ୍ପତ୍ତିର ମୂଲ୍ୟ ତେଇଶହଜାର କୋଟି ଟଙ୍କା। ଭାରତ ଇତିହାସରେ ପଟୌଦୀ ରାଜବଂଶ ଏମିତି ପ୍ରସିଦ୍ଧ ନଥିଲା। ବର୍ତ୍ତମାନର ହରିଆଣାର ଏହା ଛୋଟ ଜାଗାଟିଏ ଥିଲା। ତେବେ ଏତେ ସମ୍ପତ୍ତି ତାଙ୍କର କେଉଁଠୁ ଆସିଲା ?

ପଞ୍ଚଦଶ ଶତାବ୍ଦୀ ବେଳକୁ ସିନ୍ଧୁନଦୀର ଗୋଟିଏ ପଟେ ଅଖଣ୍ଡ ସମୃଦ୍ଧ ଭାରତ ଥିବାବେଳେ ଅନ୍ୟପଟେ ଥିଲା ଗରିବ ଜନଜାତି ଅଧ୍ୟୁଷିତ ଆଫଗାନିସ୍ତାନ। ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ ଭାରତର ସ୍ୱାଧୀନ ରାଜାମାନେ ପରସ୍ପର ବିରୁଦ୍ଧରେ ଯୁଦ୍ଧ ପାଇଁ ଜଙ୍ଗଲି ଯୁଦ୍ଧକଳାରେ ନିପୁଣ ଏହି ଜନଜାତିଙ୍କୁ ଡାକି ଆଣୁଥିଲେ। ଏମାନଙ୍କ ଭିତରେ ଥିଲେ କାନ୍ଦାହାର ନିକଟସ୍ଥ ଭରିଞ୍ଚ ନାମକ ଜାଗାର ମୁଖ୍ୟ ସଲାମତ୍ ଅଲ୍ଲୀ ଖାଁ। ଦିଲ୍ଲୀ ସୁଲତାନ ବହଲଲ୍ ଲୋଧି ତାଙ୍କୁ ମେୱାଟ ଅକ୍ତିଆର କରିବା ପାଇଁ ଡାକିଥିଲେ। ଇବ୍ରାହିମ୍ ଲୋଧିଙ୍କୁ ପରାସ୍ତ କରି ବାବର ଯେତେବେଳେ ଦିଲ୍ଲୀ ସିଂହାସନରେ ବସିଲେ ସଲାମତ୍ ଅଲ୍ଲୀ ତାଙ୍କର ସେନାରେ ମିଶିଗଲେ। ପୁରୁଷପୁରୁଷ ଧରି ସେମାନେ ମୋଗଲ ସାମ୍ରାଜ୍ୟର ବିଶ୍ୱସ୍ତ ହୋଇ ବିଭିନ୍ନ ପଦପଦବୀରେ ନିଯୁକ୍ତ ହୋଇଥିଲେ। ୧୭୦୭ ମସିହାରେ ଆଉରଙ୍ଗଜେବ୍‌ଙ୍କ ମୃତ୍ୟୁ ସହିତ ମୋଗଲସାମ୍ରାଜ୍ୟ ଭାଙ୍ଗିବା ପରେ ସେମାନଙ୍କର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହେଲା। ତେଣୁ ସେମାନେ ନିଜର ପୂର୍ବ ଭୂମିକାକୁ ଫେରିଲେ। ନିଜଦେଶକୁ ଯାଇ ବିଭିନ୍ନ ଜନଜାତିର ଲୋକଙ୍କୁ ଏକାଠି କରି ଯୋଦ୍ଧାଦଳ ତିଆରି କଲେ। ରାଜପୁତ, ମୋଗଲ, ମରାଠା - ଯିଏ ସେମାନଙ୍କୁ ଅଧିକ ଅର୍ଥ ଦେଉଥିଲେ ସେମାନେ ସେମାନଙ୍କ ପାଇଁ ଲଢୁଥିଲେ।

ଶେଷ ମୋଗଲସମ୍ରାଟ ଦୁର୍ବଳ ଶାହ ଆଲମ୍ ବିଭିନ୍ନ ଶକ୍ତିଶାଳୀ ବିଦେଶୀଶକ୍ତି ଦ୍ୱାରା ଆକ୍ରମଣର ଶିକାର ହେବାପରେ ମରାଠା ବୀର ମହାଜୀ ରାଓ ସିନ୍ଧିଆଙ୍କୁ ନିଜର ଓ୍ୱକିଲ୍ - ଏ - ମୁତାଲିକ୍ ଭାବରେ ନିଯୁକ୍ତ କଲେ। ମହାଜୀ ଜଣେ ଅଦ୍ୱିତୀୟ ବୀର ଥିଲେ। ପୂରା ଦିଲ୍ଲୀ, ପଟୌଦୀ ଏବଂ ଗୁରୁଗ୍ରାମ ତାଙ୍କ ଅଧିକାରରେ ଥିଲା। ଦିଲ୍ଲୀରେ ଶାସନ ନାମକୁ ମାତ୍ର ବାଦଶାହଙ୍କ ଉପରେ ଥିଲା। ସେତେବେଳକୁ ଭାରତରେ ଇଂରେଜ ଶାସନ ଆରମ୍ଭ ହୋଇସାରିଥିଲା। ଦିଲ୍ଲୀର ବଳଶାଳୀ ମୋଗଲ ସାମ୍ରାଜ୍ୟ ବିରୁଦ୍ଧରେ ସେମାନେ ଲଢ଼ିବାକୁ ସାହସ କରୁ ନଥିଲେ। କିନ୍ତୁ ଧୂର୍ତ୍ତ ଓ କ୍ଷମତାଲୋଭୀ ଇଂରେଜ ବେଶୀ ଦିନ ଅପେକ୍ଷା କରିବାକୁ ପ୍ରସ୍ତୁତ ନଥିଲେ। ତେଣୁ ସେମାନେ ମରାଠା ଅଧିକୃତ ଦିଲ୍ଲୀ ହାସଲ କରିବାକୁ ଆପ୍ରାଣ ଚେଷ୍ଟା କଲେ। ୧୭୭୫ ମସିହାରୁ ୧୮୮୨ ମସିହା ଭିତରେ ଅନେକ ଥର ଯୁଦ୍ଧ ହେଲା। ଇତିହାସରେ ଏହା ଆଙ୍ଗ୍ଲୋ-ମରାଠା ଯୁଦ୍ଧ ଭାବରେ ଜଣା। ଦେଶଭକ୍ତ ବୀର ମରାଠା ବୀରତ୍ୱର ସହିତ ଲଢ଼ିଲେ।

## ମୁଦ୍ରା କାହାଣୀ

ଇତିହାସରୁ ଜଣାଯାଏ ଭାରତର ଦେଶଭକ୍ତ ଦେଶୀୟ ରାଜା ହାରିବା ପଛରେ ଜଣେ ବିଶ୍ୱାସଘାତକ ନିଶ୍ଚୟ ଥିବ। ଇଂରେଜ ସେପରି ଲୋକଙ୍କୁ ଖୋଜି ଅଳ୍ପ କିଛି ଆର୍ଥିକ ପୁରସ୍କାର ଦେଇ ଶତ୍ରୁପକ୍ଷର ସମସ୍ତ ଗୁପ୍ତକଥା ଜାଣୁଥିଲେ। ଏଥର ମଧ୍ୟ ସେଇଆ ହେଲା। ମରାଠା ସୈନ୍ୟବାହିନୀରେ ଫୈଜ୍ ତଲବ୍ ଖାନ୍ କାମ କରୁଥିଲେ। ବିଶ୍ୱାସଘାତକତାର ରକ୍ତ ତାଙ୍କ ଶରୀରରେ ପ୍ରବାହିତ ହେଉଥିଲା। ଇଂରେଜ ଫୈଜ୍ ତଲବ୍ ଖାନ୍‌ଙ୍କୁ ଧରିଲେ। ଠିକ୍ ଯୁଦ୍ଧ ସମୟରେ ଫୈଜ୍ ତଲବ୍ ଖାନ୍ ବହୁତ ଆଫଗାନସୈନ୍ୟଙ୍କୁ ଧରି ଇଂରେଜସେନାରେ ମିଶିଗଲେ। ମରାଠା ଏହାର ତିଳେ ମାତ୍ର ସୁରାକ ପାଇ ନଥିଲେ। ଲର୍ଡ୍ ଜେରାଲ୍ଡ ଲେକ୍‌ଙ୍କ ନେତୃତ୍ୱରେ ଇଂରେଜ ସୈନ୍ୟବାହିନୀ ମରାଠାଙ୍କୁ ପରାଜିତ ହେଲେ। ଦିଲ୍ଲୀ ଶାସନ ଇଂରେଜ ହାତକୁ ଚାଲିଗଲା।

ଫୈଜ୍ ତଲବ୍ ଖାନ୍‌ଙ୍କ ସହାୟତା ଇଂରେଜଙ୍କ ପାଇଁ ବରଦାନ ଠାରୁ କମ୍ ନଥିଲା। ତେଣୁ ଫୈଜ୍ ତଲବ୍ ଖାନ୍‌ଙ୍କୁ ସେମାନେ ପଟୌଦୀ ଅଞ୍ଚଳ ଦାନ କଲେ। ମରାଠାଙ୍କ ବିରୁଦ୍ଧରେ ସବୁ ଯୁଦ୍ଧରେ ଫୈଜ୍ ତଲବ୍ ଖାନ ଇଂରେଜଙ୍କୁ ସାହାଯ୍ୟ କଲେ। ମଧ୍ୟପ୍ରଦେଶର ରାମପୁର - ଭାଣପୁରର ହୋଲକାର ବଂଶ ଏବଂ ରାଜସ୍ଥାନର ଭରତପୁରର ରାଜପୁତ ପରାସ୍ତ ହେଲେ। ମରାଠା ଗୋଟିଗୋଟି କରି ସବୁ ଯୁଦ୍ଧ ହାରିଲେ ଏବଂ ଇଂରେଜ ଭାରତର ବିଭିନ୍ନ ଅଂଶ ଜୟ କଲେ। ଦେଶ ସହିତ ବିଶ୍ୱାସଘାତକତା ଏବଂ ଇଂରେଜ ସରକାରଙ୍କ ପ୍ରତି ବିଶ୍ୱସନୀୟତାର ପୁରସ୍କାର ଥିଲା ପଟୌଦୀ ରାଜବଂଶ। ୧୮୦୪ ମସିହାରେ ଇଂରେଜ ସରକାର ପଟୌଦୀକୁ ସ୍ୱତନ୍ତ୍ର ରାଜ୍ୟ ଭାବରେ ଘୋଷଣା କରି ମହମ୍ମଦ ଫୈଜ୍ ତଲବ୍ ଖାନ୍ ସିଦ୍ଦିକିଙ୍କୁ ପଟୌଦୀର ପ୍ରଥମ ନବାବ ଭାବରେ ଅଧିଷ୍ଠିତ କଲେ। ଆଫଗାନସ୍ତାନର କେଉଁ ଏକ ଅଜଣାସ୍ଥାନର ଏକ ଜଙ୍ଗଲି ଜନଜାତି ନିଜର ବିଶ୍ୱାସଘାତକତା ବଳରେ ସ୍ୱର୍ଣ୍ଣପ୍ରସୂ ବୀରପ୍ରସବିନୀ ଭାରତମାତାର ଏକ ପ୍ରସିଦ୍ଧ ରାଜବଂଶ ଭାବରେ ପ୍ରତିଷ୍ଠିତ ହୋଇଗଲେ। ଦୀର୍ଘବର୍ଷ ଧରି ସେମାନେ ଇଂରେଜ ସରକାରଙ୍କର ବିଶ୍ୱସ୍ତ ହୋଇ ରହିଥିଲେ।

୧୮୫୭ ମସିହାରେ ଆରମ୍ଭ ହେଲା ଭାରତ ସ୍ୱାଧୀନତାର ପ୍ରଥମ ଆନ୍ଦୋଳନ ସିପାହୀ ବିଦ୍ରୋହ। ସମ୍ପୂର୍ଣ୍ଣ ଉତ୍ତର ଭାରତରେ ବିଦ୍ରୋହର ନିଆଁ ଜଳୁଥିଲା, ରାଜାମାନେ ଏଥିରେ ମିଶୁଥିଲେ। ସାଧାରଣ ଲୋକ ସୈନ୍ୟଙ୍କ ସହ ମିଶି ଇଂରେଜ ଅଧିକାରୀଙ୍କୁ ଆକ୍ରମଣ କରୁଥିଲେ। ଗୁରୁଗ୍ରାମରେ ମଧ୍ୟ ତାହା ହୋଇଥିଲା। ସେଠାରେ ଅନେକ ଇଂରେଜ ବନ୍ଦୀ ହେଲେ। ମାତ୍ର ସେଠାରେ ପଟୌଦୀ ବଂଶର ଦ୍ୱିତୀୟ ନବାବ ଆକବର ଅଲ୍ଲୀ ଖାଁ ବିଦ୍ରୋହୀଙ୍କ ଉପରକୁ ତୋପ ଚଳାଇ ଆକ୍ରମଣ କଲେ। ବନ୍ଦୀ ଇଂରେଜ ମୁକ୍ତ ହେଲେ, ଅନେକ ବିଦ୍ରୋହୀ ଶହୀଦ ହେଲେ। ଏଥିରେ ଉତ୍‌କ୍ଷିପ୍ତ ବିଦ୍ରୋହୀ ପଟୌଦୀ ମହଲ ଉପରେ ଆକ୍ରମଣ କଲେ। ଇଂରେଜଙ୍କ ଆଧୁନିକ ଅସ୍ତ୍ର ବଳରେ ପଟୌଦୀ ବିପ୍ଳବୀଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ଦମନ କଲେ, ପୁଣି ଥରେ ଅନେକ ଦେଶଭକ୍ତ ମୃତ୍ୟୁବରଣ କଲେ। ଏଥିପାଇଁ ମଧ୍ୟ ଇଂରେଜ ସରକାରଙ୍କ ଠାରୁ ପଟୌଦୀ ବଂଶକୁ ଖୁବ୍ ମାନସମ୍ମାନ ମିଳିଥିଲା।

ସମୟ ବିତିଲା। ୧୯୧୭ ମସିହାରେ ପିତାଙ୍କର ଅକାଳ ମୃତ୍ୟୁ ପରେ ପଟୌଦୀ ଇଫ୍‌ତିକାର ଅଲ୍ଲୀ ଖାଁ ମାତ୍ର ସାତ ବର୍ଷ ବୟସରେ ପଟୌଦୀ ରାଜବଂଶର ଅଷ୍ଟମ ନବାବ ହେଲେ। ଶାସନ ସମ୍ଭାଳିଥିଲେ ତାଙ୍କ ମା'। ଇଫ୍‌ତିକାର ଅଲ୍ଲୀ ଖାଁ ଭୋପାଳର ନବାବ ହମିଦୁଲ୍ଲା ଖାଁଙ୍କ ଝିଅ ସାଜିଦା ସୁଲତାନ୍‌ଙ୍କୁ ବିବାହ କରିଥିଲେ। ବିବାହ ପରେ ଇଫ୍‌ତିକାର ଦିଲ୍ଲୀର କନ୍ନୌଟ୍ ପ୍ଲେସ୍ ପରି ଏକ ମହଲ ନିର୍ମାଣ କରିବାକୁ ଚାହୁଁଥିଲେ। ସେଥିପାଇଁ ସେ କନ୍ନୌଟ୍ ପ୍ଲେସ୍‌ର ସ୍ଥପତି ରବର୍ଟ ଟର୍ ରସେଲ୍‌ଙ୍କୁ ଅନୁରୋଧ କଲେ। ଦେଢ଼ଶହ କୋଠରୀ ବିଶିଷ୍ଟ ମହଲ 'ଇବ୍ରାହିମ୍ ପ୍ୟାଲେସ୍' ନିର୍ମାଣ ହେଲା ଯାହାର ବର୍ତ୍ତମାନର ମୂଲ୍ୟ ୮୦୦ କୋଟି ଟଙ୍କା। ସୈଫ୍ ଅଲ୍ଲୀ ଖାଁ ମୁମ୍ବାଇରେ ରହୁଥିବାରୁ ବର୍ତ୍ତମାନ ଏହା ହିନ୍ଦୀ ଚଳଚ୍ଚିତ୍ର ସୁଟିଂ ପାଇଁ ବ୍ୟବହାର କରାଯାଉଛି ଯାହାର ଆୟ ସୈଫ୍ ଅଲ୍ଲୀ ଖାଁଙ୍କ ପାଖକୁ ଯାଉଛି।

ଭୋପାଳ ସେତେବେଳେ ଭାରତର ଏକ ବଡ଼ ଓ ସମୃଦ୍ଧ ରାଜ୍ୟ ଥିଲା। ୧୯୪୭ ମସିହାରେ ଭାରତ ସ୍ୱାଧୀନତା ହାସଲ କରିବା ପରେ ରାଜାରାଜୁଡ଼ା ଶାସନର ଅବସାନ ଘଟିଲା। ଭୋପାଳ ନବାବ ହମିଦୁଲ୍ଲା ଖାଁ ନିଜର ସ୍ୱାଧୀନତା ଓ ସମ୍ପତ୍ତି ହରେଇବା ଭୟରେ ପାକିସ୍ତାନ ସହିତ ରହିବାକୁ ଚାହୁଁଥିଲେ। ଭୋପାଳ ସହିତ ସେ ରାଜସ୍ଥାନର ଅଧାଅଂଶକୁ ପାକିସ୍ତାନରେ ମିଶେଇବାକୁ ଚକ୍ରାନ୍ତ କରିଥିଲେ। ସେ ନିଶ୍ଚିତ ଥିଲେ ଯେ ଜିନ୍ନାଙ୍କ ପରେ ପାକିସ୍ତାନର ଗଭର୍ଣ୍ଣର ସେ ହେବେ। ତାଙ୍କର ଏହି ଚେଷ୍ଟାକୁ ପଣ୍ଡ କରିଦେଇଥିଲେ ମାରୱାଡ଼ର ରାଣା ଭୂପାଳ ସିଂହ। ଆଖପାଖର ସବୁ ରାଜ୍ୟ ଭାରତରେ ବିଲୀନ ହେବା ପରେ ପଟୌଦୀ ରାଜବଂଶ ପାଖରେ କିଛି ବିକଳ୍ପ ନଥିଲା। ତାହା ଭାରତରେ ମିଶିଲା। ୧୯୫୨ ମସିହାରେ ପୋଲୋ ଖେଳୁଥିବା ସମୟରେ ମାତ୍ର ୪୨ ବର୍ଷ ବୟସରେ ଇଫ୍‌ତିକାର ଅଲ୍ଲୀ ଖାଁଙ୍କର ହୃଦ୍‌ଘାତରେ ମୃତ୍ୟୁ ହେବା ପରେ ତାଙ୍କ ପୁଅ ମନ୍‌ସୁର୍ ଅଲ୍ଲୀ ଖାଁ ପଟୌଦୀର ନବମ ନବାବ ହେଲେ। ସାଜିଦା ସୁଲତାନ୍ ସାଂସଦ ଭାବରେ ନିର୍ବାଚିତ ହୋଇ ଦିଲ୍ଲୀରେ ରହିଲେ।

ଭୋପାଳ ନବାବ ନିଜର ପରିବାର ଧରି ପାକିସ୍ତାନ ଚାଲିଗଲେ। ଭାରତରେ କେବଳ ଥିଲେ ତାଙ୍କର ବିବାହିତା କନ୍ୟା ସାଜିଦା ସୁଲତାନ୍। ତେଣୁ ସେ ଭୋପାଳ ରାଜପ୍ରାସାଦ ଏବଂ ସମ୍ପତ୍ତିର ମାଲିକ ହେଲେ। ବର୍ତ୍ତମାନ ଏହାର ମୂଲ୍ୟ ୧୫୦୦୦ କୋଟି ଟଙ୍କା। ନିଜ ପୂର୍ବପୁରୁଷଙ୍କର ବିଶ୍ୱାସଘାତକତାର ଉପହାର ଭାବରେ ସୈଫ୍ ଅଲ୍ଲୀ ଖାଁ ୨୩୦୦୦ କୋଟି ଟଙ୍କା ସମ୍ପତ୍ତିର ମାଲିକ। ଭୋପାଳର ସମ୍ପତ୍ତିକୁ ନେଇ ମଧ୍ୟପ୍ରଦେଶ ସରକାର ଏବଂ ପଟୌଦୀ ପରିବାର ଭିତରେ ଚାଲିଥିବା ନ୍ୟାୟିକ ମାମଲାର ବିଚାର କରି ଏବେ ମାନ୍ୟବର ଭୋପାଳ ଉଚ୍ଚ ନ୍ୟାୟାଳୟ ୨୦୧୫ ମସିହାରୁ ଚାଲି ଆସୁଥିବା ସ୍ଥିତାବସ୍ଥା ଉଠେଇ ଦେଇଛନ୍ତି। ତେଣୁ ୧୯୬୮ ମସିହାର ଏନେମି ପ୍ରପର୍ଟି ଆକ୍ଟ ଆଧାରରେ ଏହା ସରକାରୀ ସମ୍ପତ୍ତି ବୋଲି ଘୋଷିତ ହୋଇପାରେ।



କଟକ, (ଭାସ୍କର ନ୍ୟୁଜ୍): ମୋ କଟକ ସୁରକ୍ଷା ମଞ୍ଚର ୫ମ ସ୍ୱନକ୍ଷତ୍ର ଉତ୍ସବ ଯୋବ୍ରା ସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ମଞ୍ଚର ମୁଖ୍ୟ ଉପଦେଷ୍ଟା ଚୌଧୁରୀ ପ୍ରଭାତ କେଶରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ କଟକ ସାଂସଦ ଭର୍ତ୍ତୃହରି ମହତାବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାଂସଦ ମହତାବଙ୍କୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଜିତେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିବା ପରେ ମୁଖ୍ୟ ଅତିଥିଭାବେ ମେୟର ସୁବାଷ ସିଂ ଯୋଗଦେଇ 'ମୋ କଟକ ସୁରକ୍ଷା ମଞ୍ଚ' କରୁଥିବା ଜନହିତକର କାର୍ଯ୍ୟ ସମ୍ପର୍କରେ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ବିଜେପି ନେତ୍ରୀ ନମିତା ମଞ୍ଜରୀ ସାହୁ, ଯୁବ ସମାଜସେବୀ ଶୋଭେନ ମହାନ୍ତି, ସମାଜସେବୀ ସୁଶୀଲ ନାଥ, ଉପଦେଷ୍ଟା ଅଶୋକ ମହାନ୍ତି,ସ୍ଥାନୀୟ କର୍ପୋରେଟର ଜେ.କାମେଶ୍ୱର ରାଓ ପ୍ରମୁଖ ଯୋଗଦେଇ ମୋ କଟକ ସୁରକ୍ଷା ମଞ୍ଚ କଟକର ଉନ୍ନତି ନିମନ୍ତେ କରୁଥିବା କାର୍ଯ୍ୟ ବିଷୟରେ ସମ୍ୟକ ଆଲୋକପାତ କରିଥିଲେ। ଆଗାମୀ ଦିନରେ କଟକ ସହରବାସୀଙ୍କ ମୌଳିକ ଅଧିକାର, ସମସ୍ୟାର ସମାଧାନ ଏବଂ ସୁରକ୍ଷା ନିମନ୍ତେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଜାତୀୟ ମତଦାତା ଦିବସ ଓ ବାଲ୍ୟ ବିବାହ ସଚେତନତା ସଭା




ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ଓ ବାଲ୍ୟ ବିବାହ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଜିତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଧ୍ୟାପକ ଗୌରାଙ୍ଗ ଚରଣ ମହାରଣା, ଅନୀଲ କୁମାର ଧିର, ଗ୍ରନ୍ଥାଗାରିକ ନନ୍ଦକିଶୋର ଧିର ଓ ମୁଖ୍ୟ କିରାଣୀ କୈଳାସଚନ୍ଦ୍ର ବେହେରା ମଞ୍ଚାସୀନ ହୋଇ ସୁଦୃଢ଼ ଗଣତନ୍ତ୍ର ପାଇଁ ଶତ ପ୍ରତିଶତ ମତଦାନ କରିବା ଓ ୨୧ ବର୍ଷ ହେବାମାତ୍ରେ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବାକୁ କହିଥିଲେ। ଏହି ଅବସରରେ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ବାଲ୍ୟବିବାହ ଏକ ଘୃଣ୍ୟ ସାମାଜିକ ପ୍ରଥା। ବାଲ୍ୟବିବାହ ଅନୁମୋଦନ ଫଳରେ ମାନବିକତାର ହନନ ହୋଇଥାଏ ବୋଲି ବକ୍ତାମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହା ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ମିଳିତ ଭାବରେ ଜାତୀୟ ମତଦାନ ଦିବସ ପରିପ୍ରେକ୍ଷୀରେ ସ୍ୱଚ୍ଛ ଓ ନିର୍ମଳ ମନରେ ମତଦାନ କରିବାକୁ ଶପଥ ଗ୍ରହଣ କରିଥିଲେ। ଅଧ୍ୟାପକ କରୁଣାକର ରାଉଳ ଓ ହେମନ୍ତ ରାଉତ ଏହି ସଭାର ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମଣିନାଥପୁର ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବକୁ ମୁଖ୍ୟ ଅତିଥି ସରପଞ୍ଚ ପରମାନନ୍ଦ ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କ୍ରୀଡ଼ା ୩ ବର୍ଗରେ ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୨୧୩ ପ୍ରତିଯୋଗୀ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ପର୍ଯ୍ୟାୟର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ, ଡିସକସ ଥ୍ରୋ ଆଦି ବିଭାଗରେ କ୍ରୀଡା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଶାନ୍ତ କୁମାର କୁଣ୍ଡୁ, ଜ୍ୟୋତିରଞ୍ଜନ ପ୍ରଧାନ, ଶରତ ଆଟୋଇ, ଅରୁଣି ବେହେରା, ପ୍ରଭାତ ମଞ୍ଜରୀ ଜେନା, ରିତାଞ୍ଜଳୀ ମହାନ୍ତି, ରଶ୍ମିରେଖା ରାଉତ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ପ୍ରାଥମିକ ବାଳକ ବିଭାଗରେ ପରେଶ ଖଟୁଆ, ବାଳିକା ବିଭାଗରେ ରାଜଲକ୍ଷ୍ମୀ ରାଉତ, ମାଧ୍ୟମିକ ବାଳକ ବିଭାଗରେ ପ୍ରଭଞ୍ଜନ ସାମଲ, ବାଳିକା ବିଭାଗରେ ମାହେଶ୍ୱରୀ ବେହେରା, ଉଚ୍ଚ ମାଧ୍ୟମିକ ବାଳକ ବିଭାଗରେ ଗଣେଶ କୁମାର ରାଉତ ଓ ବାଳିକା ବିଭାଗରେ ମୋନାଲିସା ନାଥ ଚାମ୍ପିଅନ ହୋଇଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ତଥା ଅଧ୍ୟାପକ ଅନାଦି ଚରଣ ସାହୁଙ୍କ ସଞ୍ଚାଳନରେ ଶୁକ୍ରବାର ଅନୁଷ୍ଠିତ ବାର୍ଷିକୋତ୍ସବରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ମଣ୍ଡଳ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟବକ୍ତା, ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ନାୟକ, ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ନନ୍ଦ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ଚିନ୍ତାମଣି ନାୟକ, ବିଦ୍ୟାଳୟ କମିଟି ସଭାପତି ମନୋଜ ଦାସ, ମୋ ସ୍କୁଲ ଅଭିଯାନ ସଭାପତି ଗଜେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଉପାନ୍ତ ବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଦ୍ୱାଦଶ ଶ୍ରେଣୀ କାଉନସିଲ ପରୀକ୍ଷା କେନ୍ଦ୍ର ଅନୁମୋଦନ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିବା ସହ ବିଦ୍ୟାଳୟର ନାନା ସମସ୍ୟାର ସମାଧାନ ପାଇଁ ଦାବି ରଖିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜ୍ୟୋତିରଞ୍ଜନ ପ୍ରଧାନ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଅତିଥି ପରିଚୟ ଓ ଥାଟୋଇ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ରବିନ୍ଦ୍ର କୁମାର ପାଢୀ, ଶ୍ୟାମାଶଙ୍କର ଦାଶ, ଜ୍ୟୋତିପ୍ରକାଶ ସ୍ୱାଇଁ, ମିନତୀ ଓଝା, ଶିକ୍ଷକ ଦିପ୍ତିରଞ୍ଜନ ଶେଣ୍ଠ, ବାସୁଦେବ ସୋରେନ, ଶେଖ ଆଫ୍ରୁଦ୍ଦିନ, ରମେଶ ରାଉତ, କାର୍ଯ୍ୟାଳୟ ସହାୟକ ପ୍ରକାଶ ଚନ୍ଦ୍ର ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଭୁବନେଶ୍ୱର ଗୁଳିକାଣ୍ଡ ଘଟଣାରେ ଜଗତସିଂହପୁରର ମହିଳା ଅଟକ

ଜଗତସିଂହପୁର, (ଭାସ୍କର ନୀୟୁଜ): ଜଗତସିଂହପୁର ଭୁବନେଶ୍ୱର ବିଜେପି ନଗର ଠାରେ ଜଣେ ବିଲ୍ଡର ସହଯୋଗୀଙ୍କ ଉପରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଗତକାଲି ଭୁବନେଶ୍ୱର ବଡ଼ଗଡ଼ ପୋଲିସ ଜଗତସିଂହପୁର ଥାନା ଅଧିନ ବଳରାମପୁର ପଞ୍ଚାୟତର ପୋକପୁର ଗାଁରୁ ଜଣେ ମହିଳାକୁ ଉଠେଇ ନେଇଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଗୁଳିକାଣ୍ଡ ଘଟଣାରେ ୪ ଯୁବକ ବ୍ୟବହାର କରୁଥିବା ଗାଡ଼ିର ନମ୍ବରକୁ ପିଛା କରି ଜଗତସିଂହପୁରଠାରେ ପହଞ୍ଚି ଥିଲେ ଓ ଘଟଣା ସହିତ ଜଡ଼ିତ ପୋକପୁର ଗାଁର ଜଣେ ଯୁବକକୁ ନପାଇ ତାଙ୍କ ସ୍ତ୍ରୀକୁ ବିଳମ୍ବିତ ରାତିରେ ଉଠାଇ ନେଇଥିବା ପ୍ରକାଶ ପାଇଛି। ମାତ୍ର ପୋଲିସ ପକ୍ଷରୁ ସ୍ୱଷ୍ଟ ସୂଚନା ଦିଆଯାଇନାହିଁ।

# କିଟ୍ ଏବଂ କିସ୍ ପକ୍ଷରୁ ପୁରୀରେ ମିନି ମାରାଥନ୍

ପୁରୀ, (ଭାସ୍କର ନ୍ୟୁଜ) : କିଟ୍ ଏବଂ କିସ୍ ପକ୍ଷରୁ ପୁରୀରେ ମିନି ମାରାଥନ୍ ଆରମ୍ଭ ହୋଇଛି। ଚଳିତ ବର୍ଷର ଥିମ ରହିଛି ସମସ୍ତଙ୍କ ପାଇଁ ଶିକ୍ଷା। ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରୁ ମିନି ମାରାଥନ ଆରମ୍ଭ ହୋଇ ଗାନ୍ଧୀଘାଟ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ୨୦୦ଶହରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ମିନି ମାରାଥନ୍‌ରେ ଭାଗ ନେଇଥିଲେ। ବିଶିଷ୍ଟ ସମାଜ ସେବୀ ତଥା କୀଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଏହି ମହାନ ଚିନ୍ତାଧାରାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠି ଓ ଅତିରିକ୍ତ ଏସପି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମିନି ମାରାଥନ୍‌କୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରୁ ବାହାରି ଗାନ୍ଧୀ ସ୍ମୃତି ପୀଠ ଠାରେ ପହଞ୍ଚିଥିଲେ। ସେଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହ ବିଶିଷ୍ଟ ଶିକ୍ଷାବିତ ଡ. ଅଚ୍ୟୁତ ସାମନ୍ତଙ୍କ ବାର୍ତ୍ତା ପଠନ କରାଯାଇଥିଲା।

# ସାହିତ୍ୟ ଘରର ନବମ ସାରସ୍ୱତ ଉତ୍ସବ ଓ କବି ସମ୍ମିଳନୀ



ବାଙ୍କୀ, (ଭାସ୍କର ନ୍ୟୁଜ୍): ୧୯ ଜାନୁଆରୀରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବାଙ୍କୀ ସମ୍ବାଦ ସାହିତ୍ୟ ଘରର ସାରସ୍ୱତ ସମାରୋହ ନିମାଇଁ ଚରଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସମ୍ବାଦ ସାହିତ୍ୟ ଘରର ରାଜ୍ୟ ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଉପଆରକ୍ଷୀ ଅଧିକ୍ଷକ ରାଜକିଶୋର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ସାହିତ୍ୟିକ କାହ୍ନୁଚରଣ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଗତି ପରିଷଦ ବାଙ୍କୀର ସମ୍ପାଦକ ନିମାଇଁ ଚରଣ ସ୍ୱାଇଁ ଓ ସ୍ୱତନ୍ତ୍ର ସମ୍ମାନୀତ ଅତିଥି ଭାବେ ତିଗିରିଆ ଅଞ୍ଚଳର ବିଶିଷ୍ଟ କବି ଡ. ଶରତ ଚନ୍ଦ୍ର ମାଝୀ (ରସିକ କବି) ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଅଭିଭାଷଣ ରଖି ବାର୍ତ୍ତାଧର୍ମୀ ସାହିତ୍ୟ ରଚନା କରିପାରିଲେ ସମାଜରେ ସୁଧାର ଆସିବ ବୋଲି ଦୃଢ଼ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ଶୁଭଶ୍ରୀ ଲେଙ୍କା ବୃକ୍ଷରୋପଣ ଓ ରକ୍ତଦାନ ଉପରେ ଗୁରୁତ୍ୱାରୋପ କରି କହିଲେ ଯେ, 'ରକ୍ତଦାନ' ମହତଦାନ। ଇଚ୍ଛୁକ ବ୍ୟକ୍ତି ରକ୍ତଦାନ କରିପାରିଲେ ଅନ୍ୟର ଜୀବନ ରକ୍ଷା ହୋଇପାରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ରକ୍ତଦାନ ଭଳି ମହତ କାର୍ଯ୍ୟରେ ସମସ୍ତ କବି ଓ କବୟିତ୍ରୀ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ନିବେଦନ କରିଥିଲେ। ଏହି ଉତ୍ସବର ପ୍ରାରମ୍ଭରେ ପ୍ରାଧାପକ ମନୋଜ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଫେସର ଡ. କୁଳମଣି ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାହିତ୍ୟ ସାଣିତ ହୋଇପାରିଲେ ପାଠକ ମନକୁ ଛୁଇଁପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବଡ଼ମ୍ବା ସମ୍ବାଦ ସାହିତ୍ୟ ଘରର ସଭାପତି ଧନେଶ୍ୱର ସ୍ୱାଇଁ କହିଥିଲେ ଯେ, ସାହିତ୍ୟ ହେଉଛି ସଞ୍ଜୀବନୀ ସଦୃଶ। ଏହା ସୁପ୍ତପ୍ରାଣରେ ଚେତନାର ଆବେଗ ଭରିଦିଏ ଓ ସାହିତ୍ୟ ବୋଧଗମ୍ୟ ହୋଇ ପାରିଲେ ଏହାର ପାଠକୀୟ ଆଦୃତି ବଢ଼ିଥାଏ। ଏହି କବିତା ପାଠୋତ୍ସବରେ ବଡ଼ମ୍ବା, ତିଗିରିଆ, ନରସିଂହପୁର, ନୟାଗଡ଼, ଜଗତସିଂହପୁର, ବୋଲଗଡ଼, ଡମପଡ଼ା, ଖୋର୍ଦ୍ଧା, ଆଠଗଡ଼ ଓ ଜଗତସିଂହପୁର ଅଞ୍ଚଳରୁ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ। ସମସ୍ତ କବିତାଗୁଡ଼ିକୁ କବି ମନ୍ମଥ ସ୍ୱାଇଁ ଓ କବି ନରୋତ୍ତମ ବେହେରା ଅତି ଚମତ୍କାର ଭାବେ ସଂଯୋଜନା କରିଥିଲେ। ପରିଶେଷରେ ବାଙ୍କୀ ସମ୍ବାଦ ଘରର ସମ୍ପାଦକ କବି ଶିକ୍ଷକ ବିଦ୍ୟାଧର ଖଟୁଆ ସମ୍ବାଦ ସାହିତ୍ୟ ଘରର ପ୍ରାଣପ୍ରତିଷ୍ଠାତା ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଉପରେ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଲା ନୂତନ ଏକ୍ସରେ ମେସିନ୍



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ତାଙ୍କ ନିର୍ବାଚନ ମଣ୍ଡଳରେ ବହୁ ବିକାଶମୂଳକ କାର୍ଯ୍ୟ କରୁଥିବା ବେଳେ ପରିଡ଼ା ଲୋକ ମାନଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଡ଼ା କିଛିଦିନ ତେଳ ପରିଦର୍ଶନରେ ଯାଇଥିବା ବେଳେ ଏକ୍ସରେ ମେସିନ୍ ନଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ଉପ-ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ତୁରନ୍ତ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଏକ ନୂତନ ଏକ୍ସରେ ମେସିନ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରିଥିବା ବେଳେ ବହୁ ରୋଗୀ ଦୂର ଦୂରାନ୍ତକୁ ଖର୍ଚ୍ଚାନ୍ତ ହୋଇ ନଯାଇ ଏଠାରେ ଚିକିତ୍ସା ହୋଇପାରିବେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ଏକ୍ସରେ ମେସିନ୍ ନଥିବାରୁ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ପ୍ରଶାନ୍ତ କୁମାର ସାମନ୍ତରାୟ ଅବଗତ କରାଇଥିଲେ। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଏକ ଏକ୍ସରେ ମେସିନ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରିଥିବା ବେଳେ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସେର ଏହାକୁ ଆନୁଷ୍ଠାନିକ ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏହିଭଳି ଏକ ଖୁସି ମୁହୂର୍ତ୍ତରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ ଆକାଉଣ୍ଟାଟ୍ ମ୍ୟାନେଜର ଆଶୁତୋଷ ମିଶ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ଥିବା ଅନ୍ୟ ସରଞ୍ଜାମ ଶୀଘ୍ର ପହଞ୍ଚିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ପରିଡ଼ା ନିମାପଡ଼ା ନିର୍ବାଚନ ମଣ୍ଡଳୀ ଉପେର ବିଶେଷ ଦୃଷ୍ଟି ଦେଇଥିବା ବେଳେ କିପରି ଲୋକମାନେ ସୁବିଧା ସମୟରେ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ସମ୍ପର୍କରେ ବିଶେଷ ଦୃଷ୍ଟି ଦେଇଛନ୍ତି।

# ଫେବୃଆରୀ ୪ରେ ଉଦୟବଟ ଧାମରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ଉପକଣ୍ଠ ସ୍ଥିତ ମାଳିକା ପ୍ରସିଦ୍ଧ ଉଦୟ ବଟ ଧାମରେ ମହାପ୍ରଭୁ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ପୂର୍ଣ୍ଣାଙ୍ଗ ରୂପ ନେଇଛି। ଏହି ନବ ନିର୍ମିତ ମନ୍ଦିରର ପୁଣ୍ୟ ପ୍ରତିଷ୍ଠା ଉତ୍ସବ ଆସନ୍ତା ଫେବୃଆରୀ ୧ ଠାରୁ ୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଫେବୃଆରୀ ୪ ତାରିଖ ପବିତ୍ର ମାଘ ସପ୍ତମୀ ତିଥିରେ ମହାପ୍ରଭୁଙ୍କ ଶ୍ରୀବିଗ୍ରହ ନବ ନିର୍ମିତ ମନ୍ଦିରର ରତ୍ନ ସିଂହାସନରେ ବିଜେ କରିବେ। ଏହି ଉପଲକ୍ଷେ ପ୍ରତିଦିନ ଭଜନ, କୀର୍ତ୍ତନ, ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ଦାସମହାପାତ୍ର, ଜଗତସିଂହପୁର ସାଂସଦ ଡକ୍ଟର ବିଭୁ ପ୍ରସାଦ ତରାଇ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ମହାନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମହାପ୍ରଭୁ ଜଗନ୍ନାଥଙ୍କ କୃପା ଲାଭ କରିବା ପାଇଁ, ଉଦୟ ବଟ ଧାମ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ପାରାଦ୍ୱୀପ ଅନ୍ତେବାସୀ ତଥା ଜଗନ୍ନାଥ ପ୍ରେମୀ ସାଧୁସନ୍ଥ, ଗୁଣି ଜ୍ଞାନୀ ବ୍ୟକ୍ତି ବିଶେଷ କରି ଜଗନ୍ନାଥ ଅନୁଗାମୀ ଶ୍ରଦ୍ଧାଳୁମାନଙ୍କୁ ସାଦର ନିମନ୍ତ୍ରଣ କରାଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁ, କୋଷାଧକ୍ଷ ମଦନ ମୋହନ ସ୍ୱାଇଁ, ନବଘନ ସ୍ୱାଇଁ, ଗଗନ ବିହାରୀ ସାହୁ ଓ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କାଇଚଟଣୀ ଗବେଷକ ଇଂ ନୟାଧର ପଢିଆଲଙ୍କ ଦେହାନ୍ତ

ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜର କାଇଚଟଣୀ ଗବେଷକ ଇଂ ନୟାଧର ପଢିଆଲ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ହୃଦରୋଗ ଜନିତ ଚିକିତ୍ସା ଚାଲିଥିବା ଅବସ୍ଥାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। କରୋନା କାଳରେ ସାଧାରଣରେ ଶିମିଳିପାଳର କାଇଚଟଣୀର ଔଷଧୀୟ ଗୁଣ ବିଷୟରେ ଅବଗତ କରାଇବା ସହ ତାଙ୍କ ପ୍ରଚେଷ୍ଟାରେ କାଇଚଟଣୀକୁ ଭାରତ ସରକାରଙ୍କ ପକ୍ଷରୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିପାରିଥିଲା। ବାରିପଦା ପୂର୍ତ୍ତ ବିଭାଗରେ ସେ ସହକାରୀ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଥିଲେ ମଧ୍ୟ ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ଯୋଡିତ ହୋଇ ଅନେକ ଉତ୍ସର୍ଗୀକୃତ ସେବା ପ୍ରଦାନ କରୁଥିଲେ। ସେ ଜଣେ ଉଚ୍ଚକୋଟୀର ଓ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ବିୟୋଗ ମୟୂରଭଞ୍ଜ ବାସୀଙ୍କୁ ଗଭୀର ଦୁଃଖ ପହଞ୍ଚାଇଛି। ଶନିବାର ବାରିପଦା ସ୍ଥିତ ବାସଭବନରେ ତାଙ୍କୁ ଶେଷ ଦର୍ଶନ ନିମନ୍ତେ ବହୁ ପ୍ରତିଷ୍ଠିତ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ସହଭାଗୀ ପରାମର୍ଶ ବୈଠକ ଓ ସଚେତନତା ଅଭିଯାନ ଆୟୋଜିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜାତୀୟ କନ୍ୟା ଶିଶୁ ଦିବସ ୨୦୨୫ ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଏବଂ ହମାରା ବଚପନ୍ ଟ୍ରଷ୍ଟ (ଏଚବିଟି) ଦ୍ୱାରା କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସହଭାଗୀ ପରାମର୍ଶ ବୈଠକ ଆୟୋଜିତ ହୋଇଥିଲା। ଶିଶୁ ବିବାହ, ଚାଲାଣ ଏବଂ ଶିଶୁ ଶ୍ରମିକ ଆଦି ଜଟିଳ ପ୍ରସଙ୍ଗଗୁଡ଼ିକ ପ୍ରତି ଏକ ଏକୀକୃତ ଆଭିମୁଖ୍ୟ ଜରିଆରେ ଦୃଷ୍ଟିଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଏଚ୍‌ବିଟି ପକ୍ଷରୁ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ୍ସ ଫାଉଣ୍ଡେସନ (କେଏସସିଏଫ) ସହିତ ସହଯୋଗୀତାରେ ୨୦୨୩ ମେ ମାସରୁ କାର୍ଯ୍ୟକାରୀ ହୋଇଆସୁଥିବା 'ଆକ୍‌ସେସ ଟୁ ଜଷ୍ଟିସ' (ନ୍ୟାୟ ପାଇବାର ସୁଯୋଗ) କାର୍ଯ୍ୟକ୍ରମ ଏକ ନିରାପଦ ଗୋଷ୍ଠୀ ସୃଷ୍ଟି ଏବଂ ପିଲାମାନଙ୍କର ଅଧିକାର ସୁରକ୍ଷିତ କରିବାକୁ ହାଟଡିହି,ବାଂଶପାଳ,ସଦର, ହରିଚନ୍ଦନପୁର, ପଟଣା ଏବଂ ଘଟଗାଁ ଆଦି ଛଅଟି ବ୍ଲକ୍‌ର ସମସ୍ତ ୧୫୦ଗ୍ରାମରେ କାର୍ଯ୍ୟକାରୀ ହେଉଛି। ପରାମର୍ଶ ମୂଳକ ବୈଠକରେ ସରକାରୀ ଅଧିକାରୀ, ଅଙ୍ଗନବାଡି କର୍ମୀ, ବିଭିନ୍ନ ବ୍ଲକରୁ କିଶୋରୀବାଳିକା, ଗୋଷ୍ଠୀ ସଦସ୍ୟ, ଶିଶୁ ସୁରକ୍ଷା ବିଶାରଦ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧିଙ୍କ ସମେତ ୨୫୦ରୁ ଅଧିକ ସହଭାଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବରେ ତେଲକୋଇ ବିଧାୟକ ଏବଂ ତାଙ୍କ ସହିତ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ଏଡିଏମ୍), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ), ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ), ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ର ଚେୟାରପର୍ସନ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ପ୍ରମୁଖ ଯୋଗଦେଇ କେନ୍ଦୁଝର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିବା ଏବଂ ଜିଲ୍ଲାରେ ପିଲାମାନଙ୍କ ପାଇଁ ଏକ ନିରାପଦ, ଅଧିକ ସମର୍ଥନକାରୀ ପରିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ସମାବେଶୀ ପ୍ରୟାସର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିବସ ପାଳନ କାର୍ଯ୍ୟକ୍ରମର ଅଂଶ ଭାବରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଏକ ସାଇକଲ ରାଲି ଆୟୋଜନ କରାଯାଇଥିଲା, ଯେଉଁଥିରେ ୧୦୦ରୁ ଅଧିକ ଅଂଶଗ୍ରହଣ କାରୀ ରହିଥିଲେ। ଏହି ରାଲି ବାଲ୍ୟ ବିବାହାର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ସଚେତନତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିବା ସହିତ ଏହାକୁ ରୋକିବା ନିମନ୍ତେ ସାମୂହିକ ପଦକ୍ଷେପକୁ ଉତ୍ସାହିତ କରିଥିଲା।

# ବନ୍ୟଜନ୍ତୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଜଙ୍ଗଲ ସୃଷ୍ଟି ନେଇ ଦାବି



ପାରାଦ୍ୱୀପ/ କୁଜଙ୍ଗ/ ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅନ୍ତର୍ଗତ ଡିଙ୍କିଆ ଚାରିଦେଶ ଅଞ୍ଚଳସ୍ଥ ନୂଆଗାଁ ଗ୍ରାମରେ ପୁନର୍ବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅଞ୍ଚଳରେ ମାରାତ୍ମକ ଜେଏସଡବ୍ଲୁ କମ୍ପାନୀର କାରଖାନା ପ୍ରତିଷ୍ଠା ପାଇଁ ଯେଭଳି ଭାବେ ସମୁଦ୍ରକୂଳ ବେଳାଭୂମିରେ ସୃଷ୍ଟ ଜଙ୍ଗଲର ଧ୍ୱଂସ ପ୍ରକ୍ରିୟା ଜାରି ରହିଛି, ସେଥିରେ ବିରଳ ପ୍ରଜାତିର ବନ୍ୟପ୍ରାଣୀମାନେ ଅକାଳ ବିପଦରେ ପଡ଼ି ମୃତ୍ୟୁମୁଖରେ ପଡୁଛନ୍ତି। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବନ୍ୟପ୍ରାଣୀମାନେ ନିକଟସ୍ଥ ଗାଁ' ମୁହାଁ ହେବାରେ ଲାଗିଛନ୍ତି। ଏଭଳି ଘଟଣାକ୍ରମରେ ଶନିବାର ଦିନ ଏକ ବିରଳ ପ୍ରଜାତିର ମାଈ ହରିଣଟି ଜେଏସଡବ୍ଲୁ କମ୍ପାନୀର ଜଙ୍ଗଲ ଧ୍ୱଂସ ପ୍ରଭାବରେ ପ୍ରଭାବିତ ହୋଇ ପିଲା ହରିଣଙ୍କୁ ଛାଡି ଜୀବନ ବିକଳରେ ନୂଆଗାଁ ଗ୍ରାମ ଭିତରକୁ ପଶି ଆସିଥିଲା। ଗ୍ରାମର ଲୋକମାନେ ଉକ୍ତ ହରିଣକୁ ଉଦ୍ଧାର କରି ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ତେବେ ଏହି ସ୍ଥାନରେ ଜେଏସଡବ୍ଲୁ ପ୍ରକଳ୍ପ ନିର୍ମାଣ କରିବା ଭୁଲ୍ ନିଷ୍ପତି ଯୋଗୁଁ ବନ୍ୟ ପ୍ରାଣୀ ସମେତ ସାଧାରଣ ଗ୍ରାମବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ସମ୍ବେଦନଶୀଳ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଜେଏସଡବ୍ଲୁ କମ୍ପାନୀ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ସୁଶାନ୍ତ ଶେଖର ସ୍ୱାଇଁ ସରକାରଙ୍କ ଠାରେ ଦାବୀ କରିଛନ୍ତି। ସୂଚନା ଥାଉକି ପୂର୍ବରୁ ଅନେକବାର ଏହିଭଳି ହରିଣ ଧରାପଡିବ ଏବଂ ମୃତ ହରିଣ ଠାବ ହୋଇଥିଲା। ତେବେ ଜଙ୍ଗଲ ପଦା ଯୋଗୁଁ ବନ୍ୟଜନ୍ତୁ ଏବେ ବାସହରା ହୋଇ ଗ୍ରାମ ଓ ସହର ମୁହାଁ ହେବାରେ ଲାଗିଛନ୍ତି। ତେଣୁ ଏମାନଙ୍କ ସୁରକ୍ଷା ପାଇଁ ସରକାର କିମ୍ବା କମ୍ପାନୀ କର୍ତୃପକ୍ଷ ସ୍ୱତନ୍ତ୍ର ଜଙ୍ଗଲ ସୃଷ୍ଟି କରିବା ନେଇ ସ୍ୱାଇଁ ଦାବୀ କରିଛନ୍ତି।

## ସୁକାନ୍ତ ହେଲେ ବିଜେପି କଟକ ଜିଲ୍ଲା ସଭାପତି

ନିଆଳି, (ଭାସ୍କର ନ୍ୟୁଜ୍): ନିମାପଡ଼ା ମହାବିଦ୍ୟାଳୟ ଛାତ୍ର ସଂସଦର ପ୍ରାକ୍ତନ ସଭାପତି ତଥା କଟକ ଲୋକସଭା ସଂଯୋଜକ ସୁକାନ୍ତ କୁମାର ବିଶ୍ୱାଳଙ୍କୁ କଟକ ଜିଲ୍ଲା ବିଜେପି ସଭାପତି ଭାବେ ଘୋଷଣା କରାଯାଇଛି। ସେ ଛାତ୍ର ଜୀବନରୁ ଏବିଭିପି ଓ ଆର.ଏସ.ଏସ ସହ ସଂଶ୍ଳିଷ୍ଟ ଥିଲେ। ରାଜ୍ୟ ଓ ବିସି ମୋର୍ଚ୍ଚା ଉପ ସଭାପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ସେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନିଆଳି ବିଧାୟକ ଇ. ଛବି ମଲ୍ଲିକ, ସଦର ବିଧାୟକ ଇ. ପ୍ରକାଶ ସେଠିଙ୍କୁ କୃତଜ୍ଞତା ଜଣାଇଛନ୍ତି ଏବଂ ସମଗ୍ର କଟକ ଜିଲ୍ଲାରେ ବିଜେପି ସଂଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସମସ୍ତ ମଣ୍ଡଳ ସଭାପତିମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସାମାଜିକ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ (ସିଭିପି) ପକ୍ଷରୁ ବିଶ୍ୱାଳଙ୍କୁ ସ୍ୱାଗତ କରାଯାଇଛି।



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଆଗ୍ରାହାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ଶିଶୁ ଶିବିର ଓ ପୁରାତନ ଛାତ୍ର ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶତ୍ରୁଘ୍ନ ବେହେରା ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ସର୍ବଭାରତୀୟ ଶିକ୍ଷକ ନେତା ପ୍ରତାପ କିଶୋର ମହାପାତ୍ର, ଉପସଭାପତି ବିଜୟ କୁମାର ଜେନା, ସମାଜସେବୀ ସହଦେବ ବରାଳ ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଏଥିରେ ପ୍ରାୟ ୧୮୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପୂର୍ବତନ ଛାତ୍ର ସଂସଦର ସମ୍ପାଦକ ରତିରଞ୍ଜନ ସାହୁ, କାର୍ଯ୍ୟକାରୀ ସଦସ୍ୟ ସତିଶ୍ ବେହେରା, ଲିସା ପୁଷ୍ଟି ଯୋଗ ଦେଇ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଆଚାର୍ଯ୍ୟ ଚିତ୍ତରଂଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀଗୁରୁମା ଓ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଆଚାର୍ଯ୍ୟା ନିରୂପମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




କୋରାପୁଟ, (ଭାସ୍କର ନ୍ୟୁଜ) : ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସରକାରଙ୍କ ନିଷ୍ପତିକୁ ବିରୋଧ କରି ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି । ୧୫ବର୍ଷ ଧରି ଜୀବିକା ମିଶନରେ କାମ କରି ଆସୁଥିବା ଇସିଙ୍କୁ ଡାଟାଂଗତ ପରିବର୍ତନ ନାଁରେ ଛଟେଇ କରିବାକୁ ଯୋଜନା କରାଯାଉଛି ବୋଲି ଅଭିଯୋଗ କରିଥିଲେ । ଏଆଇଟିୟୁସି ସଂଯୁକ୍ତ ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘ ରାଜ୍ୟ ସଭାପତି ଜୟନ୍ତଦାସଙ୍କ ନେତୃତ୍ୱରେ ଶାବର ଶ୍ରୀକ୍ଷେତ୍ରରୁ ଶତାଧିକ ଜୀବିକା ମିଶନ କର୍ମଚାରୀ ଶୋଭାଯାତ୍ରାରେ ବାହାରିଥିଲେ । ଏଥିରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସଂଘର ଜିଲ୍ଲା ସଭାପତି ଜ୍ୟୋତିରେଖା ଚେଟ୍ଟି, ଜିଲ୍ଲା ସମ୍ପାଦିକା ସୁଜାତା ପ୍ରାଣିଗ୍ରାହି, ଡିଏସଏଫ ସମ୍ପାଦକ ଧନେଶ୍ୱରୀ ଗୋଲାରୀ, ମିଥୁଲା ଶିଶା, ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ପ୍ରମୋଦ ମହାନ୍ତି, ନିଖିଳି ଓଡିଶା ଏମଡିଏମ୍ ପାଚିକା ସହାୟିକା ସଂଘ ରାଜ୍ୟ ଉପସଭାପତି ଉତ୍ତମ ମଲ୍ଲିକ, ଟ୍ରାନ୍ସପୋର୍ଟ ଓ୍ୱାର୍କର୍ସ ୟୁନିଅନର ଯୁଧିଷ୍ଠିର ରାଉଳ, ନିଖିଳ ଓଡିଶା ଜୀବିକା ମିଶନ ଇସି ସଂଘର ଲକ୍ଷ୍ମୀ ନାୟକ, ପୂର୍ଣ୍ଣିମା ରାଉତ, ହରପ୍ରିୟା ନାୟକ, ଏଲ.ସୁଜାତା, ସସ୍ମିତା ଜାନୀ, ସିତା ଗରାଡ, ମମତା ତୁରୁକ, ସନ୍ଧ୍ୟାରାଣୀ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

# ପୋଲିସ ଦ୍ୱାରା ଉଦ୍ଧାର ଗୋରୁ ବଣ୍ଟନ



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ଗ୍ରାମରେ କିଛି ଦିନ ତଳେ ଏକ ଟ୍ରକରେ ୩୧ଟି ଗୋରୁଗାଈକୁ ନବରଙ୍ଗପୁର ଠାରୁ ଆନ୍ଧ୍ରପ୍ରଦେଶ ଯାଉଥିବା ସମୟରେ ମାଥିଲି ପୋଲିସ ଗାଈଗୁଡ଼ିକୁ ଗୋବିନ୍ଦପାଲି ତନଖି ଫାଟକ ଠାରେ ଉଦ୍ଧାର କରି ଗାଡ଼ି ଚାଳକ ଏବଂ ହେଲପରକୁ ଗିରଫ କରାଯାଇଥିଲା । ସେହି ଜବତ ଗାଈ ଗୁଡ଼ିକୁ ଗୋବିନ୍ଦପାଲ୍ଲୀ ଫାର୍ଣ୍ଡିରେ ରଖା ଯାଇଥିଲା। ପରେ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ, ପୋଲିସ ଉଦ୍ଧାର କରିଥିବା ଗୋରୁଗାଈଙ୍କୁ ସ୍ଥାନୀୟ ଲୋକଙ୍କୁ ଡାକି ଜିମା ଦିଆଯାଇଛି । ନେଇଥିବା ଗୋରୁ ଗାଈଙ୍କୁ ଯତ୍ନର ସହ ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ଆଗାମି ଦିନରେ ଗୋରୁ ଚୋରା ଚାଲାଣକୁ ରୋକିବା ପାଇଁ ପୋଲିସ ପ୍ରଶାସନ ଅଣ୍ଟା ଭିଡ଼ିବ ବୋଲି କହିଥିଲେ।

# ଜାତୀୟ ମତଦାତା ଦିବସ ପାଳିତ





ବଲାଙ୍ଗିର, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗିର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ୧୫ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ କଶୋଲ କଳା ମଣ୍ଡଳ ପରିସରରୁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ବିଜୟାନନ୍ଦ ସେଠୀ, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହି ରାଲିକୁ ଶୁଭାରମ୍ଭ କରିଥିବା ବେଳେ ବହୁ ସଂଖ୍ୟକ ଏନ୍‌ସିସି, ରେଡକ୍ରସ, ସିଭିଲିଆନ ଦଳର ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଏହି ରାଲିରେ ଯୋଗ ଦେଇଥିଲେ । ଉକ୍ତ ରାଲି ମହିଳା ମହାବିଦ୍ୟାଳୟଠାରେ ସମାପ୍ତ ହୋଇଥିଲା ଓ ଏଠାରେ ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀଙ୍କ ସହିତ ଜାତୀୟ ମତଦାତା ଦିବସ ପାଳନର ଆଭିମୁଖ୍ୟ ଓ ଭୋଟଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଏବଂ ଏକ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସ୍ପର୍ଦ୍ଧା ଦ୍ୱାରା ନିଜର ଭୋଟଦାନ ସମ୍ପର୍କିତ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ସହ ମତଦାନ କରିବାକୁ ଶପଥ ନେଇଥିଲେ । ଉକ୍ତ ଦିବସ ଉପଲକ୍ଷେ ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଡ଼ ସେଠୀ କହିଥିଲେ ଯେ ଗଣତନ୍ତ୍ରର ମୁଖ୍ୟ ଉପାଦାନ ଭାବେ ନାଗରିକର ମତଦାନ ଅଧିକାର ସାବ୍ୟସ୍ତ ସହ ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ଆଜିର ଏହି ଦିବସ ପାଳନ କରାଯାଉଛି । ନାଗରିକଙ୍କୁ ମିଳିଥିବା ମତଦାନର ଅଧିକାର ବ୍ୟବହାର ସହ ଭୋଟ ହାର ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ତତ୍ ସହିତ ନୂତନ ଯୁବ ଭୋଟରଙ୍କୁ ଭୋଟଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ ଓ ଏହା ସହ ଜାତୀୟ ମତଦାତା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ଜାତୀୟ ମତଦାତା ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସ୍ତରୀୟ ବକ୍ତୃତା ଓ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ଓ ଏହା ସହିତ ଜିଲ୍ଲାର ବିଭିନ୍ନ ନିର୍ବାଚନୀ ମଣ୍ଡଳରେ ନିର୍ବାଚନ ପ୍ରସ୍ତୁତିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପଞ୍ଚାୟତରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଅଭିଯାନ




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ): ମଇଦାନକେଲ ପଞ୍ଚାୟତର ବାଘୁଆ ସାହିର (୩୨ ଘର) ଅନୁସୂଚିତ ଜନଜାତି ପରିବାର ସେଠାରେ କେଉଁ କାଳରୁ ରହି ଆସୁଛନ୍ତି । ହରିହରପୁର, ମଇଦାନକେଲ, କେରୀ, ବାସୁଦେବପୁର ଓ ବଘୁଆ ସାହିର ୨୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୮ଜଣ ପ୍ରତିନିଧି ମାନଙ୍କୁ ନେଇ ୧୫୮ ହେକ୍ଟର ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ତାଙ୍କୁ ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ଓ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଦୁଇ ଦିନ ଧରି ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି । ଏଥିରେ ରଞ୍ଜୁଲତା ମହାନ୍ତ, କାଞ୍ଚନ ପ୍ରଭା ମହାନ୍ତ ଓ ମଇଦାନକେଲ ନାଏବ ସରପଞ୍ଚ କଳ୍ପନା ମହାନ୍ତଙ୍କ ନେତୃତ୍ୱରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବରିଷ୍ଠ ତାଲିମ୍ ଦାତା ଓ ପରିବେଶବିତ୍ ଭକ୍ତ ବତ୍ସଳ ମହାନ୍ତି, ଆଦିବାସୀ ଗବେଷକ ଡଃ ବିମ୍ବାଧର ବେହେରା, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କିଶୋର ଜେନା, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ସଭାପତି ମନୋଜ କୁମାର ମହାନ୍ତ, ଅଧିବକ୍ତା ଜଗତଜିତା ଦାସ, ସିନ୍ଦୁର ଗୌରୀ ବନ ଧନ ବିକାଶ କେନ୍ଦ୍ର ସମ୍ପାଦିକା କଳ୍ପନା ନାୟକ ପ୍ରମୁଖ ସହଯୋଗରେ ତାଲିମ ପ୍ରଦାନ କରାଯାଇଥିଲା । ତାଲିମ୍ କାଳରେ ଜଙ୍ଗଲ ଅଧିକାର ଆଇନ ୨୦୦୬, ଗୋଷ୍ଠୀ ଜଙ୍ଗଲ ଅଧିକାର, ନିଆଁ ଦାୟୁରୁ ଜଙ୍ଗଲ ସୁରକ୍ଷା, ସଘନ ଫଳ ବୃକ୍ଷ ରୋପଣ, ଗ୍ରାମ ସଫେଇ, ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଓ ବଜାର ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଶେଷରେ ପ୍ରତ୍ୟେକ ଗ୍ରାମରେ ଜଙ୍ଗଲ ନିଆଁ ଦାଉରୁ ସୁରକ୍ଷା, ସଘନ ଫଳ ବୃକ୍ଷ ରୋପଣ, ବନ୍ୟଜନ୍ତୁ ସଂରକ୍ଷଣ, ଗ୍ରାମ ସଫେଇ ଓ ପରିବେଶ ସୁରକ୍ଷା ଅଭିଯାନ ଜାରି ରଖିବାକୁ ନିଷ୍ପତି ନିଆଯାଇଥିଲା ।ଏହାର ଗୁରୁ ଦାୟିତ୍ୱ କାଞ୍ଚନ ପ୍ରଭା ମହାନ୍ତ, ରଞ୍ଜୁ ଲତା ମହାନ୍ତ, କଳ୍ପନା ମହାନ୍ତ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ନେଇଥିଲେ ।

# ଫୁଲବାଣୀ କରୋନେଶନ ପଡିଆରେ ମିନି ମାରାଥନ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : କୀଟ କିସ୍ ତରଫରୁ ଫୁଲବାଣୀ କରୋନେଶନ ପଡିଆରେ ଶିକ୍ଷାକୁ ଲକ୍ଷ୍ୟରେ ରଖି ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଏଥିରେ କନ୍ଧମାଳର କିସ୍ ଆସିଷ୍ଟାଣ୍ଟ ସିଇଓ ଭାଗିରଥି ସେଠୀ ସମସ୍ତ ଦାୟିତ୍ୱ ବହନ କରି ମିନି ମାରାଥନକୁ ସୁଚାରୁ ରୂପେ ତୁଲାଇ ଥିଲେ । ଏଥି ସହିତ କନ୍ଧମାଳ ଏସପି ହରିଶ୍ ବିଶି ଓ ବିଶିଷ୍ଟ କ୍ରୀଡାବିତ୍ ଜିଲ୍ଲା ଶିକ୍ଷା କ୍ରୀଡା ସମ୍ପାଦକ ଶିବ ତ୍ରିପାଠୀ ସବୁଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ସାମିଲ ହୋଇ କରୋନେସନ୍ ପଡ଼ିଆ ଠାରୁ ମାଦିକୁନ୍ଦା ଛକ ପର୍ଯ୍ୟନ୍ତ ଦୌଡ଼ିଥିଲେ । ଉଦ୍‌ଯାପନୀ ସଭାରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ, ଆଞ୍ଚଳିକ ପରିବହନ ଟ୍ରାଫିକ ଇନ୍ସପେକ୍ଟର ଶିବାନୀ ମାଝୀ ପ୍ରମୁଖ ଯୋଗଦେଇ ମାରାଥନର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଅଭିଭାଷଣ ଦେଇଥିଲେ । ମାରାଥନର ସଫଳତା ପାଇଁ କୀଟ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତାନନ୍ଦ ସାମନ୍ତଙ୍କୁ ଧନ୍ୟବାଦ୍ ଦେବା ସହ ଏପରି କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗ୍ୟ ବୋଲି ଅଭି ଭାଷଣରେ ବ୍ୟକ୍ତ କରିଥିଲେ ।




# ‘ଶିକ୍ଷା ସମସ୍ତଙ୍କ ପାଇଁ’ ଉଦ୍ଦେଶ୍ୟରେ ମିନି ମାରାଥନ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସଦର ମହକୁମା ଡିଏନକେ ଷ୍ଟାଡିୟମରୁ ମାଲ୍ୟାବନ୍ତ ହଷ୍ଟେଲ ପର୍ଯ୍ୟନ୍ତ କିସ୍ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ‘ଶିକ୍ଷା ସମସ୍ତଙ୍କ ପାଇଁ’ ଉଦ୍ଦେଶ୍ୟରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କଟାପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ମାଧବ ପାଙ୍ଗି ପତାକା ଦେଖାଇ ମାରାଥନର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ମାଲ୍ୟାବନ୍ତ ହଷ୍ଟେଲରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସମ୍ମାନୀୟ ଅତିଥି ଭାବେ ରତ୍ନାକର ଦାସ, ଗୋପୀକୃଷ୍ଣ ପଟ୍ଟନାୟକ, ଦେବବ୍ରତ ସାନା ଏବଂ ଡ଼ଃ ସୁବ୍ରତ ଜେନା ଯୋଗଦେଇଥିଲେ। କିସ୍ କିଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ଼ଃ ଅଚ୍ୟୁତ ସାମନ୍ତଙ୍କ ଏଭଳି ମହତ ପ୍ରୟାସକୁ ମଞ୍ଚାସୀନ ଅତିଥି ମାନେ ଭୂରୀ ଭୂରୀ ପ୍ରଶଂସା କରିଥିଲେ। ଏହି ମାରାଥନ ଆର୍ଟ ଅଫ ଗିଭିଂର ଏକ ପ୍ରୟାସ ଭଳି କରୁଣ କାର୍ଯ୍ୟ ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣି ବିଶ୍ୱକୁ ଏକତ୍ରିତ କରିବା ପାଇଁ ଉତ୍ସ ଉତ୍ସର୍ଗିକୃତ ଆନ୍ଦୋଳନ। ଏହି ମିନି ମାରାଥନରେ ସ୍ଥାନୀୟ ବିଭିନ୍ନ କଲେଜ ଏବଂ ଅନୁଷ୍ଠାନରୁ ପ୍ରାୟ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲା କିସ୍ ସଂଯୋଜକ ରମ୍ୟ ରଞ୍ଜନ ପରିଡା ଏହି ଅନନ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସହ ସଂଯୋଜକ ଉତ୍ତମ ସାହା, ସୁଶାନ୍ତ ସାମଲ, ବିନାଶ ମିଶ୍ର ,କଳିଙ୍ଗ ଟିଭି ପ୍ରତିନିଧି ପ୍ରସାଦ ନାୟକ, କିସ ଛାତ୍ରଛାତ୍ରୀ ଅଭିବାବକ ସଙ୍ଘ ସଭାପତି ସୁବାସ ହଲବା ପ୍ରମୁଖ ଉପସ୍ଥିତ ଥିଲେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରାଚୀ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ଏରସମା, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଆମ୍ବିକି ଗ୍ରାମ ପଂଚାୟତର ପ୍ରାଚୀ ସ୍କୁଲ ନଗରୀ, କିଆଦାଠାରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫ ଅନ୍ତିମ ଦିନର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ ଜେନା ଯୋଗଦେଇ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ସହିତ କିଛି ସମୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିବାହିତ କରିବା ସହ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଦିଗରେ କାର୍ଯ୍ୟରତ ହେବାକୁ ଉଦବୋଧନ ଦେବା ସହିତ ଏ ବର୍ଷର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଲୋକନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଜୁଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦୀପ୍ତି ରଞ୍ଜନ କୁଅଁର, ସମବାୟ ବିତ୍ ସମୀର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥିଲେ। ସ୍କୁଲ ପରିଚାଳନା କମିଟିର ସଭାପତି ଯଶବନ୍ତ ପଳେଇ, ଦୁଇ ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ରାନୀ ଟୁଡୁ, ଆମ୍ବିକି ପଞ୍ଚାୟତ ସମିତି ସଭ୍ୟ ଧନଞ୍ଜୟ ସାହୁ, ଆମ୍ବିକି ଗ୍ରାମପଂଚାୟତର ଯୁବ ସମାଜସେବୀ ସୁଶାନ୍ତ କୁମାର ମାଇତି, ନିବାସ ଦା ଏବଂ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେବା ସହିତ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ଖୋଲିଲା ଧାନ ମଣ୍ଡି



ନିଆଳି, (ଭାସ୍କର ନ୍ୟୁଜ୍ ) : ନିଆଳି ବ୍ଲକର ରାଣୀ ଗୋଳା ସେବା ସମବାୟ ସମିତିରେ ଧାନ ମଣ୍ଡି ଖୋଲିଲା। ଏହି ମଣ୍ଡିକୁ ନିଆଳି ବ୍ଲକର ଅଧକ୍ଷ ଉମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଚାରି ଜଣ ଚାଷୀ ୧୭୫ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସେବା ସମବାୟ ସମିତିର ସଭାପତି ଅଭିମନ୍ୟୁ ସୁଇ, ନିଆଳି ତହସିଲଦାର ଲିଲନ ପ୍ରସାଦ ସାହୁ, ବିଡ଼ିଓ ପଲ୍ଲବି ରାଉତ, ସରପଞ୍ଚ ତ୍ରିନାଥ ମହାନ୍ତି, ସୁରେଶ କୁମାର ପଟ୍ଟନାୟକ, ସତ୍ୟ ରଞ୍ଜନ ସାହୁ, ଚିତ୍ତରଞ୍ଜନ ମହାନ୍ତି, ସୁଶାନ୍ତ ମିଶ୍ର, ଅନେକ ଚାଷୀ ଉପସ୍ଥିତ ଥିଲେ ।

# ଫୁଟ୍‌ବଲ୍ ଖେଳ ଓ ରାବଣ ପୋଡି ଅନୁଷ୍ଠିତ

ଶୁଳିଆପଦା, (ଭାସ୍କର ନ୍ୟୁଜ୍ ) : ଶୁଳିଆପଦା ବ୍ଲକ୍ କଣ୍ଟିସାହି ପଞ୍ଚାୟତ ଅଧିନ କରତନଳା ଗ୍ରାମରେ ପ୍ରଥମ ବାର୍ଷିକ ୩ ଦିନିଆ ଫୁଟବଲ୍ ଖେଳ ଉଦ୍‌ଯାପିତ ସହିତ ରାବଣ ପୋଡି ଅନୁଷ୍ଠିତ ହୋଇଯାଇଛି ।ଏଥିରେ ୧୬ଟି ଦଳକୁ ନେଇ ଚାଇନା ହମ୍ ଓ ୮ଟି ଦଳକୁ ନେଇ ୪୦ ଏଜ୍ ଓଭର୍ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଦେଖିବା ପାଇଁ ପ୍ରବଳ ଗହଳି ଲାଗି ରହିଥିବା ବେଳେ ଚାଇନା ହମ୍ ଖେଳରେ ଚକଚକିଆ ଦଳ ପ୍ରଥମ, ଭଣ୍ଡାରିଶୋଳ ଦଳ ଦ୍ୱିତୀୟ ଓ ଶଂଶାଶୋଳ ଦଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୪୦ଏଜ୍ ଓଭର ଖେଳରେ କଇଁଫୁଲିଆ ଦଳ ପ୍ରଥମ ଓ ନାଣ୍ଟୁ ଭାଇ ଦଳ, ବାଘଡା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସୂଚନା ମିଳିଛି। ଖେଳ ସମାପ୍ତ ପରେ କୃତିତ୍ୱ ଅର୍ଜନ କରିଥିବା ଦଳକୁ କମିଟି ତରଫରୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବ ସରିବା ପରେ ପାରମ୍ପରିକ ବାଦ୍ୟ ସହିତ ଆଦିବାସୀ ଡାବଲ୍ ନୃତ୍ୟ ପରିବେଷଣ ହୋଇଥିଲା। ଫୁଟବଲ୍ ଖେଳ, କୁକୁଡା ଲଢେଇ ସହିତ ଡାବୁଲ୍ ନୃତ୍ୟ ଦର୍ଶକ ମାନଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇ ଥିବା ବେଳେ ସନ୍ଧ୍ୟାରେ ରଙ୍ଗ ବେରଙ୍ଗ ଆତସବାଜୀ ଦ୍ୱାରା ରାବଣ ପୋଡି ସମସ୍ତଙ୍କୁ ନିଜ ଆଡକୁ ଆକର୍ଷିତ କରିଥିଲା। ସଭାପତି ଗିରିଧାରୀ ନାଏକ୍, ସଂପାଦକ କୃଷ୍ଣଚନ୍ଦ୍ର ଧଳ ଓ ସକ୍ରିୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିବା ବେଳେ ଚାନ୍ଦୁରାମ ମାର୍ଣ୍ଡି ଓ ଗିରିଧାରୀ ନାଏକ୍ ଖେଳ ପରିଚାଳନା କରିଥିଲେ। ସମସ୍ତ ସଦସ୍ୟ ଓ ଗ୍ରାମବାସୀ ବେଶ୍ ଉତ୍ସାହର ସହିତ ସହଯୋଗ କରିଥିଲେ।

# କନ୍ୟା ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ) : ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ଏକ ସଚେତନତା ରଥ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ସୁପରିଟେଣ୍ଡେଣ୍ଟ ଡା ରଂଜନ ସାମଲଙ୍କ ଦ୍ୱାରା ଶୁଭ ଉଦ୍‌ଘାଟିତ ହୋଇଯାଇଛି । ସମାଜରୁ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ସହ କନ୍ୟା ସନ୍ତାନଙ୍କ ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଜାନୁୟାରୀ ୨୪ ତାରିଖ ଦିନ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ କରାଯାଇଥାଏ । ଉକ୍ତ ରଥଟି ସମସ୍ତ ଆଠ ଗୋଟି ବ୍ଲକର ବିଭିନ୍ନ ଗାଁ ବୁଲି କନ୍ୟା ସନ୍ତାନ ସୁରକ୍ଷାର ବାର୍ତ୍ତା ବାଣ୍ଟିବା ଅଧୁନା କନ୍ୟା ସନ୍ତାନ ମାନଙ୍କର ଆନୁପାତିକ ହାର ଦିନକୁ ଦିନ ଉଦ୍‌ବେଗ ଜନକ ଭାବେ କମ୍ ହୋଇଯାଉଥିବାରୁ ଏହା ସମାଜ ପାଇଁ ଚିନ୍ତାର କାରଣ ପାଲଟିଛି । ଡା. ସାମଲ ଉଦ୍‌ବୋଧନ ଦେଇ ସମାଜରୁ ଲିଙ୍ଗଗତ ବୈଷମତା ଦୁରୀକରଣ ନିମନ୍ତେ ସମସ୍ତଙ୍କର ସହଯୋଗ ଅପରିହାର୍ଯ୍ୟ ବୋଲି କହିଥିଲେ। ଏହାପରେ ସ୍ଥାନୀୟ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବା ସହ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ ସଭାକୁ ବିଦ୍ୟାଳୟର ଶିକ୍ଷକ ଦେବୀ ପ୍ରସାଦ ମିଶ୍ର, ଅନୁପମା ମିଶ୍ର ଏବଂ ଦିପ୍ତିଶ କୁମାର ଶତପଥୀ ପରିଚାଳନା କରିଥିଲେ । ଉକ୍ତ ଉତ୍ସବରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କର୍ମଚାରୀଙ୍କ ସହ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ମିଶନର କାର୍ଯ୍ୟକ୍ରମ ପରିଚାଳକ ସୋନାଲି ପ୍ରିୟ ଦର୍ଶନୀ, ଜିଲ୍ଲା ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଭାରତୀ ପଟ୍ଟନାୟକ, ସହକାରୀ ପରିଚାଳକ (ପ୍ରଶିକ୍ଷଣ) ସଂଗ୍ରାମ କୁମାର ଷଡଙ୍ଗୀ, ସହକାରୀ ପରିଚାଳକ (ଆଇନ ବ୍ୟାପାର) ନିରୋଦ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ମତଦାତା ଦିବସ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ପ୍ରଶାସନ ପକ୍ଷରୁ ସଦରମହକୁମାରେ ୧୫ତମ ଜାତୀୟ ମତଦାତା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ୱାକାଥନ ଆୟୋଜନ କରାଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେହିପରି ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ତଥା ୧୪୬ ନିର୍ବାଚନ ମଣ୍ଡଳୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ (ନିର୍ବାଚନ) ଅଶୋକ ଚକ୍ରବର୍ତ୍ତୀ ଓ ଉପଜିଲ୍ଲାପଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ (ନିର୍ବାଚନ) ଅଜୟ କୁମାର ମାଣ୍ଡାଙ୍ଗି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ପ୍ରଧାନ ଜାତୀୟ ମତଦାତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଆଗାମି ଦିନରେ ସମସ୍ତ ଭୋଟଦାତା ଭୋଟ ଦାନ କରି ନିଜର ଅଧିକାର ସାବ୍ୟସ୍ତ କରିବା ସହିତ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ବୁଥ୍ ସ୍ତରୀୟ ଅଧିକାରୀ, ଶ୍ରେଷ୍ଠ ଶିକ୍ଷଣ କ୍ଲବ୍, ଶ୍ରେଷ୍ଠ କ୍ୟାମ୍ପସ ଆମ୍ବାସଡ଼ାର ଓ ୧୫ତମ ଜାତୀୟ ମତଦାତା ଉପଲକ୍ଷେ ଆୟଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏଥି ସହିତ ନୂତନ ଯୁବ ଭୋଟର ମାନଙ୍କୁ ଭୋଟ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିବା ବେଳେ ସମସ୍ତଙ୍କୁ ଜାତୀୟ ମତଦାତା ଦିବସ ଶପଥ ପାଠ କରାଯାଇଥିଲା। ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ସହ ସଂପୃକ୍ତ ସମସ୍ତ କର୍ମଚାରୀ କାର୍ଯ୍ୟାକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍ ) : ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ସମଗ୍ର ଶିକ୍ଷା ଆନୁକୁଲ୍ୟରେ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ଜାତୀୟ ଶିଶୁ କନ୍ୟା ଦିବସ-୨୦୨୫ ଜିଲ୍ଲା ସ୍ତରରେ ପାଳିତ ହୋଇଯାଇଛି। ସମାଜରେ ଲିଙ୍ଗଗତ ବୈଷମତାକୁ ଦୂର କରିବା ତଥା ବାଳିକା ଶିକ୍ଷାକୁ ପ୍ରୋତ୍ସାହିତ କରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଏହି ଦିବସର ଉଦ୍ଦେଶ୍ୟ ଓ ଏହି ପରିପ୍ରେକ୍ଷୀରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ମଧ୍ୟ ଏକ ଅନ୍ୟତମ ପ୍ରୟାସ। ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଗତ ୨୨ ତାରିଖ ଦିନ ୧୦ ବର୍ଷ ପୂର୍ତ୍ତି ହୋଇଥିଲା ଓ ଏହି ଉପଲକ୍ଷେ ଜାନୁଆରୀ ୨୨ ତାରିଖ ଠାରୁ ଆରମ୍ଭ କରି ମାର୍ଚ୍ଚ ୮ ତାରିଖ ଆନ୍ତର୍ଜାତିକ ମହିଳା ଦିବସ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିବାର ପନ୍ଥା ରହିଛି । ଏହି ଜାତୀୟ ଶିଶୁ କନ୍ୟା ଦିବସ ଗତ ୨୪ ତାରିଖ ଦିନ ବାରିପଦା ସ୍ଥିତ ସହିଦ ସ୍ମୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା ଓ ଉକ୍ତ କାର୍ଯ୍ୟକ୍ରମକୁ ମୟୁରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମଝି, ଜିଲ୍ଲା ଶିକ୍ଷା ଅଧିକାରୀ ପୁର୍ଣ୍ଣ ଚନ୍ଦ୍ର ସେଠି, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡେଇ ପ୍ରମୁଖ ଉପସ୍ଥିତ ଥିବାବେଳେ ଉଦ୍‌ଯାପନୀ ସମାରୋହରେ ଡେପୁଟି କଲେକଟର ଶୁଭଙ୍କରୀ ସ୍ୱଦେସ୍ନା ଦାସ, ଡିଏସପି ନିରୁପମା ମଲ୍ଲିକ, ଓର୍ମାସର ଡେପୁଟି ସିଇଓ ବିମାନ ମଲ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରିୟପଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି କାର୍ଯ୍ୟକ୍ରମର ଉଭୟ ସମାରୋହରେ ଉପସ୍ଥିତ ଥିଲେ ଓ ସେହିଭଳି ମୟୁରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଉଭୟ ସମାରୋହକୁ ପରିଚାଳନା କରିଥିବା ବେଳେ, ସମଗ୍ର ଶିକ୍ଷାର ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ କାର୍ଯ୍ୟକ୍ରମର ଉଭୟ ସମାରୋହରେ ଉପସ୍ଥିତ ରହି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ, କିଶୋରୀ ବାଳିକା ମାନେ ଉପସ୍ଥିତ ରହି ଦଳଗତ ନୃତ୍ୟ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ଦଳଗତ ନୃତ୍ୟରେ ରାସଗୋବିନ୍ଦପୁର ବ୍ଲକ ଅଧୀନରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ମାନେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କପ୍ତିପଦା ବ୍ଲକ ଅଧୀନରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ମାନେ ଦ୍ୱିତୀୟ ଏବଂ ମରୋଡ ବ୍ଲକ ସ୍ଥିତ ଭଲି ଆଡିହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଚିତ୍ରାଙ୍କନରେ ଉଦଳା ବ୍ଲକ ସ୍ଥିତ ରାଢୋ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ସୁମିତ୍ରା ସିଂ ପ୍ରଥମ, ପାଇକବସା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚିତା ମହାନ୍ତ ଦ୍ୱିତୀୟ ଏବଂ ମହାରାଣୀ ତଖତ କୁମାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ ପୋମା ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧେ ପୁରସ୍କୃତ କରା ଯାଇଥିଲା। ସେହିଭଳି ବାଲ୍ୟ ବିବାହକୁ ନା କହି ପାଠ ପଢା ଜାରି ରଖିଥିବା ବାଳିକା ମାନଙ୍କ ମଧ୍ୟରୁ ବିଭିନ୍ନ ବ୍ଲକର ୧୨ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ପୂର୍ବରୁ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ରହି ଆଜି ନିଜକୁ ସମାଜରେ ପ୍ରତିଷ୍ଠିତ କରି ପାରିଥିବା ୬ ଜଣ ବାଳିକାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ୯ ଏବଂ ୧୦ ତାରିଖରେ ଜିଲ୍ଲାସ୍ତରୀୟ ବାଳିକା ମାନଙ୍କ ମଧ୍ୟରେ ଏକ ଫୁଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଏବଂ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନର ଫୁଟ୍‌ବଲ୍ ଦଳ ଭାଗ ନେଇଥିଲେ। ସେଥିରେ ମରୋଡ ବ୍ଲକର ଭାଲିଆଡିହା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଦଳ ବିଜେତା ଏବଂ ଉଦଳା ବ୍ଲକ ସ୍ଥିତ ରାଢୋ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଫୁଟବଲ୍ ଦଳ ଉପ ବିଜେତା ହୋଇଥିଲେ ଓ ଉଭୟ ଦଳଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ସିଡିପିଓ, ଜିଲ୍ଲା ସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି, ସ୍ୱେଚ୍ଛାସେବି ସଂଗଠନ ଶକ୍ତି ସଦନ ୱାନ୍ ଷ୍ଟପ ସେଣ୍ଟର, ଆକ୍ସନ ଏଡ୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପରେ ପରିଚାଳନା କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସମଗ୍ର ଶିକ୍ଷା, ଚାଇଲଡ ହେଲ୍ପ ଲାଇନର କର୍ମକର୍ତ୍ତା ସହାୟତା ପ୍ରଦାନ କରିଥିଲେ।

# ୧୬, ୬୨୯ ହିତାଧିକାରୀ ରାସନ କାର୍ଡ଼ ଇ-କେଓ୍ୱାଇସି କରିନାହାନ୍ତି

ଖଡ଼ିଆଳ, (ଭାସ୍କର ନ୍ୟୁଜ୍ ) : ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ହିତାଧିକାରୀଙ୍କୁ ସରକାର ମୁଣ୍ଡ ପିଛା ୫ କିଲୋ ଲେଖାଏଁ ଚାଉଳ, ଗହମ ଓ ମାଣ୍ଡିଆ ଯୋଗାଇ ଦେଉଛନ୍ତି । ରାଜ୍ୟରେ ପ୍ରକୃତ ହିତାଧିକାରୀଙ୍କ ବଦଳରେ ଭୂତ ହିତାଧିକାରୀ ରାସନ ସାମଗ୍ରୀ ଲୁଟି ନେଉଥିବା ଅଭିଯୋଗ ପରେ ସରକାର ରାସନ କାର୍ଡ ଇ-କେଓ୍ୱାଇସି ପ୍ରକ୍ରିୟା ଗତ ୩ ମାସ ପୂର୍ବରୁ ଆରମ୍ଭ କରିଥିଲେ । ଏହି ପ୍ରକ୍ରିୟାର ଶେଷ ତାରିଖ ଡିସେମ୍ବର ୩୧ ରହିଥିଲା । ଧାର୍ଯ୍ୟ ସମୟରେ ଇ- କେଓ୍ୱାଇସି ଶେଷ ହୋଇ ନପାରିବା ସମ୍ଭାବନା ସୃଷ୍ଟି ହେବାରୁ ଏହାକୁ ଜାନୁଆରି ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ଖଡ଼ିଆଳ ବ୍ଲକ୍ ଓ ଏନ୍‌ଏସିରେ ଜାନୁଆରୀ ୨୨ ତାରିଖ ସୁଦ୍ଧା ୧୬, ୬୨୯ ହିତାଧିକାରୀ ଇ-କେଓ୍ୱାଇସି ପ୍ରକ୍ରିୟାରେ ସାମିଲ ହୋଇ ନଥିବା ଜଣାପଡ଼ିଛି । ଖଡ଼ିଆଳ ବ୍ଲକ୍‌ରେ ୩୨,୧୪୯ ଖାଉଟି କାର୍ଡ ଥିବାବେଳେ ୧୦,୨,୬୬୪ ଜଣ ହିତାଧିକାରୀ ଅଛନ୍ତି। ସେଥି ମଧ୍ୟରୁ ୮୭,୬୮୭ ଇ-କେଓ୍ୱାଇସି କରିଥିବା ବେଳେ ୧୪,୮୮୦ ଇ-କେଓ୍ୱାଇସି କରିନାହାନ୍ତି । ବ୍ଲକର ୮୫.୫ ପ୍ରତିଶତ ଇ- କେଓ୍ୱାଇସି ହୋଇଥିବା ବେଳେ ୧୪.୫ ପ୍ରତିଶତ କରିନାହାନ୍ତି । ସେହିପରି ଖଡ଼ିଆଳ ଏନ୍‌ଏସିରେ ୩୦୬୧ ଖାଉଟି କାର୍ଡ ଥିବାବେଳେ ୯୨୩୯ ଜଣ ହିତାଧିକାରୀ ଅଛନ୍ତି । ସେଥିମଧ୍ୟରୁ ୭୪୯୦ ଜଣ ଇ- କେଓ୍ୱାଇସି କରିଥିବା ବେଳେ ୧୭୪୯ କରିନାହାନ୍ତି । ୮୧ ପ୍ରତିଶତ ଇ- କେଓ୍ୱାଇସି କରିଥିବା ବେଳେ ୧୯ ପ୍ରତିଶତ କରିନାହାନ୍ତି । ଏହି ରାସନ ସାମଗ୍ରୀ ଉପରୋକ୍ତ ତଥ୍ୟ ହିସାବରେ ପ୍ରତ୍ୟେକ ମାସରେ ବଣ୍ଟନ କରିଥାନ୍ତି । ଇ-କେଓ୍ୱାଇସି ପ୍ରକ୍ରିୟା ଶେଷ ହେବାକୁ ବସିଥିଲା ବେଳେ ବ୍ଲକ୍‌ରେ ବର୍ତ୍ତମାନ ସୁଦ୍ଧା ୧୬,୬୨୯ ଜଣ ହିତାଧିକାରୀ ଇ-କେଓ୍ୱାଇସି କରି ନଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରକ୍ରିୟାକୁ ସରକାର ଆଉ ୧ ମାସ ଘୁଞ୍ଚାଇଥିଲେ ମଧ୍ୟ ସମୟସୀମା ମଧ୍ୟରେ ସମସ୍ତଙ୍କର ଇ-କେଓ୍ୱାଇସି ସରିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଧିକାଂଶ ପ୍ରବାସୀ ଶ୍ରମିକ ଏହି ପ୍ରକ୍ରିୟାରେ ସାମିଲ୍ ହୋଇ ସାରିଥିବା ବେଳେ ରାଜ୍ୟ ଓ ଦେଶ ବାହାରେ କାମ୍ କରୁଥିବା ଶ୍ରମିକ ସଂଖ୍ୟା ସେତେ ହେବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ଫଳରେ ଇ-କେଓ୍ୱାଇସି ହିତାଧିକାରୀଙ୍କ ମଧ୍ୟରୁ ହଜାର ହଜାର ଭୂତ ହିତାଧିକାରୀ ରହିଥିବା ଚର୍ଚ୍ଚା ହେଉଛି । ପୂର୍ବରୁ କିଛି ଯୋଗାଣ ସହାୟକ ମାନେ ଭୂତ ହିତାଧିକାରୀଙ୍କ ନାଁରେ ରାସନ ସାମଗ୍ରୀ ଲୁଟୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା । ଖଡ଼ିଆଳ ବ୍ଲକ୍ ଓ ଏନ୍‌ଏସିରେ ବହୁ ସଂଖ୍ୟାରେ ରାସନକାର୍ଡ ହିତାଧିକାରୀ ଇ-କେଓ୍ୱାଇସି ପ୍ରକ୍ରିୟାରେ ସାମିଲ୍ ହୋଇ ନଥିବାରୁ ସେମାନେ ସମସ୍ତେ ପ୍ରବାସୀ ଶ୍ରମିକ ନା ଭୂତ ହିତାଧିକାରୀ ସେଥିନେଇ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଧାର୍ଯ୍ୟ ସମୟରେ ଇ- କେଓ୍ୱାଇସି ଶେଷ ହେବାପରେ କେତେ ଭୂତ ହିତାଧିକାରୀ ବହୁବର୍ଷ ଧରି ସରକାରଙ୍କ ଯୋଜନାରେ ରାସନ ସାମଗ୍ରୀ ଲୁଟୁଥିଲେ ତାହା ସ୍ପଷ୍ଟ ହେବ ବୋଲି ଜଣାପଡିଛି।



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଶଙ୍ଖେଶ୍ୱର ଜନାର୍ଦ୍ଦନପୁର ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣରେ ସୁଭାଷ ବୋଷଙ୍କ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁନନା)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଜ୍ୟୋତିର୍ବିଦ ତଥା ସମାଜ ସୁଧାରକ ଡ଼ ଅରୁଣ କୁମାର ପାଣି ଉଦ୍‌ଘାଟନ କରି କହିଲେ ଯେ ସୁଭାଷ ବୋଷଙ୍କ ଜୟନ୍ତୀରେ ଯୁବକମାନେ ସଚେତନ ହୁଅନ୍ତୁ ନିଶା ଖାଇ ରକ୍ତ ରାସ୍ତାରେ ଦେବା ଅପେକ୍ଷା ଅସହାୟ ରୋଗୀଙ୍କୁ ଦାନ ଦିଅନ୍ତୁ, ବାକ୍ୟରେ ନୁହେଁ କର୍ମରେ ଦେଶପ୍ରେମୀ ହୁଅ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲର ମାନ୍ୟବର ବିଧାୟକ ଡ଼ ରମାକାନ୍ତ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସାହିତ୍ୟ ରତ୍ନ ଡ଼ ସୁରେନ୍ଦ୍ର ନାଥ ତ୍ରିପାଠୀ, ଡ଼ ଆରତୀ ତ୍ରିପାଠୀ, ଅଧାପିକା ରାଜଶ୍ରୀ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଉମାକାନ୍ତ ନାୟକ, ହେମନ୍ତ କୁମାର ନାୟକ, ରତ୍ନବଚର ଦେବେନ୍ଦ୍ର କୁମାର ସାହୁ, ଦେବେନ୍ଦ୍ର କର, ଓଡ଼ିଶା କର୍ମଚାରୀ ସଂଘ ସଭାପତି ପ୍ରଭାତ କୁମାର ମହାନ୍ତି, କ୍ଷୀରୋଦ ବାରିକ, ନିଲୁ ଚରଣ ଜେନା, ଅତ୍ରୁପ୍ତି ମହାପାତ୍ର, ପ୍ରଭାସ ବେହେରା ପ୍ରମୁଖ ଯୋଗଦାନ କରିଥିବା ବେଳେ, ଶିକ୍ଷକ ନେତା ବିନୋଦ କୁମାର ମୁଦୁଲି ମଞ୍ଚ ପରିଚାଳନା କରିଥିଲେ। ବିଧାୟକ ଡ଼ ଭୋଇଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାରମ୍ଭରେ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଡ଼ ଭୋଇ ସମସ୍ତ କବି କବୟିତ୍ରୀମାନଙ୍କୁ ପ୍ରଶଂସା ପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।



## ୫ରେ ଶିବାନନ୍ଦ ଆଶ୍ରମର ବାର୍ଷିକୋତ୍ସବ ଓ ବିଷ୍ଣୁ ମହାଯଜ୍ଞ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ବାର୍ଷିକ ଉତ୍ସବ ଓ କଲ୍ୟାଣକାରୀ ଶ୍ରୀଶ୍ରୀ ବିଷ୍ଣୁ ମହାଯଜ୍ଞ ଆସନ୍ତା ଫେବୃୟାରୀ ୫ରେ ଆରମ୍ଭ ହୋଇ ୧୨ ତାରିଖରେ ସମାପନ ହେବ। ୫ ତାରିଖ ଶନିବାର ସନ୍ଧ୍ୟା ୬ଟାରେ ଯଜ୍ଞାଧିବାସ କରାଯାଇ ରବିବାର ପୂର୍ବାହ୍ନ ୧୦ଟାରେ ଯଜ୍ଞ କଳସ ଯାତ୍ରା ଓ ଯଜ୍ଞ ଆହୁତି ପ୍ରଦାନ କରାଯିବ। ପ୍ରତ୍ୟେହ ପ୍ରାତଃ ୬ଟାରେ ପ୍ରାର୍ଥନା କରାଯିବା ପରେ ଯୋଗ, ପ୍ରାଣାୟାମ, ସ୍ୱାଧ୍ୟାୟ, ସୂର୍ଯ୍ୟପୂଜା, ଗୋପୂଜନ ପରେ ଯଜ୍ଞ ଆହୁତି ପ୍ରଦାନ କରାଯିବ। ଏଥିସହିତ ସତ୍‌ସଙ୍ଗ, ପ୍ରବଚନ ସହିତ ପ୍ରତ୍ୟେହ ସନ୍ଧ୍ୟା ୬ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୦ତାରିଖରେ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ୧୨ତାରିଖରେ ଶ୍ରୀଶ୍ରୀ ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯିବ ବୋଲି ଶିବାନନ୍ଦ ଆଶ୍ରମ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ବହୁ ସାଧୁସନ୍ଥ ଓ ବୁଦ୍ଧିଜୀବୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ପାର୍କ କାମକୁ ଅଧାରେ ଛାଡି ଠିକାଦାର ଛୁ

ଚମ୍ପୁଆ (ଭାସ୍କର ନ୍ୟୁଜ୍) : ଦୀର୍ଘଦିନ ହେବ ଅଧାପନ୍ତରିଆ ଭାବରେ ପଡ଼ି ରହିଛି ପାର୍କ ନିର୍ମାଣ କାର୍ଯ୍ୟ। ପାର୍କ କାମକୁ ଅଧାରେ ଛାଡ଼ି ଠିକାଦାର ଛୁ ମାରିଥିବା ବେଳେ ଏହାକୁ ନେଇ ଦିନକୁ ଦିନ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପୁଞ୍ଜିଭୂତ ହେଉଛି। ସୂଚନାଯୋଗ୍ୟ କି ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପଞ୍ଚାୟତବାସୀଙ୍କ ଅବସର ବିନୋଦନ ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ଚମ୍ପୁଆ ପଞ୍ଚାୟତ ସମିତି ଦ୍ୱାରା ଏକ ଆଦର୍ଶ ଗ୍ରାମ୍ୟ ଉଦ୍ୟାନର ନିର୍ମାଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ)ରୁ ୨୯ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ ଟେଣ୍ଡର ଆହ୍ୱାନ ହୋଇଥିଲା। ସଞ୍ଜୀବ ନାଏକ ନାମକ ଜଣେ ଠିକାଦାର ୨୬ ଲକ୍ଷ ୧୪ ହଜାର ୩୦୭ ଟଙ୍କାର ଚୁକ୍ତି ମୂଲ୍ୟରେ ଟେଣ୍ଡର ହାତେଇ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ କାର୍ଯ୍ୟ ଆରମ୍ଭ ହେବାର ଦୀର୍ଘ ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ପାର୍କ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। କେବଳ ପାଚେରୀ ନିର୍ମାଣ ଓ ପାର୍କ ଭିତରେ ପେଭର ବ୍ଲକ କାମ କରାଯାଇ କାମକୁ ଅଧାପନ୍ତରିଆ ଭାବେ ପକାଇ ରଖା ଯାଇଥିବା ଦେଖିବାକୁ ମିଳିଛି। ମାଟି ଫିଲିଂ, ଫୁଲ ଗଛ ଲଗାଇବା ସହିତ ଅନ୍ୟାନ୍ୟ ଅନୁସାଙ୍ଗିକ କାର୍ଯ୍ୟ ବାକି ରହିଥିଲେ ମଧ୍ୟ କାମକୁ ଅଧାରେ ଛାଡ଼ି ଠିକାଦାର ଛୁ ମାରିଥିବା ବେଳେ ପେଭର ବ୍ଲକ ଉପରେ ଅନାବନା ଘାସ ଓ ଗଛ ଉଠିବା ସହିତ ପାର୍କ ଭିତର ଲତା ବୁଦାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଅଧାପନ୍ତରିଆ ପାର୍କକୁ ନେଇ ଦିନକୁ ଦିନ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପାର୍କ ନିର୍ମାଣ ଦାୟିତ୍ୱରେ ଥିବା ଚମ୍ପୁଆ ବ୍ଲକର କନିଷ୍ଠ ଯନ୍ତ୍ରୀ ଦୁର୍ଗା ଚରଣ ମାହାଲିଙ୍କୁ ଏ ନେଇ ଯୋଗାଯୋଗ କରାଯିବାରୁ ସେ ସମ୍ପୃକ୍ତ ଠିକାଦାରଙ୍କୁ ବିଭାଗୀୟ ନୋଟିସ କରାଯାଇଛି। ନୋଟିସର ଜବାବ ନଦେଲେ ଅତିଶୀଘ୍ର ସମ୍ପୃକ୍ତ ଠିକାଦାରଙ୍କ ଟେଣ୍ଡରକୁ ବାତିଲ କରାଯାଇ ବିଭାଗୀୟ କାର୍ଯ୍ୟାଦେଶରେ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।

ଗ୍ରାମରେ ତେଜୁଛି ଅସନ୍ତୋଷ




## ଧାମନଗର ପାଲଟିଛି କି ଚୋରା ମୋବାଇଲ୍ ହବ୍ !




ଧାମନଗର (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ଧାମନଗର ଓ ଧୁଷୁରୀ ଥାନା ଅଞ୍ଚଳରୁ ପ୍ରତ୍ୟେକ ମାସ ୪ରୁ ୫ଟି ଚୋରା ମୋବାଇଲ୍ ଉଦ୍ଧାର ହେଉଛି। ଏହି ମୋବାଇଲଗୁଡ଼ିକ ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚୋରି ହୋଇ ଏଠାରେ ବିକ୍ରି କରାଯାଉଥିବା ଜଣାପଡ଼ିଛି। ପ୍ରତି ମାସ ଏଭଳି ମାମଲା ହେଉଥିବାରୁ ଧାମନଗର ଓ ଧୁଷୁରୀ ଥାନା ପୋଲିସ ପାଇଁ ଚିନ୍ତା ବଢ଼ିଯାଇଛି। ଅପରପକ୍ଷରେ ଶସ୍ତାରେ ପାଇଯିବା ନାଁରେ ଅର୍ଦ୍ଧଶିକ୍ଷିତ ଓ ଅପାଠୁଆ ମୋବାଇଲ୍ ବ୍ୟବହାରକାରୀ ହଇରାଣ ହେଉଛନ୍ତି। କମ୍ ପଇସା ଦେଇ ମୋବାଇଲ୍ କିଣୁଛନ୍ତି। ଚୋରା ମୋବାଇଲ୍ ବିକୁଥିବା ଚୋର ପଇସା ନେଇ ମାଲାମାଲ୍ ହେଉଛନ୍ତି। ହେଲେ ଚଢ଼ଉ ବେଳେ କିଣିଥିବା ଲୋକ ଫସୁଛନ୍ତି। ଲୋକଲଜ୍ଜା ଓ କେଶ୍ ହେବା ଭୟରେ ପୋଲିସକୁ ଲାଞ୍ଚ ଦେଇ ଉଦ୍ଧାର ପାଇବାକୁ ଚେଷ୍ଟା କରୁଥିବା ଜଣାଯାଇଛି। ଦି ଆଡୁ ଏମାନେ ଆର୍ଥିକ କ୍ଷତିଗ୍ରସ୍ତ ହେଉଥିବା ଦେଖିବାକୁ ମିଳୁଛି। ତେବେ ଏହିସବୁ ଚୋରା ମୋବାଇଲ୍ ମୁସ୍ତଫାପୁର ପଞ୍ଚାୟତ ଓ ଧାମନଗର ମଝିରେ ଥିବା କଲେଜ ପଛପଟ ବସ୍ତିର କିଛି ପିଲାଙ୍କ ଠାରୁ ସେମାନେ କିଣୁଥିବା ଜଣାପଡ଼ିଛି। ଦଳିତ ବସ୍ତିର କିଛି ଯୁବକ ପଡ଼ୋଶୀ କେନ୍ଦ୍ରାପଡ଼ା, ଯାଜପୁର, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ଅଞ୍ଚଳରୁ ବିଭିନ୍ନ ସମୟରେ ମୋବାଇଲ୍ ଚୋରି କରୁଥିବା ଅଭିଯୋଗ ହୋଇ ଆସିଛି। ସେସବୁ ଜାଗାରୁ ମୋବାଇଲ୍ ଆଣି ଧାମନଗର, ଧୁଷୁରୀ ଅଞ୍ଚଳରେ ଗାଁରେ ରହୁଥିବା ଅର୍ଦ୍ଧଶିକ୍ଷତ ଯୁବକମାନଙ୍କୁ ଲୋଭ ଦେଖାଇ କମ୍ ଦାମରେ ବିକି ଦେଉଛନ୍ତି। ସେମାନଙ୍କ ଠାରୁ ଅଳ୍ପ କିଛି ଟଙ୍କା ନେଇ ଯାଉଛନ୍ତି। ଧାମନଗର ଥାନା ଆଇଆଇସି ଫଣୀନ୍ଦ୍ର ଭୂଷଣ ନାଇକଙ୍କ କହିବା ଅନୁସାରେ, ଏମାନେ ସିନା ମୋବାଇଲ୍ ଚୋରି କରି ଆଣୁଛନ୍ତି। ଚୋରିର ଶିକାର ହୋଇଥିବା ମୋବାଇଲ ବ୍ୟବହାରକାରୀ ପୋଲିସରେ ଅଭିଯୋଗ କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଟ୍ରାକିଂ ବ୍ୟବସ୍ଥା ସଞ୍ଚାର ସାଥୀରେ ଅଭିଯୋଗ ପଞ୍ଜୀକରଣ କରୁଛନ୍ତି। ତା ପରେ ଏହି ଅଭିଯୋଗଟି ସେଣ୍ଟ୍ରାଲ ଇକ୍ୟୁଇପମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର ମାଧ୍ୟମରେ ଟେଲିକମ୍ ଆନାଲିଟିକସ ଫର୍ ଫ୍ରଡ୍ ମ୍ୟାନେଜମେଣ୍ଟ ଆଣ୍ଡ କଞ୍ଜ୍ୟୁମର ପ୍ରୋଟେକସନକୁ ଚାଲିଯାଉଛି। ଅଭିଯୋଗ ପତ୍ରରେ ଥିବା ଆଇଏମ୍‌ଇଆଇ ନମ୍ବରକୁ ଟ୍ରାକ କରାଯାଉଛି। କେଉଁ ଅଞ୍ଚଳରେ ଏହି ଆଇଏମ୍‌ଇଆଇ ନମ୍ବରର ଫୋନ୍ ଆକ୍ଟିଭ୍ ରହିଛି, ତାହାର ସୂଚନା ମିଳିଯାଉଛି। ଏହାପରେ ସଂପୃକ୍ତ ବିଭାଗ ପକ୍ଷରୁ ସେହି ଅଞ୍ଚଳର ଥାନାକୁ ଜଣାଇ ଦିଆଯାଉଛି। ତା'ପରେ ପୋଲିସ ଏହାକୁ ଖୋଜି ମୋବାଇଲ ବ୍ୟବହାରକାରୀଙ୍କ ପାଖରେ ପହଞ୍ଚୁଛି। ୨୦୨୩ ମସିହା ମେ ମାସରେ କେନ୍ଦ୍ର ସରକାରଙ୍କ ଦୂରସଂଚାର ବିଭାଗ ଏହି ସଞ୍ଚାରସାଥୀ ପୋର୍ଟାଲ ଲୋକାର୍ପଣ କରାଯାଇଥିଲା। ଏହାପରେ ମୋବାଇଲ୍ ଚୋରି ରୋକିବା ଦିଗରେ ବେଶ୍ ପାରଦର୍ଶୀ ଭାବେ କାମ କରୁଛି ଏହି ପୋର୍ଟାଲ।

## ଅଧାପକଙ୍କ ପରଲୋକ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ଅବସରପ୍ରାପ୍ତ ଅଧାପକ ବସନ୍ତ କୁମାର ସାହୁଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ଶ୍ରୀଯୁକ୍ତ ସାହୁ ଦୀର୍ଘ ୨୮ବର୍ଷରୁ ଉର୍ଦ୍ଧ୍ୱ କାଳ ପର୍ଯ୍ୟନ୍ତ ସୁଚାରୁରୂପେ କଲେଜମାନଙ୍କରେ ଶିକ୍ଷାଦାନ କରି ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦରୁ ଅବସର ନଇଥିଲେ। ଶ୍ରୀ ସାହୁ ୧୯୬୦ମସିହାରେ ନାଉପାଳ ଗ୍ରାମରେ ଜନ୍ମଗ୍ରହଣ କରିଥିଲାବେଳେ, ତାଙ୍କର ଜୀବନ କାଳ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଜୀବୀ ମହଲରେ ସେ ଅତ୍ୟନ୍ତ ପ୍ରିୟ ପାତ୍ର ହୋଇଥିଲେ। ସେ ପଞ୍ଜାବର ପଟିଆଲା ଠାରେ ଥିବା ମେଡିକାଲରେ ଦୀର୍ଘଦିନ ଚିକିତ୍ସାଧୀନ ରହିଥିଲେ। ତାଙ୍କ ବିୟୋଗରେ ପରଜଙ୍ଗ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ ନୀରବ ପ୍ରାର୍ଥନା କରିବା ସହ ଏକ ଶୋକ ସଭା ପାଳନ କରିଥିଲେ।

## 'ଆତ୍ମରକ୍ଷା କୌଶଳ ହିଁ ଭବିଷ୍ୟତର ସୁରକ୍ଷା କବଚ'
## ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ୍ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଡକ୍ଟର ଜିତେନ୍ଦ୍ର କୁମାର ସାମଲଙ୍କ ସଭାପତିତ୍ୱରେ ଏହା ଉଦ୍‌ଯାପିତ ହୋଇଛି। ଛାତ୍ରୀମାନେ କିଭଳି ନିଜକୁ ନିଜେ ପ୍ରାଥମିକ ସ୍ତରରେ ସୁରକ୍ଷା ଦେଇପାରିବେ, ସେଥିନେଇ ଆଲୋଚନା କରିଥିଲେ। 'ଛାତ୍ରୀ ଆତ୍ମରକ୍ଷା କୌଶଳ ହିଁ ବାସ୍ତବରେ ଭବିଷ୍ୟତ ଜୀବନ ପାଇଁ ସେମାନଙ୍କର ରକ୍ଷା କବଚ'। ନାରୀ ନିଜକୁ ସୁରକ୍ଷିତ ରଖିଲେ ସମାଜ ଶୃଙ୍ଖଳିତ ରହିବ। ବର୍ତ୍ତମାନ ସମାଜରେ ନାରୀ ହିଂସା ଓ ନିର୍ଯ୍ୟାତନା ବଢ଼ି ଚାଲିଥିବା ସହ ଛାତ୍ରୀମାନଙ୍କ ସୁରକ୍ଷା ମଧ୍ୟ ସମସ୍ୟାର ବିଷୟ ହୋଇଛି। ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଏକ ଆତ୍ମରକ୍ଷା କୌଶଳ ଜାଣିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। କଲେଜର ୧୩୧ ଜଣ ଛାତ୍ରୀଙ୍କୁ ନେଇ ଶିବିରଟି ୧୦ ଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଅଧାପକ ସରୋଜ କୁମାର ବିଶ୍ୱାଳ, ଜୟନ୍ତ ଦାସ, ମାନସ କୁମାର ନାୟକ, ହେମନ୍ତ ମଲ୍ଲ, ଅଧାପିକା ଅନୁରାଧା ସାହୁ, ଲକ୍ଷ୍ମୀରେଖା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ପ୍ରଶିକ୍ଷିକା ସାକ୍ଷୀଲତା ନାୟକ(ହାପି ) ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ମାନପତ୍ର ପ୍ରଦାନ କରାଯାଇଥିଲା।

## ଦଧିବାମନପୁର ଡାକଘରେ କର୍ମଚାରୀ ଅଭାବ



ଫୁଲନଖରା (ଭାସ୍କର ନ୍ୟୁଜ୍) : ୪୨ମୌଜା ବେଣ୍ଟକାର ଉପଡାକଘର ଅଧୀନରେ ଦଧିବାମନପୁର ଶାଖା ଡାକଘର ରହିଅଛି। ଡାକ ବିଭାଗ ପକ୍ଷରୁ ଦଧିବାମନପୁର ଶାଖା ଡାକଘରେ ବିପିଏମ୍ ଭାବେ ରାଜା ଡି ନାୟକ ନିଯୁକ୍ତି ପାଇଛନ୍ତି। ଏହି ଡାକଘର ଅଧୀନରେ କେତେଗୁଡିଏ ଏରିଆ ଯଥା ଦଧିବାମନପୁର, ମହାପାତ୍ର ସାହି, ସାମଲ ସାହି, ମଲ୍ଲିକ ସାହି, କଦମପଡା, ତଳ ସାହି, ଖରିପଡିଆ, ଶ୍ରୀରାମ, କାଉଣ୍ଡି ସାହି, ଭୋପା ସାହି, ଦାସ ସାହି, ଆଚାର୍ଯ୍ୟ ସାହି, ଭୋଇ ସାହି, ବଳରାମ ବିହାର, ଜେବିଏସ ପାର୍କ, ଶ୍ରୀରାମ ନିୟୁ କଲୋନୀ, ପଞ୍ଚମୁଖୀ ନଗର ଓ ମାଇଲଷ୍ଟୋନ୍ ଭିଲେଜ୍ ଆଦି ଅଞ୍ଚଳ ଅନ୍ତର୍ଭୁକ୍ତ। ଏଥିସହିତ କେତେଗୁଡ଼ିଏ ସରକାରୀ ଓ ବେସରକାରୀ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର, ଏକ ମହାବିଦ୍ୟାଳୟ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଗ୍ରାମ ପଞ୍ଚାୟତ ଅଫିସ୍, ସେବା ସମବାୟ ସମିତି ଓ ପ୍ରାଣୀଧନ ଚିକିତ୍ସାଳୟ ଆଦି ରହିଛି। ଚିଠିପତ୍ର ବାଣ୍ଟିବା ପାଇଁ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଜଣେ ଲୋକ ଅଫିସ କାର୍ଯ୍ୟ ସହ ଏତେ ଅଞ୍ଚଳର ଚିଠିପତ୍ର ବାଣ୍ଟିବା ସମ୍ଭବ ହେଉନାହିଁ। ଫଳରେ ଡାକସେବା ଗୁରୁତର ବ୍ୟାହତ ହେଉଅଛି। ଡାକ ବିଭାଗର ମୁଖ୍ୟ ପୋଷ୍ଟ ମାଷ୍ଟର ଜେନେରାଲ, ଡାଇରେକ୍ଟର ପୋଷ୍ଟାଲ ସର୍ଭିସ ଏବଂ କଟକ ସିଟି ଡିଭିଜନର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ପ୍ରମୁଖ ଏହାକୁ ବିଚାରକୁ ନେଇ ତୁରନ୍ତ ଏଠାରେ ଜଣେ ଏବିପିଏମ୍ ନିଯୁକ୍ତି ଦେବାକୁ ୪୨ ମୌଜା ବିକାଶ ପରିଷଦ ସଭାପତି ଆଡଭୋକେଟ କେଶବ ଚନ୍ଦ୍ର କର, ଉପଦେଷ୍ଟା ପ୍ରମୋଦ କୁମାର ମହାପାତ୍ର, ଦଧିବାମନପୁର ପଞ୍ଚାୟତ ସରପଞ୍ଚ ସୁମିତ୍ରା ଗୋଚ୍ଛାୟତ, ବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ରବି ନାରାୟଣ ପ୍ରଧାନ, ୪୨ ମୌଜା ଯାଦବ ମହାସଭା ସଭାପତି ବୁଲେଇ ବେହେରା, ପ୍ରକୃତିବନ୍ଧୁ ନବକିଶୋର ପଣ୍ଡା, ସମାଜସେବୀ କୃଷ୍ଣ ଚନ୍ଦ୍ର ଦାଶ, ଦୁର୍ଯ୍ୟୋଧନ ପଣ୍ଡା, ଗୋପୀନାଥ ମହାପାତ୍ର, ଉମେଶ ଚନ୍ଦ୍ର ମହାପାତ୍ର, ନିରଞ୍ଜନ ପଣ୍ଡା, ସୂର୍ଯ୍ୟମଣି ଦାସ, ରାମଚନ୍ଦ୍ର ଗୋଚ୍ଛାୟତ, ଦୁର୍ଗା ଚରଣ ପ୍ରଧାନ, ମାନସ କୁମାର ସ୍ୱାଇଁ, ପ୍ରମୋଦକୁମାର ରାଉତ, ପ୍ରଭାତ କୁମାର ଖଟୁଆ ଓ ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଅନୁରୋଧ କରିଛନ୍ତି।

## ଟ୍ରାନ୍ସ ଜେଣ୍ଡରଙ୍କ ଅଧିକାର ସମ୍ପର୍କିତ କର୍ମଶାଳା



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୁଜଙ୍ଗ ତାଲୁକ୍ ଆଇନ ସେବା ପ୍ରାଧିକରଣ ତରଫରୁ ଟ୍ରାନ୍ସ ଜେଣ୍ଡରମାନଙ୍କ ପାଇଁ ଥିବା 'ଅଧିକାର' ସମ୍ବନ୍ଧୀୟ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ କୁଜଙ୍ଗ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ମାନ୍ୟବର ଦୀପ୍ତି ପ୍ରକାଶ ବ୍ରହ୍ମା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ଥିବା ଅଧିକାର ଓ ଆଇନଗତ ସୁବିଧା ସୁଯୋଗ ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବିଶ୍ୱାଳ, ପାରାଦ୍ୱୀପ ଗଡ ସରପଞ୍ଚ ସସ୍ମିତା ବେହେରା, କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଅମୃତ ଦାସ, ସମ୍ପାଦକ ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ, ପ୍ରଣୟ ପରିଜା, ରଶ୍ମୀ ରଞ୍ଜନ ସାମନ୍ତରାୟ, ଅଟଳ ବିହାରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କର୍ମଶାଳାରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ମୁଦୁଲି, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ରମେଶ ବେହେରା, ପ୍ରଭାତ ସାହୁ, ସନ୍ତୋଷ ଦୋରା ପ୍ରମୁଖ ପରିଚାଳନା କରିଥିଲେ। ଟ୍ରାନ୍ସଜେଣ୍ଡରମାନଙ୍କ ପକ୍ଷରୁ ପାରାଦ୍ୱୀପ ମୁଖ୍ୟ 'ରାଧା' ସେମାନଙ୍କ ସମସ୍ୟା ସଂପର୍କରେ ଅତିଥି ଆମକୁ ଅବଗତ କରାଇଥିଲେ।

## ଜାତୀୟ ମତଦାତା ଦିବସ ପାଳିତ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଉପଖଣ୍ଡସ୍ତରୀୟ ୧୫ତମ ଜାତୀୟ ମତଦାତା ଦିବସ ଶନିବାର ସ୍ଥାନୀୟ ଆର୍‌ଏମ୍‌ସି ମାର୍କେଟ ପ୍ରାଙ୍ଗଣ ଠାରେ ପାଳିତ ହୋଇଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଭୋଟର(ମତଦାତା)ମାନଙ୍କ କର୍ତ୍ତବ୍ୟ ଓ ଭୂମିକା ବାବଦରେ ବକ୍ତବ୍ୟ ରଖିଥିଲେ। ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖି ନିର୍ଭିକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ନିର୍ବାଚନରେ ନିଜ ମତାଧିକାର ସାବ୍ୟସ୍ତ କରିବାକୁ ସମସ୍ତେ ସଂକଳ୍ପ ନେଇଥଲେ। ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଭଞ୍ଜନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିତ ରଞ୍ଜନ ହୋତା, ଆସ୍କା ତହସିଲଦାର ସଂଗୀତା ସେନ, ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଆଜିର ମତଦାତା ଦିବସ ଉପଲକ୍ଷେ ଏକ ଶୋଭାଯାତ୍ରା ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ଆର୍‌ଏମ୍‌ସି ମାର୍କେଟ ସଭା ସ୍ଥଳରେ ପହଞ୍ଚିଥିଲା। ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୧୨ଜଣ ଶ୍ରେଷ୍ଠ ବିଏଲ୍‌ଓ ଏବଂ ସୁପରଭାଇଜଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ସମେତ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ କାର୍ଯ୍ୟାଳୟର ନିର୍ବାଚନ ବିଭାଗର ବରିଷ୍ଠ କର୍ମଚାରୀ ମୁକ୍ତିକାନ୍ତ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଛତ୍ରପୁର ପ୍ରେସ୍ କ୍ଲବ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଉପଲକ୍ଷେ ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ୍ ରୁମ୍ ଠାରେ ଛତ୍ରପୁର ପ୍ରେସ କ୍ଲବ, ଆଇଆରଇ ଓ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜର ମିଳିତ ଆନୁକୂଲ୍ୟରେ ଆଇଏମଏସ ଏଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ ହସ୍ପିଟାଲର ୧୧ଟି ବିଭାଗର ଦକ୍ଷ ଡାକ୍ତରମାନେ ଉପସ୍ଥିତ ରହି ବିଭିନ୍ନ ବର୍ଗର ରୋଗୀମାନଙ୍କୁ ଚିକିତ୍ସା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଏହି ଶିବିରରେ ସ୍ନାୟୁ, ସର୍ଜରୀ, ଅର୍ଥୋପେଡିକ, ସ୍ତ୍ରୀ ଏବଂ ପ୍ରସୂତି ଚିକିତ୍ସା, ଦାନ୍ତ, ଇଏନ୍‌ଟି, ମେଡିସିନ, ମଧୁମେହ, ମାନସିକ, ଶିଶୁରୋଗ, ଚକ୍ଷୁ ବିଭାଗ ଆଦିରେ ରୋଗୀମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଏହି ଶିବିରରେ ଛତ୍ରପୁର ଓ ଆଖପାଖ ଅଞ୍ଚଳର ୪ ଶହରୁ ଉର୍ଦ୍ଧ୍ୱ ରୋଗୀ ଆସି ମାଗଣା ସ୍ୱାସ୍ଥ୍ୟ ସେବା ପାଇବା ସହ ଉତ୍ତମ ଚିକିତ୍ସା ଓ ମାଗଣା ଔଷଧ ପାଇ ଖୁସି ବ୍ୟକ୍ତ କରିଛନ୍ତି। ଛତ୍ରପୁର ପ୍ରେସ କ୍ଲବର ଏଭଳି ନିଆରା ପ୍ରୟାସ ପାଇଁ କ୍ଲବର ସମସ୍ତ ସଦସ୍ୟଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିଛନ୍ତି। ପୂର୍ବରୁ ଛତ୍ରପୁର ପ୍ରେସ କ୍ଲବ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଆସିଛି। ଦୁଇ ଦୁଇଥର ମେଗା ରକ୍ତଦାନ ଶିବିର, ବୃକ୍ଷରୋପଣ ଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହା ସହ ହସ୍ପିଟାଲ ସମସ୍ତ ଡାକ୍ତରୀ ଟିମ୍ ଓ ମେଡ଼ିସିନ ବିଭାଗର କର୍ମକର୍ତ୍ତାମାନଙ୍କୁ ରୋଗୀ ଓ ରୋଗୀଙ୍କ ପରିବାର ଧନ୍ୟବାଦ୍ ଦେଇଛନ୍ତି। ସମ୍ ହସ୍ପିଟାଲ ଶୀତଳାପଲ୍ଲିର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବରିଷ୍ଠ ଡ଼ାକ୍ତର ଅଯୋଧ୍ୟା ପାଢ଼ୀ, ଡାକ୍ତର ରଞ୍ଜିତ ପାତ୍ର, ଡାକ୍ତର ବିଶ୍ୱଜିତ ସାମଲ, ଡାକ୍ତର ଅମର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ଛତ୍ରପୁର ପ୍ରେସ କ୍ଲବର ସଭାପତି ରବିନ୍ଦ୍ରନାଥ ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ପାଢୀ, ଉପସଭାପତି ସନ୍ତୋଷ ମିଶ୍ର, କୋଷାଧ୍ୟକ୍ଷ କେ ସତ୍ୟନାରାୟଣ ରେଡ୍ଡୀ, ଉପଦେଷ୍ଟା ରବିନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ବସନ୍ତ ମହାରଣା, କ୍ଷିରୋଦ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ ମହାରଣା, ଯୁଗ୍ମ ସମ୍ପାଦକ ଦେବବ୍ରତ ପଣ୍ଡା, ସୁଧିର ନାହାକ, ବିସ୍ମୟ ପ୍ରଧାନ, କେ ରମେଶ, ସନ୍ତୋଷ କୁମାର ସାହୁ, ଗୌରପ୍ରସାଦ ମହାପାତ୍ର, ଅଶୋକ ବେହେରାଙ୍କ ସମେତ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ

ବାରିପଦା (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ୧୫ ତମ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳ ଘ. ୧୦ ମି ସମୟରେ କଲେକ୍ଟୋରେଟ ପରିସରରୁ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହି ରାଲିକୁ ଶୁଭାରମ୍ଭ କରିଥିବା ବେଳେ ବହୁ ସଂଖ୍ୟକ ଏନ୍‌ଏସ୍‌ଏସ୍, ରେଡ କ୍ରସ, ସିଭିଲିଆନ ଦଳର ଛାତ୍ରଛାତ୍ରୀ ଏବଂ ଜନସାଧାରଣଏହି ରାଲିରେ ଯୋଗ ଦେଇଥିଲେ। ଜାତୀୟ ମତଦାତା ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ସ୍ତରୀୟ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହା ସହିତ ଜିଲ୍ଲାର ବିଭିନ୍ନ ନିର୍ବାଚନୀ ମଣ୍ଡଳରେ ନିର୍ବାଚନ ପ୍ରସ୍ତୁତିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧିକାରୀମାନଙ୍କ ମଧ୍ୟରୁ ସାରସକଣା ନିର୍ବାଚନ ମଣ୍ଡଳୀରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ସାରସକଣା ବିଡ଼ିଓ ସୁମନ ରାଜା ମହାନ୍ତି, ବଡ଼ସାହି ନିର୍ବାଚନ ମଣ୍ଡଳୀ ପାଇଁ ବଡ଼ସାହି ବିଡ଼ିଓ ସୁଶ୍ରୀ ବନଯା ଦାସ, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ପାଇଁ ସାମାଖୁଣ୍ଟା ବିଡ଼ିଓ ମୁନ୍ନା ସେଠୀ ଏବଂ ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ମୋରଡା ବିଡ଼ିଓ ଅଣାକାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାନୁସାରେ ଉକ୍ତ ରାଲି ଭୋଟର ସଚେତନତା ବାର୍ତ୍ତା ତଥା ସ୍ଲୋଗାନ ଦେଇ ସହର ପରିକ୍ରମା କରି କଲେକ୍ଟୋରେଟ ଠାରେ ଥିବା ସମ୍ମିଳନୀ କକ୍ଷ ଠାରେ ଏକତ୍ରିତ ହୋଇଥିଲେ। ମୁଖ୍ୟ ଅତିଥି ତଥା ଜିଲାପାଳ ଶ୍ରୀ ସୟ ଛାତ୍ରଛାତ୍ରୀଙ୍କ ସହିତ ଜାତୀୟ ମତଦାତା ଦିବସ ପାଳନର ଆଭିମୁଖ୍ୟ ଓ ଭୋଟଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ ଏବଂ ଏକ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ସ୍ପର୍ଦ୍ଧା ଦ୍ୱାରା ନିଜର ଭୋଟଦାନ ସମ୍ପର୍କିତ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ସହ ମତଦାନ କରିବାକୁ ଶପଥ ନେଇଥିଲେ। ଉକ୍ତ ଦିବସ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଥିଲେ ଯେ ଗଣତନ୍ତ୍ରର ମୁଖ୍ୟ ଉପାଦାନ ଭାବେ ନାଗରିକର ମତଦାନ ଅଧିକାର ସାବ୍ୟସ୍ତ ସହ ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ଆଜିର ଏହି ଦିବସ ପାଳନ କରାଯାଉଛି। ନାଗରିକଙ୍କୁ ମିଳିଥିବା ମତଦାନର ଅଧିକାର ବ୍ୟବହାର ସହ ଭୋଟ ହାର ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ତତ୍‌ସହିତ ନୂତନ ଯୁବ ଭୋଟରଙ୍କୁ ଭୋଟଦାନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏହା ସହ ଜାତୀୟ ମତଦାତା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ, ବାରିପଦା ଡଃ ପରିଡା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ପାଳନୀୟ ଦିବସର ସମ୍ପୂର୍ଣ୍ଣ ସଂଯୋଜନା ତଥା ସଂଚାଳନା ଡେପୁଟି କଲେକ୍ଟର ଇଲେକ୍ସନ ଶ୍ରୀ ଉମେଶ ଚନ୍ଦ୍ର ଓଝା କରିଥିଲେ।

## ରାଶିଫଳ

ରବିବାର, ୨୬ ଜାନୁଆରୀ ୨୦୨୫



**ମେଷ:** ଆଜି ଆପଣ ମାନସିକ କ୍ଳାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ । ଆପଣ ନିଜ ପିଲା ବିଷୟରେ ଚିନ୍ତିତ ହୋଇପାରନ୍ତି । ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ।



**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ । ଶରୀରରେ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି । ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ ।



**ମିଥୁନ:** ଆଜି କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ । କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ।



**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ । ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ ରହିବ । ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ । କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ।



**ସିଂହ:** ଆଜି ଆପଣଙ୍କର ଦିନ ଶୁଭ ଅଟେ । ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ । ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି। ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି । କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ । କଳା କ୍ଷେତ୍ରରେ ବିଶେଷ ଆଗ୍ରହ ରହିବ ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକରାତ୍ମକ ଭାବନା ଛାଡି ପାରିବେ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ ଖୁସି ହେବ। ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ।



**ତୁଳା:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ । ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ । ଆଦର୍ଶଗତ ଭାବରେ ଦୃଢ ରହିବେ। ମନ ସୃଜନଶୀଳ ଧାରାରେ ରହିବ। ଦିନଟି ଖୁସିରେ ବିତାଇବ ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ। ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି। ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ । ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ । ବକ୍ତବ୍ୟରେ ସଂଯମତା ରଖନ୍ତୁ ।



**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ। ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ। ଶାରୀରିକ ଅସୁସ୍ଥ ରହିବେ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ । ଆଜି କିଛି ଦାନ କରନ୍ତୁ। ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ । ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି। ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ। ଲାଭ ପାଇବେ । ଆୟ ବୃଦ୍ଧି ପାଇବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ପଞ୍ଚାୟତ ଅନ୍ତର୍ଗତ କୋୟାକୋଣ୍ଡା ଗ୍ରାମର ଜଣାଶୁଣା ଚାଷୀ ରାମଲିଙ୍ଗେଶ୍ୱର ରାଓଙ୍କ ଚାଷ ଜମି ରହିଛି। ସେ ଚଳିତ ବର୍ଷ ବହୁ ପରିଶ୍ରମ କରି ଫସଲ କରି ଶେଷ ପର୍ଯ୍ୟାୟରେ ଧାନ ଅମଳ କରିବା ପାଇଁ ଅଳ୍ପ ଦିନ ରହିଥିବାବେଳେ ଅଚାନକ ଲଗାଣ ବର୍ଷା। ହେତୁ ତାଙ୍କର କିଛି ଫସଲ ନଷ୍ଟ ହୋଇଥିଲା। ତେବେ ଅବଶିଷ୍ଟ ରହିଥିବା ପ୍ରାୟ ଲକ୍ଷାଧିକ ଟଙ୍କାର ୪୫ ବସ୍ତା ଧାନରେ ନିଆଁ ଲାଗିଯାଇଥିଲା। ଅଦିନିଆ ବର୍ଷା। ଦାଉ ସାଧିବା ପରେ କଟା ଘା'ରେ ଚୂନ ମାରିବା ପରି ନିଆଁ ଲାଗିବା ତାଙ୍କ ବର୍ଷଯାକର ପରିଶ୍ରମକୁ ନଷ୍ଟ କରିଦେଇଛି। ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଭି ବୀରରାଜୁ, ସ୍ଥାନୀୟ ସରପଞ୍ଚ ପି ଅଶୋକ କୁମାର ପ୍ରମୁଖ ସେଇ ସ୍ଥାନକୁ ଯାଇ ନଷ୍ଟ ହୋଇଥିବା ଧାନ ନିରୀକ୍ଷଣ କରି ଚାଷୀ ଶ୍ରୀ ରାଓଙ୍କୁ ଆଶ୍ୱାସନା ଦେବାସହ ତୁରନ୍ତ ପ୍ରଶାସନ ଓ ସରକାରଙ୍କୁ ଲିଖିତ ଭାବେ ଜଣାଇବେ ବୋଲି ବିଧାୟକ କହିଛନ୍ତି।



## ସାପ ଧରାଳିଙ୍କୁ ସାମଗ୍ରୀ ଯୋଗାଇ ଦେବାକୁ ଦାବି



ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଡୋଟୋ ଗାଁର ନିମକେତନ ବାନ୍ଧିଛୋର,ବୟସ ପାଖାପାଖି ୬୦ବର୍ଷ ହେବ। ସେ ଜଣେ ସାପଧରାଳି ଭାବେ ବେଶ୍ ପରିଚିତ। ଜୀବନରେ ହଜାର ହଜାର ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି। ସେ ବଡ ବଡ ବିଷଧର ସାପ ଧରିବାରେ ମାହିର। ଗୋଖର ନାଗ, ତମ୍ବା ନାଗ, କଳେତ ସାପ, ଅଜଗର ସାପ, ମହାମଣ୍ଡଳ ସାପ ଭଳି ଭୟଙ୍କର ବିଷଧର ସାପ ଧରି ସେ ଚର୍ଚ୍ଚାରେ ରହିଆସିଛନ୍ତି। ବିଷଧର ସାପଗୁଡ଼ିକୁ ସ୍କୁଲ କଲେଜ ଏପରିକି ସାଧାରଣ ଲୋକଙ୍କ ଘରୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସେ ସଫଳ ହୋଇଛନ୍ତି। ତେବେ ତାଙ୍କ ନିଜ ପାଖରେ ସାପ ଧରିବା ସାମଗ୍ରୀ ନଥିବାରୁ ସାମଗ୍ରୀ ଯୋଗାଇ ଦେବାକୁ ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କ କୁହାଯାଇଛି। ଏ ବିଷୟରେ ତାଙ୍କୁ ପଚାରିବାରୁ ସେ କହିଛନ୍ତିଯେ ଏହାକୁ ସଠିକ୍ ଭାବେ ତଦନ୍ତ କରାଯାଇ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯିବ।

## ପିଏମ୍ଏୱାଇ ନୂତନ ହିତାଧିକାରୀ ଚୟନ ପାଇଁ ସର୍ଭେ ଆରମ୍ଭ

ତେନ୍ତୁଲିଖୁଣ୍ଟି (ଭାସ୍କର ନ୍ୟୁଜ୍): ସରକାର ଗରିବ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଗୃହ ଯୋଗେଇ ଦେଉଛନ୍ତି। ବର୍ତ୍ତମାନ ହିତାଧିକାରୀ ଚୟନ ପ୍ରକ୍ରିୟା ରେ କୋହଳ କରାଯାଇ ଥିବାବେଳେ ମାସିକ ୧୫ ହଜାର ଆୟକରୁଥିବା ପରିବାର ତଥା ଦୁଇଚକିଆ ଯାନ ଓ ରେଫ୍ରିଜେଟର ଥିଲେ ମଧ ଆବାସ ଯୋଜନାରେ ସାମିଲ କରାଯିବ। ଏଥିପାଇଁ ଆଜିଠାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂତନ ହିତାଧିକାରୀ ଚୟନ ନିମନ୍ତେ ସର୍ଭେ ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ପୂଜାରୀ ଗୁଡା ପଂଚାୟତ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ତେନ୍ତୁଲିଖୁଣ୍ଟି ପଂଚାୟତ ସମିତି ଅଧକ୍ଷା ନିଁଳେନ୍ଦ୍ରି ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ସମ୍ମାନିତ ଅତିଥି ଭାବେ ପୂଜାରୀ ଗୁଡା ସରପଞ୍ଚ ଅନାଦି ମାଝି ଉପସ୍ଥିତ ଥିଲେ । ଏହି ଅବସରରେ ଏକ ପ୍ରଚାର କାର୍ଯ୍ୟକ୍ରମ ଡାକବାଜି ଯନ୍ତ୍ର ଜରିଆରେ ବ୍ଲକର ସମସ୍ତ ଗ୍ରାମରେ ପ୍ରଚାର କରାଯିବ । ନୂତନ ହିତାଧିକାରୀ ଚୟନ ପ୍ରକ୍ରିୟା ଏବଂ କେଉଁ ଆଧାରରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ସର୍ଭେ ରେ ଅନ୍ତର୍ଭୁକ୍ତ ହେବେ ସେନେଇ ସଚେତନତା କରାଯିବ । କୌଣସି ଗରିବ ହିତାଧିକାରୀ ଯେଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଯେମିତି ବାଦ ପଡ଼ିବେ ନାହିଁ ସେନେଇ ଏହି ଅଭିଯାନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିପିସି ଉମ୍ମା ମାହେଶ୍ୱରୀ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପଂଚାୟତ ନିର୍ବାହୀ ଅଧିକାରୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ,ଭାଜପା ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ,ଅଭିମନ୍ୟୁ ହରିଜନ,ସୁରି ବିଷୋୟୀ,ଭିକି ବିଷୋୟୀ,ସୁବାଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଷ୍ପ ପ୍ରଦର୍ଶନୀ ପଇଁ ପ୍ରସ୍ତୁତି ବୈଠକ



ବୌଦ୍ଧ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ବରିଷ୍ଠ ଅଧିବକ୍ତା ତଥା ପରିବେଶବିତ୍ ସୁଧୀର କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ବୌଦ୍ଧ ବୃକ୍ଷପ୍ରେମୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଂଘର ସଭାପତି ଭାବେ ପରିବେଶ ବିଜ୍ଞାନୀ ତଥା ଅଧ୍ୟାପକ ଡ଼. ପ୍ରବୀର କୁମାର ଦାସ, ଉପସଭାପତି ଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର୍ ପ୍ରକାଶ, ସମ୍ପାଦକ ଭାବେ ଯୁବ ଆଡଭୋକେଟ କପିଲ୍ ମିଶ୍ର, ସହ ସମ୍ପାଦକ ଭାବେ ଶିବାନନ୍ଦ ସାହୁ, କୋଷାଧକ୍ଷ ଭାବେ ତାପସ ସାହୁ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ। ବରିଷ୍ଠ ସଦସ୍ୟ ସୁଧୀରର କର୍ଣ୍ଣ, ବୌଦ୍ଧ ପଂଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, କର୍ମଚାରୀ ସଂଘର ପୂର୍ବତନ ସଭାପତି ରାଜେନ୍ଦ୍ର ମହାପାତ୍ର, ବୃକ୍ଷ ପ୍ରେମୀ ରାଜୁ ପ୍ରସାଦ ସଂଘର ଉପଦେଷ୍ଟା ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଜାନୁୟାରୀ ୨୬ ତାରିଖରେ ବୌଦ୍ଧ ଟାଉନହଲ୍ଠାରେ ହେବାକୁ ଥିବା ବାର୍ଷିକ ପୁଷ୍ପ ପ୍ରଦର୍ଶନୀକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା। ସଭାପତିଙ୍କ ସୂଚନା ଅନୁସାରେ ପ୍ରତିବର୍ଷ ପରି କୁଣ୍ଡରେ ଥିବା ଫୁଲ, କଟା ଫୁଲ, ସୋ ପ୍ଲାଣ୍ଟ, ଔଷଧୀୟ ବୃକ୍ଷ, ପୁଷ୍ପ ସଜ୍ଜା ସହ ଫୁଲ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବୌଦ୍ଧ ଜିଲ୍ଲାର ସମସ୍ତ ବୃକ୍ଷ ପ୍ରେମୀ ଏଥିରେ ବହୁ ସଂଖ୍ୟାରେ ଭାଗନେବେ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।

## ମୁଖ୍ୟଯନ୍ତ୍ରୀଙ୍କୁ ଭେଟିଲା ରେଳ ନିର୍ମାଣ ସଂଘର୍ଷ ସମିତି

### ରାୟପୁର-ସମ୍ବଲପୁର ରେଳ ଲାଇନ ନିର୍ମାଣ ଦାବି



ବରଗଡ(ଭାସ୍କର ନ୍ୟୁଜ୍): ରାୟପୁରରୁ ସମ୍ବଲପୁର ପର୍ଯ୍ୟନ୍ତ ନୂତନ ରେଳ ଲାଇନ ନିର୍ମାଣ ପାଇଁ ଦୁଇବର୍ଷ ପୂର୍ବେ ୩ ଜାନୁଆରୀ ୨୦୨୨ରେ ଦିଲ୍ଲୀ ରେଳ ଭବନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାୟପୁର ବରଗଡ ରେଳ ଲାଇନ ନିର୍ମାଣ ସଂଘର୍ଷ ସମିତିର ସଦସ୍ୟ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିକୁ ଗମ୍ଭୀରତା ଏବଂ ରେଳ ଲାଇନ ନିର୍ମାଣର ଆବଶ୍ୟକତାକୁ ହୃଦୟଙ୍ଗମ କରି ନିର୍ମାଣ ବିଭାଗକୁ ଏକ ମାସ ମଧ୍ୟରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧାର ଏସଏମ କନଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା ଭୂମି ଏବଂ ମାଟି ପରୀକ୍ଷା କାର୍ଯ୍ୟ ଶେଷ ହେବା ପରେ ବିଭାଗକୁ ଏହି ସର୍ଭେ ରିପୋର୍ଟ ଦାଖଲ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମିଟି ସଂଯୋଜକ ଦିଲୀପ ଗୁପ୍ତା, ସଂଗଠନ ମନ୍ତ୍ରୀ ଅଭିଜିତ୍ ପ୍ରତିହାର ଏବଂ ସହ-ସଚିବ ସତ୍ୟଜିତ୍ ପ୍ରଧାନ ଜାନୁଆରୀ ୨୨ ରେ ଭୁବନେଶ୍ୱର ରେଳ ଭବନରେ ମୁଖ୍ୟ ଇଞ୍ଜିନିୟର ଶଶିମୋହନ ସିଂଙ୍କୁ ଭେଟି ତାଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସ୍ୱାଗତ କରିଥିଲେ ଏବଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦିଗରେ ନିଆଯାଇଥିବା ପଦକ୍ଷେପ ଏବଂ ଅନ୍ୟ ବିଷୟଗୁଡିକରେ ଆଲୋଚନା କରିବା ସହ ସାମ୍ପ୍ରତିକ ପରିସ୍ଥିତି ବିଷୟରେ ଅବଗତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ମହାସମୁନ୍ଦ ସାଂସଦ ରୂପକୁମାରୀ ଚୌଧରୀଙ୍କ ଦ୍ୱାରା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଜେନେରାଲ ମ୍ୟାନେଜର (ପୂର୍ବତଟ ରେଳ ଭୁବନେଶ୍ୱର) କୁ ୨୨.୦୬. ୨୦୨୪ ଦିନ ଜାରି କରାଯାଇଥିବା ଏକ ଚିଠି ମଧ ପ୍ରଦାନ କରାଯାଇଛି। ଏହି ଆଲୋଚନାରେ ସେ କହିଛନ୍ତି ଯେ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଜମି ଓ ପୋଲ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇଛି । ରାୟପୁର ଏବଂ ସମ୍ବଲପୁର ମଧ୍ୟରେ ୨୭୦ କିଲୋମିଟର ରେଳଲାଇନ ନିର୍ମାଣ ପାଇଁ ସମ୍ବଲପୁର, ବରଗଡ, ମହାସମୁନ୍ଦ ଏବଂ ରାୟପୁର ଜିଲ୍ଲା ଅଧୀନରେ ପଡିଥିବା ଜମି ସମ୍ବନ୍ଧୀୟ ସୂଚନା ରାୟପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରୁ ଗ୍ରହଣ କରାଯାଇଛି । ରାୟପୁର ଜିଲ୍ଲା ଅଧିନରେ ଥିବା ଜମି ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ରାୟପୁର ଜିଲ୍ଲାପାଳଙ୍କୁ ବାରମ୍ବାର ଚିଠି ଲେଖିଥିଲେ ହେଁ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିବାରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନାହିଁ ।ରାୟପୁର ଜିଲ୍ଲାପାଳଙ୍କ ଠାରୁ ସୂଚନାପ୍ରାପ୍ତ ହେବା ମାତ୍ରକେ ଖୁବ ଶୀଘ୍ର ଏକ ରିପୋର୍ଟ ପ୍ରସ୍ତୁତ ହୋଇ ଜେନେରାଲ ମ୍ୟାନେଜରଙ୍କ ନିକଟକୁ କାର୍ଯ୍ୟକାରୀ ହେବା ପାଇଁ ପଠାଯିବ ବୋଲି ସୂଚନା ଦେଇଥିଲେ। ଏ ସମ୍ପର୍କରେ ସମିତି ଜେନେରାଲ ମ୍ୟାନେଜରକୁ ଆଶ୍ୱସ୍ତ କରିଛନ୍ତି ଯେ ଖୁବ୍ ଶୀଘ୍ର ଏହି ପ୍ରସଙ୍ଗରେ ସମିତି ରାୟପୁର ସାଂସଦ ବ୍ରିଜମୋହନ ଅଗ୍ରୱାଲ ଏବଂ ରାୟପୁର ଜିଲ୍ଲାପାଳଙ୍କୁ ଭେଟି ସମ୍ପୃକ୍ତ ଗ୍ରାମଗୁଡିକର ଜମି ସମ୍ବନ୍ଧୀୟ ସୂଚନା ରେଳଭବନ ପ୍ରଦାନ ପାଇଁ ଉଦ୍ୟମ କରିବ ଯାହାଦ୍ୱାରା ରେଳ ନିର୍ମାଣ ପ୍ରକ୍ରିୟା ଆଗକୁ ବଢିବ । ଏ ସବୁ ପ୍ରକ୍ରିୟା ପାଇଁ ରେଳ ନିର୍ମାଣ ସଂଘର୍ଷ ସମିତି ସଦା ସର୍ବଦା ତତ୍ପର ଥିବା ଶ୍ରୀ ଗୁପ୍ତା ପ୍ରକାଶ କରିଥିଲେ ।

## ଭୂମି ପୂଜନ ଓ ଅଙ୍ଗନବାଡି ଗୃହ ଉଦ୍ଘାଟିତ

ଉମରକୋଟ(ଭାସ୍କର ନ୍ୟୁଜ୍): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ଭାଲୁଗୁଡା ଠାରେ ସହରାଞ୍ଚଳ ବାସହୀନଙ୍କ ଆଶ୍ରୟ ସ୍ଥଳୀର ଭୂମି ପୂଜନ, ୟୁ ଭି ୪ ଦର୍ଗାଗୁଡା ଓ ଦର୍ଗାଗୁଡା ଆଦିବାସୀ ଠାରେ ଦୁଇଟି ଅଙ୍ଗନବାଡି କେନ୍ଦ୍ରକୁ ଉଦ୍ଘାଟନ କରିଛନ୍ତି। ଆଶ୍ରୟ ସ୍ଥଳୀ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ଏକ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସହରାଞ୍ଚଳର ଅନେକ ବାସହୀନ ଏଣେତେଣେ ବୁଲିବା ସହ ରାସ୍ତାକଡରେ ଥିବା ଦୋକାନ ବାରଣ୍ଡାରେ ବା ରାସ୍ତା କଡ଼ରେ ବିଶ୍ରାମ ନେଉଥିଲେ ଏବଂ ବର୍ଷା ଶୀତ ଦିନରେ ଅନେକ ଅସୁବିଧା ଭୋଗୁଥିଲେ ଆଗାମୀ ଦିନରେ ଏହି ଆଶ୍ରୟସ୍ଥଳୀରେ ଯାଇ ରହି ପାରିବେ। ଏହି ଆଶ୍ରୟ ସ୍ଥଳୀ ହେବା ପରେ ଅନେକ ଲୋକ ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ସେହିଭଳି ଅଙ୍ଗନବାଡି କେନ୍ଦ୍ର ନଥିବା ଯୋଗୁଁ ଦର୍ଗା ଗୁଡା ଠାରେ ପାଠ ପଢ଼ାରେ ଅନେକ ଅସୁବିଧା ହେଉଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅଶୋକ ପାଢ଼ୀ, କାଉନସିଲର ତପନ ଦେବନାଥ,ମୁନା ପାଢ଼ୀ ,ମନୋଜ ନାୟକ, ଚିତ୍ତ ରଞ୍ଜନ ପାତ୍ର, ନେତ୍ର ହରିଜନ,ନିର୍ବାହୀ ଅଧିକାରୀ ବନମାଳି ଶତପଥୀ,ରାମ ନାୟକ, ସତ୍ୟ ବେହେରା,ପ୍ରଭାତ ନାୟକ ପ୍ରମୁଖ ଉପସ୍ଥିତ ରହିବା ଅନେକ ଭାଜପା କର୍ମୀ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ସ୍କୁଟି ଚାଳକ ଗୁରୁତର

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ ବଘରାଚକା ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ବାଡେଇ ହୋଇ ଜଣେ ସ୍କୁଟି ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଶୁକ୍ରବାର ସନ୍ଧ୍ୟା ସମୟରେ ବଘରାଚକା ନିକଟରେ ଜଣେ ଅଜଣା ସ୍କୁଟି ଚାଳକ ଭାରସାମ୍ୟ ହରାଇ ଏକ ଗଛରେ ବାଡେଇ ହୋଇ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍କୁଟି ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିବାବେଳେ ଆହତଙ୍କ ପରିଚୟ ମିଳିପାରିନାହିଁ। ତେବେ ଗାନ୍ଧିଛକ ରାଜପୁର ରାସ୍ତାରେ ଦିନକୁ ଦିନ ଭିଡ ବଢୁଥିବାରୁ ଏହାର କିଛି ବିକଳ୍ପ ସମାଧାନ କରାଯାଉନଥିବାରୁ ଏପରି ଦୁର୍ଘଟଣା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।



## ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ୱାନଷ୍ଟପ ସେଣ୍ଟର ପକ୍ଷରୁ ଆଜି ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଶିଶୁ କନ୍ୟା ଦିବସ ପାଳନ କରାଯାଇଛି । ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶ ପ୍ରାରମ୍ଭରେ ୱାନଷ୍ଟପ ସେଣ୍ଟର ନିର୍ଦ୍ଦେଶକ ସୁଧୀର କୁମାର ସାବତ ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି କହିଲେଯେ ସମାଜରେ ଝିଅମାନେ ସମ୍ମୁଖୀନ ହେଉଥିବା ନାନାଦି ସମସ୍ୟା ଓ ଅସମାନତା ବିଷୟରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଏହା ୨୦୦୮ ମସିହାରୁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ଶିଶୁ କନ୍ୟା ଦିବସ ଆରମ୍ଭ କରାଯାଇଥିଲା। ଏହି ଦିନ ବାଳିକାମାନଙ୍କ ସୁରକ୍ଷା ଏବଂ ସେମାନଙ୍କର ପାଇଁ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ସୃଷ୍ଟି ବିଷୟରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଏହି ବର୍ଷର ଜାତୀୟ ଶିଶୁ କନ୍ୟା ଦିବସର ଥିମ୍ ହେଉଛି- 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଝିଅ ମାନଙ୍କୁ ସଶକ୍ତ କରିବା' । ନିଜର ବକ୍ତବ୍ୟରେ ଜିଲ୍ଲାପାଳ ଡଃ ମହାପାତ୍ରଙ୍କ କୌଣସି ଦିବସକୁ ପାଳନ କରିବା ଓ ତାହାର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱକୁ ଅନୁଭବ କରି ଆମ ବ୍ୟବହାରରେ ପରିବର୍ତ୍ତନ ଆଣିବା ଏହି ଦୁଇଟି କଥାରେ ପାର୍ଥକ୍ୟ ଅନେକ ଓ ଝିଅ ମାନଙ୍କ ପ୍ରଗତି ପାଇଁ ହେଉଥିବା ସମସ୍ତ ପ୍ରଚେଷ୍ଟାର ସଫଳ ରୂପାୟନ ସେତେବେଳେ ହେଇପାରିବ ଯେତେବେଳେ ଆମେ ମାନସିକ ସ୍ତରରେ ଝିଅମାନଙ୍କୁ ସେମାନଙ୍କର ଅଧିକାର ଦେବା ପାଇଁ ପ୍ରସ୍ତୁତ ହେବା । ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କହିଲେଯେ ବାଳିକାମାନଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଯୋଜନାମାନ ପ୍ରସ୍ତୁତ କରିଆସୁଅଛନ୍ତି। ସେହି ଯୋଜନା ମାନଙ୍କ ମଧ୍ୟରୁ ବେଟି ବଚାଓ ବେଟି ପଢ଼ାଓ , ବିଜୁ କନ୍ୟାରତ୍ନ ଯୋଜନା, ସବଳା, କିଶୋରୀ ଶକ୍ତି ଯୋଜନା ଇତ୍ୟାଦି ଅନ୍ୟତମ । ଏହି ଯୋଜନା ଗୁଡିକର ପ୍ରାୟ ଉଦ୍ଦେଶ୍ୟ ଝିଅ ଜନ୍ମକୁ ବଢେଇବା, ଯାହାର ଫଳସ୍ୱରୂପ ସେମାନେ ନିଜର ଉନ୍ନତି କରିବା ସହିତ ଦେଶ ପ୍ରଗତିରେ ସହାୟକ ହେବେ । ଆଦ୍ୱନଏଡର ଜିଲ୍ଲା ପରାମର୍ଶଦାତା ଫକିର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି ସମାବେଶରେ ଜିଲ୍ଲା ଜିଲ୍ଲାପରିଷଦ ମୁଖ୍ୟଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୁଆନ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ମନୋରମା ମାଝି ,ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, କାଉନସେଲର ଶର୍ମୀଷ, ସ୍ୱର୍ଣ୍ଣଲତା ପଟ୍ଟନାୟକ , ଶିଶୁ ମଙ୍ଗଳ କମିଟିର ସଭ୍ୟ ସନ୍ତୋଷ କୁମାର ଷଡ଼ଙ୍ଗୀ, ନର୍ସିଂ ମହାବିଦ୍ୟାଳୟର ଅଧକ୍ଷା ଅନିତା ବ୍ରହ୍ମା, ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ, କିଶୋରୀ ପଟ୍ଟନାୟକ ପ୍ରମୁଖ୍ୟ ବକ୍ତା ମାନେ ସମାଜରେ ମହିଳାମାନଙ୍କର ସମସ୍ୟା ବିଶେଷ କରି କିଶୋରୀ ବାଳିକା ମାନେ ସେମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ୍ନ ହେଉଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବା ସହିତ , ସେମାନଙ୍କର ମାନବିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା , ସମସ୍ତ ଶିଶୁ କନ୍ୟା ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ଏହି ସବୁ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥବା ୬ ଜଣ କିଶୋରୀମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ଶେଷରେ ୱାନଷ୍ଟପ ସେଣ୍ଟର ପରିଚାଳିକା ରଞ୍ଜିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡା ମହାବିଦ୍ୟାଳୟସ୍ଥିତ ତିନି ବିଭାଗ ଜାତୀୟ ସେବା ଯୋଜନା, ଜାତୀୟ ସମର ବାହିନୀ ଓ ଯୁବ ରେଡକ୍ରସ ଏବଂ ନେହେରୁ ଯୁବ କେନ୍ଦ୍ର , ସମ୍ବଲପୁର ମାଟିର ସୁଯୋଗ୍ୟ ପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭା କାର୍ଯ୍ୟରେ ସମସ୍ତ ସମ୍ମାନିତ ଅତିଥି ଏବଂ ଦଳ ସ୍ୱେଚ୍ଛାସେବୀ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏ ଙ୍କ ଫଟୋଚିତ୍ରରେ ପୁଷ୍ପମାଳା ଅର୍ପଣ କରିଥିଲେ ଓ କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହା ସହିତ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମର ଆଜି ଉଦଯାପନୀ ସମାରୋହ ମଧ ପାଳିତ ହୋଇଥିଲା। ଭାରତ ସରକାରଙ୍କ ତରଫରୁ ସଡ଼କ ନିରାପତ୍ତା , ଟ୍ରାଫିକ ସଚେତନତା ପାଇଁ ସମଗ୍ର ଦେଶରେ ବିଭିନ୍ନ ସଚେତାନଧର୍ମି କାର୍ଯ୍ୟକ୍ରମକୁ ଅନୁଷ୍ଠିତ କରାଯାଉଥିବାରୁ କୁଚିଣ୍ଡା ମହାବିଦ୍ୟାଳୟର ୨୫ ଜଣ ସ୍ୱେଚ୍ଛାସେବୀ ସ୍ଥାନୀୟ ପୋଲିସ କର୍ମଚାରୀଙ୍କ ସହ ଟାଉନ ର ବିଭିନ୍ନ ଛକ ଯଥା : କୁସୁମୀ ଛକ , ପୁରୁଣା ବସଷ୍ଟାଣ୍ଡ ଟ୍ରାଫିକ ଛକ, ବସଷ୍ଟାଣ୍ଡ ପାଖାପାଖି ଅଞ୍ଚଳରେ ବିଶେଷତଃ ବହୁତ୍ ଭିଡ଼ ହେଉଥିବା ଯୋଗୁଁ, ସେଇଠି ଲୋକମାନଙ୍କୁ ସାହାଯ୍ୟ ଏବଂ ସଚେତନ କରିଥିଲେ। ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, କୁଚିଣ୍ଡା ଥାନା ଅଧିକାରୀ ଶ୍ରୀଯୁକ୍ତ ଶଂଖୁଆଳ ବାନମଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ସହିତ ପିଲାମାନେ ଲାଇସେନ୍ସ , ହେଲମେଟର ବ୍ୟବହାର , ସିଟ ବେଲ୍ଟ ବ୍ୟବହାର ଏବଂ ସମସ୍ତ ଟ୍ରାଫିକ ନିୟମ କୁ ମାନି ଚାଲିବା ପାଇଁ ଜଣ ସାଧାରଣଙ୍କୁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀଙ୍କ ଏମିତି ଏକ ଅଭିନବ ପ୍ରୟାସକୁ ସାଧାରଣସ୍ତରରେ ଲୋକ ପ୍ରଶଂସା କରୁଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ମହାବଦ୍ୟାଳୟରେ ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୀବନୀ ବିଷୟରେ ପିଲାଙ୍କ ମନରେ ଦେଶାତ୍ମବୋଧ ତଥା ପିଲାମାନଙ୍କୁ ଅଧିକ ଗବେଷଣା କରିବାକୁ ପରାମର୍ଶ ଦେଇଥିଲେ , ଏବଂ ଜାତୀୟ ମୂଲ୍ୟବୋଧ ସୃଷ୍ଟି କରିବା ପାଇଁ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ସଂଗ୍ରାମୀ ଛବିଳ ସାଏଙ୍କୁ ହତ୍ୟା କରାଯାଇଥିବା କୁଡୋପାଲି ଗ୍ରାମକୁ ଛାତ୍ରଛାତ୍ରୀମାନଙ୍କୁ ପରିଦର୍ଶନ କରିବାର ଏକ ପ୍ରସ୍ତାବ ମଧ ହେଇଛନ୍ତି । ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ମାରିଆନୁସ ବିଲୁଙ୍ଗ ପରାକ୍ରମୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବୀର ଗାଥା ତଥା ଟ୍ରାଫିକ ସଚେତନତାରେ ଅଂଶୀଦାର ଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରୁଥିବା+୩ ବିଭାଗ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ସୁଶ୍ରୀ ବେଲମତି କୁମୁରା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ, ଉଦ୍ଦେଶ୍ୟ, ତଥା ଆଭିମୁଖ୍ୟ ବିଷୟରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ପଦାର୍ଥ ବିଭାଗ ବିଭାଗୀୟ ମୁଖ୍ୟ ଅଧାପିକା ଶ୍ରୀମତୀ ମଞ୍ଜୁଶ୍ରୀ ଦାସ ଉପସ୍ଥିତ ଥିବାବେଳେ +୨ ବିଭାଗ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଖୁର୍ଶିଦାରା ବେଗମ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସ୍ୱେଚ୍ଛାସେବୀଙ୍କ ମଧରେ ସିଲୁ ସୁନାନୀ , ରୀନା କୁମାରୀ ନାୟକ , ଅଜୟ ନାଏକ , ଧରଣୀ କିସାନ, ଅଞ୍ଜଳି ମହନ୍ତ,ଆଦି ନେତୃତ୍ୱ ନେଇ କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ପରିଚାଳନା କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ରୀନା କୁମାରୀ ନାଏକ ଏବଂ ଅଜୟ ନାଏକ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ ।



## ବନାଞ୍ଚଳସ୍ତରୀୟ ତାଲିମ ଶିବିର

ଝରିଗାଁ (ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ବନଖଣ୍ଡ ଅଧିନସ୍ଥ ଝରିଗାଁ ବନାଞ୍ଚଳ ପକ୍ଷରୁ ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁର ନିୟନ୍ତ୍ରଣ ଓ ନିବାରଣ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଝରିଗାଁ ବନାଞ୍ଚଳ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ଘୁମୁରା ନାଚ ସାମିଲ ଥିବାବେଳେ ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରିଥିଲେ।ଶୋଭାଯାତ୍ରା ପରେ ଝରିଗାଁ ସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ଠାରେ ଝରିଗାଁ ରେଞ୍ଜର ଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନବରଙ୍ଗପୁର ଡ଼ିଏଫଓ ଶୁଭେନ୍ଦୁ ପ୍ରସାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା କରିବା ସହ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଝରିଗାଁ ତହସିଲଦାର ଶଙ୍କର ପଟ୍ଟନାୟକ, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଜିଲ୍ଲା ପରିଷଦ ସଭ୍ୟା ଯମୁନା ଗଣ୍ଡ,ପ୍ରାଣୀ ଚିକିତ୍ସକ ସାରଦା ନାୟକ,ଜଙ୍ଗଲ ପ୍ରେମୀ ଭକ୍ତଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ଜଙ୍ଗଲ ନଷ୍ଟ ହେବା ଯୋଗୁଁ ଜଳ ବାୟୁ ପରିବର୍ତ୍ତନ ହେବାରେ ଲାଗିଛି ତେଣୁ ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ଜଣେ ଜଣେ ପାଞ୍ଚଟି ଗଛ ଲଗାଇବା ସହ ଗଛ ଗୁଡିକର ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ କଂଗ୍ରା ଫରେଷ୍ଟର ଅମିତ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଝରିଗାଁ ବନାଞ୍ଚଳର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ଶେଷରେ ଚନ୍ଦାହାଣ୍ଡି ବ୍ଲକ ଭତାଝର ଗ୍ରାମର ଘୁମୁରା ଦଳ ନାଚ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ସହ ସଚେତନ କରିଥିଲେ।

## ମହିଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଜୟନ୍ତୀ ବୁରୁଦା ସମ୍ମାନିତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ପୂଜ୍ୟ ପୂଜା ସଂସ୍କାରକୁ ଆଧାର କରି ମହିଳା ମହାବିଦ୍ୟାଳୟ ମାଲକାନଗିରିର ପୂର୍ବତନ ଛାତ୍ରୀ ଜୟନ୍ତୀ ବୁରୁଦାଙ୍କୁ ମହାବିଦ୍ୟାଳୟ ଗହଣରେ ପାଇ ସମସ୍ତ ଛାତ୍ରଛାତ୍ରୀ ମାନେ ଉତ୍ସାହିତ ଓ ଅଧ୍ୟାପକମାନେ ଅନେକ ଖୁସି ହୋଇଥିଲେ । ବିଶ୍ୱ ଯେତେବେଳେ କନ୍ୟା ଦିବସ ପାଳୁଥିଲା ସେତେବେଳେ ମାଲକାନଗିରି ମହିଳା ମହାବିଦ୍ୟାଳୟରେ ଅଭ୍ୟର୍ଥନା ସାଉଣ୍ଟୁଥିଲେ ଜୟନ୍ତୀ ବୁରୁଦା । ନିଜର କର୍ତ୍ତବ୍ୟ, ଅଧବସାୟ, ପରୋପକାର ମନୋବୃତି, ଜୀବନ ସଂଗ୍ରାମରେ ଏକାକୀ ଲଢ଼ିବା ସହ ଜିତିବାର ପ୍ରବୃତ୍ତି ତଥା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ, ଆଦିବାସୀ ମହିଳା ତଥା ଆମଜିଲ୍ଲା କୁ ବିଶ୍ୱ ଦରବାରରେ ପ୍ରତିନିଧିତ୍ୱ କରିଥିବାରୁ ଏବଂ ଆମର ପ୍ରେରଣାର ଉତ୍ସ ଜୟନ୍ତୀକୁ ମହାବିଦ୍ୟାଳୟର ଛାତ୍ରୀମାନେ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଦୀର୍ଘ ଦିନର ସଂଘର୍ଷ ଆଜି ତାଙ୍କୁ ବିଶ୍ୱ ଦରବାରରେ ପହଞ୍ଚାଇ ଥିବାରୁ ସେ ଆଜି ସମସ୍ତଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି । ସମସ୍ତ ଅଧାପକଙ୍କ ସ୍ନେହ ଓ ପ୍ରେରଣା ଆଜି ଆମ ଜିଲ୍ଲା ଯାହା ଆଦିବାସୀ ମହିଳାଙ୍କୁ ବିଭିନ୍ନ କାର୍ଯ୍ୟରେ ଅବହେଳା କରାଯାଉଛି ସେମାନେ ଟିକିଏ ସହଯୋଗ ପାଇଲେ ଅନେକ କିଛି କରିପାରିବେ ବୋଲି ଜୟନ୍ତୀ କହିଛନ୍ତି। ଶିକ୍ଷାଗୁରୁଙ୍କ ସହ ନିଜକୁ ଆତ୍ମ ଶକ୍ତିଶାଳୀ କରିବାର ଯେଉଁ ସାମର୍ଥ୍ୟ ପାଇଁ ପ୍ରେରଣା ଦେଇଥିବା ବିନାଶ ମିଶ୍ର ସାର୍ ଓ ବିରେନ୍ ଦାସଙ୍କୁ ମଧ ସେ ମନେପକାଇଥିଲେ । ନିଜର ସମସ୍ତ ସହପାଠୀ ଓ କର୍ମକ୍ଷେତ୍ରର ସମସ୍ତ ସହଯୋଗୀଙ୍କୁ ମଧ ନିଜ ଅଭିଭାଷଣରେ ମନେ ପକାଇଥିଲେ । ଉଚ୍ଚ ଶିକ୍ଷା ଓ ଦୀର୍ଘ ଦିନର ନିରବିଚ୍ଛିନ୍ନ ସମାଜସେବା ଜିଲ୍ଲାର ଅନ୍ୟମାନଙ୍କୁ ବିଶେଷ କରି ମହିଳାମାନଙ୍କୁ କିଛି କରିବା ନିମନ୍ତେ ପ୍ରେରଣା ଦେବା ବୋଲି ସେ କହିଥିଲେ। ପୂର୍ବରୁ ଅନେକ ରାଜ୍ୟସ୍ତରରେ ତଥା ଜାତୀୟ ସ୍ତରରେ ସମ୍ମାନିତ ହୋଇଥିଲେ ମଧ ବର୍ତ୍ତମାନର ଫେମିନା ୬୫ ସମସ୍ତ ଠାରୁ ଭିନ୍ନ ଥିଲା ବୋଲି ସେ କହିଥିଲେ। ଆମ ଜିଲ୍ଲା ମାଲକାନାଗିରିର କିଶୋରୀ ବାଳିକା ଓ ଅଳ୍ପ ଶିକ୍ଷିତ ମହିଳାଙ୍କୁ ସ୍ୱାବଲମ୍ବନ କରିବା ତଥା ସେମାନଙ୍କ ଅଧିକାର କିପରି ମିଳିବ ସେଥିପାଇଁ ସେ ଅନବରତ କାର୍ଯ୍ୟ କରିଚାଲିବେ ବୋଲି କହିଛନ୍ତି। ଚଲାପଥ ତାଙ୍କ କୁସୁମିତ ହେଉ, ସେ ଆଉ ଅଧିକ ଧୈର୍ଯ୍ୟର ସହ, ସାମର୍ଥ୍ୟ ସାଉଁଟି ଏପରି ଲୋକହିତ କାର୍ଯ୍ୟରେ ଲିପ୍ତ ରୁହନ୍ତୁ। ସେ ଅନେକଦିନ ସ୍ୱାସ୍ଥ୍ୟବାନ୍ ରୁହନ୍ତୁ, ଏତିକି କାମନାକରି ସମସ୍ତ ଅଧାପକମାନେ ଜୟନ୍ତୀକୁ ବିଦାୟ ଦେଇଥିଲେ ।

## ବେଟି ବଚାଓ, ବେଟି ପଢ଼ାଓ ଯୋଜନାର ପୂର୍ତ୍ତି ଉତ୍ସବ



ରାୟଗଡ଼ (ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ବେଟି ବଚାଓ ବେଟି ପଢ଼ାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା କରାଯାଇଛି ଓ ଅଙ୍ଗନବାଡି କେନ୍ଦ୍ର ସ୍ତରରେ, ଗ୍ରାମ ସ୍ତରରେ, ବିଦ୍ୟାଳୟ ସ୍ତରରେ, ଗ୍ରାମ ସଭା ଆୟୋଜନ ମାଧ୍ୟମରେ ଓ ଜିଲ୍ଲା ସ୍ତରରେ ମଧ ବିଭିନ୍ନ କାର୍ଯ୍ୟକ୍ରମ କରିବା ନିମନ୍ତେ ସ୍ଥିର କରାଯାଇଛି ଓ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆଜି ୫ଟି କାର୍ଯ୍ୟକ୍ରମ ଆୟୋଜନ କରିବାର ଯୋଜନା କରାଯାଇଥିଲା ଓ କିଶୋରୀ ବାଳିକା, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀ ଏବଂ ହାଇସ୍କୁଲର ଛାତ୍ରୀ ମାନଙ୍କୁ ନେଇ ଏକ ସାଇକେଲ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠି, ଡେପୁଟି ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ, ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟ ନାରାୟଣ ନାୟକ, ଆଦ୍ୱନ ଏଡ଼ର ବାଲ୍ୟ ବିବାହ ନିଷେଧ ଜିଲ୍ଲାପରାମର୍ଶ ଦାତା ରତନେଶ୍ୱର ସାହୁ, ଆଇନ ପରାମର୍ଶ ଦାତା ନିରାକାର ପାଢ଼ୀ, ଅରୁଣା ସଂଗଠନର ପରାମର୍ଶ ଦାତା ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ଓ ଏହାପରେ ରାଲି ମହିଳା ମହାବିଦ୍ୟାଳୟ ଠାରେ ପହଂଚିଥିଲା ତାପରେ ସେଠାରେ ରଙ୍ଗୋଲି ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତି ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରାଯାଇଥିଲା ଓ ଏହି ସମୟରେ କନ୍ୟା ସନ୍ତାନର ସୁରକ୍ଷା ନିମନ୍ତେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା । ମହିଳା ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା ଓ ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କହଁର ଏହି କାର୍ଯ୍ୟକ୍ରମରେ ଯୋଗଦେଇ କନ୍ୟା ସନ୍ତାନ ମାନଙ୍କ ସୁରକ୍ଷା ପାଇଁ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଓ ସୁରକ୍ଷା ପାଇଁ ଯୋଜନା କରିଥିବା ବିଷୟରେ ଆଲୋଚନା କରିଥିଲା ବେଳେ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଓ ଓ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷଓ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଶେଷରେ ଉପସ୍ଥିତ ସମସ୍ତେ କନ୍ୟା ସନ୍ତାନର ସୁରକ୍ଷା ନିମନ୍ତେ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଉପ ବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ଓ ଶେଷରେ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦାସ ମହିଳା ମହାବିଦ୍ୟାଳୟ ଓ ରାୟଗଡ଼ ସ୍ୱୟଂ ଶାଶିତ ମହାବିଦ୍ୟାଳୟ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀ ଓ ଅଧ୍ୟାପକ ଏବଂ ଶିକ୍ଷୟତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ସ୍ଥିତ ସାନପଦର ଗ୍ରାମପଞ୍ଚାୟତ ଅଧୀନ ରାସୋଳ ଗ୍ରାମର ଗ୍ରାମବାସୀ ମାନଙ୍କ ଦ୍ୱାରା ଭାଗବତ ବାସୁଦେବଙ୍କପୀଠରେ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନ ଅଧିବାସ, କଳସ ଯାତ୍ରା ହୋଇଥିଲା । ଶନିବାର ଦିନ ଠାକୁରଙ୍କ ନାମଯଜ୍ଞ ଓ ଗ୍ରାମ ପରିକ୍ରମା କରି ହରିହାଟ ହୋଇଥିଲା । ପରେ ପୀଠସ୍ଥଳରେ ହରେ କୃଷ୍ଣ ହରେ ରାମ ନାମ କରି ନାମଯଜ୍ଞ ଆରମ୍ଭହୋଇଥିଲା। ଏହି ଅଷ୍ଟପ୍ରହରୀ ନାମ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମାଜସେବୀ ପବିତ୍ର ମୋହନ ମାଝୀ ଯୋଗଦେଇଥିବାବେଳେ ଗାୟକ ସନାତନ ବାରିକ, ବାୟକ ପବିତ୍ର ବାରିକ, ଶିଶିର ଦାସ,ଅଖିଳ ବଳିଆରସିଂହ, ଆକୁଳ ପରିଡା, ବସନ୍ତ ପରିଡା, ଶଙ୍କର ଦାସ, ସତ୍ୟନାରାୟଣ ବାରିକ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ବଧିପାଟଣା, ବିନୋଦପଡା, ଆମ୍ବଝର, କୁଳାସର ଗ୍ରାମର ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଠାକୁର ଶ୍ରୀ ରାମ ଓ କୃଷ୍ଣଙ୍କ ନାମକୁ ଗାନ କରିଥିଲେ। ଅଖଣ୍ଡ ଯଜ୍ଞ ସହିତ ନାମକୀର୍ତ୍ତନ ଗ୍ରାମପରିବେଶକୁ ଉଲ୍ଲସିତ କରିଥିଲା । ଗ୍ରାମର ସମସ୍ତ ଗ୍ରାମବାସୀ କୀର୍ତ୍ତନରେ ସହଯୋଗ କରିଥିଲେ। ପ୍ରତିବର୍ଷ ଏହି ଗ୍ରାମରେ ହରିହାଟ ସହ ଯଜ୍ଞର ଆୟୋଜନ କରାଯାଇଥାଏ। ଗ୍ରାମବାସୀମାନେ ଏକତ୍ରିତ ହୋଇ ଏହି ସମାରୋହକୁ ଆୟୋଜନ କରିଥାନ୍ତି। ଏଥିରୁ ସେମାନେ ଭଗବତପୂର୍ଣ୍ଣ ବାର୍ତ୍ତା ପାଇବା ସହ ନିଜ ମନକୁ ସନ୍ତୋଷ ଭିତରେ ରଖିବାରେ ଲାଭ ପାଇଥାନ୍ତି।

## ଓଡ଼ିଶାର ୪ ପଦ୍ମ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ଅନେକ ସୁନେଲି ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ 'ପଦ୍ମ ପୁରସ୍କାର' ପାଇଁ ଚୟନ କରି ମୋଦୀ ସରକାର ଜାତୀୟ ସ୍ତରରେ ସେମାନଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦାନ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏଥିପାଇଁ ଶ୍ରୀ ପ୍ରଧାନ ଦେଶର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇବା ସହ ସେ କହିଛନ୍ତି ଯେ ମୋଦୀ ସରକାରରେ ସର୍ବଦା ଓଡ଼ିଆ ଲୋକମାନେ ଯଥୋଚିତ ସମ୍ମାନ ସମ୍ମାନ ପାଇ ଆସୁଛନ୍ତି । ଓଡ଼ିଶାର ଅସାଧାରଣ ଲୋକପ୍ରତିଭାକୁ ପରିଚୟ ଦେବା ସହ ସମ୍ମାନିତ କରିବା ମୋଦୀ ସରକାରଙ୍କ ଉଚ୍ଚ ପରମ୍ପରା ହୋଇଛି । ପଦ୍ମ ପୁରସ୍କାର ମାଧ୍ୟମରେ ବଣମଲ୍ଲିକୁ ଲୋକଲୋଚନକୁ ଆଣିବା ପାଇଁ ଆମ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ପଦ୍ମ ପୁରସ୍କାର ତୃଣମୂଳ ସ୍ତରରେ ଅସାଧାରଣ କାର୍ଯ୍ୟ କରିଥିବା ଯୋଗ୍ୟ ବ୍ୟକ୍ତିଙ୍କ ଅବଦାନକୁ ସ୍ୱୀକୃତି ଦେଉଛି । କଳା କ୍ଷେତ୍ରରେ ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଅଦ୍ୱିତ ଚରଣ ଗଡନାୟକ ଓ ଦୁର୍ଗା ଚରଣ ରଣବୀରଙ୍କ ଓଡ଼ିଶାର କଳା ଜଗତକୁ ଅନେକ ଅବଦାନ ରହିଛି । ସେହିପରି ପଦ୍ମ ସମ୍ମାନ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ମେଡିସିନ କ୍ଷେତ୍ରରେ ଅଶୋକ ମହାପାତ୍ର ପେଡିଆଟ୍ରିକ୍ ନ୍ୟୁରୋ ସର୍ଜରି କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ସାହିତ୍ୟ କ୍ଷେତ୍ରରେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ କବି ଡ. ପ୍ରତିଭା ଶତପଥି ବହୁମୁଖୀ ପ୍ରତିଭାର ଅଧିକାରୀ । ଜାତୀୟ ସ୍ତରରେ ଏହି ଉଚ୍ଚ ସମ୍ମାନ ପାଇଁ ରାଜ୍ୟବାସୀ ଗର୍ବିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦେଶକୁ ସମୃଦ୍ଧ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଧାରଣ ନାଗରିକଙ୍କୁ ପଦ୍ମ ପୁରସ୍କାର ସେମାନଙ୍କୁ ବଡ ସମ୍ମାନ ଦେଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଓପିଜିସି ତରଫରୁ ପିପିଲିକାନି ଠାରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର




ଇବ ଥର୍ମାଲ (ଭାସ୍କର ନ୍ୟୁଜ) : ଓଡିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ ତରଫରୁ ଶୁକ୍ରବାର ଦିନ ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ପିପିଲିକାନି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଡାକ୍ତର ଗୋବର୍ଦ୍ଧନ ଲାଲ ଟେବ୍ରିବଲ ଏହି ସ୍ୱାସ୍ଥ୍ୟ ଶିବିର ଉଦଘାଟନ କରିଥିଲେ । ଏହି ଶିବିରରେ ଇବ ଥର୍ମାଲ ଚିକିତ୍ସାଳୟର ଡାକ୍ତର ଗୋବର୍ଦ୍ଧନ ଲାଲ ଟେବ୍ରିବଲଙ୍କ ସହିତ ଝାରସୁଗୁଡା ଓ ସମ୍ବଲପୁର ରୁ ଆମନ୍ତ୍ରିତ ଶିଶୁରୋଗ ବିଶେଷଜ୍ଞ ଡ଼ା ବୈକୁଣ୍ଠନାଥ କଶ୍ୟପ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡ଼ା ଜ୍ୟୋତିର୍ମୟୀ ପ୍ରଧାନ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିର ସକାଳ ୧୦ ଟା ରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିଲା । ପିପିଲିକାନି, ଭେଜିକୁଡ଼, ଭେଜିବନ୍ଧ, ଡେଂଗସର୍ଗି, ପଡଓପାଲି, କୁମାରବନ୍ଧ, ବଟଲଗା, ଖୁଣ୍ଟବନ୍ଧ, ଦଲଗାଁ ଓ ସର୍ଗିପାଲି ଇତ୍ୟାଦି ଗ୍ରାମର ୨୮୩ ରୋଗୀଙ୍କୁ ରକ୍ତଚାପ, ମଧୁମେହ, ରକ୍ତହୀନତା, ଶାରୀରିକ ଦୁର୍ବଳତା, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଚର୍ମରୋଗ, ଚକ୍ଷୁ ସଂକ୍ରମଣ, ଗ୍ୟାଷ୍ଟ୍ରିକ, ପେଟବ୍ୟଥା, ଏବଂ ବିଭିନ୍ନ ସ୍ତ୍ରୀ ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସଆର ବିଭାଗ ଦ୍ୱାରା ପରିଚାଳିତ ଏହି ଶିବିରରେ ବିଭାଗର ହିମାଂଶୁ ଭୂଷଣ ବେହେରା, ରାଜେନ୍ଦ୍ର ସା, ତାପସ ପଣ୍ଡା, ରମିୟନ ଛତ୍ରିଆ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଇବ ଥର୍ମାଲ ଚିକିତ୍ସାଳୟର ରିତା ଜେମ୍ସ,, ପ୍ରଭାତ ବାରିକ, ତୃପ୍ତିମୟୀ ପଟେଲ, ସନ୍ଧ୍ୟାରାଣୀ କିସାନ, ଅଭିମନ୍ୟୁ ଭୋଇ ଏବଂ ଦିଲ୍ଲୀପ ଦୀପ ଇତ୍ୟାଦି ସହଯୋଗ କରିଥିଲେ ।


**AFFIDAVIT**

By virtue of an affidavit in the court of the Executive Magistrate, Raghunathpur, I Sanjay Mallik, S/o- Kailash Mallik, resident of village- Dharadharpur, Post/PS- Raghunathpur, Dist- Jagatsinghpur declares that my son's actual name is Sujit Mallik which is mentioned in Birth Certificate, But wrongly mentioned as Subham Mallik Aadhar Card. Sujit Mallik & Subham Mallik is same and one person. This affidavit is to be produced before concerned authority for necessary action. Henceforth he will be known as Sujit Mallik for all purposes.

**Sd/- Sanjay Mallik**

**AFFIDAVIT**

By virtue of an affidavit before the Executive magistrate, Talcher on 16.11.2024, I Jyotirmayee Satapathy, D/o- Padma Charan Satapathy resident of Village- Dumuduma, Post- Ekaghania, Ps- Talcher, Dist- Angul declares that my actual name is Jyotirmayee Satapathy which is mentioned in HSC Certificate but wrongly mentioned as Jyotirmayee Behera in Aadhar Card. Jyotirmayee Satapathy & Jyotirmayee Behera, D/o- Padma Charan Satapathy is same and one person myself. This affidavit is to be produced before concerned authority for necessary action.

**Sd/- Jyotirmayee Satapathy**


## କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ଗିରଫ ହେଲେ ତ୍ରିନାଥ

ବାଲିମେଳା (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଆଜି ଜଣେ ଫେରାର ଅପରାଧୀ କୁ ଗିରଫ କରି କୋର୍ଟ ଚାଲାଣ କରିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନାନୁଯାୟୀ ପୁରୁଣା ଚିମଟାପାଲି ପଞ୍ଚାୟତର କତାପାଲି ଗ୍ରାମର ତ୍ରିନାଥ ଖିଲ ନାମକ ଯୁବକଙ୍କ ଘରୁ ଗତ ୨୦୨୩ ମସିହାରେ ୧୫୦ କିଲୋ ଗଂଜେଇ ଧରପଡିଥିଲା। ଏନେଇ ଓରକେଲ ପୋଲିସ ପକ୍ଷରୁ କେସ ନଂ ୬୮/୨୩ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତ୍ରିନାଥକୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ତ୍ରିନାଥ ପ୍ରାୟ ବର୍ଷେ ଜେଲ ସଜା କାଟି ୨୦୨୪ ମସିହା ମାର୍ଚ୍ଚ ମାସରେ ଜାମିନ ରେ ବାହାରକୁ ଆସିଥିଲା। ଏହାପରେ କୋର୍ଟ ର ଧାର୍ଯ୍ୟ ତାରିଖରେ ସେ ନ ପହଞ୍ଚି ଫେରାର ହୋଇ ଅନ୍ୟତ୍ର ଲୁଚି ବୁଲୁଥିଲା। କୋର୍ଟ ନିର୍ଦ୍ଦେଶ କୁ ଅବମାନନା ହେତୁ କୋର୍ଟ ପକ୍ଷରୁ ଅଭିଯୁକ୍ତଙ୍କ ନାମରେ ଜାମିନ ବିହୀନ ପରୱାନା ଜାରି ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଦୀର୍ଘ ୧୦ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅଭିଯୁକ୍ତ କୁ ଖୋଜି ଆସୁଥିଲା। ତେବେ ଗତକାଲି ରାତିରେ କୁଡୁମୁଲୁଗୁମ୍ମା ନିକଟସ୍ଥ ମହେଶ୍ୱରପୁର ଗ୍ରାମରେ ଅଭିଯୁକ୍ତ ଜଣକ ନିଜ ସମ୍ପର୍କୀୟ ଙ୍କ ଘରେ ଲୁଚି ରହିଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ନିଜ ଟିମ ସହ ପହଞ୍ଚି ତ୍ରିନାଥ କୁ ଗିରଫ କରିବା ନିମନ୍ତେ ସକ୍ଷମ ହୋଇଥିଲା। ଆଜି ପୁନଃ ଅଭିଯୁକ୍ତ ତ୍ରିନାଥ କୁ କୋର୍ଟ ଚାଲାଣ କରାଯାଇଥିବା ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୧୦ ଜନବସତି ଶୂନ୍ୟ ଦ୍ୱୀପରେ ଉଡ଼ିଲା ତ୍ରିରଙ୍ଗା



କଟକ (ଭାସ୍କର ନ୍ୟୁଜ): ୨୦୨୪ ମସିହା ନଭେମ୍ବର ମାସରେ ଓଡିଶାରେ ସର୍ବଭାରତୀୟ ଆରକ୍ଷୀ ମହାନିର୍ଦ୍ଦେଶକ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉପକୂଳ ରାଜ୍ୟଗୁଡିକରେ ଥିବା ଜନବସତି ବିହୀନ ଦ୍ୱୀପ ଗୁଡିକରେ ସାଧାରଣତନ୍ତ୍ର ଦିବସ କିମ୍ବା ତା ପୂର୍ବ ଦିନ ଜାତୀୟ ପତାକା ଉତ୍ତୋଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଜନବସତି ବିହୀନ ଦ୍ୱୀପପୁଞ୍ଜ ଗୁଡିକରେ ଭାରତର ଗର୍ବ ଏବଂ ସାର୍ବଭୌମତ୍ୱ ପ୍ରଦର୍ଶନ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ପରିକଳ୍ପିତ ଏହି ଚିନ୍ତାଧାରାର ଉଦ୍ଦେଶ୍ୟ । ସ୍ୱାଧୀନତା ପରେ ଭାରତୀୟ ଇତିହାସରେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ଏହି ଐତିହାସିକ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାର ୧୦ଟି ଉପକୂଳଦ୍ୱୀପକୁ ଚିହ୍ନଟ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ କାର୍ଯ୍ୟକାରୀ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେଇଥିଲେ । ସେହି ଅନୁଯାୟୀ, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ କାର୍ଯ୍ୟକାରୀ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣ ଦ୍ୱୀପ, ଭଦ୍ରକ ଜିଲ୍ଲାର ନୟା ଟାପୁ ଦ୍ୱୀପ, ଉଡ଼ାବାଲି, କନିକା, ଲଙ୍ଗ ହ୍ୱିଲର, ସର୍ଟ ଆଇଲାଣ୍ଡ, ସ୍ମଲ ହ୍ୱିଲର ଏବଂ ଜଗତସିଂହପୁର ଜିଲ୍ଲାର ବୋଇତରକୁଦ, ଜଟାଧାରୀ ତଣ୍ଡା ଏବଂ ବରକୁଦ ଦ୍ୱୀପରେ ଜାତୀୟ ପତାକା ଉଡାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

## ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ସଂଗଠନ ଓଡ଼ିଶା ପକ୍ଷରୁ ୧୬ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ସହଯୋଗିତାରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ସିଆରପିଏଫ୍ ଡିଜି, ଭୁବନେଶ୍ୱରର ଡିଆଇଜିପି ଭାରତ ଭୂଷଣ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଯୁବଗୋଷ୍ଠୀଙ୍କ ଭୂମିକା ବିଷୟରେ କହିବା ସହ ଅଭିନବ ଚିନ୍ତାଧାରା ରଖିବାକୁ ସେ ଆହ୍ୱାନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏନୱାଇକେଏସ, ଓଡ଼ିଶାର ରାଜ୍ୟ ନିର୍ଦ୍ଦେଶକ ମୂରଲୀଧର ଖରାତ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ଓଏସଡି ବିଜୟ କୁମାର ରାଉତ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଏନୱାଇକେ ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ନବରଙ୍ଗପୁର ଜିଲ୍ଲା ଯୁବ ଅଧିକାରୀ ବି. ରମେଶ ଧନ୍ୟବାଦ ଅର୍ପଣ କରିଥିଲେ।


**WANTED**

Wanted Helpers for Hyderabad fish farm. Free accommodation provided. Age below 45 yrs. Qalification no bar, Hindi speaking. Ph: 8374373697.



**ପୂର୍ବ ତଟ ରେଳପଥ**

**ମାର୍ଚ୍ଚ ଏବଂ ଅପ୍ରେଲ-2025 ପାଇଁ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

ଇ-ନିଲାମର ଅନୁସୂଚୀ

| ମାସ | ମଣ୍ଡଳ / ୟୁନିଟ୍ | ନିମ୍ନରେ ଉଲ୍ଲେଖ କରାଯାଇଥିବା ତାରିଖ: | | | | | | |
|---|---|---|---|---|---|---|---|---|
| ମାର୍ଚ୍ଚ-2025 | ମଞ୍ଚେଶ୍ୱର ଡିପୋ | 03 | 07 | 10 | 17 | 21 | 24 | 28 |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 04 | 07 | 11 | 18 | 21 | 25 | 28 |
| | ୱାଲ୍ଟିୟର ମଣ୍ଡଳ | 05 | 07 | 12 | 19 | 21 | 26 | 28 |
| | ସମ୍ବଲପୁର ମଣ୍ଡଳ | 06 | 07 | 13 | 20 | 21 | 27 | 28 |
| ଅପ୍ରେଲ-2025 | ମଞ୍ଚେଶ୍ୱର ଡିପୋ | 07 | 14 | 21 | 28 | | | |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 08 | 15 | 22 | 29 | | | |
| | ୱାଲ୍ଟିୟର ମଣ୍ଡଳ | 09 | 16 | 23 | 30 | | | |
| | ସମ୍ବଲପୁର ମଣ୍ଡଳ | 10 | 17 | 24 | 30 | | | |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍ସ (ଲୋକୋ, କୋଚ୍, ୱାଗନ), ରେଲ ସ୍କ୍ରାପ, ବିବିଧ P.Way ଫିଟିଙ୍ଗସ (ସୁଇଚ୍, କ୍ରସିଙ୍ଗସ, ଫିସ୍ ପ୍ଲେଟସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ । ରେଳବାଇ ପ୍ରଶାସନର ଅନ୍ୟ ଆଇଟମଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି । ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସମ୍ପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ହେବ ।

PR - 911/P/24-25 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ୧୯ଜଣଙ୍କୁ...

୨ଜଣଙ୍କୁ ରାଷ୍ଟ୍ରପତି ପୁରସ୍କାର ଏବଂ ୧୧ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ ପ୍ରଦାନ କରାଯିବ। ସେମାନେ ହେଲେ ଏସ୍‌ପି ସରୋଜ କୁମାର ସାମଲ, କନେଷ୍ଟବଳ ସତ୍ୟବାଦୀ ମଲ୍ଲିକ। ସେହିପରି ସାହସିକତା ପୋଲିସ ସେବା ପଦକ ଗିରିଶ ଚନ୍ଦ୍ର ମାଝୀ ଏସ୍‌ଆଇ, ହାବିଲଦାର ପବିତ୍ର କୁମାର ସାହୁ, ହାବିଲଦାର ଉମେଶ ମୁଣ୍ଡା, କନେଷ୍ଟବଳ ପୀତାମ୍ବର ସତନାମୀ, କନେଷ୍ଟବଳ କବିଚନ୍ଦ୍ର ରାଉତ, କନେଷ୍ଟବଳ ସୁଶାନ୍ତ କୁମାର ସାଗର। ଅନ୍ୟପକ୍ଷରେ ଉଲ୍ଲେଖନୀୟ ପୋଲିସ ସେବା ପଦକ ପାଇଁ କନେଷ୍ଟବଳ ପରିତୋଷ ମଣ୍ଡଳ, ଏସଆଇ ଏସ.କେ.ଅବଦୁଲ ଫୟାଜ, କନେଷ୍ଟବଳ ମହମ୍ମଦ ତୋଷିଫ ରବାନୀ, ଏଏସ୍‌ଆଇ ଶରତଚନ୍ଦ୍ର ବେହେରା, କନେଷ୍ଟବଳ ତ୍ରିଲୋଚନ ବୁଦ୍ଧିଆ, ଏଏସ୍‌ଆଇ ତେଜବାହାଦୂର ଗୁରୁଙ୍ଗ, ହାବିଲଦାର ଅତୁଲ କୁମାର ବିଶ୍ୱାଳ, ହାବିଲଦାର ଜୟନ୍ତୀ ସୁନା, ହାବିଲଦାର ମନୋଜ କୁମାର ଜେନା, ହାବିଲଦାର ଦେବପ୍ରସାଦ ମହାନ୍ତି ଓ କନେଷ୍ଟବଳ ନରେଶ କୁମାର ଚୌଧୁରୀଙ୍କୁ ପ୍ରଦାନ କରାଯିବ।

### ପଦ୍ମ ପୁରସ୍କାର...

ସମ୍ମାନିତ କରାଯିବ। ସେହିପରି ଭୋଜପୁରର ସମାଜସେବୀ ଭୀମସିଂ ଭବେଶଙ୍କୁ ତାଙ୍କର ୨୨ ବର୍ଷ ଧରି ତାଙ୍କ ସଂଗଠନ ନାଇଆଶା ଜରିଆରେ ସମାଜର ଅବହେଳିତ ଗୋଷ୍ଠୀ ସମୂହର ମୁଷାହର ସମ୍ପ୍ରଦାୟର ଉନ୍ନତି ପାଇଁ ତାଙ୍କର ଅକ୍ଳାନ୍ତ ପରିଶ୍ରମ ନିମନ୍ତେ ପଦ୍ମଶ୍ରୀ ସମ୍ମାନିତ କରାଯିବ। ସେହିପରି ସାମାଜିକ କର୍ମୀ ଭୀମସେନ ଭବେଶଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବ ଏବଂ ପି.ଦର୍ଚ୍ଚନ ମୂର୍ତ୍ତିଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ଦକ୍ଷିଣ ଭାରତୀୟ ସଂଗୀତ ଓ ସଂସ୍କୃତି ପାଇଁ ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ରୀୟ ବାଦ୍ୟଯନ୍ତ୍ର ଥାଭିଲରେ ବିଶେଷଜ୍ଞ ବନିଥିବା ସେ ଜଣେ ବାଦ୍ୟ ବାଦକ, ଯାହାଙ୍କର ପାଞ୍ଚ ଦଶନ୍ଧିରୁ ଅଧିକ ଅଭିଜ୍ଞତା ରହିଛି। ସେହିପରି ସେଓ ସମ୍ରାଟ ହରିମନ ଶର୍ମାଙ୍କୁ ମଧ୍ୟ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯିବ। ପାରା ଅଲିମ୍ପିଆନ୍ ହରିବିନ୍ଦ ସିଂଙ୍କୁ ମଧ୍ୟ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ମଧ୍ୟରୁ ଅନ୍ୟତମ। ୧୯୫୪ ମସିହାରୁ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପୁରସ୍କାର ଘୋଷଣା କରାଯାଇଥାଏ। କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ଔଷଧ ଏବଂ ସାମାଜିକ କାର୍ଯ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।

### ସମ୍ବିଧାନ ଆମର...

ମହାମନିଷୀମାନଙ୍କୁ ସ୍ମରଣ କରିବା ଉଚିତ୍, ଯେଉଁମାନେ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ବଳିଦାନ ଦେଇଥିଲେ। ଆମେ ଚଳିତବର୍ଷ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରିଛୁ। ସେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିନିଧି ଭାବେ ଛିଡ଼ା ହୋଇଛନ୍ତି, ଯାହାର ଜାତୀୟ ଇତିହାସରେ ଭୂମିକା ବର୍ତ୍ତମାନ ସତ୍ୟରେ ସ୍ୱୀକୃତିପ୍ରାପ୍ତ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେମାନଙ୍କ ସଂଘର୍ଷ ଏକ ସଂଗଠିତ ଦେଶବ୍ୟାପୀ ସ୍ୱାଧୀନତା ଆନ୍ଦୋଳନରେ ଏକୀଭୂତ ହୋଇଥିଲା। କୃଷକମାନଙ୍କ ଉପରେ ମତ ଦେଇ ରାଷ୍ଟ୍ରପତି କହିଥିଲେ ଯେ ଭାରତର କୃଷକମାନେ କଠିନ ପରିଶ୍ରମ କରୁଛନ୍ତି ଏବଂ ଖାଦ୍ୟଶସ୍ୟ ଉତ୍ପାଦନରେ ଦେଶକୁ ନିର୍ଭରଶୀଳ କରିଛନ୍ତି। ସେମାନଙ୍କ ଉଜ୍ଜ୍ୱଳ ପ୍ରଦର୍ଶନର ଶକ୍ତି ଉପରେ ଆଜି ଭାରତୀୟ ଅର୍ଥନୀତି ବିଶ୍ୱର ଆର୍ଥିକ ଦୃଶ୍ୟକୁ ପ୍ରଭାବିତ କରୁଛି। ସେ କହିଥିଲେ, ଭାରତର ଆର୍ଥିକ ଅଭିବୃଦ୍ଧି ହାର ଆକାଶଛୁଆଁ ହୋଇଛି। ନିକଟ ଅତୀତରେ ଅର୍ଥନୈତିକ ଅଭିବୃଦ୍ଧି ହାର କ୍ରମାଗତ ଭାବେ ଅଧିକ ରହିଛି, ଯାହା ଆମ ଯୁବବର୍ଗଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିଛି। ବହୁସଂଖ୍ୟକ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତି ଦିଆଯାଇଛି। ଦେଶରେ ଦୂରଦୃଷ୍ଟି ସମ୍ପନ୍ନ ଅର୍ଥନୈତିକ ସଂସ୍କାର ଜାରି ରହିଛି। ରାଷ୍ଟ୍ରପତି ଆହୁରି କହିଥିଲେ ଯେ ଭାରତୀୟ ପେନାଲ କୋଡ୍, ଭାରତୀୟ ସିଭିଲ ଡିଫେନ୍ସ କୋଡ୍ ଏବଂ ଭାରତୀୟ ଦଣ୍ଡବିଧି ଆଇନ ଅପରାଧିକ ପ୍ରକ୍ରିୟା ସଂକେତ ଏବଂ ଭାରତୀୟ ପ୍ରମାଣ ଆଇନ ବଦଳରେ ଭାରତୀୟ ପ୍ରମାଣ ଆଇନ କାର୍ଯ୍ୟକାରୀ କରିବା ନିଷ୍ପତ୍ତି ସବୁଠୁ ଉଲ୍ଲେଖନୀୟ। ସେ ଆହୁରି କହିଥିଲେ ଯେ ଗଣତନ୍ତ୍ରର ବିକାଶ ପାଇଁ ଆମେ ଅନେକ ପଦକ୍ଷେପ ନେଇଛୁ। ମହିଳାଙ୍କୁ ସମାନତା ଦେଇ ସରକାର ଅଗ୍ରାଧିକାର ଦେଇଛନ୍ତି। ଦେଶ ନିର୍ମାଣରେ ଶ୍ରମିକମାନଙ୍କ ଅବଦାନ କୌଣସି ଗୁଣରେ କମ୍ ନୁହେଁ । ଭାରତ ଏବେ ବିଶ୍ୱରେ ନିଜର ସ୍ୱତନ୍ତ୍ର ସ୍ଥାନ ଆଡକୁ ବଢୁଥିବା ଶ୍ରୀମତୀ ମୁର୍ମୁ କହିଥିଲେ।

## ଧୋବଣୀ ଶୋଳରେ ମକର ମେଳା

ଶୁଳିଆପଦା (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଝାଲିଆମରା ପଞ୍ଚାୟତ ର ଧୋବଣୀ ଶୋଳଠାରେ ଯୁବକ ସଂଘ ପକ୍ଷରୁ ମକର ମେଳା ଓ ରାବଣପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ମଜା ନେଇଥିଲେ ଶହଶହ ଦର୍ଶକ । ବହୁ ଦୋକାନ ବଜାର ମଧ୍ୟ ବସିଥିଲା। ଉତ୍ସବକୁ ଆନୁଷ୍ଠାନିକ ଭାବେ ପୂର୍ବତନ ଜିଲ୍ଲା ପରିଷଦ ସୁଧୀର କୁମାର ବେହେରା,ଚିଜେପି ୫୩ନଂ ଜୋନର ମଣ୍ଡଳ ସଭାପତି ମନୋଜ କୁମାର ଦାନ ,ସ୍ଥାନୀୟ ସରପଞ୍ଚ ସୁନୀଲ କୁମାର ଟୁଡୁ , ପ୍ରମୁଖ ଯୋଗ ଦେଇ ରାବଣ ଦେହରେ ଅଗ୍ନିସଂଯୋଗ କରିଥିଲେ । କମିଟି ସଦସ୍ୟ ସୁଶାନ୍ତ ଧଳ,ଦେବରାଜ ନାଏକ, ଦିନେଶ ,ବାପି, ମିଥୁନସି, ସଦାନନ୍ଦ,ରଣିଜିତ ଧଳ, ଶ୍ରୀକାନ୍ତ , ଅବିନାଶ , ଅଜୁ ସିଂହ, ଅଶୋକ, ତ୍ରିନାଥ ଙ୍କ ତତ୍ତ୍ୱବଧାନରେ ସୁନ୍ଦରରୁ ରୂପେ ମେଳା ଓ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହେଇଥିଲା ।

## ଅଞ୍ଚଳବାସୀଙ୍କ ବହୁତ ଦିନର ସ୍ୱପ୍ନ ପୂରଣ ହେଲା



ଉମରକୋଟ (ଭାସ୍କର ନ୍ୟୁଜ):ଅଞ୍ଚଳ ବାସୀଙ୍କ ବହୁତ ଦିନର ସ୍ୱପ୍ନ ପୂରଣ ହୋଇଛି । ଆଉ ଯିବାକୁ ପଡିବ ନାହିଁ ୬୦କିଲୋମିଟର ରକ୍ତ ଆଣିବାକୁ। ଚନ୍ଦାହାଣ୍ଡି,ଝରୀଗାଁ, ରାଇଘର ଓ ଉମରକୋଟ ବ୍ଲକବାସୀ ଙ୍କ ସ୍ୱପ୍ନ ପୂରଣ ହେବାରେ ମୁଖ୍ୟ ଭୂମିକା ସାଜିଛନ୍ତି ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ !ତତ୍କାଳୀନ ସରକାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଏକ ରକ୍ତ ଭଣ୍ଡାର ଗୃହ ନିର୍ମାଣ କରି ସେଥିରେ ବିଭିନ୍ନ ଯନ୍ତ୍ରପାତି ମଧ୍ୟ ଯୋଗେଇଥିଲେ କିନ୍ତୁ ରକ୍ତ ଭଣ୍ଡାର ରେ ରକ୍ତ ସଂଗ୍ରହ କରାଯାଇନଥିଲା, ତତ୍କାଳୀନ ସରକାର ରେ ବିରୋଧୀ ଦଳ ର ବିଧାୟକ ଥିବା ନିତ୍ୟାନନ୍ଦ ଗଣ୍ଡ ରକ୍ତ ଭଣ୍ଡାର ପାଇଁ ଅନେକ ଥର ଧାରଣା ରେ ବସିବା, ଅନଶନ କରିବା, ବିଧାନସଭା ରେ ପ୍ରସ୍ତାବ ରଖିବା ଆଦି ଚେଷ୍ଟା କରିଥିଲେ,ପରିଶେଷରେ ଓଡ଼ିଶାରେ ବିଜେପି ସରକାର ଆସିବାରୁ ମନ୍ତ୍ରୀ ଙ୍କ ପ୍ରଚେଷ୍ଟା ଫଳରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ କେନ୍ଦ୍ର ର ଉଦଘାଟନ ହୋଇଯାଇଛି। ଯାହାଫଳରେ ଅଞ୍ଚଳବାସୀ ଖୁସି ରେ ଝୁମିଥିବା ଦେଖିବାକୁ ମିଳିଛି । ଆଜିଠାରୁ ଅଞ୍ଚଳର କୌଣସି ରୋଗୀ ରକ୍ତ ପାଇଁ ନବରଙ୍ଗପୁରଯିବାକୁ ପଡିବ ନାହିଁ ସମସ୍ତ ଙ୍କୁ ଉମରକୋଟ ଠାରେ ହିଁ ରକ୍ତ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି । ରକ୍ତ କେନ୍ଦ୍ର ର ଉଦଘାଟନି ଉତ୍ସବ ରେ ପଞ୍ଜାବ ନେସନାଲ ବ୍ୟାଙ୍କ ତରଫରୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଏମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା । ଏମ୍ବୁଲାନ୍ସ ପ୍ରଦାନ ସମୟରେ ପଞ୍ଜାବ ନେସନାଲ ବ୍ୟାଙ୍କ ର ଓଡିଶା ମୁଖ୍ୟ ଜୋନାଲ ମେନେଜର ରାଜେଶ କୁମାର, ବ୍ରହ୍ମପୁର ମୁଖ୍ୟ ଆଲୋକ ରଞ୍ଜନ ସେନାପତି ଓ ଉମରକୋଟ ଶାଖାର ସମସ୍ତ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ । ଆଜିର ଏହି ରକ୍ତ କେନ୍ଦ୍ର ଉଦଘାଟନି ଉତ୍ସବରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ , ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଝରୀଗାଁ ବିଧାୟକ ନରସିଂ ଭତରା, ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ପୌରାଧ୍ୟକ୍ଷା ରାଧା ଭତରା ମଞ୍ଚାସିନ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସିଡିଏମଓ ସନ୍ତୋଷ ପଣ୍ଡା ସଭାପତିତ୍ୱ କରିଥିଲେ ।


E-mail :- eemidivision_deogarh@yahoo.in

A-

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,MINOR IRRIGATION DIVISION, DEOGARH.**
No. 96 / Date. 21.01.2025
**e-PROCUREMENT NOTICE**
**BID REF No: SE,MID,DGR /09 / 2024-25**

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works :- | Civil Construction works. |
| 2 | No of Works :- | 23 (Twentythree) No. |
| 3 | Estimated Cost :- | Approximately Rs. 2.00 lakhs to Rs. 33.00 Lakhs. |
| 4 | Period of completion :- | 01 (One) to 03 (three) Calendar months |
| 5 | Date and Time of availability of bid documents in the portal:- | From Dt.28.01.2025 at 10.00 AM to Dt. 05.02.2025 up to 5.00 PM. |
| 6 | Last Date / Time of receipt of bids in the portal :- | Dt.05.02.2025 up to 5.00 PM |
| 7 | Date of opening of Bid :- | Dt.06.02.2025 at 11.00 AM onwards |
| 8 | Name and address of the OIT :- | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security :- | Online |

** Further details can be seen from the e-Procurement market place http://tendersodisha.gov.in

Sd/-Superintending Engineer
M.I. Division, Deogarh

OIPR 32289/11/0009/2425



C-1538

**OFFICE OF THE MUNICIPAL COUNCIL, BALASORE.**
BALASORE, (ODISHA), PIN-756003
Tel. No. 06782-251267(O)
e-mail-balasoremunicipality @ rediffmail.com

No. 399 Dated 24.01.2025

ପରିପତ୍ର ସଂଖ୍ୟା: ୩୧୦ ତା:୧୮.୦୧.୨୦୨୫ ରିଖ

ଏତଦ ଦ୍ୱାରା ସର୍ବ ସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟ ୩ ବର୍ଷ ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ । ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି / ସଂସ୍ଥା ତା ୨୧.୦୧.୨୦୨୫ ରିଖ ଠାରୁ ୨୯.୦୧.୨୦୨୫ ରିଖ ମଧ୍ୟରେ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ତା. ୩୦.୦୧.୨୦୨୫ ରିଖ ଅପରାହ୍ନ ୧୨.୦୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ ।

(Can also be Obtained in detail from Govt Website-http://balasore.odisha.gov.in)

OIPR 13154/11/0027/2425



**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

**अति अल्पकालीन ई–पुर्ननिविदा आमंत्रण सूचना**
**PR No. 340598 Rural Work Department(24-25).D**

पत्रांकः– दिनांक–

अति अल्पकालीन ई–पुर्ननिविदा संख्याः–21/RE/2024-25/RWD /EE/RANCHI

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि / अवधि | टेण्डर कॉल नं0 |
|---|---|---|---|---|---|---|---|
| 1 | RWD/RANCHI/69/2024-25 | काँके | ग्राम राढ़हा, टोला मोढ़ा से डहुपनिया तक पथ निर्माण कार्य। (लं0–2.550 कि0मी0)। | 3,17,68,400.00 | तीन करोड़ सत्तरह लाख अरसठ हजार चार सौ रूपये मात्र। | 15 माह | द्वितीय |
| 2 | RWD/RANCHI/71/2024-25 | बेड़ो | सिंगराय से कैरो तक पथ निर्माण कार्य (लं0– 1.230 कि0मी0) | 1,26,85,500.00 | एक करोड़ छब्बीस लाख पचासी हजार पाँच सौ रूपये मात्र। | 9 माह | द्वितीय |

1. वेबसाईट में निविदा प्रकाशन की तिथि :–28.01.2025
2. ई–निविदा प्राप्ति की अंतिम तिथि एवं समय :–04.02.2025 अपराह्न 5.00 बजे तक।
3. निविदा खोलने की तिथि एवं समय :–06.02.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, राँची

PR 345100 REO(24-25)#D



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ** Chief Editor: Pradosh Pattanaik



ନୂଆଦିଲ୍ଲୀ : ଆସନ୍ତା ୨୬ରେ ଦେଶବ୍ୟାପୀ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀସ୍ଥ କର୍ତ୍ତବ୍ୟପଥରେ ଭବ୍ୟ ପରେଡ ମଧ୍ୟ ଆୟୋଜନ କରାଯିବ। ଚଳିତବର୍ଷ ପରେଡରେ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ମନ୍ତ୍ରଣାଳୟର ମୋଟ ୩୦ଟି ପ୍ରଜ୍ଞାପନ ମେଢ ଅଂଶଗ୍ରହଣ କରୁଥିବା ଜଣାପଡିଛି। ଏଥିମଧ୍ୟରୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୧୫ଟି ଏବଂ ମନ୍ତ୍ରଣାଳୟର ୧୫ଟି ମେଢ ଅନ୍ତର୍ଭୁକ୍ତ। ଏହି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ହେଲା ଆନ୍ଧ୍ର ପ୍ରଦେଶ, ବିହାର, ଗୋଆ, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ତ୍ରିପୁରା, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଚଣ୍ଡିଗଡ଼, ଦାଦ୍ରା ନଗର ହାଭେଳି ଓ ଡାମନ ଡିଉ। ପ୍ରଜ୍ଞାପନ ମେଢର ସମ୍ମୁଖ ଭାଗ ହିନ୍ଦୀରେ, ପଛପଟ ଇଂରାଜୀ ଏବଂ ପାର୍ଶ୍ୱରେ ଆଞ୍ଚଳିକ ଭାଷାରେ ସଂପୃକ୍ତ ନାମଫଳକ ଲେଖାଯିବ। ଯେଉଁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ପ୍ରଜ୍ଞାପନ ମେଢ ତାଲିକା ପାଇଁ ମନୋନୀତ ହୋଇନାହାନ୍ତି, ସେମାନେ ୨୬ରୁ ୩୧ ପର୍ଯ୍ୟନ୍ତ ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା 'ଭାରତ ପର୍ବ'ରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

# ଜାତୀୟ ପତାକା ରାଷ୍ଟ୍ରପତିଙ୍କୁ ପ୍ରଦାନ କଲେ ନବୀନ ଜିନ୍ଦଲ ଏବଂ ଶାଲୁ ଜିନ୍ଦଲ



ନୂଆଦିଲ୍ଲୀ: ସାଂସଦ ତଥା ଜଣାଶୁଣା ଶିଳ୍ପପତି ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆ ମେରା ଧାଗା, ମେରା ତିରଙ୍ଗା, ମେରା ଦେଶ ଅଭିଯାନ ଚଳାଇ ସମଗ୍ର ଭାରତକୁ ଜାତୀୟ ପତାକା ତଳେ ଏକାଠି କରିବାର ଅନନ୍ୟ କାର୍ଯ୍ୟ କରିଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଏକ ଅଖଣ୍ଡ ଭାରତର ଦୃଷ୍ଟିକୋଣ ଏବଂ ଭାରତୀୟ ଗଣତନ୍ତ୍ରର ୭୫ ବର୍ଷ ପୂର୍ତ୍ତି ଅବସରରେ ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଏବଂ ରାଷ୍ଟ୍ରୀୟ ଏକତା ଦିବସରେ ଏହି ଅଭିଯାନ ୩୧ ଅକ୍ଟୋବର ୨୦୨୪ରେ ଆରମ୍ଭ ହୋଇଥିଲା। ଅଭିଯାନର ମହତ୍ତ୍ୱ ସମ୍ପର୍କରେ ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ସଭାପତି ନବୀନ ଜିନ୍ଦଲ କହିଛନ୍ତି ଯେ, ଭାରତୀୟ ଜାତୀୟ ପତାକା କେବଳ ଏକ ପ୍ରତୀକ ନୁହେଁ; ଏହା ହେଉଛି ଆମ ଜାତିର ଆତ୍ମା। ତ୍ରିରଙ୍ଗାର ପ୍ରତ୍ୟେକ ସୂତା ଆମ ପୂର୍ବପୁରୁଷଙ୍କ ଐତିହ୍ୟ, କାରିଗରଙ୍କ ଦକ୍ଷତା ଏବଂ ଭାରତ ଗଠନରେ ଯୋଗଦାନ ଦେଇଥିବା ଅଗଣିତ ପିଢ଼ିର ଭାବନା ବହନ କରେ । ଉଭୟ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ଏହି ଅଭିଯାନ ଜାତୀୟ ସ୍ତରରେ ଆରମ୍ଭ ହୋଇଥିଲା। ଫ୍ଲାଗ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ଉପାଧ୍ୟକ୍ଷ ଶାଲୁ ଜିନ୍ଦଲ ଏହି ଅଭିଯାନର ପ୍ରଭାବ ଉପରେ ଆଲୋକପାତ କରି କହିଛନ୍ତି ଯେ, ସୂତାରୁ ପତାକା ତିଆରି କରିବାର ଯାତ୍ରା କେବଳ କପଡ଼ା ବୁଣିବା ପାଇଁ ନୁହେଁ; ଏହା ଧୈର୍ଯ୍ୟ, ଐତିହ୍ୟ ଏବଂ ଏକତାର କାହାଣୀ । ପ୍ରତ୍ୟେକ ସୂତା ଆମ ଲୋକମାନଙ୍କ ଭାବନା, ପରମ୍ପରା ଏବଂ ତ୍ରିରଙ୍ଗା ପ୍ରତିନିଧିତ୍ୱ କରୁଥିବା ଆଦର୍ଶକୁ ବର୍ଣ୍ଣନା କରେ । ଭାରତର ଦୃଢ଼ତା, ଏକତା ଏବଂ ସମୃଦ୍ଧ ପରମ୍ପରାକୁ ପ୍ରତିଫଳିତ କରୁଥିବା ଏହି ନୂତନ ଜାତୀୟ ପତାକାକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କୁ ଏହି ପତାକା ପ୍ରଦାନ କରିବା ଏହି ଅଭିଯାନ ଏବଂ ଜାତୀୟ ପତାକାର ମହତ୍ତ୍ୱକୁ ଦର୍ଶାଏ । ଏହି ତ୍ରିରଙ୍ଗାକୁ ରାଷ୍ଟ୍ରପତି ଏକ ସରକାରୀ ଅବସରରେ ଉତ୍ତୋଳନ କରିବେ, ଯାହା ଜାତୀୟ ଗୌରବ ଏବଂ ଉତ୍ସବର ମୁହୂର୍ତ୍ତ ହେବ । ଫ୍ଲାଗ୍ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ସଭାପତି ନବୀନ ଜିନ୍ଦଲ କହିଛନ୍ତି, ଆମେ ଆଶା କରୁଛୁ ଯେ ପ୍ରେମ ଓ ନିଷ୍ଠାର ସହ ନିର୍ମିତ ଏହି ତ୍ରିରଙ୍ଗା ପୂର୍ବଅପେକ୍ଷା ଆହୁରି ଉଚ୍ଚରେ ଉଡ଼ିବ ଏବଂ ସମସ୍ତ ଭାରତୀୟଙ୍କୁ ଏହି ପତାକାର ମୂଲ୍ୟବୋଧ ଓ ଆଦର୍ଶକୁ ଗ୍ରହଣ କରିବାକୁ ପ୍ରେରଣା ଦେବ।

# ଶିଶୁ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ପ୍ରଭାବିତ କରୁଛି ପ୍ରଦୂଷଣ, ଗ୍ରୀଷ୍ମଲହର

ନୂଆଦିଲ୍ଲୀ: ଗ୍ରୀଷ୍ମ ଲହର ଏବଂ ବାୟୁ ପ୍ରଦୂଷଣ ଭଳି ପରିବେଶ ସମସ୍ୟା ଯୋଗୁ ଭାରତରେ ଶିଶୁମାନେ ଉଲ୍ଲେଖନୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ୟୁନିସେଫ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ କେବଳ ୨୦୨୪ରେ ଭାରତରେ ୫.୪୮ କୋଟି ପିଲା ଗ୍ରୀଷ୍ମଲହର ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅତ୍ୟଧିକ ଉତ୍ତପ୍ତ ଦିନ ସାଙ୍ଗକୁ ବନ୍ୟା, ଭୂସ୍ଖଳନ, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ କେବଳ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହେଉଛି ତାହା ନୁହେଁ, ଏହା ସେମାନଙ୍କ ଶିକ୍ଷାଗ୍ରହଣରେ ମଧ୍ୟ ବାଧା ସୃଷ୍ଟି କରୁଛି। ୟୁନିସେଫ୍ ଶିଶୁ ଜଳବାୟୁ ବିପଦ ସୂଚକାଙ୍କରେ ୧୬୩ ଦେଶ ମଧ୍ୟରେ ଭାରତ ୨୬ତମ ର୍ୟାଙ୍କ୍‌ରେ ରହିଛି, ଯାହାକି ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରତି ଅତ୍ୟନ୍ତ ବିପଜ୍ଜନକ ସ୍ଥିତି। ଦେଶରେ ହିଟ୍‌ୱେଭ୍ ଏବଂ ପ୍ରାକୃତିକ ବିପର୍ଯ୍ୟୟ କ୍ରମାଗତ ଭାବେ ବଢ଼ିଚାଲିଛି। ଫଳରେ ପିଲାମାନେ ନିରାପଦ ଏବଂ ଅନୁକୂଳ ଶୈକ୍ଷିକ ପରିବେଶ ପାଇବା କଷ୍ଟକର ହୋଇପଡ଼ିଛି। ଗ୍ରୀଷ୍ମଲହର ଏବଂ ପ୍ରଦୂଷଣ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବା ସହ ରୋଗାକ୍ରାନ୍ତ କରାଉଛି ଓ ପାଠପଢ଼ାରେ ବ୍ୟାଘାତ ଘଟାଉଛି। ଜାତୀୟ ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସାମିଲ କରିବା ପାଇଁ ୟୁନିସେଫ୍ ଭାରତ ସରକାରଙ୍କ ସହ ଏକାଠି କାର୍ଯ୍ୟ କରିଆସୁଛନ୍ତି। ପିଲାଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ସହ ସେମାନଙ୍କୁ ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇବା ଦିଗରେ ପ୍ରସ୍ତୁତ କରାଇବ ଏହାର ଲକ୍ଷ୍ୟ। ଜାତିସଂଘ ଶିଶୁ ପାଣ୍ଠି ବା ୟୁନିସେଫ୍ ସାରା ବିଶ୍ୱର ପିଲାମାନଙ୍କ ଜୀବନଧାରଣ ମାନ ଉନ୍ନତ କରିବା ଦିଗରେ କାର୍ଯ୍ୟ କରିଥାଏ। ଏହାର ଜାତୀୟ ପାଠ୍ୟକ୍ରମ କାର୍ଯ୍ୟଯୋଜନାରେ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସାମିଲ କରାଯାଇଛି। ୧୨ ରାଜ୍ୟରେ ବିସ୍ତୃତ ବିଦ୍ୟାଳୟ ନିରାପତ୍ତା କାର୍ଯ୍ୟକ୍ରମ (ସିଏସ୍ଏସପି) କାର୍ଯ୍ୟକାରୀ କରାଇବାରେ ଏହା ସରକାରଙ୍କୁ ସହଯୋଗ କରୁଛି। ୨୦୨୪ରେ ଏହି କାର୍ଯ୍ୟକ୍ରମ ଜରିଆରେ ୧,୨୧,୦୦୦ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

# ଛତିଶଗଡ଼ବାସୀଙ୍କୁ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ୭୬ତମ ଗଣତନ୍ତ୍ର ଦିବସ ଅବସରରେ ଛତିଶଗଡ଼ବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ସାଏ କହିଛନ୍ତି ଦେଶର ସ୍ୱାଧୀନତା କ୍ଷେତ୍ରରେ ଯେଉଁମାନେ ବଳୀଦାନ ଦେଇଛନ୍ତି ସେହି ଅମର ସହିଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କୁ ମୁଁ ପ୍ରଣାମ କରୁଛି । ସେ ଆହୁରି କହିଥିଲେ ଯେ, ଗଣତନ୍ତ୍ର ଦିବସ ହେଉଛି ଭାରତୀୟ ଲୋକତନ୍ତ୍ରର ମହାନ୍ ପର୍ବ । ଯାହା ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ସଫଳତା ହାସଲ କରିଛି । ଏହି ଦିନ ଆମର ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା । ଏଥିରେ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସୂତ୍ର ରହିଥିଲା । ସମ୍ବିଧାନର ମୂଲ୍ୟ ଆମ ସମସ୍ତଙ୍କ ଜୀବନରେ ଦେଶର ବିକାଶ ପାଇଁ ସଂକଳ୍ପ ଓ ଲୋକତାନ୍ତ୍ରିକ ମୂଲ୍ୟବୋଧକୁ ମଜଭୂତ କରିବାରେ ସୁନିଶ୍ଚିତ କରୁଛି । ଏହା ଦେଶ ଓ ରାଜ୍ୟଗୁଡ଼ିକରେ ପ୍ରଗତିରେ ବେଶ୍ ଯୋଗଦାନ ମଧ୍ୟ ଦେଉଛି ।

# ନିଟ୍ ୟୁଜି ପରୀକ୍ଷା ପ୍ୟାଟର୍ଣ୍ଣରେ ବଡ଼ ପରିବର୍ତ୍ତନ, ବିକଳ୍ପ ପ୍ରଶ୍ନ ହଟିଲା

ନୂଆଦିଲ୍ଲୀ: ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ମେଡିକାଲ୍ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜିର ଏକ୍‌ଜାମ୍ ପ୍ୟାଟର୍ଣ୍ଣରେ ବଡ଼ ପରିବର୍ତ୍ତନ କରିଛି । ଏନ୍‌ଟିଏ ଘୋଷଣା ଅନୁସାରେ ଏବେ ନିଟ୍ ୟୁଜି ପରୀକ୍ଷାର ପ୍ରଶ୍ନ ପତ୍ରର ପ୍ୟାଟର୍ଣ୍ଣ ଏବଂ ସମୟ କୋଭିଡ୍ ପୂର୍ବପରି ହୋଇଯିବ । ଏବେ କୌଣସି ସେକ୍ସନ ରହିବ ନାହିଁ । କୋଭିଡ୍ ୧୯ ମହାମାରୀ ସମୟରେ ନିଟ୍ ୟୁଜି ପେପରରେ ଯେଉଁ ଅପ୍ସନ୍ ପ୍ରଶ୍ନ ଯୋଡ଼ା ଯାଇଥିଲା, ତାହାକୁ ଏବେ ହଟାଯାଇଛି । ଏବେ ନିଟ୍ ପୀରକ୍ଷାରେ ମୋଟ ୧୮୦ ପ୍ରଶ୍ନ (ଫିଜିକ୍ସ ଏବଂ କେମେଷ୍ଟ୍ରିରେ ୪୫-୪୫ ପ୍ରଶ୍ନ ଏବଂ ବାୟୋଲଜିର ୯୦ ପ୍ରଶ୍ନ) ରହିଛି । ଏହା ବ୍ୟତୀତ ପରୀକ୍ଷା ସମୟ ସୀମାକୁ ବି ହ୍ରାସ କରି ୩ ଘଣ୍ଟା କରାଯାଇଛି । ପୂର୍ବରୁ ଏହା ୩ଘଣ୍ଟା ୨୦ମିନିଟ୍ ଥିଲା । ଏନଟିଏ ପକ୍ଷରୁ ଜାରି ବିଜ୍ଞପ୍ତି କୁହାଯାଇଛି, ସମସ୍ତ ନିଟ୍ ୟୁଜି ୨୦୨୫ ପ୍ରାର୍ଥୀଙ୍କୁ ସୂଚୀତ କରାଯାଉଛି ଯେ ପ୍ରଶ୍ନ ପତ୍ରର ପ୍ୟାଟର୍ଣ୍ଣ ଏବଂ ପରୀକ୍ଷା ଅବଧି କୋଭିଡ୍ ପୂର୍ବପରି ହୋଇଛି । ଏବେ କୌଣସି ସେକ୍ସନ ରହିବ ନାହିଁ । ମୋଟ ୧୮୦ ବାଧ୍ୟତାମୂଳକ ପ୍ରଶ୍ନ ରହିବ ଏବଂ ଏଥିପାଇଁ ୧୮୦ ମିନିଟ୍ ଦିଆଯିବ । କୋଭିଡ୍ ଯୋଗୁଁ ଆରମ୍ଭ ହୋଇଥିବା ବିକଳ୍ପ ପ୍ରଶ୍ନ ଏବଂ ଅତିରିକ୍ତ ସମୟକୁ ହଟା ଦିଆଯାଇଛି । ବିଦ୍ୟାର୍ଥୀଙ୍କୁ ଏବେଯାଏ ପ୍ରଚଳିତ ପ୍ୟାଟର୍ଣ୍ଣ ଅନୁସାରେ ୨୦୦ରୁ ୧୮୦ ପ୍ରଶ୍ନର ଉତ୍ତର ଦେବାକୁ ପଡୁଥିଲା । କିନ୍ତୁ ନୂଆ ଘୋଷଣାରେ ସମସ୍ତ ୧୮୦ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ । ତେବେ ପେପର୍ ପୂର୍ବପରି ୭୨୦ ଅଙ୍କର ରହିବ । ନିଟ୍‌ରୁ ଏମବିବିଏସ୍, ବିୟୁଏମସ, ବିଏସ୍ଏମ୍ଏସ୍, ଏବଂ ବିଏଚ୍ଏମ୍ଏସ୍, ବ୍ୟାଚଲର ଅଫ୍ ଡେଣ୍ଟାଲ୍ ଷ୍ଟଡିଜ୍ (ବିଡିଏସ୍) ଏବଂ ବ୍ୟାଚଲର ଅଫ୍ ଭେଟରନରୀ ସାଇନ୍ସ ଆଣ୍ଡ ଆନିମଲ୍ ହଜ୍‌ବାଣ୍ଡ୍ରି ପାଠ୍ୟକ୍ରମରେ ସାମିଲ ହେବେ ।

## ୭୬ତମ ସାଧାରଣତନ୍ତ୍ର ଦିବସ

# ଦିଲ୍ଲୀ ଜଗିବେ ୭୦ କମ୍ପାନୀ ଫୋର୍ସ ଏବଂ ୧୫ ହଜାର ପୋଲିସ କର୍ମୀ

ନୂଆଦିଲ୍ଲୀ: ରବିବାର ଦେଶ ପାଳିବ ୭୬ତମ ସାଧାରଣତନ୍ତ୍ର ଦିବସ । ଗଣତନ୍ତ୍ର ଦିବସ ସମାରୋହ ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଏହି ସମାରୋହରେ ଦେଶ-ବିଦେଶର ବହୁ ନେତା ଏବଂ ବିଶିଷ୍ଟ ଅତିଥି ରାଜଧାନୀ ଦିଲ୍ଲୀରେ ପହଞ୍ଚିଛନ୍ତି । ଏହାକୁ ସଫଳ ପରିଚାଳନା ପାଇଁ ଦିଲ୍ଲୀରେ ଆଭେଦ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ୭୦ରୁ ଅଧିକ କମ୍ପାନି ଅର୍ଦ୍ଧସାମରିକବଳ ଏବଂ ୧୫ ହଜାର ପୋଲିସକର୍ମୀ ରାଜଧାନୀକୁ ଜଗିବେ । ଏନେଇ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇ କହିଛନ୍ତି, ଦିଲ୍ଲୀ-ଏନସିଆର ଡ୍ରୋନ୍ ଏବଂ କ୍ୟାମେରା ନଜରରେ ରହିବ । ଏହାର ପରିଚାଳନା ପାଇଁ ସାଉବର ବିଶେଷଜ୍ଞ ନିୟୋଜିତ ହେବେ । ସାଧାରଣତନ୍ତ୍ର ଦିବସ ପାଇଁ ଦିଲ୍ଲୀରେ ମଲ୍ଟିଲେଭଲ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଚେକିଂ-ବ୍ଲକିଂ ଏବଂ ଛାନଭୀନ ପାଇଁ ୬ ସ୍ତରୀୟ ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ମଲ୍ଟିଲେଭଲ୍ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ । ନୂଆଦିଲ୍ଲୀରେ ହଜାରରୁ ଅଧିକ ସ୍ଥାନରେ ସିସିଟିଭି କ୍ୟାମେରା ଇନଷ୍ଟଲ୍ କରାଯାଇଛି । ଯେଉଁଥିରେ ଫେସ୍ ଡିଟେକ୍ସନ ଟେକ୍ନିକ୍ ରହିଛି । ଏଫଆରଏସ ସିଷ୍ଟମ ଲାଗିଥିବା ଗାଡ଼ି ମଧ୍ୟ ମୁତୟନ ହେବ । ପୋଲିସ ଅଧିକାରୀ କହିଛନ୍ତି, ଏହା ଦ୍ୱାରା କ୍ୟାମେରା ଡାଟାବେସରୁ ଅପରାଧୀଙ୍କୁ ତୁରନ୍ତ ଚିହ୍ନି ହେବ । ଦିଲ୍ଲୀ ପୋଲିସ କୌଣସି ପ୍ରକାର ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛି । ପୋଲିସ ଟିମ୍ ଅଧିକାଂଶ ସୁରକ୍ଷା ଏଜେନ୍ସିଙ୍କ ସହିତ ସାମିଲ୍ ଅଭ୍ୟାସ ମଧ୍ୟ କରୁଛି । ୭୦ କମ୍ପାନି ଅର୍ଦ୍ଧସାମରିକବଳ ଏବଂ ୧୫ ହଜାରରୁ ଅଧିକ ପୋଲିସକର୍ମୀ ରାଜଧାନୀ ସୁରକ୍ଷା ଦାୟିତ୍ୱରେ ରହିବେ ।

# ମିରଟରେ ଏନ୍‌କାଉଣ୍ଟର, ଦୁର୍ଦ୍ଦାନ୍ତ ଅପରାଧୀ ନଇମ୍ ମୃତ

ନୂଆଦିଲ୍ଲୀ: ଉତ୍ତର ପ୍ରଦେଶର ମିରଟରେ ଏନକାଉଣ୍ଟର । ୫୦ ହଜାର ପୁରସ୍କାର ରାଶି ଘୋଷଣା ହୋଇଥିବା ଅପରାଧୀ ନଇମ୍‌କୁ ପୋଲିସ ଏନକାଉଣ୍ଟର କରିଛି । ଅଭିଯୁକ୍ତ ନଇମ୍ ନିଜ ସାବତ ଭାଇ ପରିବାର ୫ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲା । ମୃତକଙ୍କ ମଧ୍ୟରେ ଦମ୍ପତ୍ତି ଏବଂ ତାଙ୍କର ଏକ ବର୍ଷୀୟା ଶିଶୁ କନ୍ୟା ସମେତ ୩ଜଣ ଛୋଟ ପିଲା ମଧ୍ୟ ସାମିଲ୍ ଥିଲେ । ସାବତ ଭାଇର ପରିବାରକୁ ହତ୍ୟା କରିବା ପରେ ଅଭିଯୁକ୍ତ ଫେରାର୍ ହୋଇଯାଇଥିଲା । ସୂଚନା ଅନୁଯାୟୀ, ଏହି ଜଘନ୍ୟ ହତ୍ୟାକାଣ୍ଡ ଜାନୁଆରୀ ୯ ତାରିଖରେ ସାମ୍ନାକୁ ଆସିଥିଲା । ପୋଲିସକୁ ହତ୍ୟା ସୂଚନା ମିଳିବା ପରେ ତୁରନ୍ତ ସେଠାରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ । ପରେ ତଦନ୍ତକୁ ପୋଲିସ ଜାଣିବାକୁ ପାଇଲା ଯେ, ଅଭିଯୁକ୍ତ ନାଇମ୍ ଷଡ଼ଯନ୍ତ୍ର ରଚି ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଭିଆଇଛି । ଅଭିଯୁକ୍ତ ଫେରାର୍ ହେବା ପରେ ବାରମ୍ବାର ବେଶ ବଦଳାଇ ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଲୁଚି କରି ରହୁଥିଲା । ଉଭୟ ରାଜ୍ୟରେ ମଧ୍ୟ ନଇମ୍ ନାଁରେ ଅପରାଧିକ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତ ନଇମକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ କ୍ୟାମ୍ପେନ ଚଲାଇଥିଲା । ଲଗାତାର ଛାନଭିନ୍ ପରେ ମିରଟ୍ ପୋଲିସ ଅଭିଯୁକ୍ତକୁ ଘେରାବନ୍ଦୀ କରି ଏନକାଉଣ୍ଟର କରିଛି । ଏଥିରେ ନଇମ୍ ପ୍ରାଣ ହରାଇଛି । ମୃତ ନଇମ୍ ନାଁରେ ହତ୍ୟା, ଧୋକାଦାରୀ ଏବଂ ଅନେକ ଗମ୍ଭୀର ଅପରାଧିକ ମାମଲା ରୁଜୁ ହୋଇଛି ।

# ଗଣତନ୍ତ୍ର ଦିବସରେ ୯୪୨ ଯବାନଙ୍କୁ ମିଳିବ ବୀରତା ପୁରସ୍କାର

ନୂଆଦିଲ୍ଲୀ: ୨୦୨୫ ଗଣତନ୍ତ୍ର ଦିବସ ଅବସରରେ, ପୋଲିସ, ଅଗ୍ନିଶମ, ଗୃହରକ୍ଷୀ ଏବଂ ନାଗରିକ ସୁରକ୍ଷା ଏବଂ ସଂଶୋଧନ ସେବାର ୯୪୨ ଜଣ କର୍ମଚାରୀଙ୍କୁ ବୀରତ୍ୱ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ୯୫ ଜଣ ସୈନିକଙ୍କୁ ବୀରତ୍ୱ ପଦକ, ୧୦୧ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ, ୭୪୬ ଜଣଙ୍କୁ ପ୍ରଶଂସନୀୟ ସେବା ପାଇଁ ପଦକ ପ୍ରଦାନ କରାଯାଇଥିଲା। ୯୫ଟି ବୀରତ୍ୱ ପୁରସ୍କାର ମଧ୍ୟରୁ ଅଧିକାଂଶ ନକ୍ସଲ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ସୈନିକମାନଙ୍କୁ ଦିଆଯାଇଥିଲା। ଏଥିରେ ନକ୍ସଲ ଅଞ୍ଚଳର ୨୮ ଜଣ, ଜମ୍ମୁ ଏବଂ କଶ୍ମୀର ଅଞ୍ଚଳର ୨୮ ଜଣ, ଉତ୍ତର-ପୂର୍ବ ଅଞ୍ଚଳର ୦୩ ଜଣ ସୈନିକ ଏବଂ ଅନ୍ୟାନ୍ୟ ଅଞ୍ଚଳର ୩୬ ଜଣ ସୈନିକଙ୍କୁ ସେମାନଙ୍କର ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଉଛି। ଏଥିରେ ୭୮ ଜଣ ପୋଲିସ କର୍ମଚାରୀ ଏବଂ ୧୭ ଜଣ ଅଗ୍ନିଶମ ସେବା କର୍ମଚାରୀ ଅନ୍ତର୍ଭୁକ୍ତ।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦେଶର ଅଗ୍ରଣୀ ବ୍ୟବସାୟିକ ଗ୍ରୁପ୍ ବିସି ଜିନ୍ଦଲ ଗ୍ରୁପର ଅକ୍ଷୟ ଶକ୍ତି ଶାଖା ଜିନ୍ଦଲ ଇଣ୍ଡିଆ ରିନୁଏବଲ୍ ଏନର୍ଜି (ଜେଆଇଆରଇ) ପକ୍ଷରୁ ରାଷ୍ଟ୍ରାୟତ ଉଦ୍ୟୋଗ ଏନଏଚପିସିଠାରୁ ୧୮୦ ମେଗାୱାଟର ସୋଲାର ସମେତ ଷ୍ଟୋରେଜ ପ୍ରକଳ୍ପ ପାଇଁ ୧୮ହଜାର କୋଟି ଟଙ୍କାର କାରବାର ସହିତ ବରାଦ ହାସଲ କରାଯାଇଛି। ଏହି ପ୍ରକଳ୍ପ ହେଉଛି ଏନଏଚପିସିର ୧୨୦୦ ମେଗାୱାଟ ଅନ୍ତଃ ରାଜ୍ୟ ସଂଚରଣ ବ୍ୟବସ୍ଥା ସହ ସଂଯୁକ୍ତ ସୌର ଶକ୍ତି ପ୍ରକଳ୍ପର ଅଂଶ। ଏନଏଚପିସିଠାରୁ କେଡବ୍ଲୁଏଚ ପିଛା ୩.୦୯ ଟଙ୍କାର ଟାରିଫରେ ଜେଆଇଆରଇ ଏହି ୧୮୦ ମେଗାୱାଟ ସୌର ଶକ୍ତି ପ୍ରକଳ୍ପ ହାସଲ କରିଛି। ସର୍ତ୍ତାବଳୀ ଅନୁସାରେ କମ୍ପାନି ଏହି ପ୍ରକଳ୍ପକୁ ନିର୍ମାଣ-ମାଲିକାନା-ପରିଚାଳନା ଭିତିରେ କାର୍ଯ୍ୟକାରୀ କରିବ। ଏଥି ସହିତ ବିଦ୍ୟୁତ କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷରିତ ହେବାର ୨୪ ମାସ ମଧ୍ୟରେ ଏହି ନୂତନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ଏହି ଅବସରରେ ଜିନ୍ଦଲ ଇଣ୍ଡିଆ ରିନୁଏବଲ ଏନର୍ଜିର ସିଇଓ ଅମିତ କୁମାର ମିତଲ କହିଛନ୍ତି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବିଡକୁ ହାସଲ କରିବା ଜେଆଇଆରଇର ଅକ୍ଷୟ ଶକ୍ତି କ୍ଷେତ୍ରରେ ରହିଥିବା ପାରଦର୍ଶୀତା ଓ ଦକ୍ଷତାର ପ୍ରତିଫଳନ। ଆସନ୍ତା ଚାରି ବର୍ଷ ମଧ୍ୟରେ ୫ ମେଗାୱାଟର ସୌର, ପବନ, ହାଇବ୍ରିଡ, ହାଇଡ୍ରୋ ଓ ଏଫଡିଆରଇ ଶକ୍ତି ସମ୍ପ୍ରସାରଣ କରିବା ଲାଗି କମ୍ପାନିର ରହିଥିବା ଲକ୍ଷ୍ୟକୁ ଏହା ବଳ ପ୍ରଦାନ କରିବ। ଆଗାମୀ ତ୍ରୈମାସିକଗୁଡ଼ିକରେ ଆମେ ଏହି ଧାରାକୁ ଆଗକୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛୁ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଜେମଷ୍ଟୋନ ଅଳଙ୍କାର ମହୋତ୍ସବ




MALABAR GOLD & DIAMONDS

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦାୟିତ୍ୱବାନ ଅଳଙ୍କାର ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଜେମଷ୍ଟୋନ ଅଳଙ୍କାର ମହୋତ୍ସବର ଅଂଶ ଭାବରେ ଏହାର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫର ଘୋଷଣା କରିଛି। ଉତ୍କୃଷ୍ଟ କାରିଗରୀ ଏବଂ କାଳଜୟୀ ସୁନ୍ଦରତାର ଏକ ଉତ୍ସବ, ଏହି ମହୋତ୍ସବ ଗ୍ରାହକମାନଙ୍କୁ ସୁନାରେ ତିଆରି ଏବଂ ମୂଲ୍ୟବାନ ମଣିପଥର, ଅକଟା ହୀରା ଏବଂ ପୋଲକିରେ ସଜ୍ଜିତ ଅଳଙ୍କାର ଖଣ୍ଡଗୁଡ଼ିକର ଏକ ଚମତ୍କାର ସାରେ ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରେ। ଜେମଷ୍ଟୋନ ଫେଷ୍ଟ ପ୍ରସିଦ୍ଧ ୟୁଟ୍ୟୁବ୍, ସମ୍ପାଦକ ବିଷୟବସ୍ତୁ ଲେଖକ ବର୍ଷା ଦାସଙ୍କ ଦ୍ୱାରା ଏବଂ ଚନ୍ଦ୍ରଶେଖରପୁରର ସମସ୍ତ ପରିଚାଳନା ଦଳର ଉପସ୍ଥିତିରେ ଆରମ୍ଭ କରାଯାଇଥିଲା। ମହୋତ୍ସବ ସମୟରେ, ଗ୍ରାହକମାନେ ରତ୍ନପଥର ଏବଂ ଅକଟା ଅଳଙ୍କାର ପାଇଁ ତିଆରି ଚାର୍ଜ ଉପରେ ଏକ ଫ୍ଲାଟ୍ ୨୫% ରିହାତି ଏବଂ ପୋଲ୍କି ଅଳଙ୍କାରର ପଥର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଉପଭୋଗ କରିପାରିବେ। ଏହି ସ୍ୱତନ୍ତ୍ର ଅଫରଗୁଡ଼ିକ ସେମାନଙ୍କର ଲୋକପ୍ରିୟ ଏରା, ପ୍ରେସିଆ ଏବଂ ଭିରାଜ ସଂଗ୍ରହଗୁଡ଼ିକରେ ଉପଲବ୍ଧ, ପ୍ରତ୍ୟେକଟି ପରମ୍ପରା ଏବଂ ସମସାମୟିକ ଡିଜାଇନର ଅନନ୍ୟ ମିଶ୍ରଣ ପାଇଁ ପ୍ରସିଦ୍ଧ। ଏହି ଅଫରଗୁଡ଼ିକ ଫେବୃଆରୀ ୧୬, ୨୦୨୫ ପର୍ଯ୍ୟନ୍ତ ବୈଧ। ଗ୍ରାହକମାନେ କେବଳ ୧୦% ଆଗୁଆ ଦେୟ ଦେଇ ସେମାନଙ୍କର ଇଚ୍ଛିତ ଅଳଙ୍କାରକୁ ସୁରକ୍ଷିତ କରିପାରିବେ। ଏହା ନିଶ୍ଚିତ କରେ ଯେ ସେମାନେ ବୁକ୍ ହୋଇଥିବା ଦର କିମ୍ବା ପ୍ରଚଳିତ ଦରରେ ସେମାନଙ୍କ ଅଳଙ୍କାର କିଣିପାରିବେ । ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଆମର ପ୍ରକ୍ରିୟାର ପ୍ରତ୍ୟେକ ପଦକ୍ଷେପରେ ନିର୍ଭରଯୋଗ୍ୟ, ସ୍ୱଚ୍ଛତା ଏବଂ ଗୁଣବତ୍ତା ବଜାୟ ରଖି ସବୁଠାରୁ ବିଶ୍ୱସ୍ତ ଅଳଙ୍କାର ବିକ୍ରୟକାରୀର ଆଖ୍ୟା ଅର୍ଜନ କରିଛି। ରତ୍ନ ମହୋତ୍ସବ ପାଳନ କରିବା ପାଇଁ ଆମେ ଓଡ଼ିଶାର ସମସ୍ତ ଶୋ'ରୁମ୍ - ସହୀଦ ନଗର, ଚନ୍ଦ୍ରଶେଖରପୁର, କଟକ ଏବଂ ସମ୍ବଲପୁରରେ ଏହି ଆକର୍ଷଣୀୟ ଅଫରଗୁଡ଼ିକୁ ପ୍ରଚଳନ କରିଛୁ।

# ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ପକ୍ଷରୁ ନୂଆ ଫାଷ୍ଟ ୟର୍ଣ୍ଣ ରୁପେ

ନୂଆଦିଲ୍ଲୀ: ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ, ଭାରତର ଏକ ଗ୍ଲୋବାଲ କାର୍ଡ ପେମେଣ୍ଟ ନେଟୱର୍କ ରୁପେ ସହ ସହଭାଗିତାରେ ଏହାର ୟୁପିଆଇ ସକ୍ଷମ ରୁପେ କ୍ରେଡିଟ କାର୍ଡ 'ଫାଷ୍ଟ ୟର୍ଣ୍ଣ'ର ଶୁଭାରମ୍ଭ କରିଛି। ଏହି କ୍ରେଡିଟ କାର୍ଡ ଫିକ୍ସଡ ଡିପୋଜିଟ ଦ୍ୱାରା ସମର୍ଥିତ, ତେଣୁ ପ୍ରତ୍ୟେକ ବ୍ୟକ୍ତି ଅନ୍‌ଲାଇନରେ ତତ୍କାଳ ଏହି ସ୍ୱତନ୍ତ୍ର କ୍ରେଡିଟ କାର୍ଡ ପାଇଁ ଯୋଗ୍ୟ ହୋଇପାରିବେ। ଏସମ୍ପର୍କରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର କ୍ରେଡିଟ କାର୍ଡସ୍, ଫାଷ୍ଟ୍ୟାଗ ଓ ଲୟାଲ୍‌ଟି ବିଭାଗର ମୁଖ୍ୟ ସିରିଶ ଭଣ୍ଡାରୀ କହିଛନ୍ତି, ଆମେ ଫାଷ୍ଟ ୟର୍ଣ୍ଣ ରୁପେ କ୍ରେଡିଟ କାର୍ଡର ଲଞ୍ଚ ଘୋଷଣା କରି ଉତ୍ସାହିତ, ଯାହାକୁ ଆର୍ଥିକ ସେବା ଦୁନିଆର ଏକ ଗେଟ୍‌ୱେ ପ୍ରଡକ୍ଟ ଭାବେ ପ୍ରଥମ ଥର କ୍ରେଡିଟ କାର୍ଡ ବ୍ୟବହାର କରୁଥିବା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ସଫଳତାର ସହ ବିଜନେସ୍ ଆସୋସିଏଟ୍‌ସ ମିଟ୍

ବାଲେଶ୍ୱର(ଭାସ୍କର ନ୍ୟୁଜ): ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ୨୦୨୫ ଜାନୁଆରି ୨୨ରେ ବିଜନେସ୍ ଆସୋସିଏଟ୍‌ସ (ବିଏ) ମିଟ୍ ଆୟୋଜନ କରାଯାଇଛି। ଏଥିରେ ପ୍ରମୁଖ ଅଂଶୀଦାରମାନେ ଏକତ୍ରୀତ ହୋଇଥିଲେ ଯାହା ଭେଣ୍ଡର ସମ୍ପର୍କକୁ ସୁଦୃଢ଼ କରିବା ସହ ଏମ୍ଏସ୍ଏମ୍‌ଇ କ୍ଷେତ୍ରକୁ ସଶକ୍ତ କରିବ। ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ, ମ୍ୟାଟେରିଆଲ ମ୍ୟାନେଜମେଣ୍ଟ ମୁଖ୍ୟ ହରିଶ ଶର୍ମା, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ସିଏଫ୍‌ଓ ଶିଳାଦିତ୍ୟ ସେନଗୁପ୍ତା, ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ ରାଜୀବ ନାୟକ, ମାନବ ସମ୍ବଳ, ଆଇଇ ଆଣ୍ଡ ଇଏସଏର ମୁଖ୍ୟ ରମେନ୍ଦ୍ର ବଣିକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ୧୩୫ ବିଜନେସ ଆସୋସିଏଟ ଏବଂ ଟିପିଏନଓଡିଏଲର ବରିଷ୍ଠ ନେତୃବୃନ୍ଦ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମସ୍ତେ ନିରାପତା ଶପଥ ଗ୍ରହଣ କରିବା ସହ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସିଆଣ୍ଡ ଏମ୍ଏମ୍ ମୁଖ୍ୟ ଟିପିଏନ୍‌ଓଡିଏଲର ଦୃଢ଼ ଭେଣ୍ଡର ସହଯୋଗିତା, ଏମ୍ଏସ୍ଏମ୍‌ଇ ଅଭିବୃଦ୍ଧି ପାଇଁ ଏହାର ସମର୍ଥନ ଏବଂ ଉଭୟ ଶିଳ୍ପ ଓ ସମୁଦାୟରେ ଏହାର ବିସ୍ତାରିତ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ କହିଥିଲେ ଯେ, ଆମର ଲକ୍ଷ୍ୟ ଆଗାମୀ ପ୍ରକଳ୍ପ ଏବଂ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରୁଥିବା ପଦକ୍ଷେପ ଉପରେ କେନ୍ଦ୍ରୀଭୂତ ରହିଛି।

# ଏମ୍‌ସିଏଲ୍‌ର ଶିକ୍ଷାଉତ୍‌ଥାନ'ରୁ ଉପକୃତ ହେବେ ୪୧ହଜାର ସ୍କୁଲ ପିଲା




ସମ୍ବଲପୁର(ଭାସ୍କର ନ୍ୟୁଜ): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ସମ୍ବଲପୁର ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ନ୍ତଶିକ୍ଷାଉତ୍ଥାନ' ପ୍ରକଳ୍ପ ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲାରେ ୪୧,୦୦୦ ରୁ ଅଧିକ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି । ପଶ୍ଚିମ ଓଡ଼ିଶା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ। ଅନ୍ତର୍ଜାତୀୟ ଶିକ୍ଷା ଦିବସ ଅବସରରେ, ଏମ୍‌ସିଏଲ୍ ସମ୍ବଲପୁର ଜିଲ୍ଲାର ୮୦୯ଟି ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କ ପାଇଁ ୨୦,୬୧୭ ଟି ଡବଲ ଡେସ୍କ କ୍ରୟ ପାଇଁ ୨୦.୫ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛି। ଏହି ବୁଝାମଣାପତ୍ର ସମ୍ବଲପୁରର ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଏମ୍‌ସିଏଲ୍‌ର ମହାପ୍ରବନ୍ଧକ (ସିଏସ୍ଆର)ଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି, ଯାହା ଶିକ୍ଷା କ୍ଷେତ୍ରରେ ଗଉଖର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍ଆର)କୁ ନିଶ୍ଚିତ ଭାବରେ ପ୍ରୋତ୍ସାହିତ କରିବ।

# 'ନିବେଶ ସମୟରେ ମହତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ'

ମୁମ୍ବାଇ: ନିବେଶକମାନେ ସେମାନଙ୍କ ନିବେଶ ନିଷ୍ପତି ପାଇଁ ସର୍ବଦା ଏକ ସ୍ପଷ୍ଟ ଉପାୟ ଖୋଜିଥାନ୍ତି। ସ୍ମାର୍ଟ-ବିଟା ବା ନିଷ୍କ୍ରିୟ ପଦ୍ଧତି ମାଧ୍ୟମରେ ଫ୍ୟାକ୍ଟର ନିବେଶ କରିବା ହେଉଛି ଏକ ଲୋକପ୍ରିୟ ପଦ୍ଧତି । ଏହା ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡଗୁଡ଼ିକୁ ପୂରଣ କରୁଥିବାରୁ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି ଏବଂ ଏହି କିଛି ବର୍ଷଗୁଡ଼ିକରେ ଦୃଢ଼ ପ୍ରଦର୍ଶନ କରିଛି। ଏସିଇ ଏମ୍ଏଫ୍ ତଥ୍ୟ ଅନୁଯାୟୀ ଅକ୍ଟୋବର ୨୦୨୪ ସୁଦ୍ଧା ଫ୍ୟାକ୍ଟର ଭିତିକ ପାଣ୍ଠିଗୁଡ଼ିକ ୩୫,୭୮୨ କୋଟି ଟଙ୍କାର ସମ୍ପତି ପରିଚାଳନା କରିଥିଲେ, ଯାହା ଅକ୍ଟୋବର ୨୦୨୦ରେ ୪୦୫ କୋଟି ଟଙ୍କା ତୁଳନାରେ ୮୮ ଗୁଣ ଅଧିକ। ଏହା ନିବେଶକଙ୍କ ମଧ୍ୟରେ ବଢୁଥିବା ଆଗ୍ରହକୁ ଦର୍ଶାଉଛି ବୋଲି ବନ୍ଧନ ଏଏମ୍‌ସିର ପ୍ରଡକ୍ଟସ ବିଭାଗର ମୁଖ୍ୟ ଶୀର୍ଷେନ୍ଦୁ ବସୁ କହିଛନ୍ତି। ଫ୍ୟାକ୍ଟର ବା କାରକଗୁଡ଼ିକୁ ଫିଲ୍ଟରିଂ ଓ ନିବେଶ ନିଷ୍ପତି ଗ୍ରହଣ କରିବା ପାଇଁ ବ୍ୟବହାର କରାଯାଇଥାଏ। ସ୍ମାର୍ଟ-ବିଟା ବା ଫ୍ୟାକ୍ଟର ଷ୍ଟ୍ରାଟେଜି ଉଭୟ ସକ୍ରିୟ ଏବଂ ନିଷ୍କ୍ରିୟ ନିବେଶ ଶୈଳୀର ଶକ୍ତିକୁ ଏକାଠି କରିଥାଏ । ଫ୍ୟାକ୍ଟର ରଣନୀତିଗୁଡ଼ିକ ଷ୍ଟାଣ୍ଡାର୍ଡ ବେଞ୍ଚମାର୍କ ଓ ବିସ୍ତୃତ ବଜାରଗୁଡ଼ିକ ତୁଳନାରେ ଅଧିକ ରିଟର୍ଣ୍ଣ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖି ଏକ ନିୟମ-ଭିତିକ ଆଭିମୁଖ୍ୟ ଗ୍ରହଣ କରିଥାନ୍ତି। ଶ୍ରୀ ବାସୁଙ୍କ ମତରେ ଏକ ମଲ୍ଟି-ଫ୍ୟାକ୍ଟର ଆଭିମୁଖ୍ୟରେ ଏକାଧିକ କାରକଗୁଡ଼ିକୁ ଏକତ୍ର କରିବା ଦ୍ୱାରା ଉନ୍ନତ ଫଳାଫଳ ମିଳିଥାଏ। ଏହି ରଣନୀତି ଏକତ୍ରୀକରଣ ବିପଦକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ପୋର୍ଟଫୋଲିଓରେ ସ୍ଥିରତାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଥାଏ। ବହୁ-କାରକ ରଣନୀତିରେ ବ୍ୟବହାର କରାଯାଉଥିବା ସାଧାରଣ କାରକଗୁଡ଼ିକରେ ଭାଲ୍ୟୁ, ମୋମେଣ୍ଟମ୍, କ୍ୱାଲିଟି, ଲୋ ଭୋଲାଟିଲିଟି ଓ ଆଲଫା ସାମିଲ ରହିଛି। ନିଫ୍ଟି ଆଲଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ହେଉଛି ଏକ ମଲ୍ଟି-ଫ୍ୟାକ୍ଟର ରଣନୀତି ଯାହା ଶୀର୍ଷ ୧୫୦ ଲାର୍ଜ ଓ ମିଡ୍-କ୍ୟାପ ଷ୍ଟକଗୁଡ଼ିକରୁ ଶୀର୍ଷ ୩୦ଟି ଷ୍ଟକ୍‌କୁ ସେମାନଙ୍କ ଜେନ୍‌ସେନ ଆଲଫା ଓ ଏକ ବର୍ଷର ଅସ୍ଥିରତା ଉପରେ ଆଧାର କରି ଚୟନ କରିଥାଏ।






ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ବ୍ଲକ ମୁଣ୍ଡାପଡା ପଂଚାୟତ ଅନ୍ତର୍ଗତ କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ କ୍ରୀଡାକୁ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ଉଦଘାଟନ କରିଥିଲେ। ଏହା ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ମୁଣ୍ଡାପଡା ପଂଚାୟତ ନାଏବ ସରପଞ୍ଚ ସୁମନ୍ତ ନାଏକ, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁମନ୍ତ ଦାସ, ସମ୍ମାନିତ ଅତିଥି ଭାବେ ମୁଣ୍ଡାପଡା ସିଆରସିସି ପ୍ରଶାନ୍ତ ଝାଙ୍କର, ସଞ୍ଜୟ ଖଟୁଆ, ସୁମତି ରଣା, ମିନତୀ ଭୋକ୍ତା, ପ୍ରମିଳା ପ୍ରଧାନ ଯୋଗ ଦେଇଥିଲେ। କ୍ରୀଡା ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଦୀପଙ୍କର ସାହୁ, ଶିବାନୀ ଝାଙ୍କର, ଜ୍ୟୋତିର୍ମୟୀ ଭୋକ୍ତା,ପ୍ରତିମା ଭୋଇ, ବବୁନ ଭୋକ୍ତା, ସୌରଭ ଦାସ ଚମ୍ପିୟାନ ହୋଇଥିଲେ। ଚମ୍ପିୟାନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବାର୍ଷିକ କ୍ରୀଡାକୁ ଖେଳ ଶିକ୍ଷକ ବିକାଶ ଦୀପ ପରିଚାଳନା କରିଥିବା ବେଳେ ଶିକ୍ଷକ ମନ୍ମଥ ତରିଆ, ସୁବୋଧ ସାହୁ, ଚନ୍ଦ୍ର ଶେଖର ହାତୀ, ଶିକ୍ଷୟିତ୍ରୀ ରିତାଞ୍ଜଳୀ ପ୍ରଧାନ ସହଯୋଗ କରିଥିଲେ।ଏହି ବାର୍ଷିକ କ୍ରୀଡାରେ ୨୦୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

# ଅର୍ଶଦୀପ ସିଂ ବର୍ଷର ଶ୍ରେଷ୍ଠ ଟି-୨୦ କ୍ରିକେଟିୟର




ନୂଆଦିଲ୍ଲୀ: ଆଇସିସି ୨୦୨୪ର ଶ୍ରେଷ୍ଠ ପୁରୁଷ ଟି-୨୦ କ୍ରିକେଟରଙ୍କ ନାମ ଘୋଷଣା କରିଛି। ଭାରତୀୟ ଦ୍ରୁତ ବୋଲର ଅର୍ଶଦୀପ ସିଂ ଶ୍ରେଷ୍ଠ ଟି-୨୦ ଖେଳାଳି ଘୋଷଣା କରାଯାଇଛି । ଏହି ପୁରସ୍କାର ଦୌଡ଼ରେ ଥିଲେ ୪ ଖେଳାଳି। ଏଥିରେ ଭାରତର ଅର୍ଶଦୀପ ସିଂହ, ପାକିସ୍ତାନର ବାବର ଆଜମ, ଅଷ୍ଟ୍ରେଲିଆର ଟ୍ରାଭିସ୍ ମୁଖ୍ୟ ଏବଂ ଜିମ୍ବାୱେର ସିକନ୍ଦର ରଜା ସାମିଲ ଥିଲେ। ଏହି ସବୁ ତାରକା ଖେଳାଳିଙ୍କୁ ପଛରେ ପକାଇ ଅର୍ଶଦୀପ ସିଂହ ଏହି ସମ୍ମାନଜନକ ପୁରସ୍କାର ଜିତିଛନ୍ତି। ଅର୍ଶଦୀପ ସିଂହ ଗତବର୍ଷ ଟି-୨୦ ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରିବା ସହ ଭାରତ ପାଇଁ ଟି-୨୦ ବିଶ୍ୱକପ୍ ଟାଇଟଲ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ସ୍ମରଣୀୟ ପ୍ରଦର୍ଶନ ପାଇଁ ତାଙ୍କୁ ଆଇସିସି ପକ୍ଷରୁ ଏହି ସମ୍ମାନ ଦିଆଯାଇଛି । ଅର୍ଶଦୀପ ସିଂହ ଗତବର୍ଷ ଟି-୨୦ ଫର୍ମାଟରେ ଚମତ୍କାର ପ୍ରଦର୍ଶନ କରିବା ସହ ଭାରତ ପାଇଁ ଟି-୨୦ ବିଶ୍ୱକପ୍ ଟାଇଟଲ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ସ୍ମରଣୀୟ ପ୍ରଦର୍ଶନ ପାଇଁ ତାଙ୍କୁ ଆଇସିସି ପକ୍ଷରୁ ଏହି ସମ୍ମାନ ଦିଆଯାଇଛି । ଗତ କିଛି ବର୍ଷ ମଧ୍ୟରେ ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂହ ଟି-୨୦ ଫର୍ମାଟରେ ଟିମ୍ ଇଣ୍ଡିଆର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲର ରହିଛନ୍ତି। ୨୦୨୪ ରେ ମଧ୍ୟ ତାଙ୍କ ତରଫରୁ ବହୁତ ଭଲ ଖେଳ ଦେଖିବାକୁ ମିଳିଥିଲା । ସେ ଗତବର୍ଷ ଟିମ୍ ଇଣ୍ଡିଆ ପାଇଁ ୧୮ଟି ଟି-୨୦ ମ୍ୟାଚ୍ ଖେଳି ମୋଟ ୩୬ଟି ୱିକେଟ୍ ନେଇଥିଲେ। ସେ ୨୦୨୪ରେ ଟି-୨୦ରେ ଭାରତର ସର୍ବାଧିକ ୱିକେଟ୍ ନେଇଥିଲେ। ନିକଟରେ ଅର୍ଶଦୀପ ସିଂହଙ୍କୁ ୨୦୨୪ ର ଶ୍ରେଷ୍ଠ ଟି-୨୦ ଦଳରେ ସ୍ଥାନ ମିଳିଛି।

# ରୋହିତ ଶର୍ମା ଆଇସିସି ଟି-୨୦ ଟିମ୍ ଅଧିନାୟକ




ନୂଆଦିଲ୍ଲୀ: ଟି-୨୦ ବିଶ୍ୱକପ ବିଜେତା ଭାରତୀୟ ଟିମର ଅଧିନାୟକ ରୋହିତ ଶର୍ମାଙ୍କୁ ମିଳିଛି ବଡ଼ ସଫଳତା। ତାଙ୍କୁ ଆଇସିସି ୨୦୨୪ ପାଇଁ ଗଠନ କରିଥିବା ଶ୍ରେଷ୍ଠ ଟି-୨୦ ଟିମର ଅଧିନାୟକ ଭାବେ ଚୟନ କରିଛି। ୨୦୨୪ ବର୍ଷରେ ଦମଦାର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଆଇସିସି ପକ୍ଷରୁ ଏପରି ଦଳ ଗଠନ କରାଯାଇଛି। ରୋହିତ ଟିମର ନେତୃତ୍ୱ ନେବାକୁ ଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମ୍ରା ଓ ଅର୍ଶଦୀପ ସିଂହ ମଧ୍ୟ ଦଳରେ ଅଛନ୍ତି। ଆଶ୍ଚର୍ଯ୍ୟଜନ ଭାବେ ପାକିସ୍ତାନର ବ୍ୟାଟର ବାବର ଆଜମଙ୍କୁ ଆଇସିସି ଟି-୨୦ ଟିମରେ ସୁଯୋଗ ମିଳିଛି। କିନ୍ତୁ ଭାରତକୁ ଟି-୨୦ ବିଶ୍ୱକପ ଜିତାଇଥିବା ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ ଆଇସିସି ଟିମରେ ରଖି ନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ବିଶ୍ୱକପ ଫାଇନାଲରେ ବିରାଟ ମ୍ୟାଚ୍ ବିଜୟୀ ୫୯ ବଲରେ ୭୬ ରନର ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସ ବଳରେ ଭାରତ ଫାଇନାଲରେ ୭ ୱିକେଟ ହରାଇ ୧୭୬ ରନ କରିଥିଲା।

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ ଅଷ୍ଟ୍ରେଲୀୟ ଫୁଟବଲ୍ ଲିଗ୍‌ର ଜାତୀୟ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଷ୍ଟ୍ରେଲୀୟ ଫୁଟବଲ୍ ଲିଗ୍‌ର ଜାତୀୟ ଚାମ୍ପିଅନସିପ୍ ୨୦୨୫ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଓଡିଶା ଏବଂ ଥାମାର୍ଗୁର୍ ଯୁବ ସଂଗଠନ, ଅଷ୍ଟ୍ରେଲିଆ ଏବଂ ଏଏଫଏଲ୍ ଭାରତ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଜାତୀୟ ଚାମ୍ପିଅନସିପ୍ ଟି ୨୦୨୫ଜାନୁଆରୀ ୨୪ରୁ ୨୬ତାରିଖପର୍ଯ୍ୟନ୍ତ ଖେଳାଜୀବ । ଏହି ଜାତୀୟ ଚାମ୍ପିଅନସିପ୍ ରେ୧୦ଟି ରାଜ୍ୟର ଦଳ ଅଂଶଗ୍ରହଣ କରିଥିଲେ ଏବଂ ସମସ୍ତ ମ୍ୟାଚ୍ ଡବଲ୍ ହେଡର୍ ଲିଗ୍ ଆଧାରରେ ଖେଳାଗଲା। ଏହି ଜାତୀୟ ଚାମ୍ପିଅନସିପ୍‌କୁ ଓଡ଼ିଶା ସରକାରଙ୍କ କ୍ରୀଡା ଏବଂ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଅଧକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ରଙ୍କ ଦ୍ୱାରା ଉଦ୍ଘାଟିତ କରାଯାଇଥିଲା। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର କ୍ରୀଡା ସଂକୁଳରେ ଆୟୋଜିତ ଏହି ଚ୍ୟାମ୍ପିୟନସିପ୍‌ରେ ଭାରତର ୧୦ଟି ରାଜ୍ୟର୧୮ଟି ଦଳ ଅଂଶଗ୍ରହଣ କରିଥିଲା, ଯେଉଁଥିରେ ୧୦ ବରିଷ୍ଠ ପୁରୁଷ ଦଳ ଓ ୮ କନିଷ୍ଠ ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି କ୍ଷଏହି ପ୍ରତିଯୋଗତାରେ ୨୦୦ରୁ ଅଧିକ ଖେଳାଳି ଏବଂ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଏହି ଚ୍ୟାମ୍ପିୟନସିପ୍‌ରେ ଅଂଶଗ୍ରହଣକାରୀ ଦଳଗୁଡିକ ହେଉଛି ବିହାର, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ତେଲଙ୍ଗନା, ଝାରଖଣ୍ଡ, କେରଳ, ଓଡିଶା, ଉତ୍ତରପ୍ରଦେଶ, ମହାରାଷ୍ଟ୍ରଏବଂ ପଶ୍ଚିମବଙ୍ଗ। କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ଆମ ସରକାର ରାଜ୍ୟରେ କ୍ରୀଡା ଏବଂ କ୍ରୀଡାବିତଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରତିବଦ୍ଧ। ଖୋ ଖୋ ଭଳି ଆଦିବାସୀ ଖେଳ ଏବେ ବିଶ୍ୱସ୍ତରୀୟ ପ୍ଲାଟଫର୍ମକୁ ସ୍ଥାନାନ୍ତରିତ ହୋଇଛି ଯାହା ଯୁବ ଖେଳାଳିମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଏବଂ ଉତ୍କର୍ଷତା ହାସଲ କରିବାକୁ ସାହାଯ୍ୟ କରିବ। ଭାରତରେ ସ୍ୱଦେଶୀ କ୍ରୀଡାର ଏକ ସମୃଦ୍ଧ ଐତିହ୍ୟ ରହିଛି, ଏବଂ ଏହି ଖେଳଗୁଡ଼ିକୁ ସଂରକ୍ଷଣ, ପ୍ରୋତ୍ସାହନ ଏବଂ ଲୋକପ୍ରିୟ କରିବା ଆମର ପ୍ରାଥମିକତା। ଚାମ୍ପିଅନଶିପ୍‌ର ଦ୍ୱିତୀୟ ଦିନରେ ମାନ୍ୟ ଅତିଥିଗଣଙ୍କ ଆଗମନ ଦେଖାଯାଇଥିଲା, ଯାହା ହେଉଛନ୍ତି ଡ଼ଃ ସୌର୍ଯ୍ୟରଞ୍ଜନ ପରଲଜା, ଡେପୁଟି ଡାଇରେକ୍ଟର, ଏନସିସି ଓଡ଼ିଶା, ଓ ଓଲିମ୍ପିଆନ୍ ଖେଳାଳି ଶ୍ରୀମତୀ ଅନୁରାଧା ବିଶ୍ୱାଳ। ଗଣସମାବେଶକୁ ସମ୍ବୋଧନ କରି, ଶ୍ରୀମତୀ ବିଶ୍ୱାଳ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ଜଣେ ଖେଳାଳି ଭାବେ ତାଙ୍କର ଅନୁଭବ ଶେୟାର କରିଥିଲେ। ସେ ଖେଳାଳିମାନଙ୍କୁ ତାଙ୍କର ଲକ୍ଷ୍ୟପ୍ରାପ୍ତି ପାଇଁ ଅଟୁଟ ସମର୍ପଣ ଓ ଖେଳାଧର୍ମର ମୂଲ୍ୟବୋଧ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଏହାପରେ, ଡ଼ଃ ପରଲଜା ଖେଳରେ ଶୃଙ୍ଖଳା ଓ ନେତୃତ୍ୱ ଗୁଣ ଗଢ଼ି ତୋଳିବାର ଭୂମିକା ଉପରେ ଆଲୋକ ପାତିଥିଲେ ଓ ଯୁବ ଖେଳାଳିମାନଙ୍କୁ ତାଙ୍କର ରାଜ୍ୟ ଓ ଜାତିକୁ ଏମିତି ମଞ୍ଚରେ ପ୍ରତିନିଧିତ୍ୱ କରିବାର ଗର୍ବ ବୋଧ କରିବାକୁ ଉତ୍ସାହିତ କରିଥିଲେ।

## ମୁମ୍ବାଇକୁ ହରାଇ ରଚିଲା ଇତିହାସ ଜମ୍ମୁକାଶ୍ମୀର

ନୂଆଦିଲ୍ଲୀ: ଜମ୍ମୁ କାଶ୍ମୀର ରଣଜୀ ଟ୍ରଫି ୨୦୨୪-୨୫ର ଏକ ମ୍ୟାଚ୍ ରେ ଇତିହାସ ରଚିଛି। ଏହା ଡିଫେଣ୍ଡିଂ ଚାମ୍ପିଅନ ମୁମ୍ବାଇକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଅଜିଙ୍କ୍ୟ ରାହାଣେଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଦଳକୁ ୫ ୱିକେଟ୍‌ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ମୁମ୍ବାଇରେ ରୋହିତ ଶର୍ମା ଏବଂ ଶ୍ରେୟସ ଆୟରଙ୍କ ପରି ଅନେକ ମହାନ ଖେଳାଳି ଥିଲେ। ତଥାପି ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡିଲା। ଅନ୍ୟପକ୍ଷରେ, ପାରସ ଡୋଗ୍ରାଙ୍କ ଅଧିନାୟକତ୍ୱରେ ଦଳ ଦୃଢ଼ ପ୍ରଦର୍ଶନ କରିଥିଲା ଏବଂ ଜିତିଥିଲା। ଜମ୍ମୁ ଏବଂ କାଶ୍ମୀର ପାଇଁ ଯୁଦ୍ଧବୀର ସିଂହ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ମୁମ୍ବାଇର ପ୍ରଥମ ଇନିଂସରେ ଯୁଦ୍ଧବୀର ୮.୨ ଓଭର ବୋଲିଂ କରିଥିଲେ। ଏହି ସମୟ ମଧ୍ୟରେ ସେ ୩୧ ରନ ଦେଇ ୪ଟି ୱିକେଟ ନେଇଥିଲେ। ଏହା ସହିତ, ସେ ଦ୍ୱିତୀୟ ଇନିଂସରେ ୩ ୱିକେଟ୍ ନେଇଥିଲେ। ଯୁଦ୍ଧବୀର ଦ୍ୱିତୀୟ ଇନିଂସରେ ୧୫ ଓଭର ବୋଲିଂ କରିଥିଲେ ଏବଂ ୬୪ ରନ ଦେଇଥିଲେ। ସେ ଦଳ ପାଇଁ କିଛି ରନ ମଧ୍ୟ ଯୋଡିଥିଲେ।

# ମାଝୀଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଦିବସ ପାଳିତ



କୋଷାଗୁମୁଡା(ଭାସ୍କର ନ୍ୟୁଜ): ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆ ଠାରେ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ଗତ ତାରିଖ -୨୪- ୦୧-୨୦୨୫ରୁ ଆରମ୍ଭ ହୋଇ ଶନିବାର ଶେଷ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଝୀଧନୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଦୟାରାମ ପୂଜାରୀ, ମୁଖ୍ୟ ବକ୍ତା ଭାବରେ ଜଗଦିଶ ପଟ୍ଟନାୟକ ଶାରୀରିକ ଶିକ୍ଷକ ସହଦେବ ଉଚ୍ଚ ବିଦ୍ୟାଳୟ ପଣ୍ଡୁଗୁଡା, ସମ୍ମାନିତ ଅତିଥି ଭାବରେ ମୋ ସ୍କୁଲ ସଭାପତି ଦିନେଶ ପନକା ଓ ମାଝିଧନୁଆ କ୍ଲଷ୍ଟର୍ ର ଉଜଉଉ ପାର୍ଥ ସାରଥୀ ସାହୁ ଯୋଗଦାନ ଦେଇଥିଲେ । ଆଭାହକ ଭାବରେ ଖେଳ ଶିକ୍ଷକ ପରିଚାଳକ ସୁଦାମ ସେଠୀ ଏବଂ ପ୍ରସନ୍ନଜିତ୍ ମାଝୀ ଖେଳ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ଉତ୍ସବର ସଭାପତିତ୍ୱ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବଦ୍ରିନାରାୟଣ ବିଶ୍ୱାଳ ସଭାପତିତ୍ୱ କରି କ୍ରୀଡ଼ା ବାର୍ଷିକ ଉତ୍ସବକୁ ସଫଳ ରୂପରେ ପରିଚାଳନା କରିଛନ୍ତି। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ଉଭୟ ବାଳକ ଓ ବାଳିକା ମଧ୍ୟରେ। ଯେପରି ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସର୍ଟ୍‌ପୁଟ୍, ଡିସ୍‌କସ୍, ଜାଭେଲିନ୍ ଥ୍ରୋ, ଜୁନିଅର ମଧ୍ୟରେ ଙ୍କବସ୍ପଷ କ୍ୱବମର ଆଦି ପ୍ରତିଯୋଗିତା ହୋଇଥିଲା । ଏହିପରି ଭାବରେ ସମୁଦାୟ ୨୮ଟି ପ୍ରତିଯୋଗୀତା ହୋଇଥିଲା । ଏହି କ୍ରୀଡ଼ା ଉତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପିଲାମାନଙ୍କ ଶାରୀରିକ ତଥା ମାନସିକ ସ୍ତରରେ ଖେଳ କିପରି ସହାୟକ କରେ ଛାତ୍ର ଛାତ୍ରୀ ମାନଙ୍କୁ ଜଣାଇଥିଲେ। ମୁଖ୍ୟ ବକ୍ତା ଜଗଦିଶ ପଟ୍ଟନାୟକ ଛାତ୍ରଛାତ୍ରୀମାନେ ଖେଳୁଆଡ ମନୋଭାବ ରଖିଲେ ସମସ୍ତ କ୍ଷେତ୍ରରେ ଆଗକୁ ଯାଇପାରିବେ ବୋଲି ଅଭିଭାଷଣ ରଖିଲେ । ପ୍ରଧାନ ଶିକ୍ଷକ ଛାତ୍ରଛାତ୍ରୀମାନେ ଖେଳ ମାଧ୍ୟମରେ କିପରି ଆଗକୁ ଯାଇପାରିବେ ଏବଂ ଅନ୍ୟ ଛାତ୍ରମାନଙ୍କୁ କିପରି ଅତିକ୍ରମ କରିପାରିବେ ସେ ବିଷୟରେ ଅଭିଭାଷଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଦିନ ସକାଳେ ଦୌଡିବା ତଥା ବିଭିନ୍ନ ବ୍ୟାୟାମ କରିବା ପାଇଁ ଉଦବୋଧନ ଦେଲେ । ବିଦ୍ୟାଳୟର ରବୀନ୍ଦ୍ର ପଟ୍ଟନାୟକ ଏବଂ ମଧୁସୂଦନ ସାହୁ ଲମ୍ବ ଡିଆଁ ଓ ଛାତ୍ରୀମାନଙ୍କର ବିଭିନ୍ନ ପ୍ରତିଯୋଗୀତା ପରିଚାଳନା କରିଥିଲେ । ଜୟରାମ କର, ମିତାଲି ମଧୁସ୍ମିତା ସାହୁ, ରନ୍ ବିଜୟ କୁମାର ରାମ, ସନ୍ତୋଷ କୁମାର କାଣ୍ଡି, ତ୍ରିଲୋଚନ ପ୍ରଧାନ ଶୃଙ୍ଖଳା ଦାୟିତ୍ୱ ଗ୍ରହଣ କରି କ୍ରୀଡ଼ା ଉତ୍ସବର ସଫଳ ମଣ୍ଡିତ କରିଥିଲେ । ଶେଷରେ ବିଦ୍ୟାଳୟର ସଭାପତି ଲକମୁ ହଲବା ଧନ୍ୟବାଦ୍ ଅର୍ପଣ କରି ବାର୍ଷିକ କ୍ରୀଡ଼ା ଉତ୍ସବକୁ ସମାପନ କରିଥିଲେ ।

# ପୋଲିସ ସିଟିଜେନ୍‌ର ତିନିଦିନିଆ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ସହର ସ୍ଥିତ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ସୌଜନ୍ୟରେ ୨୨ ତାରିଖ ଆରମ୍ଭ ହୋଇଥିବା ଉପଖଣ୍ଡ ସ୍ତରୀୟ ପୋଲିସ ସିଟିଜେନ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଗତକାଲି ବିଳମ୍ବିତ ରାତ୍ରୀରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସ ରେ ପ୍ରଶାସନ ଟିମ୍ ପକ୍ଷରୁ ଡ଼ ସିରିଶ ଓ ସାଥୀ ବନାମ ଗ୍ରିଡକ କରଞ୍ଜିଆ ମଧ୍ୟରେ ଅନୁଷ୍ଠିତ ହୋଇଥଲା ଏଥିରେ ଡ଼ ଶିରିଶ୍ ବିଜୟ ହେଇଥିଲେ ସେହିପରି ପବ୍ଲିକ୍ ଟିମ୍ ମଧ୍ୟରୁ ଠାକୁରମୁଣ୍ଡା ବନାମ ରରୂଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ ରାରୂଆ ଟିମ୍ ବିଜୟ ହୋଇଥଲା। ଶେଷରେ ଡ଼ ସିରିଶ୍‌ଙ୍କ ଟିମ୍ ବନାମ ରରୁଆ ର ସୁବ୍ରତ ଏଣ୍ଡ ସୁବ୍ରତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଫାଇନ।ଲ ମ୍ୟାଚ ରେ ସୁବ୍ରତ ଏଣ୍ଡ ସୁବ୍ରତ ରରୁଆକୁ ହରାଇ ଡ଼ ଶିରିଶ ଚମ୍ପିୟାନ ହୋଇଛି। ପରେ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାରଙ୍କ ଅଧକ୍ୟତା ରେ ପୁରସ୍କାର ବିତରଣି ସମାରୋହ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ପାଞ୍ଚପିଡ ଉପଜିଲ୍ଲାପାଳ ପ୍ରେମାଂସୁ ଚାନ୍ଦ ବିଜେତା ଦଳ ଡ ଶୀରିଶ ଏଣ୍ଡ ସାଥୀଙ୍କୁ ନଗଦ ୨୫ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ସୁବ୍ରତ ଏଣ୍ଡ ସୁବ୍ରତ ରରୁଅ ଦଳ କୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ତୃତୀୟ ଓ ଚତୁର୍ଥ ଦଳକୁ ମଧ୍ୟ ପୁରସ୍କାର ଦିଆଯାଇଥିଲା। ଏହା ସହିତ ଶ୍ରେଷ୍ଠ ଖେଳାଳି କୁ ମଧ୍ୟ ପୁରସ୍କାର ପ୍ରଦାନ କରଯାଇଥିଲା। ଉପଖଣ୍ଡ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସୌହାର୍ଯ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବନ୍ଧୁତ୍ୱ ପୂର୍ଣ୍ଣ ପ୍ରତିଯୋଗିତା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଛି। ଏଥିରେ ଉପଖଣ୍ଡର ୩୨ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ମ୍ୟାଚ ରେ ରେଫରୀ ଭାବେ ରୁପେଶ୍ ସରାଫ, ଶୁଶିଲ ଅଗ୍ରୱାଲା , ଶିବୁ ପେରିୱାଲା ଓ ଖୁ ଖୁ କର୍ଯ୍ୟ ତୁଲାଇଥିଲେ । ଭସ୍ୟକାର ଭାବେ ଅରୁଣ କୁମାର ବେହେରା କାର୍ଯ୍ୟ ତୁଲାଇଥିଲେ। ଉପଖଣ୍ଡ ପୋଲିସ ପକ୍ଷରୁ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର, କରଞ୍ଜିଆ ଆଇଆଇସି ନିରୋଦ କୁମାର ମଲ୍ଲିକ, ରରୂଆ ଥାନା ଅଧିକାରୀ ସୁମନ୍ତ କୁମାର ସେଠି ପରିଚାଳନା କରିଥିଲେ। ସୁଧୀର ଭରୁକା, ପ୍ରଦୀପ ସାହା, ମୁନା ଅଗ୍ରୱାଲା , ରିତେଶ ଅଗ୍ରୱାଲା, ରକିଅଗ୍ରୱାଲା, ସୌରଭ ସୁଲତାନିଆ ପ୍ରମୁଖ ସହଯୋଗ କରିଥିଲେ।

# ୩୮ ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା

## ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ଭାଗନେବେ ୪ ଖେଳାଳି




ବାରିପଦା(ଭାସ୍କର ନ୍ୟୁଜ): ଉତ୍ତରାଖଣ୍ଡର ଡେରାଡୁନ ଠାରେ ଚଳିତ ମାସ ୨୮ ରୁ ଫେବୃଆରି ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୩୮ ତମ ଜାତୀୟ କ୍ରୀଡ଼ାର ରଗବୀ ଖେଳ ବିଭାଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୩ ଜଣ ମହିଳା ଓ ଜଣେ ପୁରୁଷ ଓଡ଼ିଶା ରଗବୀ ଦଳରେ ସ୍ଥାନ ପାଇଛନ୍ତି । ସେମାନେ ହେଲେ ସନ୍ଧ୍ୟାରାଣୀ ଟୁଡୁ, ପାର୍ବତୀ ହାଁସଦା, ସୁନୀତା ହାଁସଦା ଓ ପୁରୁଷ ବିଭାଗରେ ଅଜିତ କୁମାର ହାଁସଦା । ସୂଚନା ମୁତାବକ ୩ ମହିଳା ଖେଳାଳୀ ପୂର୍ବ ତଥା ୩୭ତମ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିବା ସହ ଓଡିଶା ପାଇଁ ସ୍ୱର୍ଣ୍ଣପଦକ ହାସଲ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ଏହି ସଫଳତାର ଖବର ପାଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, କୋଚ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

# ରତ୍ନେଶ୍ୱର କ୍ରିକେଟ୍ କ୍ଲବ୍ ଆନୁକୁଲ୍ୟରେ ସୁବ୍ରତ ମେମୋରିଆଲ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକ ପାଧାନୀ ପଞ୍ଚାୟତ ଦଶନ୍ଧିକୂଳ ଠାରେ ରନତ୍ନେଶ୍ୱର୍ କ୍ରିକେଟ କ୍ଲବ ଆନୁକୁଲ୍ୟରେ ସୁବ୍ରତ ମେମୋରିଆଲ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ସୁଧାକର ଦାଶ, ସଂଜୀବ ମହାନ୍ତି ଓ ସମାଜସେବୀ ପ୍ରଶାନ୍ତ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉକ୍ତ ଖେଳକୁ ଉଦ୍‌ଘାଟନ କରିଥିଲେ। ଦୁଇବର୍ଷ ତଳେ ସୁବ୍ରତର ଅକାଳ ବିୟୋଗ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଆରସିସି କ୍ଲବର ଯୁବକମାନଙ୍କର ଏହା ଏକ ସୁନ୍ଦର ପ୍ରୟାସ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଏଥିରେ ୧୬ ଗୋଟି ଟିମ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚରେ ଲାଲୁ ଇଲେଭେନ ଭଦ୍ରକ ଓ କୁମାର ଏଣ୍ଡ କୁମାର ଝୁମ୍ପୁରି (ଯାଜପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍ୱପ୍ନ ସାର୍ଥକ ମିଶ୍ର ଓ ସଂଜୟ ନାୟକ ଅମ୍ପାୟାର, ଖେଳର ମୁଖ୍ୟ ପରିଚାଳକ ଗତିଶ ଚନ୍ଦ୍ର ରାଉତ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଅନୁଭବ ଦାସ ଓ ସୌରଭ ମିଶ୍ର ସ୍କରର ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜେଶ ଜେନା, ଦିବ୍ୟ ରଞ୍ଜନ ରାଉତ, ମନୋରଞ୍ଜନ ରାଉତ, ରୁଦ୍ର ପ୍ରତାପ ପୁହାଣ, ରାହୁଲ ମହାଳିକ, ଶକ୍ତି ବେହୁରାଆ ପ୍ରମୁଖ ଖେଳରେ ସହଯୋଗ କରିଥିଲେ।



# ୧୭ ତମ ଭୈରବୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗାଁର ୧୭ତମ ଭୈରବୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ରିକେଟ୍ କ୍ଲବ୍ ସଭାପତି ଜ୍ୟୋତି ରଞ୍ଜନ ପଣ୍ଡା ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୁପେ ଭାନପୁର ସରପଞ୍ଚ ରୀନା ଜାଲ ଓ ସମ୍ମାନୀତ ଅତିଥି ରୁପେ ତୁର୍ଲା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲା, ଦୟା ସାଗର ମର୍ହି, ଲଛମନ କାଲସାଏ, ମନିଲାଲ ଛତର, ଛବିଳ ପଧାନ, ଡିଲେଶ୍ୱର ଜାଲ ଯୋଗଦେଇ ନାଲି ଫିତା କାଟି, ନଡ଼ିଆ ଭାଙ୍ଗି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନି ମ୍ୟାଚ ଭାନପୁର ଓ ଚାଉଲବାଞ୍ଜି ମଧ୍ୟରେ ଖେଳାଯାଇଥିଲା। ଚାଉଲବାଞ୍ଜି ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୧୪ ଓଭର୍‌ରେ ୭ ୱିକେଟ୍ ହରାଇ ୧୩୨ ରନ୍ ସଂଗ୍ରହ କରିଥିଲା । ଜବାବରେ ଭାନପୁର ଦଳ ୧୩.୪ ଓଭର୍‌ରେ ୯ ୱିକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଯାହା ଫଳରେ ଭାନପୁର ଦଳକୁ ବିଜୟୀ ଘୋଷଣା କରାଯାଇଥିଲା । ଆମ୍ପାୟାର ରୁପେ ଆଶିଷ ପାଣିଗ୍ରାହୀ ଓ ପପୁ ଭୁଏ ଖେଳ ପରିଚାଳନା କରିଥିବା ବେଳେ ଆକାଶ ପାଣିଗ୍ରାହୀ ସ୍କୋରର ଭାବେ କାର୍ଯ୍ୟ ସମ୍ପାଦନ କରିଥଲେ। ରଞ୍ଜିତ ମେହେର ଓ କୁଶ ରଞ୍ଜନ ଭୋଇ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଶାନ୍ତ ମେହେର, ନରେଶ ବାରିକ, କେଦାର ବାରିକ, ନବୀନ ଭୁଏ, ସୁବିତ୍ ଭୋଇ, ସ୍ୱାଧୀନ ପଣ୍ଡା, ମିଲନ ନାଗ, ଦେବାଶିଷ ପାଣିଗ୍ରାହୀ ହୀରାଧର ଶବର ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଭାଗ ନେଇଥିବା ବେଳେ ଟୁର୍ଣ୍ଣାମେଣ୍ଟ ଆଠ ଦିନ ଧରି ଚାଲିବ ବୋଲି ଜଣାଯାଇଛି।

## ସିଏମ୍ କପ୍ ଆନ୍ତଃ କ୍ଲବ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ସାଗୁଇ କ୍ଲବ୍ ବିପକ୍ଷରେ ଜିନ୍ଦଲ ଫାଉଣ୍ଡେସନ୍ ୬-୦ ଗୋଲରେ ବିଜୟୀ



କେନ୍ଦୁଝର(ଭାସ୍କର ନ୍ୟୁଜ): ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଓ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଦଶମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଶନିବାର ଅନୁଷ୍ଠିତ ଏକମାତ୍ର ଖେଳରେ ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ ' ସାଗୁଇ କ୍ଲବ କଣାପଶି ବିପକ୍ଷରେ ୬-୦ ଗୋଲରେ ଏକ ବିପୁଳ ବିଜୟ ହାସଲ କରିବା ସହ ପୁରା ପଏଣ୍ଟ ପାଇବାରେ ସଫଳ ହୋଇପାରିଛି । ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ୧୭ ନମ୍ବର ଖେଳାଳି ରାଇଟ ଉଇଙ୍ଗର ଅଙ୍କିତ ବେହେରା ଅତି ଦର୍ଶନୀୟ ଖେଳ ପ୍ରଦର୍ଶନ କରି ୨୯, ୩୩, ଏବଂ ୫୨ ମିନିଟରେ କ୍ରମାଗତ ୩ଟି ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିବା ସହ ସମସ୍ତଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଥିଲେ । ତାଙ୍କ ବ୍ୟତୀତ ଦଳ ପକ୍ଷରୁ ସୁଶାନ୍ତ କାଳନ୍ଦୀ, ଅନନ୍ତ ନାଏକ ଏବଂ ଯଶୋବନ୍ତ ବେହେରା ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ବିଜୟର ବ୍ୟବଧାନକୁ ୬-୦କୁ ବୃଦ୍ଧି କରିଥିଲେ । ଆସନ୍ତାକାଲି ବିଶ୍ରାମ ଦିବସ ଥିବାବେଳେ ୨୭ ତାରିଖରେ ଦୁଇଟି ଅନ୍ତିମ ଲିଗ ମ୍ୟାଚ ଏବଂ ଲିଗର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ୨୮ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ । ଆଜିର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ, କୋଷାଧ୍ୟକ୍ଷ ସରୋଜ କୁମାର ରଣା କ୍ରୀଡା ଛାତ୍ରବାସର ଅଧୀକ୍ଷକ ଜିତେନ୍ଦ୍ର ମହାକୁଡ଼ ଏବଂ ମଞ୍ଚ ପରିଚାଳିକା ପୋନାଲି ବଦ୍ରା ପ୍ରମୁଖ ପଡିଆରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠିତ ଏକ ମାତ୍ର ଖେଳରେ ବେଣୁଧର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଶଙ୍କର୍ଷଣ ନାଏକ ଏବଂ ବୃନ୍ଦାବନ ମୁଣ୍ଡା ତାଙ୍କୁ ଲାଇନରେ ସହାୟତା କରିଥିଲେ କ୍ଷ ଚତୁର୍ଥ ରେଫରୀ ଥିଲେ ଯତୀନ କୁମାର ମହାନ୍ତ । ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବାବେଳେ କ୍ରୀଡା ନିର୍ଦ୍ଦେଶାଳୟର ଯଶପକ୍ଷଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଓ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।



# ସମୃଦ୍ଧ ଓଡ଼ିଶା@୨୦୩୬
# ବିକାଶର ନୂଆ ପରିଭାଷା



## ଓଡ଼ିଆ ଅସ୍ମିତା

- ସଂସ୍କୃତି ଓ ଐତିହ୍ୟର ବିକାଶ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି
- ରାଜ୍ୟର ପଦ୍ମ ପୁରସ୍କାର ବିଜେତାମାନଙ୍କୁ ମାସିକ ୩୦,୦୦୦ ଟଙ୍କାର ସମ୍ମାନ ରାଶି ପ୍ରଦାନ
- ୧୦୦ ବର୍ଷ ପୁରାତନ ଐତିହ୍ୟ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ସହାୟତା

## ମହିଳା ସଶକ୍ତୀକରଣ

- ୧,୭୯,୬୨୫ ଏସ୍.ଏଚ୍.ଜିକୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ୮୫୮୧.୦୪ କୋଟି ଟଙ୍କା ପ୍ରଦାନ
- ୨୨୪୭୭ ଏସ୍.ଏଚ୍.ଜିକୁ ୧୭୯.୧୭ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ

## ବିଦ୍ୟାଳୟ ଶିକ୍ଷା

- ଗୁଣାତ୍ମକ ଶିକ୍ଷା ବିକାଶ ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
- ପି.ଏମ୍.-ଶ୍ରୀ ଯୋଜନାରେ ୪୫୦ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ କେନ୍ଦ୍ରରେ ରୂପାନ୍ତରଣ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ଅନ୍ତେବାସୀଙ୍କ ଦେୟ ୨୦୦୦ ଟଙ୍କା ଛାଡ଼, ୪୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

## ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

- ଡିଜିଟାଲ ସ୍କିଲିଂ ଅଭିଯାନରେ ୩୦ ହଜାରରୁ ଅଧିକ ପ୍ରଶିକ୍ଷାର୍ଥୀଙ୍କ ପାଇଁ ୬ ହଜାରରୁ ଅଧିକ ପାଠ୍ୟକ୍ରମର ପ୍ରଣୟନ
- ମୁଖ୍ୟମନ୍ତ୍ରୀ ଆକାଂକ୍ଷୀ ଯୋଜନାରେ ତିନିବର୍ଷ ପାଇଁ ୧୯୦ କୋଟି ଟଙ୍କାର ବ୍ୟବସ୍ଥା
- ୧୩୦ କୋଟି ଟଙ୍କା ବ୍ୟୟରେ ୨୨ଟି ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାର ପ୍ରସ୍ତାବ

## ସୁଭଦ୍ରା

- ସୁଭଦ୍ରା ଯୋଜନାରେ ୫ ବର୍ଷ ନିମନ୍ତେ ୫୫ ହଜାର କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା, ଲାଭାନ୍ୱିତ ହେବେ ଏକ କୋଟିରୁ ଅଧିକ ମହିଳା



- ୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଗଲାଣି ୪ ହଜାର କୋଟିରୁ ଅଧିକ ଟଙ୍କା

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

- ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
- ଓଡ଼ିଶାର ୧ କୋଟି ପରିବାରଙ୍କୁ ଦେଶବ୍ୟାପୀ ୨୭,୦୦୦ରୁ ଊର୍ଦ୍ଧ୍ୱ ହସ୍ପିଟାଲ୍‌ରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା
- ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍ ଉପକରଣ ପାଇଁ ୨୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ

## କୃଷି ଓ କୃଷକ ସଶକ୍ତୀକରଣ

- ସମୃଦ୍ଧ କୃଷକ ଯୋଜନାରେ ଚାଷୀଙ୍କ ପାଇଁ ଧାନର ଏମ୍.ଏସ୍.ପି ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଅତିରିକ୍ତ ସହାୟତା
- ପି.ଏମ୍. କିଷାନ୍ ଓ ସି.ଏମ୍. କିଷାନ୍ ସମନ୍ୱିତ ପ୍ଲାଟ୍‌ଫର୍ମରେ ୪ ଲକ୍ଷରୁ ଅଧିକ ଚାଷୀ ଉପକୃତ
- ପାରମ୍ପରିକ କୃଷିର ପୁନରୁଦ୍ଧାର ପାଇଁ ଶ୍ରୀଅନ୍ନ ଅଭିଯାନରେ ୬୪୮.୬୧ କୋଟି ଟଙ୍କାର ବ୍ୟବସ୍ଥା

## ଗ୍ରାମ୍ୟ ଉନ୍ନୟନ

- ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଅଭିଯାନରେ ଓଡ଼ିଶାର ୧୫୨୩ଟି ଗ୍ରାମ ସବୁଦିନିଆ ରାସ୍ତା ଦ୍ୱାରା ସଂଯୁକ୍ତ
- ନିମାଣାଧୀନ ୫୦୦ ନୂତନ ସେତୁ ମଧ୍ୟରୁ ୧୧୧ଟି ସେତୁର ନିର୍ମାଣ ସମ୍ପନ୍ନ
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମିତ

## ଗୃହନିର୍ମାଣ ଓ ନଗର ଉନ୍ନୟନ

- ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ପାଇଁ ୪୦୦ଟି ଇ-ବସ୍



- ୭୯୨ କୋଟି ଟଙ୍କାର ୧୩୬ଟି ଭିତ୍ତିଭୂମି ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ୩୫୯ କୋଟି ଟଙ୍କା ବ୍ୟୟରେ ୩୩୫ଟି ସହରାଞ୍ଚଳ ବିକାଶ ପ୍ରକଳ୍ପ ଲୋକାର୍ପିତ
- ଅତ୍ୟାଧୁନିକ ଗମନାଗମନ ବ୍ୟବସ୍ଥା ପାଇଁ ଡବଲ ଡେକର୍ ବସ୍‌ସେବା ଓ 'ଓଡ଼ିଶା ଯାତ୍ରୀ ଆପ୍' ଲୋକାର୍ପିତ

## ଜନଅଭିଯୋଗ ଶୁଣାଣି

ଜୁଲାଇ ୧ ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୭୨,୦୦୦ ଅଭିଯୋଗର ଶୁଣାଣି ଓ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ



## ପର୍ଯ୍ୟଟନ

- ପୂର୍ବ ଭାରତରେ ଦୁଃସାହସିକ କ୍ରୀଡ଼ା ପାଇଁ ଓଡ଼ିଶା ହେବ ପ୍ରମୁଖ ହବ୍
- ହୀରାକୁଦ ଓ ସାତକୋଶିଆ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ୨୦୦ କୋଟି ଟଙ୍କା
- ବେଳାଭୂମି, ବୌଦ୍ଧପୀଠ, ବନ୍ୟପ୍ରାଣୀ ତଥା ରିଭର୍‌ଫ୍ରଣ୍ଟ ପ୍ରକଳ୍ପକୁ ଅଗ୍ରାଧିକାର

## ଶିଳ୍ପ ଓ ଏମ୍.ଏସ୍.ଏମ୍.ଇ

- ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଐତିହାସିକ ଓଡ଼ିଶା ଗସ୍ତ, ରିନ୍ୟୁଏବଲ୍ ଏନର୍ଜି, ଗ୍ରୀନ୍ ହାଇଡ୍ରୋଜେନ୍, ଫିନ୍‌ଟେକ୍ ସର୍ଭିସ ଓ ଦକ୍ଷତା ବିକାଶ କ୍ଷେତ୍ରରେ ବ୍ୟାପକ ସହଯୋଗ ପାଇଁ ୮ଟି ଏମ୍.ଓ.ୟୁ ସ୍ୱାକ୍ଷର
- ୧,୯୦,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନିବେଶରେ ୧୦୪ଟି ପ୍ରକଳ୍ପ ଓ ୧ ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସମ୍ଭବନା ସୃଷ୍ଟି

## ନିଯୁକ୍ତି, ସୁଯୋଗ ଓ ଜୀବିକା ଅଭିବୃଦ୍ଧି

- ୫ ବର୍ଷରେ ହେବ ୧.୫ ଲକ୍ଷ ସରକାରୀ ନିଯୁକ୍ତି
- ଅଦ୍ୟାବଧି ୧୮,୦୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ
- ୨୦୨୭ ସୁଦ୍ଧା ୨.୫ ଲକ୍ଷ ମହିଳା ହେବେ ଲକ୍ଷପତି ଦିଦି

## ଜନଜାତି ବିକାଶ

- ଅନୁସୂଚିତ ଜନଜାତି ବର୍ଗର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାରେ ୫୦୦୦ ଟଙ୍କାର ପ୍ରୋତ୍ସାହନ ରାଶି
- ଭୁବନେଶ୍ୱରଠାରେ ଜନଜାତି ଐତିହ୍ୟ ଭବନ ଓ ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୧୫୦ କୋଟି ଟଙ୍କା

DADLS - 93 | ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର | OIPR 15001/13/0389/2425

---

Government of India

# ଆମ ସମ୍ବିଧାନ ଲାଗୁ ହେବାର ୭୫ ବର୍ଷ ପୂର୍ତ୍ତି ଏବଂ
# ୭୬ତମ ଗଣତନ୍ତ୍ର ଦିବସରେ

## ସବୁ ଦେଶବାସୀଙ୍କୁ
## ହାର୍ଦ୍ଦିକ ଶୁଭକାମନା



"ଆମ ଦେଶର ସବୁ ପରିବାରଜନଙ୍କୁ ଗଣତନ୍ତ୍ର ଦିବସର ଅନେକ ଅନେକ ଶୁଭକାମନା। ଭାରତର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଆମ ଦେଶର ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ବାଧାବିଘ୍ନ ଓ ଆହ୍ୱାନକୁ ପରାସ୍ତ କରି ଏକ ଦୃଢ଼ ସଂକଳ୍ପ ସହିତ ଏ ଦେଶ ଆଗକୁ ବଢ଼ିବା ଲାଗି ପ୍ରତିବଦ୍ଧ ରହିଛି।"

ଜୟ ହିନ୍ଦ !

-ନରେନ୍ଦ୍ର ମୋଦୀ

କର୍ତ୍ତବ୍ୟ ପଥରୁ ଗଣତନ୍ତ୍ର ଦିବସ ସମାରୋହର ସିଧା ପ୍ରସାରଣ ସକାଳ ୯.୦୦ଟାରୁ ଦେଖନ୍ତୁ ଦୂରଦର୍ଶନ ନେଟ୍‌ୱର୍କରେ

CBC 01101/13/0002/2425



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ମାଲକାନଗିରି ଗସ୍ତ ସମୟରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଆଜି ଲକ୍ଷ୍ମୀପୁରଠାରେ ବିଜେପି ଦଳ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲକ୍ଷ୍ମୀପୁରଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦେଖି ଦୁଇ ମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ମନ୍ତ୍ରୀ ମଲ୍ଲିକ ଶନିବାର ଏଗାରଟା ବେଳେ ଲକ୍ଷ୍ମୀପୁର ଠାରେ ପହଞ୍ଚିବା ପରେ ରାସ୍ତା କଡରେ ଥିବା ବିଜେପି କାର୍ଯ୍ୟାଳୟଠାରେ ଅପେକ୍ଷାରତ କର୍ମୀ ମାନେ ବିଜେପି ଜିନ୍ଦାବାଦ ନାରା ସହ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ସମସ୍ତ କର୍ମୀଙ୍କ ସହ ଏକ ସୌଜନ୍ୟ ମୂଳକ ସାକ୍ଷାତ କରି ସ୍ୱଳ୍ପ ସମୟ ମଧ୍ୟରେ ବିଭିନ୍ନ ବିଷୟରେ ଆଲୋଚନା କରି ଚାଲି ଯାଇଥିଲେ। ସେହି ପରି ଅପରାହ୍ନ ଦୁଇଟା ପରେ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଲକ୍ଷ୍ମୀପୁର ଠାରେ ପହଞ୍ଚି ଥିଲେ। ତାଙ୍କୁ ମଧ୍ୟ କର୍ମୀମାନଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ ସହ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସଭାରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଜିଲ୍ଲା ସମ୍ପାଦକ ଅଗସ୍ତି ହାଲବା, ଲକ୍ଷ୍ମୀପୁର ମଣ୍ଡଳ ସଭାପତି ଅନନ୍ତ ହୁଇକା, ନାରାୟଣପାଟଣା ମଣ୍ଡଳ ସଭାପତି କାଶୀନାଥ ହିକକା, ପୋଡ଼ଗଡ଼ ମଣ୍ଡଳ ସଭାପତି ସୀତାରାମ ରାୟେ ଙ୍କ ସମେତ ଚାରଟି ବ୍ଲକର ବହୁ ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟି କୋଣରୁ ବ୍ୟାପକ ପୋଲିସ ନିୟୋଜିତ ଥିଲେ।

## ମିଳନଦେବୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଉଫାଳଗଡ଼ିଆ ଗ୍ରାମ ପଞ୍ଚାୟତ ଅଧୀନ ଗୁହାଳଡ଼ିହା ମିଳନଦେବୀ ଶିଶୁ ମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ୨୦୨୪-୨୫ ଖୁବ୍ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନବୀନ ଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଶୁଳିଆପଦା ବ୍ଲକ ଅଧୀନ ବାଘଡ଼ ପଞ୍ଚାୟତର ଶ୍ରୀଯୁକ୍ତ ରଣଜିତ୍ କୁମାର ଧୀର ତାଙ୍କ କର କମଳରେ ଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ଆସନ ଅଳଙ୍କୃତ କରିଥିଲେ। ମିଳନଦେବୀ ଏଜୁକେଶନାଲ ଟ୍ରଷ୍ଟର ଜିଲ୍ଲା ସଂଯୋଜକ ବିଦ୍ୟାଧର ମହାନ୍ତ ମୁଖ୍ୟବକ୍ତା ଯୋଗ ଦେଇଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମିତାଲି ରଣା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ସହଯୋଗୀ ଆଚାର୍ଯ୍ୟା ସରିତା ସି ଏବଂ ଦେବପାନୀ ଅୟାଳ ମଞ୍ଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

# ଜାତୀୟ ମତଦାତା ଦିବସ ପାଳିତ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଶନିବାର ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ ଓ ଯୁକ୍ତତିନି ବିଭାଗର ଜାତୀୟ ସେବା ଯୋଜନା ୟୁନିଟ୍ ଏବଂ ଯୁବ ରେଡ଼କ୍ରସ ୟୁନିଟ୍ ଓ ରେଡ୍ ରିବନ କ୍ଲବ ତରଫରୁ ପନ୍ଦରତମ ଜାତୀୟ ମତ ଦାତା ଦିବସ ପାଳିତ ହୋଇଯାଇଛି। ଯୁକ୍ତତିନି ଅଧକ୍ଷ ବିଜୁ ମୁଦୁଲିଙ୍କ ସଭା-ପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଗିରିଜା କୁମାର ଚୌଧୁରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମତଦାନର ମହତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଯଦି ଆମେ ଗୋଟେ ଉନ୍ନତ ରାଷ୍ଟ୍ର ଗଠନ କରିବାକୁ ଚାହୁଁଛେ ତା'ହେଲେ ସମସ୍ତ ଯୋଗ୍ୟ ମତଦାତା ଶତ ପ୍ରତିଶତ ମତଦାନ କରିବା ଆବଶ୍ୟକ ବୋଲି ମୁଦୁଲି ସୂଚାଇଥିଲେ। ଏହି ଅବସରରେ ସରକାରଙ୍କ 'ନିଶା ମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ସମ୍ପର୍କିତ ଏକ ରଚନା ଓ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ଏଥି ସହ ମତଦାନ ଦିବସ ଉପଲକ୍ଷେ ନିଶା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଛାତ୍ରଛାତ୍ରୀଙ୍କ ଏକ ସଚେତନତା ରାଲି ମହାବିଦ୍ୟାଳୟରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲା। ଏଥିରେ ଅଧ୍ୟାପିକା ତିଳୋତ୍ତମା ପଟ୍ଟନାୟକ, ମଧୁସ୍ମିତା ବିଶ୍ୱାଳ, ସଙ୍ଗୀତା ନାଗ ଓ ଯୁକ୍ତତିନି ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ଦାସ ତଥା ଅଧ୍ୟାପକ କାହ୍ନୁ ଚରଣ ବିଶୋୟୀ, ରମାକାନ୍ତ ଖରା, ବବଲୁ ବେନିଆ ଏବଂ ଯୁକ୍ତ ଦୁଇ ଯୁବ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ଯଶୋବନ୍ତ ଗରଡ଼ା ଓ ଅନ୍ୟାନ୍ୟ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ଦୁର୍ଯ୍ୟୋଧନ ସାହୁ ମଞ୍ଚ ପରିଚାଳନା ଓ ଅଧ୍ୟାପିକା ତିଳୋତ୍ତମା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାୟଗଡ଼ାରେ ଜିଲ୍ଲାସ୍ତରୀୟ ପଞ୍ଚଦଶ ମତଦାତା ଦିବସ ପାଳିତ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ସଦର ମହକୁମାରେ ଜିଲ୍ଲାସ୍ତରୀୟ ପଞ୍ଚଦଶ ମତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ୮ ଘଟିକା ସମୟରେ ଏକ ବିଶାଳ ସଚେତନତା ଶୋଭାଯାତ୍ରା ସଦର ବ୍ଲକ୍ ଛକରୁ ବାହାରି ରାୟଗଡ଼ା ମୁଖ୍ୟ ଜାତୀୟ ରାଜପଥ ଦେଇ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ପହଞ୍ଚିଥିଲା। ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହ୍ନର, ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ନାରାୟଣ ମିଶ୍ର ଓ ରାୟଗଡ଼ା ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବିଭିନ୍ନ ସରକାରୀ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା, ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ, ମଡ୍ଲେ ଡିଗ୍ରୀ କଲେଜ, ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଦି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ କ୍ଲବ୍, ଓ୍ୱାକରସ ୟୁନିଅନ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ତଥା ସ୍ଥାନୀୟ ଜନସାଧାରଣ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପ୍ଲାକାର୍ଡ଼ ସହ ଏକଶହ ମିଟର ଲମ୍ବର ବ୍ୟାନରରେ ହିନ୍ଦୀ, ଓଡ଼ିଆ ଓ ସ୍ଥାନୀୟ ବହୁଳ ବ୍ୟବହୃତ ତେଲୁଗୁ ଭାଷାରେ ସ୍ଲୋଗାନ ମାନ ସ୍ଥାନିତ ହୋଇଥିଲା। ବିଜୁ ପଟ୍ଟନାୟକ ପ୍ରେକ୍ଷ୍ୟାଳୟ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପାରୁଲ ପଟାୱରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ନିର୍ବାଚନ ଅଧିକାରୀ ନିହାର ରଞ୍ଜନ କହ୍ନର, ନିର୍ବାଚକ ପଞ୍ଜୀକରଣ ଅଧିକାରୀ କଲ୍ୟାଣୀ ସଂଘମିତ୍ରା ଦେବୀ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପଞ୍ଚଦଶ ମତଦାତା ଦିବସ ସମସ୍ତ ସାବାଳକ ଓ ନୂତନ ଭୋଟରଙ୍କ ନିମନ୍ତେ ସମର୍ପିତ କରିବା ସହ ଉପସ୍ଥିତ ସମସ୍ତ ଭୋଟର ଓ ଭାବି ଭୋଟରଙ୍କୁ ଗଣତନ୍ତ୍ର ସୁଦୃଢ଼ କରିବା ପାଇଁ ସଚେତନ ହେବା ଜରୁରୀ ବୋଲି କହିଥିଲେ। ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ସଭିଙ୍କ ସଚେତନ ହେବା ଜରୁରୀ। ଭାରତ ନିର୍ବାଚନ ଆୟୋଗ ୭୫ ବର୍ଷ ପୂରଣ କରିଛି, ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ନିଜ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ ହେବା ଜରୁରୀ। ସମସ୍ତ ଯୋଗ୍ୟ ସାବାଳକ ନିଜ ନାମ ସ୍ଥାନୀୟ ଭୋଟର ତାଲିକାରେ ପଞ୍ଜୀକରଣ କରିବା ଜରୁରୀ ବୋଲି ଅତିଥି ବୃନ୍ଦ କହିଥିଲେ। ଜିଲ୍ଲାପାଳ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ମତଦାତା ରୂପେ ସଂକଳ୍ପ କରାଇଥିଲେ। ନୂତନ ଭୋଟରଙ୍କୁ ଟିସାର୍ଟ, ଟୋପି ଏବଂ ବ୍ୟାଜ୍ ପରିଧାନ କରାଇ ଜିଲ୍ଲାସ୍ତରୀୟ ମଞ୍ଚରେ ସମ୍ମାନିତ କରାଯାଇଥିଲା। ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ନିର୍ଭୁଲ, ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ହେବା ଜରୁରୀ। ଏଣୁ ଗୁଣପୁର, ବିଷମକଟକ ଓ ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକା ପ୍ରସ୍ତୁତିରେ ସର୍ବୋତ୍ତମ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା ତିନିଜଣ ଲେଖାଏଁ ବୁଥ ସ୍ତରୀୟ ଅଧିକାରୀ ଓ ବୁଥର ସୁପର ଭାଇଜରଙ୍କୁ ପୁରସ୍କୃତ କରାଯାଇଥିଲା। ୧୩୮ ଗୁଣପୁର ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀ ବାଲରାଜ ମିସାଲ, ଧନ୍ୟରାଜ ଗମାଙ୍ଗୋ ଓ ବିଜୟ କୁଟ୍ରକା ସୁପରଭାଇଜର ଅନିଲ କୁମାର ବେହେରା, ନୀଳାଚଳ ମିଶ୍ର, ଗୁଡାରୀ ରାଜେନ୍ଦ୍ର କୁମାର ପାଲ ଚନ୍ଦ୍ରପୁର ପୁରସ୍କୃତ ହୋଇଥିଲେ। ବିଷମକଟକ ନିର୍ବାଚନମଣ୍ଡଳୀରୁ ବୁଥସ୍ତରୀୟ ଅଧିକାରୀ ରାମଚନ୍ଦ୍ର ସାରାକା, ବନମାଳୀ ଶବର ଓ ସୋମନାଥ ଦାସ ବୁଥର ସୁପରଭାଇଜର ଅଭିଷେକ ମୁଦି, ଯୁଧିଷ୍ଠିର ମୁଟୁକା ଓ ସତାମ୍ବର ପ୍ରଧାନି ତଥା ରାୟଗଡ଼ା ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀ ତ୍ରିନାଥ ନାୟକ, ରମେଶ ଚନ୍ଦ୍ର ପାଣି ଓ ଆନନ୍ଦ ମଣ୍ଡାଙ୍ଗୀ ଓ ସୁପରଭାଇଜର କାଳୁ ମାଝୀ, ନରେଶ ସିଂ ଓ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ରାୟଗଡ଼ା ମାନପତ୍ର ଓ ଟ୍ରଫି ଦ୍ୱାରା ପୁରସ୍କୃତ ହୋଇଥିଲେ। ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀଜଣ ଦେଶାତ୍ମବୋଧକ ସଙ୍ଗୀତ ତଥା ବାବୁଲା ନାୟକ ଏଗାର ପଣିକିଆ ମାଧ୍ୟମରେ ସଚେତନତାମୂଳକ ସଙ୍ଗୀତ ପରିବେଷଣ କରିଥିଲେ।

# ଭୀମଭୋଇ ଶିବିରରେ ଏନ୍‌ସିସି କ୍ୟାଡେଟଙ୍କ ସହଯୋଗ



ଭଂଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟଠାରେ ଗତକାଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ପଞ୍ଚାୟତ ସମିତି, ଭଞ୍ଜନଗରଙ୍କ ଦ୍ୱାରା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ ମୁଖ୍ୟ ଅତିଥି ତଥା ଆଜିର ଆକର୍ଷଣ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ। ଅତିଥି ରୂପେ ଯୋଗ ଦେଇଥିଲେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳ ଗୋପବନ୍ଧୁ ମହାପାତ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ ସେଠୀ, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଭଞ୍ଜନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀ। ଏହି ଶିବିରରେ ଆଗନ୍ତୁକ ଭିନ୍ନକ୍ଷମ ମାନଙ୍କର ପଞ୍ଜିକରଣ କରାଯାଇ ଥିଲା। ଯେଉଁ ମାନଙ୍କର ରାସନକାର୍ଡ଼, ଆବଶ୍ୟକୀୟ ଉପକରଣ ଆଦି ନାହିଁ, ସେମାନଙ୍କ ପାଇଁ ଏ ସବୁର ବ୍ୟବସ୍ଥା କରାଗଲା। ଯେଉଁମାନଙ୍କର ନବୀକରଣ ହୋଇ ନାହିଁ, ସେମାନଙ୍କର ନବୀକରଣ (ରିନିୱାଲ୍) କରାଗଲା। ନୂତନ ଭାବେ ଯେଉଁମାନେ ଆସିଥିଲେ, ସ୍ୱାସ୍ଥ୍ୟ ଅଧିକାରୀ ସେମାନଙ୍କର ଭିନ୍ନକ୍ଷମତା ପ୍ରତିଶତ ସମ୍ପର୍କିତ ପ୍ରମାଣପତ୍ର ପ୍ରଦାନ କରାଗଲା। ଏହି ଶିବିରରେ ଶତାଧିକ ଭିନ୍ନକ୍ଷମ ଯୋଗଦେଇଥିଲେ। ମୁଖ୍ୟ ଅତିଥି ନାୟକ 'ମାନବ ସେବା ହିଁ ମାଧବ ସେବା' ବୋଲି ମତ ଦେଇଥିଲେ। ଏ ସମସ୍ତ କାର୍ଯ୍ୟରେ ଭିନ୍ନକ୍ଷମମାନଙ୍କୁ ହୁଇଲ୍ ଚେୟାରରେ ନେବା ଆଣିବା ଓ ଅନ୍ୟାନ୍ୟ ସହାୟତା ଲାଗି ୟୁବି ହାଇସ୍କୁଲର ଉମାକାନ୍ତ ନାହକ ଓ ଏନସିସି ଆର୍ମୀ ଉଇଙ୍ଗ୍ ସେକେଣ୍ଡ୍ ଅଫିସର ଶ୍ୟାମା ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନସିସି ଆର୍ମୀ କ୍ୟାଡେଟ୍ ସକ୍ରିୟ ଭାବେ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟରେ ସମସ୍ତ ଅଙ୍ଗନବାଡ଼ି କର୍ମୀ, ବିଆରଟି ଓ ସମସ୍ତ ଆଇ ଭଲୁଣ୍ଟିୟର ସକ୍ରିୟ ସହଯୋଗ କରିଥିଲେ।

# ଗୋପବନ୍ଧୁ ସେବା ସଂଘ ସମ୍ବର୍ଦ୍ଧିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗୋପବନ୍ଧୁ ସେବା ସଂଘ କଟକ ଜିଲା ନିଶ୍ଚିନ୍ତ କୋଇଲିର ଉତ୍ସାହ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ଜଣା ପଡ଼ିଛି। ନିଶ୍ଚିନ୍ତକୋଇଲି ଭଦ୍ରେଶ୍ୱର ପଡ଼ିଆଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଔପନ୍ୟାସିକ ବିଦ୍ୟୁଲତା ପ୍ରଧାନ, ସମାଜସେବୀ ବିବେକାନନ୍ଦ ଦାସ, ସାମ୍ବାଦିକ ବିଜୟ କୁଅଁର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ଡାକ୍ତର ଅଶ୍ୱିନୀ କୁମାର ଲେଙ୍କା, ନୃତ୍ୟଗୁରୁ ଏବଂ ସମାଜସେବୀ ପ୍ରଭାକର ଦାସ, ସଂଘର ସଭାପତି ଦେବାଶିଷ ବେହୁରା, ସମ୍ପାଦକ ସନ୍ତୋଷ କୁମାର ଜେନା, ସଦସ୍ୟ ଗୁଲଫାନ ପ୍ରମୁଖଙ୍କ ସମେତ ସଂଘର ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଗୋପବନ୍ଧୁ ସେବା ସଂଘକୁ ସମ୍ବର୍ଦ୍ଧିତ କରିଥିଲେ। ସଂଘର ସଭାପତି ରାଜୀବ କୁମାର ନାୟକ, ରାମଚନ୍ଦ୍ର ନାୟକ, କ୍ଷୀରୋଦ କୁମାର ଦାସ, ବସନ୍ତ ଦାସ, ପ୍ରଫୁଲ୍ଲ ସେନାପତି, ସେକ ଲିୟାକତ, ଅଭିରାମ ଦାସ, ଶଶିକାନ୍ତ ବେହେରା, ରଞ୍ଜନ କୁମାର ରାଉଳ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

## ଜାତୀୟ ମତଦାତା ଦିବସ ପାଳିତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ପରଜଙ୍ଗ ମହାବିଦ୍ୟାଳୟର କୁଶଳି ଶ୍ରେଣୀ କକ୍ଷରେ ଶନିବାର ମତଦାତା ଦିବସ ପାଳିତ ହୋଇଯାଇଛି। ଯୁକ୍ତଦୁଇ ଏବଂ ଯୁକ୍ତତିନରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଜାତୀୟ ମତଦାତା ଦିବସ ପାଳିତ ହୋଇଥିଲା। ଆୟୋଜିତ ସଭାରେ ଅଧକ୍ଷା ସ୍ମିତାରାଣୀ ସାହୁଙ୍କ ଅଧକ୍ଷତାରେ ସଂଯୋଜକ ଅଧ୍ୟାପକ କୁଳମଣୀ ମେହେର, ଅଧ୍ୟାପକ ଦୀପକ କୁମାର ସେଠି ପ୍ରମୁଖ ମତଦାତା ଉପରେ ସଚେତନତା କାର୍ଯ୍ୟକ୍ରମକୁ ଆଲୋକପାତ କରି, ପ୍ରତ୍ୟେକ ନିର୍ବାଚନରେ ଯୁବପିଢ଼ିମାନଙ୍କୁ ଅଗ୍ରାଧିକାର ଦିଆଯିବା ଦିଗରେ ଅଧ୍ୟାପକଅଧ୍ୟାପିକା ମାନେ ଦିଗଦର୍ଶନ ଦେଇଥିଲେ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ




ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଈଶ୍ୱରଙ୍କୁ ବୁଝିବାକୁ ହେଲେ ତାଙ୍କ ପ୍ରଦତ୍ତ ରାସ୍ତାରେ ମଣିଷ ଚାଲିବାକୁ ହୁଏ ଆଉ ଦେଖାଯାଏ ଏହି ଚାଲିବା ଭିତରେ ଦେଇ ତାର ଜୀବନରେ ଏକ ବ୍ୟାପକ ପରିବର୍ତ୍ତନ ଆସେ। ସେ ଶୃଙ୍ଖଳିତ ହେବାସହ ତାର ପ୍ରଭାବରେ ସମାଜରେ ଅନେକ ଲୋକ ମଧ୍ୟ ପରିବର୍ତ୍ତନ ହୋଇଉଠନ୍ତି। ସେଭଳି ଲୋକମାନଙ୍କୁ ନେଇ ଏକ ସୁସ୍ଥ ଆଉ ସୁରକ୍ଷିତ ସମାଜ ଗଠନ ସମ୍ଭବ ହୋଇଥାଏ। ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ କଥା ଯାଜପୁର ରୋଡ ଉମାପଦାସ୍ଥିତ ସତସଙ୍ଗ ବିହାର ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶୁଭ ୧୩୭ତମ ଜନ୍ମ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ କେଦାରନାଥ ମହାନ୍ତି କହିଛନ୍ତି। ଏହି ଦିବସବ୍ୟାପି କାର୍ଯ୍ୟକ୍ରମରେ ପ୍ରତ୍ୟୁଷରୁ ବେଦ, ଉଷାକୀର୍ତ୍ତନ ପ୍ରାତଃକାଳୀନ ବିନତୀ ପ୍ରାର୍ଥନା, ସଦଗ୍ରନ୍ଥାଦି ପାଠ ପରେ ପୂର୍ବାହ୍ନରେ ସମ୍ପାଦକ ନିତ୍ୟାନନ୍ଦ ନାୟକ ଏବଂ କୋଷାଧକ୍ଷ କୀର୍ତ୍ତନ ବିହାରୀ ସ୍ୱାଇଁଙ୍କ ଉପସ୍ଥିତରେ ସ୍ଥାନୀୟ ଗ୍ରାମବାସୀ ତଥା ପୂର୍ବତନ କାଉନସିଲର ତପନ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ସ୍ଥାପନ କରାଯାଇ ନଗର ପରିକ୍ରମା କରାଯାଇ ଥିଲା। ଅପରାହ୍ନରେ ପଦ୍ମାଳୟା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ସୁରଞ୍ଜନା ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବରିଷ୍ଠ ସହ-ପ୍ରତିରତ୍ୱିକ ଡମ୍ବରୁଧର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସତସଙ୍ଗ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସତସଙ୍ଗ ଦେଓଘରର ସହ-ସମ୍ପାଦକ ପ୍ରତି-ରତ୍ୱିକ ଡା. ବିନାୟକ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସହ-ପ୍ରତିରତ୍ୱିକ ଶ୍ରୀଧରସୁନ୍ଦର ମିଶ୍ର ଯୋଗଦେଇ। ନିମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ଶିବାନନ୍ଦ ନାୟକ, ସହ-ପ୍ରତି ରତିକ୍ ଅଚ୍ୟୁତାନନ୍ଦ ପତି, ନାରାୟଣ ଚନ୍ଦ୍ର ମହାନ୍ତି, ବିଷ୍ଣୁଚରଣ ସାମଲ, ସତ୍ୟପ୍ରିୟ ନାୟକ, ନୃସିଂହଚରଣ ସେନାପତି, ଡ. ବୈରାଗୀ ଚରଣ ଦ୍ୱିବେଦୀ, ବସନ୍ତ କୁମାର ସାହୁ, ଇଂ ରଞ୍ଜିତ୍ କୁମାର ମୁଦୁଲୀ ଏବଂ ଗୁରୁଚରଣ ପରିଡା ପ୍ରମୁଖ ମଁଚାସୀନ ଥିଲେ। ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ବିଜୟ କୁମାର ନାୟକ ପ୍ରାରମ୍ଭିକ ଆଲୋଚନା କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆତାଶବାଜୀ ପ୍ରଦର୍ଶନ କରାଯାଇ ଥିଲା। ଏହି ଦିବସବ୍ୟାପି କାର୍ଯ୍ୟ କ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଅନ୍ୟୁନ ୧୦ ହଜାରରୁ ଅଧିକ ସତସଙ୍ଗୀ ଓ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ଦୀକ୍ଷାପତ୍ର ସମୀକ୍ଷା ସହ ବହୁ ବ୍ୟକ୍ତି ଠାକୁରଙ୍କ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହ-ପ୍ରତି ରତିକ୍ ଅଲେଖ ପ୍ରସାଦ ମହାରଣା, ଗୋପାଳ ଚନ୍ଦ୍ର ମହାନ୍ତି, ଦିବାକର ସ୍ୱାଇଁ, ଗଜେନ୍ଦ୍ର କୁମାର ସାହ. ମାନସ ମଙ୍ଗଳମ ପଣ୍ଡା, ବିନୟ କୁମାର ରାଉତ, ଶରତ କୁମାର ସ୍ୱାଇଁ, ମାୟାଧର ବେହେରା, ଶୁଭେନ୍ଦୁ କୁମାର ପଣ୍ଡା, ଶରତ କୁମାର ସାମଲ, ଉମାକାନ୍ତ ତାରିଣୀ, କୂଳମଣୀ ସାହୁ, ପ୍ରଦୀପ୍ତ କୁମାର ନାଥ, ରାମଚନ୍ଦ୍ର ରଥ, ପର୍ଶୁରାମ ସାହୁ, କମଳାକାନ୍ତ ସାହୁ, ସଞ୍ଜିତ୍ କୁମାର ଧଳ, ବେଣୁଧର ମାଝୀ, ପ୍ରଦୀପ୍ତ ନାଥ, ବିଷ୍ଣୁଚରଣ ପରିଡା, କାହ୍ନୁ ଚରଣ ଦାସ ଏବଂ ମନୋଜ ରାଉଳଙ୍କ ସମେତ ସମସ୍ତ କର୍ମୀ ତଥା ସକ୍ରିୟ ଗୁରୁଭାଇ ଓ ମା'ମାନେ ସହାୟତା କରିଥିଲେ।

# ଶୁକଦେବ ମହାନ୍ତ ହେଲେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବିଜେପି ଦଳର ସଭାପତି ହେଲେ ଶୁକଦେବ ମହାନ୍ତ ଓ ଆଜି ଅପରାହ୍ନ ୪ଟା ସମୟରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏବଂ ରାଜ୍ୟ ନେତା ଆଶୁତୋଷ ପରିଡ଼ା ତେଲକୋଇ ଓ ପାଟଣା ବିଧାୟକଙ୍କ ସହ ଜିଲ୍ଲାର ଅନେକ ଦଳିୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ନୂତନ ଜିଲ୍ଲା ବିଜେପି ସଭାପତିଙ୍କ ନାମ ଘୋଷଣା କରିଥିଲେ। ମନ୍ତ୍ରୀ କହିଥିଲେ ଯେ ଦଳର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଆଜି କେନ୍ଦୁଝର ଜିଲ୍ଲାର ସଭାପତି ଚୟନ କରାଯାଇଛି। ସେପଟେ ଦଳ ମୋ ଉପରେ ଭରସା କରିଥିବାରୁ ରାଜ୍ୟ ଠାରୁ ଆରମ୍ଭ କରି ସମସ୍ତ ନେତାଙ୍କୁ ଧନ୍ୟବାଦ ଦେବା ସହ ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବି ବୋଲି କହିଛନ୍ତି ଶୁକଦେବ ମହାନ୍ତ। ରାଜ୍ୟ ପରିସଦ ସଦସ୍ୟ ଭାବେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରୁ କିରଣବାଳା ନାୟକ, ପାଟଣାରୁ ସୋମବାରୀ ମୁଣ୍ଡା, ତେଲକୋଇରୁ ମାନସ ନାଏକ, ଚମ୍ପୁଆରୁ ଝରଣା ମହାନ୍ତ ଏବଂ ଦେବପ୍ରସାଦ ମିଶ୍ର, ଆନନ୍ଦପୁରରୁ ଦଶରଥ ଜେନା, ଘସିପୁରାରୁ ଅମର ସିଂହଙ୍କ ନାମ ଘୋଷଣା କରାଯାଇ ଥିଲା।

# କୂଳ ବରିଷଣରେ ଖୋଲିଲା ଧାନ ମଣ୍ଡି

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ଦେବୀକନ୍ଦଳ ଦୀପାଞ୍ଚଳ ରାଣୀଓଳା ସେବା ସମବାୟ ସମିତିର ଧାନ ମଣ୍ଡି ଶନିବାର ଦିନ କୂଳ ବରିଷଣ ରେ ଖୋଲିଚି। ସାଂସଦଙ୍କ ନିଆଳି ବ୍ଲକ୍ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି ପୂଜାର୍ଚ୍ଚନା ପରେ ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡିରେ ସିଠାଳ ମଣ୍ଡଳ ସଭାପତି ବୃଷକେତୁ ସାମଲ ଉକ୍ତ ସେବା ସମବାୟ ସମିତିର ସଭାପତି ଅଭିମନ୍ୟୁ ସ୍ୱାଇଁ, ଶିଶିର କୁମାର ସ୍ୱାଇଁ, ରଂଜନ କୁମାର ମୁଦୁଲି, ଜଗବନ୍ଧୁ ସ୍ୱାଇଁ, ସୁଜାତା ମହାନ୍ତି, କୃଷ୍ଣଚନ୍ଦ୍ର ଦାଶ, ଦୁଷ୍ମନ୍ତ ଜେନା, ଦୀନେଶ ପଟନାୟକ, ବିବେକାନନ୍ଦ ସ୍ୱାଇଁ, ସୁଶାନ୍ତ କୁମାର ମିଶ୍ର, ସତ୍ୟ ନାରାୟଣ ସାହୁ, ରଞ୍ଜନ ସେଠି, ଲଲାଟ କେଶରୀ ଜେନା ଆଦି ମଣ୍ଡିରେ ୧୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଠାରୁ ୪ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲା।

## ଗୋବିନ୍ଦପୁରରେ ଜାତୀୟ କନ୍ୟାଦିବସ ପାଳିତ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଓଡ଼ିଶା ଖଣି ନିଗମ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ନିଗମର ସି.ଏସ୍.ଆର. ଅଧିକାରୀ ଶକ୍ତିରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ଓ ସଚେତନତା ଦିବସ କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତି ସଭ୍ୟ ନିଧିରାମ ଦାସ, ଓଏମ୍‌ସିର ବରିଷ୍ଠ ଅଧିକାରୀ ସୁଶାନ୍ତ କୁମାର ମହାନ୍ତି, ରଘୁନାଥ କିସ୍କୋ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କନ୍ୟାଦିବସ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଗତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଓମ୍‌ପ୍ରିୟା ବେହେରା, ପ୍ରିୟଦର୍ଶିନୀ ବେହେରା, କ୍ଷିତିଶା ମହାରଣା ଓ ପ୍ରଜ୍ଞାଶ୍ରୀ ନାୟକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବହୁ ବୁଦ୍ଧିଜୀବୀ, ୱାର୍ଡ଼ସଭ୍ୟ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

# ବିଏସଏଫ୍ ଏବଂ ଜିଲ୍ଲା ନିୟୋଜନ ବିଭାଗ ଦ୍ୱାରା ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକର ବିଏସଏଫ୍ କ୍ୟାମ୍ପ ଠାରେ ବ୍ଲକ୍‌ସ୍ତରୀୟ ନିଯୁକ୍ତି ଏବଂ ଦକ୍ଷତା ବିକାଶ ପରାମର୍ଶ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଉପେନ୍ଦ୍ର ଦୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମହେଶ ଶର୍ମା ଉପ କମାଣ୍ଡାଣ୍ଡ ବି ଏସ ଏଫ୍ ୨ ବାଟାଲିନ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ଦକ୍ଷତା ଏବଂ ନିଯୁକ୍ତି ସୁଯୋଗ ଉପରେ ପ୍ରେରଣାଦାୟକ ଭାଷଣ ଦେଇଥିଲେ। ପ୍ରଶାନ୍ତ ଦାସ ଉଜ୍ଜ୍ୱଳ ମଣ୍ଡଳ ବିଏସଏଫ ଇନ୍‌ସପେକ୍ଟର ହରିଶ୍ ରୂପାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି ସରକାରୀ ପଲିଟେକନିକ୍ ଅଧ୍ୟାପକ, ସରକାରୀ ଆଇଟିଆଇ ପ୍ରଶିକ୍ଷକ ରିତେଶ କୁମାର ସଚେତନତା ଶିବିରରେ ଅଂଶଗ୍ରହଣ କରିଥିବା ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ମାଲକାନଗିରି ଜିଲ୍ଲାର, ଗ୍ରାମ ତରଙ୍ଗ, ଶିବାନୀ ପ୍ରୋମୋଦିନି, ଓକେସିଏଲ, ସାହାନା କମ୍ପାନୀ ପ୍ରତିନିଧିମାନେ ସେମାନଙ୍କର ଦକ୍ଷତା ତାଲିମ ବିଷୟରେ ବୁଝାଇ ଥିଲେ ଏବଂ ସେମାନେ ଭାରତ ଏବଂ ଓଡିଶା ଭିତରେ ବିଭିନ୍ନ ଶିଳ୍ପ, କମ୍ପାନୀରେ ନିଯୁକ୍ତି ପ୍ରଦାନ କରିବା ବିଷୟରେ ବୁଝାଇଥିଲେ। ଶିବିରରେ ପଡିଆ ବ୍ଲକ୍‌ର ପ୍ରାୟ ୩୦୦ରୁ ଅଧିକ ଆଦିବାସୀ ହରିଜନ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ।

## କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତ୍ତା ନେଇ ମିନି ମାରାଥନ୍ ଅନୁଷ୍ଠିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ସମସ୍ତଙ୍କ ପାଇଁ ଶିକ୍ଷା ବାର୍ତା ନେଇ କିଟ୍ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତାନନ୍ଦ ସାମନ୍ତଙ୍କ ପ୍ରୟାସରେ ୨୦୧୬ ମସିହା ଠାରୁ ପ୍ରତିବର୍ଷ ଜାନୁଆରୀ ଶେଷ ସପ୍ତାହରେ ଲାଗତର ଆୟୋଜିତ ହୋଇ ଆସୁଥିବା ମିନି ମାରାଥନ ଚଳିତ ବର୍ଷ ମଧ୍ୟ ବୌଦ୍ଧ ସଦର ମହକୁମାରେ ଆୟୋଜିତ ହୋଇଯାଇଛି। ଶିକ୍ଷା, ସମାଜସେବା ଜରିଆରେ ଜନଜାତି ସଶକ୍ତିକରଣ, ସ୍ୱାସ୍ଥ୍ୟ ସେବାରେ ଇତିହାସ ସୃଷ୍ଟି କରିଥିବା, କ୍ରୀଡ଼ାରେ କୀର୍ତ୍ତିମାନ ସ୍ଥାପନ କରିଥିବା ଏବଂ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ କିଟ୍ ବିଶ୍ୱବିଦ୍ୟାଳୟ ତରଫରୁ ଆଜି ଏହି ମିନି ମାରାଥନ ସାରା ରାଜ୍ୟରେ ବିଭିନ୍ନ ସହରରେ ଅନୁଷ୍ଠିତ ହେଉଛି। ଗରିବ, ଅବହେଳିତ, ଉପାନ୍ତ ଅଞ୍ଚଳର କୌଣସି ପିଲା ଯେପରି ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ହେବେନାହିଁ ସେହି ବାର୍ତ୍ତା ନେଇ ଆଜି ବୌଦ୍ଧ ସଦର ମହକୁମା ରେ ପ୍ରାୟ ୩୦୦ ବିଦ୍ୟାର୍ଥୀ, ଅଭିଭାବକ, ଶିକ୍ଷକ, ଶିକ୍ଷାବିତ, ବୁଦ୍ଧିଜିବୀ ମାନଙ୍କୁ ନେଇ ଏହି ମାରାଥନ ଆୟୋଜିତ ହେଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଷ୍ଟାଡ଼ିୟମ ଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲା ଷ୍ଟାଡ଼ିୟମ ଠାରେ ଶେଷ ହୋଇଥିଲା। ବୌଦ୍ଧ ଡିଏଫଓ ଦେବପ୍ରିୟ କମ୍ପ, ଜିଲ୍ଲା ବାର ଆସୋସିଏସନ ସଭାପତି ଧୂରୀଣ ଦେହୁରୀ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ପୂର୍ବତନ ଜିଲ୍ଲା ବାର ସଂଘ ସଭାପତି ତାରିଣୀ ମହାପାତ୍ର ପତାକା ଦେଖାଇ ମାରାଥନ ଶୁଭାରମ୍ଭ କରିଥିଲେ। ବୌଦ୍ଧ ଜିଲ୍ଲା ଦାୟିତ୍ୱରେ ଥିବା କିସ୍ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ବେହେରା ଏବଂ ସଞ୍ଜୀବ ମହାକୁଳଙ୍କ ସହଯୋଗରେ ସୁଚାରୁ ରୂପେ ସମାପନ ହୋଇଥିଲା।



## ତ୍ରିରଙ୍ଗା

ଗୋପୀନାଥ ଦାଶ

ତ୍ରିରଙ୍ଗା ଆମର ଜାତୀୟ ପତାକା
ମାତୃଭୂମିର ପରିଚୟ
ସ୍ୱାଧୀନ ରାଷ୍ଟ୍ରର ଅଧିବାସୀ ଆମେ
ଭାରତ ମାତା କି ଜୟ ।

ଆୟତାକାରର ଧ୍ୱଜାଟି ଏହା
ଦୈର୍ଘ୍ୟ ପ୍ରସ୍ଥର ଦେଢ଼ଗୁଣ
ଛିଡା ହୋଇ ଗଲେ ଏହାରି ତଳରେ
ଜାଗି ଉଠେ ବିରପଣ ।

ନାରଙ୍ଗୀ ଉପରେ ମଝି ରେ ଶ୍ୱେତ
ତା ମଧ୍ୟେ ଚକ ଗାଢ଼ ନୀଳ
ଚକ୍ର ରେ ଚବିଶ ଅର ଯେ ସଜ୍ଜିତ
ସବୁଜ ରଙ୍ଗଟି ତଳ ।

ନାରଙ୍ଗୀ ରଙ୍ଗ ଟି ତ୍ୟାଗ କୁ ଶିଖାଏ
ଧଳା ସତ୍ୟ ଶାନ୍ତି
ସବୁଜ ରଙ୍ଗ ଟି ଶ୍ରମ ଓ ବିଶ୍ୱାସ
ଗାଢ଼ ନୀଳ ଯେ ପ୍ରଗତି ।

ଜାତୀୟ ପତାକା ଗର୍ବ ଓ ଗୌରବ
ରଖିବା ଏହାର ମାନ
କାଳଜୟୀ କାମ କରିଯିବା ଆମେ
ଏ ମାଟି ମାଁ ର ସନ୍ତାନ ।

*ବରପାଲି ପଡା, ବଲାଙ୍ଗୀର*
*ମୋ -୬୩୭୧୮୦୫୦୭୦*

## ଜୀବନ ବୀମା



ସୁଦର୍ଶନ ମହାପାତ୍ର

ଦ୍ୱିତୀୟ ଥର ବି ଝିଅ ! ଦୁଃଖରେ ଭାଙ୍ଗି ପଡୁଥିଲେ ବିଘ୍ନେଶ୍ୱର ବାବୁ । ଆଗରୁ କେତେଥର ସେ ପତ୍ନୀଙ୍କୁ କହିଥିଲେ ଡାକ୍ତରଙ୍କ ପାଖକୁ ଯାଇ ଗର୍ଭରେ ଥିବା ପିଲାଟିର ଲିଙ୍ଗ ନିରୂପଣ କରିବାକୁ ଏବଂ ଦରକାର ପଡ଼ିଲେ ବିହିତ ପଦକ୍ଷେପ ନେବାକୁ । ହେଲେ ବିଜୟାଙ୍କ ଜିଦ୍ ଆଗରେ ସେ ନିଜ ଜିଦ୍‌କୁ ପରିତ୍ୟାଗ କରିବାକୁ ବାଧ ହୋଇଥିଲେ ସେତେବେଳେ ।

-'ଦ୍ୱିତୀୟ ଝିଅ ସଂସାରକୁ ଆସିଗଲାଣି ତ କ'ଣ କରିପାରିବା ଆମେ ଆଉ ? ତା'ର ଭବିଷ୍ୟତ ସୁରକ୍ଷିତ ପାଇଁ ବଡ଼ ଝିଅ ଭଳି ସୁବିଧା ଦେଖି କିଛି ଫିକ୍ସଡ ଡିପୋଜିଟ କରି ରଖିଦେବା ।' ଥରେ କହିଲେ ବିଜୟା ।

'ଠିକ୍ ଅଛି' କହି ସ୍ତ୍ରୀଙ୍କୁ ସାନ୍ତ୍ୱନା ଦେଲା ସିନା ସେଇ କଥା ରଖିବା ପାଇଁ କୌଣସି ଆଗ୍ରହ ପ୍ରକାଶ କରୁନଥିଲେ ବିଘ୍ନେଶ୍ୱର ।

ଏମିତି ଦୁଇ ବର୍ଷ ଗଡ଼ି ଯାଇଥିଲା । ବୋଝ ଉପରେ ନଳିତା ବିଡା ପରି ସାନଝିଅଟି ହଠାତ୍ ଏକ ଜଟିଳ ରୋଗର ଶିକାର ହେଲା ଏବଂ ତା'ର ମାନସିକ ବିକୃତି ଦେଖାଗଲା । ଡାକ୍ତର ପରାମର୍ଶ ଚାଲିଥିଲା କିନ୍ତୁ ଝିଅର ଅବସ୍ଥାରେ ସେମିତି କିଛି ପରିବର୍ତ୍ତନ ଆସୁନଥିଲା । ଝିଅ ଧିରେ ଧିରେ ଠିକ୍ ହେଇଯିବ ବୋଲି ଡାକ୍ତରଙ୍କ ଆଶ୍ୱାସନାକୁ ବିଶ୍ୱାସ କରିପାରୁନଥିଲେ ବିଘ୍ନେଶ୍ୱର ବାବୁ । ବିଜୟା କିନ୍ତୁ ପରିସ୍ଥିତି ସହ ଖାପ ଖୁଆଇ ନେଇ ସାରିଥିଲେ ଏବଂ ଝିଅ ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇଯିବ ବୋଲି ଆଶାବାଦୀ ଥିଲେ ।

ହଠାତ୍ ଦିନେ ଘରେ ପାଦ ଦେଲେ ଜୀବନ ବୀମାର ଏଜେଣ୍ଟ ଏବଂ ତାଙ୍କୁ ସହାସ୍ୟ ପାଛୋଟି ନେଲେ ବିଘ୍ନେଶ୍ୱର ବାବୁ । ଦ୍ୱିତୀୟ ଝିଅର ପଲିସିଟିଏ ପାଇଁ ଏଜେଣ୍ଟ ବୁକଲେଟ ମନଧ୍ୟାନ ଦେଇ ଖୋଜିଲେ ଏବଂ ପ୍ରବର୍ତ୍ତାଇଲେ 'ଆଶା କିରଣ' ଲାଇଫ ଇନସୁରାନ୍ସ ପଲିସି କରିବାକୁ । ଏଇ ପଲିସିରେ ଥିବା ସବୁ ବେନିଫିଟ ସହ ଝିଅର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ସେ ବିସ୍ତୃତ ବିବରଣୀ ଦେଲେ ।

ବିଜୟା ଖୁସିରେ ଗଦଗଦ ହୋଇଗଲେ ଆଉ 'ଆଶା କିରଣ' ରେ ବାର୍ଷିକ ପଚାଶ ହଜାର ଟଙ୍କାର ପଲିସିଟିଏ କରାଇବାକୁ ସ୍ୱାମୀଙ୍କୁ ଅନୁରୋଧ କଲେ । ପ୍ରଥମେ ଯେମିତି କୁଣ୍ଠିତ ଭାବ ଦେଖାଇଲେ ବିଘ୍ନେଶ୍ୱର ବାବୁ ଏବଂ ପରେ ରାଜି ହୋଇଗଲେ ।

ଜୀବନ ବୀମା ପଲିସିକୁ ଗୁରୁତ୍ୱ ନଦେଇ ଝିଅ ନାଁ ରେ କିଛି ଭଲ ରକମର ଡିପୋଜିଟ ହେଉଛି ବୋଲି ବିଜୟା ଖୁସି ହେଉଥିଲା ବେଳେ ବିଘ୍ନେଶ୍ୱର ଖୁସି ହେଉଥିଲେ ଜୀବନ ବୀମା କୁ ନେଇ । ଆହୁରି କେତେ କ'ଣ ସୁବଧା ସୁଯୋଗ ବିଷୟରେ ଏଜେଣ୍ଟ ବୁଝାଇଲାବେଳେ ବିଘ୍ନେଶ୍ୱର ବାବୁ ସେସବୁ ଶୁଣିବାର ଆବଶ୍ୟକତା ମନେ କରୁନଥିଲେ । ବାସ୍, ପଲିସି ସାର୍ଟିଫିକେଟକୁ ସଯତ୍ନେ ସାଇତି ରଖିବାର ପ୍ରଯତ୍ନ କରୁଥିଲେ ।

ଏହା ମଧ୍ୟରେ ଚାରି ବର୍ଷ ଗଡ଼ି ଯାଇଥିଲା । ଚାରିଟି କିସ୍ତିରେ ଜୀବନ ବୀମା ପଲିସିରେ ଦୁଇ ଲକ୍ଷ ଟଙ୍କା ଭରି ସାରିଥିଲେ ବିଘ୍ନେଶ୍ୱର ବାବୁ ।

ଦୁଇ ଦିନ ପରେ ଥିଲା ବଡଝିଅ ଆଦ୍ୟାଶାର ଜନ୍ମଦିନ ଥିଲା ତ, ବିଘ୍ନେଶ୍ୱର ବାବୁଙ୍କ କୁହାରେ ବିଜୟା ବଡ଼ଝିଅକୁ ସାଙ୍ଗରେ ନେଇଗଲେ ମାର୍କେଟିଂ । ନିଜେ ରହିଲେ ସାନ ଝିଅ ପାଖରେ । ସେଦିନ ଥିଲା ରବିବାରର ଏକ ଅଭିଶପ୍ତ ଅପରାହ୍ଣ । ସାନ ଝିଅ ଖେଳୁ ଖେଳୁ ଅସାବଧାନତା ବଶତଃ ପାଞ୍ଚ ତାଲା ବିଶିଷ୍ଟ ଆପାର୍ଟମେଣ୍ଟ ଛାତରୁ ତଳକୁ ଖସି ପଡିଲା ।

ଝିଅର ଅଚାନକ ମୃତ୍ୟୁ ଦୋହଲେଇ ଦେଲା ବିଜୟାଙ୍କ ମନସ୍ତତ୍ତ୍ୱକୁ । ଜଣେ ମାଆ ପାଇଁ ଏହା ଠାରୁ ବଳି ଦୁଃଖର ମୁହୂର୍ତ୍ତ ଆଉ କ'ଣ ଥାଇପାରେ ? ଏବେ ସେଇ ମାଆ ହୃଦୟରେ ଯେଉଁ ଶୂନ୍ୟ ସ୍ଥାନ ସୃଷ୍ଟି ହେଲା, ଯେଉଁ କୋହ ସୃଷ୍ଟି ହେଲା ସେଥିପାଇଁ କୌଣସି ସାନ୍ତ୍ୱନା ଯଥେଷ୍ଟ ନଥିଲା । ତଥାପି ନିଜକୁ ଦୃଢ଼ କରି ରଖି ପତ୍ନୀଙ୍କୁ ସାନ୍ତ୍ୱନା ଦେଇ ଚାଲିଥିଲେ ବିଘ୍ନେଶ୍ୱର । ତାଙ୍କ ଅସାବଧାନତା ପାଇଁ ଯେଉଁ ଦୁର୍ଘଟଣା ଘଟିଗଲା ତା'ର କ୍ଷମା ନଥିଲା । ଅଶ୍ରୁ ସଜଳ ଆଖିକୁ ବାରମ୍ବାର ପୋଛି ବନ୍ଧୁ ବାନ୍ଧବ କିମ୍ବା ସହକର୍ମୀମାନଙ୍କ ଆଗରେ ବଖାଣୁଥିଲେ ନିଜର ଭୁଲ୍ ଆଉ ଅପାରଗତା କଥା ।

ଧିରେ ଧିରେ ସାଧାରଣ ଜୀବନକୁ ଫେରୁଥିଲେ ପୁରା ପରିବାର । ସେଇ ଦୁର୍ଘଟଣା ପରେ ପ୍ରାୟ କୋଡିଏ ଦିନ ପର୍ଯ୍ୟନ୍ତ ଅଫିସ ଯାଇନଥିବା ବିଘ୍ନେଶ୍ୱର ବାବୁ ଅଫିସ ଯିବା ବି ଆରମ୍ଭ କଲେ ।

ହଠାତ୍ ଆସି ଦିନେ ପହଞ୍ଚିଲେ ଲାଇଫ ଇନସୁରାନ୍ସ ପଲିସି କରେଇଥିବା ଏଜେଣ୍ଟ । ବିଘ୍ନେଶ୍ୱର ବାବୁ କିନ୍ତୁ ଘରେ ନଥିଲେ ସେତେବେଳକୁ ।

-'ମାଡାମ, ଆପଣ ଝିଅର ନୋମିନି ଥିଲେ ତ ଆପଣ ପାଇବେ ଇନସୁରାନ୍ସ ପଲିସିର ଟଙ୍କା । ଆପଣଙ୍କ ଦସ୍ତଖତ ପାଇଁ ଆସିଥିଲି ଆଜି ।ଯାହା ହେଉ ସାର୍ ଝିଅ ନାଁ ରେ ଫିକ୍ସଡ ଡିପୋଜିଟ ନକରି ଲାଇଫ ଇନସୁରାନ୍ସରେ ଟଙ୍କା ବିନିଯୋଗ କରିଥିଲେ ବୋଲି ଆଜି ଆପଣ ପ୍ରାୟ ତିରିଶି ଲକ୍ଷ ଟଙ୍କା ସିନା ପାଇବେ । ସେଇ ଟଙ୍କାରେ ନିଜର ଘର ଖଣ୍ଡିଏ ଆରମ୍ଭ କରିବେ ବୋଲି ସାର୍ ମୋତେ କହୁଥିଲେ । ଭଡ଼ାଘରେ ରହିବା ସତରେ ଜଉଗୃହରେ ରହିବା ସମାନ । ଘର ମାଲିକର ସବୁ କଥାରେ ଆକଟ, ସବୁବେଳେ କଟକଟ... !'

ବିଘ୍ନେଶ୍ୱର ବାବୁ ସେଦିନ ଅଫିସରୁ ଫେରିଲେ ତ ପତ୍ନୀଙ୍କୁ ଧରି କୋହରେ ଫାଟି ପଡିଲେ ଯେମିତି ।ଆଖିରୁ ବହିଯାଉଥିଲା ଅବିଶ୍ରାନ୍ତ ଲୁହ । ବିଜୟା ପ୍ରମାଦ ଗଣିଲେ । ପ୍ରଥମ ଥର ପାଇଁ ସେ ଏମିତି ସ୍ୱାମୀଙ୍କୁ କାନ୍ଦିବାର ଦେଖୁଥିଲେ ।କ'ଣ ହୋଇଛି ବୋଲି ପଚାରିବାର ବହୁତ ସମୟ ପରେ ବିଘ୍ନେଶ୍ୱର ବାବୁ ପ୍ରକୃତିସ୍ଥ ହେଲେ ଏବଂ ଆଖିରୁ ଲୁହ ପୋଛିଲେ ।

'ତୁମେ ସବୁଠୁ ପାଉଥିବା ଲୋକ' ବିଷୟରେ ଆଙ୍କିବାକୁ ଥିବା କମ୍ପିଟିସନ ରେ ସାରା ରାଜ୍ୟରେ ପ୍ରତ୍ୟାଶା ଦାସ ପ୍ରଥମ ହୋଇଛି । ସାର୍ଟିଫିକେଟ ସହ ସେଥିପାଇଁ ପୁରସ୍କାର ସ୍ୱରୂପ ଦଶ ହଜାର ଟଙ୍କାର ଚେକ୍ ବାହାର କରି ଦେଖାଇଲେ ବିଘ୍ନେଶ୍ୱର ବାବୁ । ଝିଅ ଆଙ୍କିଥିବା ଚିତ୍ରପଟକୁ ବି ବାହାର କରି ଧରାଇଲେ ବିଜୟାଙ୍କୁ ।

'ମୋ ବାପା ମୋ ସ୍ୱର୍ଗ' କ୍ୟାପସନରେ ଚିତ୍ରଟିକୁ ଯେ ତାଙ୍କ ଝିଅ ଆଙ୍କିଥିଲା ବିଶ୍ୱାସ କରିପାରୁନଥିଲେ ବିଜୟା । ବାପାଙ୍କ ଚରିତ୍ରକୁ ନିଖୁଣ ଭାବରେ ଫୁଟେଇ ଥିଲା କାନଭାସ ଉପରେ । ବାପାଙ୍କୁ ନେଇ ହିଁ ଗୋଟିଏ ଝିଅର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ନିର୍ଭର କରେ । ବାପା ହିଁ ତା'ର ସୁରକ୍ଷାର ପ୍ରାଚୀର । ବାପା ହିଁ ପରମ ଈଶ୍ୱର..! ଚିତ୍ରଟିରେ ଗୋଟିଏ ଛୋଟ ଝିଅର ଭାବାବେଗର ପ୍ରତିଫଳନ ହୋଇଥିଲା ।

ବିଘ୍ନେଶ୍ୱର ବାବୁଙ୍କ ଆଖିରେ ଲୁହ ଟଳମଳ କରୁଥିଲା । ଝିଅର ସ୍ମୃତିରେ ତାଙ୍କ ସହ ଅଧୈର୍ଯ୍ୟ ହୋଇ କାନ୍ଦରେ ଫାଟି ପଡୁଥିଲେ ସନ୍ତାନ ହରା ବିଜୟା ।

ସେଇ ଦିନଠାରୁ ବିଘ୍ନେଶ୍ୱର ବାବୁ କିନ୍ତୁ ଖୁବ୍ ଉଦାସ ରହୁଥିଲେ,ଯାହା ତାଙ୍କ ଚାଲିଚଳନରେ ବି ପରିସ୍ଫୁଟ ହେଉଥିଲା । ସେ ପ୍ରାୟ ସମୟ ଅନ୍ୟମନସ୍କ ରହୁଥିଲେ । ଯେମିତି ଅକଳ୍ପନୀୟ ଦୁଃଖ ଆଉ ତଜ୍ଜନୀତ ଅବସାଦ ତାଙ୍କୁ ଅକ୍ଟୋପସର ଆଲିଙ୍ଗନ ପରି କବଳିତ କରି ରଖିଥିଲା । ତାଙ୍କର ଏଇ ପରିବର୍ତ୍ତନରେ ସମସ୍ତେ ବ୍ୟତିବ୍ୟସ୍ତ ହେଉଥିଲେ ଏବଂ ତାଙ୍କର ମନର ଅବସ୍ଥା ବୁଝି ସାନ୍ତ୍ୱନା ଦେବାକୁ ଚେଷ୍ଟା କରୁଥିଲେ ।

ହଠାତ୍ ଦିନେ ଖବର ଆସିଲା ଆସନ୍ତା ଜାନୁଆରୀ ମାସ ଛବିଶ ତାରିଖରେ ପ୍ରତ୍ୟାଶା ଦାସ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେବ । କେଇ ମାସ ତଳେ ହୋଇଥିବା ଅନ୍ତର୍ଦେଶୀୟ 'ପରିବେଶ ସୁରକ୍ଷା' ଚିତ୍ରାଙ୍କନ ପ୍ରତିଯୋଗିତାରେ ସାରା ଦେଶରେ ପ୍ରଥମ ହୋଇଥିଲା ତା'ର ଚିତ୍ର । ପ୍ରତ୍ୟେକ ଖବରକାଗଜ, ସୋସିଆଲ ମିଡ଼ିଆରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା ପ୍ରତ୍ୟାଶା ଦାସ ଅଙ୍କିତ ଚିତ୍ର । ହେଲେ ସେ କୁନି ପ୍ରତିଭା ଆଜି ଆକାଶରେ ତାରା ହୋଇଯାଇଛି... ! ସମବେଦନାର ସୁଅ ଛୁଟିଥିଲା ଦେଶ ବିଦେଶରୁ ।

ଜାନୁଆରୀ ଛବିଶକୁ ନିମନ୍ତ୍ରିତ ହୋଇଥିଲେ ପ୍ରତ୍ୟାଶାର ଅବର୍ତ୍ତମାନରେ ତା'ର ଆତ୍ମୀୟ । ପୁରସ୍କାର ବାବଦରେ ନଗଦ ଏକଲକ୍ଷ ଟଙ୍କା ଏବଂ ମାନପତ୍ର ପାଇବେ ବିଜୟିନୀର ପରିବାର । ଏମିତି ଏକ ଖୁସି ମୁହୂର୍ତ୍ତରେ ବିଘ୍ନେଶ୍ୱର ବାବୁ ଥିଲେ କିନ୍ତୁ ନୀରବ ନିଥର ।

ବିଘ୍ନେଶ୍ୱର ବାବୁ ପାଗଳଙ୍କ ଭଳି ପ୍ରଳାପ କରୁଥିଲେ ।' ସବୁ ଦୋଷ ମୋର, ସବୁ ଦୋଷ ମୋର' ।ତାଙ୍କ ମାନସିକ ବିକୃତିରେ ଅସହାୟ ହୋଇ ପଡୁଥିଲେ ସମସ୍ତେ । ଶେଷକୁ ଘରେ ଜଣେ ଆତ୍ମୀୟଙ୍କୁ ସ୍ୱାମୀଙ୍କ ପାଖରେ ଛାଡି ବିଜୟା ବଡ଼ଝିଅ ସହିତ ଗଲେ ଦିଲ୍ଲୀ ।

ଝିଅର କୃତିତ୍ୱ ପାଇଁ ପୁରସ୍କାର ଗ୍ରହଣ କରି ବିଜୟା ନିଜକୁ ଭାଗ୍ୟବତୀ ମନେ କରୁଛନ୍ତି ବୋଲି କହିଲା ବେଳେ ଟିଭିରେ ପ୍ରସାରିତ ସେଇ କାର୍ଯ୍ୟକ୍ରମକୁ ଦେଖୁଥିଲେ ବିଘ୍ନେଶ୍ୱର ବାବୁ ।ତାଙ୍କ ଆଖିରୁ ବହି ଚାଲିଥିଲା ଲୁହର ବନ୍ୟା ।

ପରଦିନ ସକାଳକୁ, ବିଜୟା ଘରେ ପହଞ୍ଚିଲା ବେଳକୁ ଘଟି ସାରିଥିଲା ଆଉ ଗୋଟିଏ ଅଘଟଣ ।ସେଇ ଆପାର୍ଟମେଣ୍ଟର ପାଞ୍ଚ ତାଲା ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ ବିଘ୍ନେଶ୍ୱର ବାବୁ । ଖବର ଚାରିଆଡ଼େ ବିଛେଇ ହୋଇଯାଇଥିଲା ।

ପୋଲିସ ହାତରେ ଥିଲା ବିଘ୍ନେଶ୍ୱର ବାବୁଙ୍କ ପତ୍ନୀଙ୍କ ଉଦ୍ଦେଶ୍ୟରେ ଲେଖାଥିବା ସୁଇସାଇଡ ନୋଟ୍ ।

' ଝିଅର ମୃତ୍ୟୁ ପଛରେ ମୋର ହାତ ଅଛି ବୋଲି ତୁମର ସନ୍ଦେହ ଅମୂଳକ ନଥିଲା । ମୁଁ ହିଁ ଝିଅର ହତ୍ୟାକାରୀ । ଗୋଟିଏ ମାନସିକ ଅନଗ୍ରସର ଝିଅ ପରିବର୍ତ୍ତେ ଜୀବନ ବୀମାର ଟଙ୍କାର ପରମାଣ ମୋର ଚିର ଇପ୍ସିତ ଥିଲା । ସେଥିପାଇଁ ଏତେ ବର୍ଷ ଧରି ତୁମର ଏବଂ ଝିଅର ବିଶ୍ୱାସ ଜିତିବାକୁ ଚେଷ୍ଟା କରି ଆସିଥିଲି । ଝିଅର ବିଶ୍ୱାସ ଜିତି ଯାଇଥିବା ବେଳେ ତୁମର ବିଶ୍ୱାସ କିନ୍ତୁ ଶେଷ ପର୍ଯ୍ୟନ୍ତ ଜିତି ପାରିନଥିଲି ।

ଝିଅର ମୋ ପ୍ରତି ଥିବା ନିଷ୍କପଟ ଭଲପାଇବା, ତା'ର ସଫଳତା, ତା'ର ସ୍ମୃତି ମୋତେ ଏବେ ତିଳ ତିଳ କରି ଦଗ୍ଧ କରୁଛି । ମୁଁ ନିଜକୁ କ୍ଷମା କରିପାରୁ ନାହିଁ । ପ୍ରାୟଶ୍ଚିତ କରିବାକୁ ସୁଯୋଗ ଖୋଜୁଥିଲି । ତୁମେ ଦିଲ୍ଲୀ ଗଲ ତ ମୋ ପାଇଁ ସେଇ ସୁଯୋଗ ଦେଇଗଲ । ଯାଉଛି ଏବେ ମୁଁ ଝିଅ ପାଖକୁ... ।'

*କୁଞ୍ଜବିହାରୀ ଲେନ, କଟକ*
*ମୋ-୯୪୩୮୧୭୫୫୪୨*



## ଆସିଛି ଗଣତନ୍ତ୍ର ଦିବସ

ନଳିନୀ ଦାଶ



ଜାନୁଆରୀ ମାସ ଛବିଶି ତାରିଖ
ସାଧାରଣତନ୍ତ୍ର ଦିବସ
ଆସରେ ପାଳିବା ମିଳିମିଶି ଆମେ
ସଭିଏଁ ହୋଇଣ ହରଷ ।

ଭାରତ ମାତାର ଜୟ ଗାନ କରି
ପତାକା ଦେବାରେ ଉଡେଇ
ଏକମନ ହୋଇ ଚଳିବା ସଭିଏଁ
କରିବାନି ହିଂସା ବଢ଼େଇ ।

ଗାନ୍ଧିଜୀ ନେହେରୁ ଶାସ୍ତ୍ରୀ ସୁଭାଷଙ୍କୁ
ଏ ଦେଶ ହେଉଅଛି ଝୁରି
ଦେଶ ପାଇଁ ଲଢି ହେବା ତାଙ୍କ ପରି
ରଖିବା ଆମେରେ ଶିରୀ ।

ସ୍ୱାଧୀନ ପାଇଁକି କରିଥିଲେ ପଣ
ଗୋରାଙ୍କୁ ଦେଶରୁ ତଡିଲେ
ଆନ୍ଦୋଳନ କରି ରକତ ନିଗାଡି
କେତେ ବୀର ବଳି ପଡ଼ିଲେ ।

ଗୋରା ପଳାଇଲେ ଭାରତ ଆକାଶେ
ସ୍ୱାଧୀନତା ରବି ଉଇଁଲା
ପରାଧୀନ ଗଲା ଅପସରି ଦେଶୁ
ତ୍ରିରଙ୍ଗା ଆକାଶ ଛୁଇଁଲା ।
ସମ୍ବିଧାନ ଲେଖା ହୋଇ ଗଣତନ୍ତ୍ର
ଶାସନ ଭାରତେ ଚାଲିଲା

ଆମର ଭାରତ ଧର୍ମ ନିରପେକ୍ଷ
ହୋଇଲା ପତାକା ଉଡ଼ିଲା ।

ଭାରତୀୟ ମାନେ ସବୁ ଭାଇ ଭାଇ
ଜାତି ଧରମ ନ ରହିଲା
ତ୍ରିରଙ୍ଗାର ତଳେ ଜାତୀୟ ସଙ୍ଗୀତ
ଭାରତ ବର୍ଷରେ ଶୁଭିଲା ।

ବୀର ପ୍ରସବିନୀ ଗରବେ ଫୁଲିଲା
ମୁଖେ ହସ ଖୁସି ଭରିଲା
ବୀରତ୍ୱର ଗାଥା ଗାଇଲା ପତାକା
ଶାନ୍ତିର କପୋତ ଉଡ଼ିଲା ।

*ଭିକାରିପଡା, ଶରଣକୁଳ,*
*ନୟାଗଡ଼*
*ମୋ-୯୨୩୮୯୯୬୬୪୯*



## ଖୁସି



ସୁଜାତା ଦାସ ମହାନ୍ତି

ମୁଁ ଖୁସି ହେବି... ସେଥିପାଇଁ ତୋର
କୌଣସି ପ୍ରଯତ୍ନର ଆବଶ୍ୟକତାକୁ
ମୁଁ ଅନ୍ତର୍ମନରେ ଅସ୍ୱୀକାର କରେ ...

ଗୋଟିଏ ମୁହୂର୍ତ୍ତ ବି ତୋର ବଦଖର୍ଚ୍ଚ ହେଉ...
ଏକଥା କେବେ ବି ମୁଁ ଭାବୁନି ମନରେ... ।

ତୋ ସହିତ ବିତାଇଥିବା ସମୟ,
ତୋ ସାନ୍ନିଧ୍ୟରେ କଟାଇ ଥିବା ଲଗ୍ନ ...
ସବୁ ସଦ୍ୟ, ଜୀବନ୍ତ,
କିଛି କେବେ ଅତୀତ ନ ହେଉ,
ସ୍ମୃତିରେ ସାଇତି ରଖିବାକୁ ନୁହେଁ...
ମୁଁ ତାକୁ ଭୋଗିବାକୁ ଚାହେଁ... !

ଦିନ, ମାସ, ବର୍ଷ, ଯୁଗ... ଆଉ ମୁହୂର୍ତ୍ତ, ମୁହୂର୍ତ୍ତ,
ନାହିଁ ଅଭିମାନ, ଅଭିଯୋଗ କିମ୍ବା ଅବଶୋଷ...
ଯେଉଁଠି ଆରମ୍ଭ ହୋଇଥିଲା...
ଆ କରିଦେବା ସେଇଠାରେ ଶେଷ ।

ତୁ ମୁକ୍ତ, ମୁକ୍ତିର ଆନନ୍ଦରେ ହୁଅ ତୁ ଅଧୀର,
ତୋ ଅଧୀରତାରେ ମୁଁ ହେବି ବୋଲି ବିଭୋର ।

ଏଇତ ଗୋଟିଏ ଲକ୍ଷ୍ୟ, ଜୀବନର, ଜୀବନ୍ତର
ଜନ୍ମ, ମୃତ୍ୟୁର ଉପରାନ୍ତେ,
ତୋ ଖୁସିରେ-ମୁଁ ଖୁସି ହୋଇ ନ ପାରୁଛି...
ତେବେ ତୁ ଯେ ମୁଁ ଆଉ ମୋର...
ଏଭଳି ଏକାତ୍ମ ଭାବନା,
ସବୁ ଆତ୍ମୀୟତା କେବଳ ବାକ୍ୟରେ,
ସମ୍ପୂର୍ଣ୍ଣ କଳ୍ପନା, ସବୁ ଯେ ବେକାର !...

*କଟକ*

## ଚକାଡ଼ୋଳା

ପ୍ରଭୁକଲ୍ୟାଣ ମହାପାତ୍ର



ରାତିର ବହଳ ଅନ୍ଧାରେ
ତୁମେ ପରା ଆଲୋକର ଜ୍ୟୋତି,
ଅତଳ ସାଗର ଗର୍ଭରେ
ତୁମେ ଅଟ ହୀରା, ନୀଳା, ମୋତି ।।୧।।

ଅନ୍ତରୀକ୍ଷ ମହାଶୂନ୍ୟରେ
ତୁମେ ଅଦୃଶ୍ୟ ଜୀବ କଣିକା,
ବନ୍ୟା, ବାତ୍ୟା ବିଭୀଷିକାରେ
ସାଜି ଥାଅ ଭରସା ନଉକା ।।୨।।

ପକ୍ଷୀ କଳରବେ ହିଁ ତୁମେ
କୋଇଲିର ସୁମଧୁର ତାନ,
ତୁମରି ଇସାରାରେ ହୁଏ
ପଲ୍ଲବିତ ଶୁଷ୍କ ମରୁଦ୍ୟାନ ।।୩।।

ବିଶାଳ ସମୁଦ୍ର ବକ୍ଷରେ
ତୁମେ ଅସରନ୍ତି ଉର୍ମିମାଳା,
ବିଶ୍ୱ ବ୍ରହ୍ମାଣ୍ଡରେ ବନ୍ଦିତ
ଜଗତର ନାଥ ଚକାଡ଼ୋଳା ।।୪।।

ତୁମରି ଦର୍ଶନେ ମିଳଇ
ହୃଦୟରେ ଆନନ୍ଦ ଅପାର,
ଅଥୟ ହେଉଥାଏ ମନ
ଭେଟିବାକୁ ତୋତେ ବାର ବାର ।।୫।।

## ଅଲୋଡ଼ା

ସଦାଶିବ ବିଶ୍ୱାଳ

ନଈ ପାରି ହୋଇଯିବାପରେ
ନାଆର କି ଲୋଡ଼ା ?
ନୂଆ ପତ୍ର ଗଛରେ ଆସିଲେ
ଝଡ଼ାପତ୍ର ହୁଅଇ ଅଲୋଡ଼ା ।

ଶରତ ଆକାଶର ଶୁଭ୍ର ମେଘମାଳା
ଚାତକ ପାଇଁ ଅଲୋଡ଼ା
ଜଳ ନାହିଁ ଜାଣି ମୁହଁ ଦିଏ ମୋଡି
ନିର୍ମଳ ରୂପ ତା'ର କି ଲୋଡ଼ା ?

ଫଳ ଗଛରୁ ସରିଲେ
ଫୋପଡ଼ ହୁଅଇ ଅଲୋଡ଼ା
ପହ୍ନା ହେଲେ ଖାଲି, ବାଛୁରୀ
ନ ଲୋଡ଼େ ଗାଈ, ହୁଏ ଗୋଠଛଡା ।

ଫୁଲ ମଉଳି ଯିବାପରେ
ଭ୍ରମରେ ହୁଅଇ ଅଲୋଡ଼ା
ଗୁଣୁ ଗୁଣୁ ଗୀତ ହୁଅଇ ସପନ
ତା ପାଇଁ ମହୁ ନିତ୍ୟାନ୍ତ ଲୋଡ଼ା ।

ସନ୍ତାନ ବଡ କରିବା ପାଇଁ
ମାତାପିତାଙ୍କର ମୁଣ୍ଡ ଝାଳ ଲୋଡ଼ା
ବଡ଼ ହେଲାପରେ ତାଙ୍କ ସ୍ନେହ ଭୂଲେ
ତାଙ୍କୁ ଜରାଶ୍ରମ ହୁଏ ଭିଡ଼ା ।

ଲୋଡାପଣ କା'ର ନୁହେଁ ଚିରସ୍ଥାୟୀ
ହୁଅଇ କେବେ ଅଲୋଡ଼ା
ରଖା ଯାଏନି ସାଇତି ତାକୁ
ଅଚିରେ ହୁଅଇ ଫୋପଡ଼ା ।

କିନ୍ତୁ..
ଦିନେ ଦାନ ଯା'ର ଥିଲା ଦରକାରୀ
ତାକୁ ଭୁଲନି କେବେ
କୃତଜ୍ଞତା ଜଣାଅ
ସ୍ଥିତି କାଳ ପରଖି ଏବେ ।

*ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ*
*କଷ୍ଟ ଆକାଉଟାଣ୍ଟ*
*ଅଗାରୁଆ, କେଉଁଝର*

## ଯାଜ୍ଞସେନୀ

ରେଣୁବାଳା ମହାପାତ୍ର

ସେଦିନ କୁରୁସଭାରେ ପଶାଖେଳ ଆରମ୍ଭ ହେଲା । ପାଣ୍ଡବମାନେ ସବୁ ହାରିଲା ପରେ ଆସିଲା ଦ୍ରୌପଦୀଙ୍କ ପାଳି । ସେଦିନ ସମୟ ବି କିଛି ଠିକ୍ ନଥିଲା । ଦୁର୍ଯ୍ୟୋଧନର ଆଦେଶରେ ପ୍ରକମ୍ପିତ ହେଲା କୁରୁସଭା । ଦୁଃଶାସନ ତା ନିଷ୍ଠୁରତାରେ ଚୁଟି ଧରି ଘୋଷାଡି ଆଣିଲା ଯାଜ୍ଞସେନୀଙ୍କୁ । ଯାଜ୍ଞସେନୀ ସମ୍ପୂର୍ଣ୍ଣ ଅଙ୍କ । ଆଖିରେ କ୍ରୋଧର ବହ୍ନି, କିନ୍ତୁ ନିଶ୍ଚଳ, ଜ୍ଞାନୀ, ବୁଦ୍ଧିଜୀବିଙ୍କର ସଭାସ୍ଥଳ । ଜଣେ ନାରୀ ଚରିତ୍ରର ପଶାଖେଳ ଦେଖି ସେଦିନ କ୍ରୋଧରେ, ପ୍ରଶ୍ନର ସମ୍ବରରେ ଲଜ୍ଜିତ ହୋଇଥିଲା କୁରୁସଭା । ଲଜ୍ଜାର ପରିସୀମା ଡେଇଁ ଦୁର୍ଯ୍ୟୋଧନ କଲା ଦୁର୍ବ୍ୟବହାର । ଦ୍ରୌପଦୀ ପ୍ରଶ୍ନ କଲେ ଗଙ୍ଗାପୁତ୍ରଙ୍କୁ । ଦ୍ରୌପଦୀ ପ୍ରଶ୍ନ କଲେ କୃପାଚାର୍ଯ୍ୟଙ୍କୁ । ପୁଣି ପ୍ରଶ୍ନ କଲେ ଦ୍ରୋଣାଚାର୍ଯ୍ୟଙ୍କୁ । ଭୂରିଶ୍ରବା, କର୍ଣ୍ଣ,ଧୃତରାଷ୍ଟ୍ର, ପ୍ରଶ୍ନ ସେଦିନ ସମସ୍ତଙ୍କ ପାଇଁ ଥିଲା । କୁରୁବଂଶର କୂଳବଧୂର ଅପମାନ । ଯେ କି ସଂସ୍କାର ? ସମସ୍ତଙ୍କର ନୟନ ଥିଲା ତଳକୁ । ଦ୍ରୌପଦୀ ଅଧୀର, ଅସ୍ଥିର, ପ୍ରଶ୍ନ କଲେ ପାଣ୍ଡବଙ୍କୁ । ତାଙ୍କ ସ୍ୱାମୀଙ୍କୁ ଦ୍ରୌପଦୀ କହିଲେ ଅର୍ଜୁନଙ୍କୁ - ଆପଣ ପରା ସବ୍ୟସାଚୀ । ସେଦିନ ମୀନର ଚକ୍ଷୁ ଭେଦ କରି ଜିତିଥିଲେ ମୋ ହୃଦୟକୁ । ସ୍ୱୟଂମ୍ବର ସଭାରେ ମୁଁ ଆପଣେଇ ନେଲି ଆପଣଙ୍କୁ । କୁନ୍ତୀ ବାଣ୍ଟିଥିଲେ ପାଞ୍ଚ ଭାଇଙ୍କୁ । ହୋଇଥିଲି ମୁଁ ପାଞ୍ଚାଳୀ । ଆଜି ପୃଥିବୀର ସର୍ବଶ୍ରେଷ୍ଠ ଧନୁର୍ଦ୍ଧରଙ୍କ ଆଗରେ ମୁଁ ଲାଞ୍ଛିତା,ଅବହେଳିତ ଜଣେ ନାରୀ । କୁଆଡ଼େ ଗଲା ଆପଣଙ୍କର ଗାଣ୍ଡିବ, କୁଆଡ଼େ ଗଲା କୁନ୍ତି ପୁତ୍ର ଭୀମଙ୍କର ଗଦା ? କୁଆଡ଼େ ଗଲେ ମା ଗାନ୍ଧାରୀ ? କାଲି ଜଣେ ମା କୁ ପ୍ରଶ୍ନ କରିବ ଏ ସଂସାର, କେମିତି ପୁତ୍ର ଜନ୍ମ କଲୁ ତୁ ? କ'ଣ ଉତ୍ତର ଦେବେ କୁହନ୍ତୁ ?

ରାଗ, ଅଭିମାନର ଅଗ୍ନିକୁ ଆଖିରେ ଧରି । ହାତ ଯୋଡ଼ି ପ୍ରଶ୍ନ କଲେ ଯୁଧିଷ୍ଠିରଙ୍କୁ । ଆପଣ ତ ଧର୍ମ ଅବତାର । କୁଆଡ଼େ ଗଲା ଆପଣଙ୍କ ଧର୍ମ ? ଧିକ୍ ଆପଣଙ୍କର ପୁରୁଷ ପଣିଆ । ମୁଁ ତ ଖେଳି ନଥିଲି ପଶା ଖେଳ । ପୁଣି ମୁଁ ଆଜି ବନ୍ଧା ପଡ଼ିଲି କେମିତି... ? କୁହନ୍ତୁ ଆପଣ ସମସ୍ତଙ୍କୁ ମୋର ପ୍ରଶ୍ନ । ମୁଁ ତ କୌଣସି ରାଜାର ସମ୍ପତି ନୁହେ । ଦେଖି ମୋ ଦୁର୍ଦ୍ଦଶା, ଲଜ୍ଜା ଲାଗୁନି କେମିତି ? ଯାଜ୍ଞସେନୀଙ୍କ ପାଖରେ ପ୍ରଶ୍ନ ଉପରେ ପ୍ରଶ୍ନ । ଧୃତରାଷ୍ଟ୍ର, ବିଦୁର ସମସ୍ତେ ଚୁପ୍ । ଲଜ୍ଜିତ ନୟନ ତଳକୁ । ମୁଁ ଭାବିଥିଲି ମୋ ସ୍ୱାମୀ ବିଶ୍ୱର ସର୍ବ ଶ୍ରେଷ୍ଠ ଯୋଦ୍ଧା । ତାଙ୍କର ମୁଁ ପତ୍ନୀ । କିନ୍ତୁ ମୋ ଠାରୁ ବେଶୀ ଅବଳା ଚରିତ୍ର ତ ଆଜି ଆପଣଙ୍କର । ଦୟା ଲାଗୁଛି ଆପଣଙ୍କୁ ଦେଖି । କୋଉ ଶାସ୍ତ୍ରରେ ରଚିତ ଥିଲା ଯେ । ଧିକାର ତୁମ ହତିଆରକୁ , ଧିକାର୍ ତୁମ ଯୋଦ୍ଧାପଣକୁ । ଧିକାର ତୁମ ଗଦା, ଗାଣ୍ଡିବକୁ । ପାଞ୍ଚ ଜଣ ଅଯୋଗ୍ୟ ସ୍ୱାମୀ ଆପଣ ।

ଇତିହାସ ଆପଣଙ୍କର କେଉଁ ବିରତ୍ୱ କୁନେଇ ଗର୍ବ କରିବ କୁହନ୍ତୁ ?

ଠିକ୍ ଅଛି । ମୁଁ ବି ଏକାକୀ ନୁହଁ । ମୋ ସଖା ମୋ ସାଥିରେ ଅଛନ୍ତି । ମୋ ବାସୁଦେବ ଅଛନ୍ତି ।।ମୋ ମାଧବ ଏକାକୀ ଭାରି ପଡ଼ିବେ ଆପଣ ସମସ୍ତଙ୍କ ଉପରେ । ସେ ଆସିବେ । ମୋ ସ୍ୱର ଶୁଣିବେ । ଯୋଉଠି ଯେମିତି ଥିବେ ସେ ଆସିବେ । ଆଉ ସେ ଆସିଲେ । ପ୍ରଳୟ ସୁନିଶ୍ଚିତ । ପ୍ରସ୍ତୁତ ରୁହନ୍ତୁ ସମସ୍ତେ । ଦୁର୍ଯ୍ୟୋଧନ ଆଦେଶ ଦେଲା ଦୁଃଶାସନକୁ । ନିର୍ବସ୍ତ୍ର କର ଦ୍ରୌପଦୀଙ୍କୁ । ନୟନରୁ ଅଗ୍ନି ବର୍ଷା କରି ଦ୍ରୌପଦୀ କହିଲେ - ମୂର୍ଖ ଦୁଃଶାସନ !

ମୁଁ ଯାଜ୍ଞସେନୀ - ଅଗ୍ନିର ଗର୍ଭରୁ ମୋର ଜନ୍ମ । ମୋତେ ଦାସୀ କରିବା ଅସମ୍ଭବ । ହାତ ଯୋଡ଼ି ଗୋଟିଏ ପ୍ରାଣରେ ଡାକିଲେ ଦ୍ରୌପଦୀ ।

'ଶ୍ରୀ କୃଷ୍ଣ ଗୋବିନ୍ଦ ହରେ ମୁରାରୀ ,
ହେ ନାଥ ନାରାୟଣ ବାସୁଦେବ ।'

ଆସ କୃଷ୍ଣ, ଆସ ସଖା, ରକ୍ଷା କର । କୃଷ୍ଣ ଶୁଣିଲେ ଦ୍ରୌପଦୀଙ୍କ ସ୍ୱର । ଦୁଃଶାସନ ଟାଣି ଚାଲିଥାଏ ଶାଢୀ ।

କୃଷ୍ଣ ଦେଇଚାଲିଥାନ୍ତି ଶାଢ଼ୀ ଉପରେ ଶାଢୀ । ଶାଢୀ ଉପରେ ଶାଢୀ, ପୁଣି ତା'ଉପରେ ଶାଢ଼ୀ ଦେଖି ଅଚେତ ଅବାକ୍ ହେଲା ଦୁଃଶାସନ । ଖଣ୍ଡେ କାନି ବଦଳରେ କୃଷ୍ଣ ଦେଇଥିଲେ କୋଟି ବସ୍ତ୍ର । ନିର୍ବସ୍ତ୍ର କରିପାରିଲେନି କେହି ଦ୍ରୌପଦୀଙ୍କୁ । ଜଙ୍ଘ ଉପରେ ବସାଇବା ସ୍ୱପ୍ନ ରହିଗଲା ଦୁର୍ଯ୍ୟୋଧନର । ଭାବର ଠାକୁର ସେ ଶ୍ରୀ କୃଷ୍ଣ । ଭକ୍ତର ଶ୍ରଦ୍ଧା , ଭକ୍ତର ଭକ୍ତି ପାଇଁ ସେ ପାଗଳ । ଯାଜ୍ଞସେନୀଙ୍କୁ ସୁଧ ସହିତ ଫେରେଇଲେ କୃଷ୍ଣ ।ଅବିରତ ଅଶ୍ରୁ ଧାର । ଏପଟେ ଦ୍ରୌପଦୀ.... ସେପଟେ ସଖା । ଅସରନ୍ତି ଶକ୍ତି ଧାରାରେ ଢାଳି ଦେଇଗଲେ ଅଭିଶାପ ଉପରେ ଅଭିଶାପ । ରକ୍ତର ନିଆଁ ଜଳୁଥିଲା କୁରୁସଭାରେ । ଯାଜ୍ଞସେନୀ କ୍ଷତାକ୍ତ, ରକ୍ତାକ୍ତ ଭାରତବର୍ଷ ପାଇଁ ଲଜ୍ଜା, ଧ୍ୱଂସ ସୁନିଶ୍ଚିତ ଥିଲା । ଏହିଠାରୁ ଆରମ୍ଭ ହେଲା କୁରୁ ବଂଶରେ ଧ୍ୱଂସର ବିଭୀଷିକା । କାହିଁ ଗଲ କୃଷ୍ଣ । କାହିଁ ସେ କୋଟି ବସ୍ତ୍ର । ଆଜି ହଜାର ହଜାର ନିର୍ଭୟା ଦ୍ରୌପଦୀ ରୂପରେ ନିର୍ଯାତିତା । ଆସ ପ୍ରଭୁ, ଅଧର୍ମର ବିନାଶ କର । ଧର୍ମର ଜୟ ହେଉ ।

*ଅନୁଗୋଳ*

Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

## ଜିଲ୍ଲାସ୍ତରୀୟ ଜାତୀୟ ବାଳିକା ଦିବସ ପାଳିତ

# କନ୍ୟା ସନ୍ତାନଙ୍କ ଶିକ୍ଷା ଉପରେ ଗୁରୁତ୍ୱାରୋପ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ): ଜାତୀୟ ବାଳିକା ଦିବସ ୨୦୨୫ ଏବଂ ବେଟି ବଚାଓ ବେଟି ପଢ଼ାଓ ଯୋଜନାର ୧୦ ବର୍ଷ ପୂର୍ତ୍ତି ଉତ୍ସବ ସ୍ଥାନୀୟ ବ୍ରଜ ମୋହନ ହାଇସ୍କୁଲର ଶତବାର୍ଷିକୀ କକ୍ଷ ଠାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇ କନ୍ୟା ସନ୍ତାନ ମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ, ମହିଳାମାନଙ୍କ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା, ଅଧ୍ୟକ୍ଷ ଜିଲ୍ଲା ଶିଶୁ ମଙ୍ଗଳ କମିଟି ରୂପେଶ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଶିକ୍ଷା



ବିଭାଗର ଡିପିଇଓ ରୂପସିଂ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ମହିଳା ଓ ଶିଶୁ ବିକାଶ ବିଭାଗର ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର ପ୍ରମୁଖ ଯୋଗଦେଇ କନ୍ୟା ସନ୍ତାନମାନଙ୍କ ଶିକ୍ଷା, କନ୍ୟାଭ୍ରୁଣ ହତ୍ୟା, ବାଲ୍ୟ ବିବାହ ନିରାକରଣ, ମହିଳା ମାନଙ୍କ ସମାଜ ଗଠନ ତଥା ରାଷ୍ଟ୍ର ଗଠନରେ ରହିଥିବା ଭୂମିକା ସମ୍ପର୍କରେ ନିଜର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ ଯେ, ଭାରତ ସରକାରଙ୍କ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ୨୦୧୫ ମସିହାରେ ଆରମ୍ଭ ହୋଇ ଆଜି ତାର ୧୦ ବର୍ଷ ପୂର୍ତ୍ତି କରିଛି। ଏବଂ ଏହି ଉପଲକ୍ଷେ ୨୪ ଜାନୁଆରୀ ୨୦୨୫ ଠାରୁ ଏକମାସ ବ୍ୟାପୀ ସଚେତନତା ଅଭିଯାନ ଜିଲ୍ଲାର ବିଭିନ୍ନ ସ୍ତରରେ ଆୟୋଜନ କରାଯିବ ଓ ଆସନ୍ତା ୦୮ ମାର୍ଚ୍ଚ ୨୦୨୫ ଆନ୍ତର୍ଜାତିକ ମହିଳା ଦିବସ ଦିନ ସମାପନ ହେବ । ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫ ଜଣ କୃତୀ ଛାତ୍ରୀଙ୍କୁ ବିଭିନ୍ନ ବିଭାଗରେ ରାଜ୍ୟ ତଥା ଜାତୀୟସ୍ତରରେ ସେମାନଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଲିପ୍ସାରାଣୀ ବାଗ, ରଚନା ମାଝୀ, ପୂନମ ନାଏକ, ନୟୀ ଶବର, ପ୍ରତ୍ୟୁଷା ମହନା। ଏହି କାର୍ଯକ୍ରମରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀଗଣ, ଜିଲ୍ଲା ଶିଶୁମଙ୍ଗଳ ସମିତିର ସଦସ୍ୟ ସଦସ୍ୟା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ବୃନ୍ଦ, କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ ଅଶୋକ ପଟ୍ଟନାୟକ, ୱାନ ଷ୍ଟପ୍ କେନ୍ଦ୍ର ତଥା ସଖୀ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳିକା, ବିନିତା ଦାଶ ଓ ଅନ୍ୟାନ୍ୟ କର୍ମକର୍ତ୍ତା, ଶିଶୁ ଯତ୍ନ ଅନୁଷ୍ଠାନର କୁନୁ କୁନି ଝିଅ ମାନେ, ବିଭିନ୍ନ ସ୍କୁଲର ଛାତ୍ରୀମାନେ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଆଦ୍ୱିକା ଗ୍ରୁପର ଝିଅ ମାନେ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଏବଂ ସମାଜ କଲ୍ୟାଣ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିଶୁଯତ୍ନ ଅନୁଷ୍ଠାନର ବାଳିକାମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାପାଳଙ୍କ ଦ୍ୱାରା ଉପସ୍ଥିତ ପ୍ରତିଭାଗୀ ମାନଙ୍କୁ ଶପଥ ପାଠ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଂଶୁମାନ ବାବୁ କାର୍ଯକ୍ରମକୁ ପରିଚାଳନା କରିଥିଲାବେଳେ ସ୍ୱାଗତ ଭାଷଣ ଦେଇଥିଲେ ସମାଜ କଲ୍ୟାଣ ବିଭାଗର ସୁରକ୍ଷା ଅଧିକାରୀ ସୁଚରିତା ମହାପାତ୍ର ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ ପୋଷଣ ଅଭିଯାନର ଜିଲ୍ଲା ସଂଯୋଜକ ଅଜୟ ବିହାର। ଏହି ଅବସରରେ ସକାଳ ୧୦ ଘଣ୍ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବ୍ରଜ ମୋହନ ହାଇସ୍କୁଲ ପର୍ଯ୍ୟନ୍ତ ଏକ ସଚେତନତା ରାଲିର ମଧ୍ୟ ଆୟୋଜନ କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ବଇତୁରା ଦୀପ ପତାକା ଦେଖାଇ ଏହି ସଚେତନତା ରାଲିର ଶୁଭାରମ୍ଭ କରିଥିଲେ ।

# ସଚେତନ ନାଗରିକ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେସିଙ୍ଗା , (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ସଚେତନ ନାଗରିକ ମଞ୍ଚର ସଭାପତି ଉତ୍ତର ମହଲାଙ୍କ ନେତୃତ୍ୱରେ ଏକ ଟିମ ଭୁବନେଶ୍ୱର ଗସ୍ତ କରି ବିଭିନ୍ନ ମୌଳିକ ଏବଂ ଅତ୍ୟାବଶ୍ୟକ ସମସ୍ୟାଗୁଡିକ ବିଷୟରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସଂଗଠନ କର୍ମକର୍ତ୍ତା ଗଣ ପ୍ରଥମେ ପୂର୍ବତନ ବିରୋଧୀଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି କେସିଙ୍ଗା ସହର ତଥା ଅଞ୍ଚଳର ବିକାଶ ନିମନ୍ତେ ପ୍ରମୁଖ ଅସୁବିଧା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ପରେ ଶ୍ରୀନାଏକଙ୍କ ନେତୃତ୍ୱରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ନଅ ଦଫା ଦାବିପତ୍ର ପ୍ରଦାନ ସହ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଷୟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀଯୁକ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଇଷ୍ଟକୋଷ୍ଟ ରେଳ ଜୋନ ଜେନେରାଲ ମ୍ୟାନେଜରଙ୍କୁ ମଧ୍ୟ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ କେସିଙ୍ଗା ରେଲୱେ ଷ୍ଟେସନ ସହ ରାଜ୍ୟ ରାଜଧାନୀ ଭୁବନେଶ୍ୱରକୁ ଏକ ଡାଇରେକ୍ଟ ଟ୍ରେନ ବ୍ୟବସ୍ଥା। କେସିଙ୍ଗା ଭବାନୀପାଟଣା ଭାୟା ଉକ୍‌ଳୋ ପାଷ୍ଟିକୁଡ଼ି ନୂତନ ରେଲୱେ ଲାଇନ ନିମନ୍ତେ ଆସନ୍ତା ରେଳ ବଜେଟରେ ଅର୍ଥ ମଞ୍ଜୁର। କେସିଙ୍ଗା ସହର ମଧ୍ୟରେ ବୃଦ୍ଧି ପାଉଥିବା ଟ୍ରାଫିକ ଏବଂ ଜନସୁବିଧା ନିମନ୍ତେ କନ୍ତେଶିରରୁ ଯୋଲକୋ ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ। ଜୁନାଗଡ଼ରୁ କେସିଙ୍ଗା ଏନ୍‌ଏଚ – ୨୬ ଚାରି ଲେନ ବିଶିଷ୍ଟ ରାସ୍ତା ନିର୍ମାଣକୁ ଅମାଠ ପର୍ଯ୍ୟନ୍ତ ସମ୍ପ୍ରସାରଣ। ତା ସହିତ କେସିଙ୍ଗା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପ ଖଣ୍ଡୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ରେଫେରାଲ ସେଣ୍ଟର ମାନ୍ୟତା ପ୍ରଦାନ ସହ ଟ୍ରମାସିଆ ସେଣ୍ଟର ସଂଲଗ୍ନ ଏକ ରକ୍ତ ଭଣ୍ଡାର ବ୍ୟବସ୍ଥା। ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ନର୍ସିଂ କଲେଜ ପରିପ୍ରେକ୍ଷୀରେ କେସିଙ୍ଗାରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା ଯଥାଶୀଘ୍ର କେସିଙ୍ଗା ଏନ୍‌ଏସିକୁ ମୁନିସିପାଲିଟି ମାନ୍ୟତା ପ୍ରଦାନ। ଅଞ୍ଚଳର ରୋଜଗାର ସୃଷ୍ଟି ସହ ଅଞ୍ଚଳବାସୀଙ୍କ ପାଇଁ ଏକ ଲାଇଫ ଲାଇନ କୁହାଯାଇଥିବା କେସିଙ୍ଗା କୋଣାର୍କ



ସୂତାକଳର ପୁନଃଉଦ୍ଧାର ପାଇଁ ଆବଶ୍ୟକ ପାଣ୍ଠି ବ୍ୟୟ ବରାଦ, କେସିଙ୍ଗା ସହର ୱାର୍ଡ ନଂ ୧, ୨, ୭ ଏବଂ ୮ରେ ଘୋର ପାଣି ଅସୁବିଧା ଦୂର ପାଇଁ ବୋରିଂପଦର ଏବଂ ବଗାଡ଼ରେ ଗୋଟିଏ ଲେଖାଏ ଓଭର ହେଡ୍ ୱାଟର ଟ୍ୟାଙ୍କ ନିର୍ମାଣ। ସହରରେ ଚବିଶ ଘଣ୍ଟିଆ ପାଣି ବ୍ୟବସ୍ଥା, ବନ୍ଦ ହୋଇ ରହିଥିବା ଡ୍ରିଙ୍କ ଫ୍ରାମ ଟ୍ୟାପ ସ୍କିମର କାର୍ଯ୍ୟକାରିତା। ତୁରଲାଖମନ ନିକଟରେ ତେଲ ନଦୀ ଉପରେ ଏକ ବ୍ୟାରେଜ ସେତୁ ନିର୍ମାଣ ସହ ଟେଣ୍ଡର ହୋଇ ବାତିଲ ହୋଇଥିବା ପ୍ରକ୍ରିୟାକୁ ପୁନଃ ଟେଣ୍ଡର ବ୍ୟବସ୍ଥା ଏବଂ କେସିଙ୍ଗା ରେଲୱେ ଷ୍ଟେସନରେ ଥିବା ଆର୍‌ଏମ୍‌ଏସ୍ କାର୍ଯ୍ୟାଳୟ ବଲାଙ୍ଗୀରକୁ ସ୍ଥାନାନ୍ତରକୁ ବାତିଲ କରିବା ସହ କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ପାଇଁ ଏକମାତ୍ର କେସିଙ୍ଗା ଆର୍‌ଏମ୍‌ଏସ୍‌କୁ ଇଂଟ୍ରା ସର୍କଲ ହବର ମାନ୍ୟତା ପ୍ରଦାନ ଆଦି ପ୍ରମୁଖ ଦାବି ପୂରଣ ନିମନ୍ତେ ଅନୁରୋଧ କରାଯାଇଥିଲା । ସଂଗଠନର ସାଧାରଣ ସମ୍ପାଦକ ଟିକେମନ ଦୀପ, ଉପସଭାପତି ତଥା ପୂର୍ବତନ ନଗରପାଳ ଗୋବିନ୍ଦ ବନଛୋର, ସରିତା ସିନ୍ଧୁର, ରାମଜୀ ମାତଖଣ୍ଡିଆ, ଗୀତାଞ୍ଜଳି ବରିହା, ରାମଲାଲ ସୁନାନୀ, କାଉନସିଲର ଧରଣୀଧର ନାଏକ ଏବଂ ମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁପୁର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍ ) : ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଲାଞ୍ଜିଗଡ଼ ବ୍ଲକ ମଧୁପୁରସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦବ୍ୟାସ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଉଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରା, ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ସପୁର ଛତର, ମଧୁବନ ପରଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ସନ୍ତୋଷ ପାତ୍ର ସ୍ୱାଗତ ଅଭିଭାଷଣ ଦେବାସହିତ ସଭା ପରିଚାଳନା କରିଥିଲେ। ସଭା ଶେଷରେ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ସହିତ ପୁରସ୍କୃତ କରିଥିଲେ। ଏହାପରେ ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ମଧୁସୂଦନ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ ଶିକ୍ଷକ ସମେତ ଅଣଶିକ୍ଷକ କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ସମ୍ମିଳନୀ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ଦ୍ୱିତୀୟ ସାଧାରଣ ଅଧିବେଶନ ଗତ ୨୨ ତାରିଖ ମଙ୍ଗଳବାର ଦିନ ବଲାଙ୍ଗିର ଠାରେ ଅନୁଷ୍ଠିତ ହୋଇଯାଇଅଛି। ସଂଘର ସଭାପତି ଦ୍ୱାରିକାନାଥ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଧାରଣ ଅଧିବେଶନରେ ସାଧାରଣ ସମ୍ପାଦକ ଯୁଗଳ କିଶୋର ପଟେଲ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ସଭାର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି ସଭାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଥିବା ପନ୍ଦରଟି ଜିଲ୍ଲାର ପ୍ରାୟ ତିନିଶହରୁ ଉର୍ଦ୍ଧ ସଭ୍ୟ ଉପସ୍ଥିତ ଥିଲେ। ଏହି ସଭାରେ ସର୍ବ ଭାରତୀୟ ଅବସର ପ୍ରାପ୍ତ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗଣପତି ହେଗଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅବସର ପ୍ରାପ୍ତ କର୍ମଚାରୀଙ୍କର ବିଭିନ୍ନ ସମସ୍ୟାର ସମାଧାନ ଏବଂ ସେମାନଙ୍କ ଉଚିତ୍ ପ୍ରାପ୍ୟ ସରକାରଙ୍କ ଠାରୁ ହାସଲ କରିବା ପାଇଁ ନେଉଥିବା ପଦକ୍ଷେପ ବିଷୟରେ ପ୍ରକାଶ କରିଥିଲେ। ଭାରତୀୟ ବ୍ୟାଙ୍କିଙ୍ଗ୍ ଫେଡରେସନ୍‌ର ପୂର୍ବତନ ସମ୍ପାଦକ ପ୍ରଦୀପ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ତାଙ୍କ ବକ୍ତବ୍ୟରେ କର୍ମଚାରୀ ସଂଘର ସମୂହ ସଙ୍ଘର୍ଷ ଏବଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଅବସର ପ୍ରାପ୍ତ କର୍ମଚାରୀ ସଂଘର ସଭାପତି ମନୋଜ ମହାନ୍ତି ଓ ସାଧାରଣ ସମ୍ପାଦକ ବସନ୍ତ କୁମାର ଦାଶ କାର୍ଯ୍ୟକ୍ରମରେ ଯୋଗଦେଇ ସଂଘର ବର୍ତ୍ତମାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ଅତିଥି ଭାବେ ପୁଲିନ ବିହାରୀ ମିଶ୍ର, ସାଧାରଣ ସମ୍ପାଦକ ଓଡ଼ିଶା ରାଜ୍ୟ ବ୍ୟାଙ୍କିଙ୍ଗ ଫେଡରେସନ୍, ପଦ୍ମଲୋଚନ ସାହୁ, ସମ୍ପାଦକ ଅଫିସର ସଂଘ, ବଲାଙ୍ଗିର, ହୃଷୀକେଶ ପାତ୍ର, ସମ୍ପାଦକ, କର୍ମଚାରୀ ସଂଘ, ବଲାଙ୍ଗିର ଏବଂ ଶରତ ହୋତା, ଭାରତୀୟ ଗ୍ରାମୀଣ ବ୍ୟାଙ୍କ ଫେଡ୍‌ରେସନ୍‌ର ସହ ସମ୍ପାଦକ ମଧ୍ୟ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଅଧିବେଶନରେ ସଂଘର ନୂତନ ସଭାପତି ଭାବେ ପ୍ରଫୁଲ୍ଲ କୁମାର ନେପାକ, ସମ୍ପାଦକ ପ୍ରକାଶ ମହାପାତ୍ର, ସାଙ୍ଗଠନିକ ସମ୍ପାଦକ ଯଜ୍ଞ ଭୋଇ, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଶେଷରେ ନବ ମନୋନୀତ ସଭାପତି ଶ୍ରୀ ନେପାକ ଧନ୍ୟବାଦ ଅର୍ପଣ ମନୋନୀତ କରିଥିଲେ। ସଂଘର ନୂତନ ସମ୍ପାଦକ ଭାବେ କଳାହାଣ୍ଡିର ପ୍ରକାଶ ମହାପାତ୍ର ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି।

# ୫୧ୟୁନିଟ୍ ରକ୍ତ ସଂଗୃହିତ




ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଔଷଧ ବ୍ୟବସାୟୀଙ୍କ ସର୍ବଭାରତୀୟ ସଂଗଠନ ଏଆଇଓସିଡିର ସ୍ୱର୍ଣ୍ଣ ଜୟନ୍ତୀ ବର୍ଷ ଓ ଜାତୀୟ ସଭାପତି ଶ୍ରୀ ଜଗନ୍ନାଥ ସିନ୍ଧେ ଜିଙ୍କ ୭୫ତମ ଜନ୍ମ ଦିବସ ଅବସରରେ ଏକ ବିଶାଳ ରକ୍ତ ଦାନ ଶିବିର ଆୟୋଜନ ହୋଇଯାଇଛି। ଧର୍ମଗଡ଼ ଡାକ୍ତରଖାନା ପରିସରରେ ଥିବା ରକ୍ତ ଭଣ୍ଡାର ଠାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଯୋଗ୍ୟ ଯେ, ସାରା ଭାରତ ବର୍ଷରେ ଏକ ସମୟରେ ଏହି ସଂଗଠନ ଜରିଆରେ ଆୟୋଜନ କରାଯାଇ ୭୫୦୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ନାମ ପଞ୍ଜିକରଣ ପାଇଁ ବ୍ୟବସ୍ଥା କରାଯାଇଥିବା ସଂଘର ସମ୍ପାଦକ ହୃଷିକେଶ ମିଶ୍ର ପ୍ରକାଶ କରିଛନ୍ତି। ଏହି ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଳାହାଣ୍ଡି କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଏସୋସିଏସନ୍‌ର ସଭାପତି ଅଶୋକ କୁମାର ରାଉତ, କୋଷାଧ୍ୟକ୍ଷ କିଶୋର ଅଗ୍ରୱାଲ, ଗୋରୀ ଶଙ୍କର ରାୟଗୁରୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଆଶିଷ ପଟ୍ଟଯୋଷୀ, ସମେତ ସଂଘର ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଉକ୍ତ ଶିବିରରେ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ, ସୋସିଆଲ ୱେଲ ଫେୟାର ସଙ୍ଘର ସଭପତି ଉମାକାନ୍ତ ସୁନାନୀ, ସୁମିତ କୁମାର ଖମାରୀ, ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁ, ମହିଳା ମହବିଦ୍ୟାଳୟର ପ୍ରିୟମ୍ବଦା ଚାନ୍ଦ, ବଙ୍କିମ ମୁଣ୍ଡ, ପର୍ଶୁରାମ ସେନାର ବିଶ୍ୱ ରଞ୍ଜନ ପାତ୍ର ପ୍ରମୂଖ ଉପସ୍ଥିତ ଥିଲେ।

# ଦୋରା ସମ୍ପ୍ରଦାୟର ମକର ପାଣ୍ଡୁ ଭେଟ୍‌ଘାଟ୍

ନର୍ଲା (ଭାସ୍କର ନ୍ୟୁଜ) : ମଣିଷ ନିଜ ସମାଜ, ସଂସ୍କୃତି ଓ ପରମ୍ପରାକୁ ବଜାଇ ରଖିବା ପାଇଁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ପର୍ବପର୍ବାଣୀ, ଜାନୀଯାତ୍ରା କରୁଥିବା ବେଳେ ନର୍ଲା ବ୍ଲକର ନାଗଝରି ଠାରେ ଦ୍ୱିତୀୟ ତମ ମକର ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସର୍ବ ପ୍ରଥମେ ମଶାଲ ଯାତ୍ରାରେ ସ୍କୁଲ୍ ଛାତ୍ର ଛାତ୍ରୀଙ୍କ ସହ ଶହ ଶହ ଜନସାଧାରଣ ଶୋଭାଯାତ୍ରାରେ ଯାଇ ମଣ୍ଡପରେ ମଶାଲ୍ ସ୍ଥାପନ କରି ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ଏହି ଉତ୍ସବ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଜନ ସମାଗମ ହୋଇଥିଲା। ଗତ




ବର୍ଷ ଠାରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ଚାଲି ଚଳଣୀ, ସଂସ୍କୃତି, ପରମ୍ପରାର ଝଲକ୍ ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସଭାପତି ରାଜ୍ୟ ଅବହେଳିତ ଦୋରା ମହାସଂଘ ସତ୍ୟମ୍ ସ୍ୱାଇଁ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ହରିଶଙ୍କର ମାଝୀ, ପର୍ଶୁରାମ୍ ହର୍ପାଲ୍, ସରପଞ୍ଚ ବଡ଼ଧାର ପୂର୍ ମୁକୁନ୍ଦ ଦୋରା, ସମ୍ପାଦକ ଦଶରଥ ପାତ୍ର, ଜିଲ୍ଲା ଦୋରା ମହାସଂଘର ସଭାପତି ବିଶିକେଶନ ଆର୍ଯ୍ୟ, ମୋହନ୍ ପାଡ଼ାଲୁ, ଅକ୍ଷୟ ଦୋରା, ଅରବିନ୍ଦ ଦୋରା, ମଧୁସୁଦନ ଦୋରା, ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ବ୍ଲାକ ବେଲ୍ଟ ପ୍ରଦାନ ଉତ୍ସବ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା କୁଂଫୁ ଆସୋସିଏସନ ପକ୍ଷରୁ ସ୍ଥାନୀୟ ୟଙ୍ଗବ୍ଲଡ଼ ପବ୍ଲିକ ସ୍କୁଲ ଠାରେ ତିନିଦିନ ଧରି କୁଂଫୁ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କୁଂଫୁ ଫେଡ୍ରେସନ ମୁଖ୍ୟ ମାଷ୍ଟର ଡ଼ି. କାଣ୍ଟେସଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟଳଷ୍ଟୟ ଦୁର୍ଗାଙ୍କ ଦ୍ୱାରା ପ୍ରଶିକ୍ଷଣରେ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ କୁଂଫୁ ତାଲିମ ନେଇଥିଲେ। ତାଲିମର ଶେଷ ଦିବସରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯଥା-ଧର୍ମଗଡ଼, ଭବାନୀପାଟଣା, ମ:ରାମପୁର, ଅଞ୍ଚଳରୁ ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବେଲ୍ଟ ପାଇଁ ଟେଷ୍ଟ ଦେଇଥିଲେ। ଏଠାରେ ୫୧ ଜଣଙ୍କୁ ୟେଲୋ ବେଲ୍ଟ, ୪୩ଙ୍କୁ ଗ୍ରୀନ, ୧୨ ଜଣଙ୍କୁ ମେରୁନ, ୫ଙ୍କୁ ବ୍ରାଉନ ବେଲ୍ଟ ପ୍ରଦାନ କରାଯାଇଥିଲା। ବରିଷ୍ଠ ବିଭାଗରେ ତାପସ କୁମାର ମିଶ୍ର, ଥବୀର ପୋଡ଼, ଦେବାଶିଷ



ରାଉଳଙ୍କୁ ମାଷ୍ଟର ଡିଗ୍ରୀ, ଟଳଷ୍ଟୟ ଦୁର୍ଗା ଓ ଗୁଣସାଗର ଜାଲଙ୍କୁ ବ୍ଲାକ ବେଲ୍ଟ ୪ର୍ଥ ସ୍ଥାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅଧକ୍ଷା ଦୀପ୍ତିରାଣୀ ସିଂହ, ପୂର୍ବତନ ନଗରପାଳ ରାମକୁମାର ଜୈନ, ପୂର୍ବତନ ଆର୍ମି ପୋଲିସ ସଂଜୀବ ମାଝୀ, ଟିଟିଲାଗଡ଼ର ମାଷ୍ଟର ରାଜେଶ ଛୁରିଆ ଓ ରାୟଗଡ଼ାରୁ ଅନିଲ ନାଏକ, ଥୁ:ରାମପୁରରୁ ଲମ୍ବୋଦର ନାଏକ, ପ୍ରମୁଖ ଯୋଗ ଦେଇଥିଲେ । ଡେପୁଟି ପ୍ରାପ୍ତ ମାଷ୍ଟର ଡ଼ି. କିଶୋର, ଅଲ ଓଡ଼ିଶା ଚିଫ ମାଷ୍ଟର ଛବିଲାଲ ନିଆଲ, ଏବଂ ଦ ସିନିୟର ମାଷ୍ଟର ମାନେ ଉପସ୍ଥିତ ରହି ବେଲ୍ଟ ଟେଷ୍ଟରେ ପ୍ରମୁଖ ଭୂମିକା ଗ୍ରହଣ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଶେଷରେ ଲମ୍ବୋଦର ନାଏକ ଧନ୍ୟବାଦ ଦେଇ କାର୍ଯ୍ୟ ଶେଷ କରିଥିଲେ।

# ‘ଓସା’ର ରାଜ୍ୟ ସମ୍ମିଳନୀରେ ପୁଣି ଚମକିଲେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଭୁବନେଶ୍ୱର ସ୍ଥିତ ବୁଦ୍ଧବିହାର ଠାରେ ଆୟୋଜିତ ଓଡିଶା ସୂଚନା ଅଧିକାର ଅଭିଯାନର ୧୫ ତମ ରାଜ୍ୟ ସମ୍ମିଳନୀରେ ସୂଚନା ଅଧିକାର କର୍ମୀ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପୁରସ୍କୃତ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଏନ୍‌ସିପିଆରଆଇ ଆବାହକ ଅଞ୍ଜଳି ଭରଦ୍ୱାଜ ମୁଖ୍ୟବକ୍ତା ଓ ଏନ୍‌ସିପିଆରଆଇ ସହ ଆବାହକ ଅମ୍ରିତା ଲୋରି, ଓସା ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ବରିଷ୍ଠ ସାମ୍ବାଦିକ ରବି ଦାସ ଓ ସତ୍ୟ ପ୍ରକାଶ ନାଏକ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ଓଡିଶା ସୂଚନା ଅଧିକାର ଅଭିଯାନ ମାଧ୍ୟମରେ ପ୍ରଶାସନ ଓ ସରକାରଙ୍କୁ ଅନେକ ତଥ୍ୟ ମାଗିବା ସହ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ପର୍ଦାଫାସ କରିଥିଲେ। ପ୍ରଶାସନ ଓ ରାଜନେତା ମାନେ ପ୍ରତିଶୋଧ ପରାୟଣ ହୋଇ ବିନ୍ଦୁ ମହାନନ୍ଦଙ୍କୁ ବାରମ୍ବାର ମିଛ କେସ୍‌ରେ ଛନ୍ଦି ଦେଇ ଜେଲକୁ ପଠେଇଦେଇଥିଲେ। ଯାହାରିଫଳରେ ଶ୍ରୀ ମହାନନ୍ଦ ଜେଲରୁ ବାହାରିବା ପରେ ମଧ୍ୟ ଅନେକ ଗୁଡିଏ ସରକାରୀ ଅର୍ଥର ଦୁର୍ନୀତି ଓ ଜିଲ୍ଲା ପ୍ରଶାସନର ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ଦୁର୍ନୀତିର ପର୍ଦାଫାସ କରିଥିଲେ । ଏହି ପରିପ୍ରେକ୍ଷୀରେ ତାଙ୍କୁ ଓସା ୧୫ତମ ରାଜ୍ୟସ୍ତରୀୟ ସମ୍ମିଳନୀରେ ପୁରସ୍କୃତ କରାଯାଇଛି। ପୁରସ୍କୃତ ହେବା ପରେ ଶ୍ରୀ ମହାନନ୍ଦଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ରାଶିଫଳ

**ରବିବାର, ୨୬ ଜାନୁଆରୀ ୨୦୨୫**



**ମେଷ:** ଆଜି ଆପଣ ମାନସିକ କ୍ଲାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ । ଆପଣ ନିଜ ପିଲା ବିଷୟରେ ଚିନ୍ତିତ ହୋଇପାରନ୍ତି । ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ।



**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ । ଶରୀରରେ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି । ଛାତ୍ରମାନେ ପଢିବା ଏବଂ ଲେଖିବାରେ କମ୍ ସମୟ ନେବେ ।



**ମିଥୁନ:** ଆଜି କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ । କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ଏବଂ ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ।



**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ । ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ୍ୟ ରହିବ । ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ । କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ।



**ସିଂହ:** ଆଜି ଆପଣଙ୍କର ଦିନ ଶୁଭ ଅଟେ । ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ । ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି। ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି । କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ । କଳା କ୍ଷେତ୍ରରେ ବିଶେଷ ଆଗ୍ରହ ରହିବ ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକରାତ୍ମକ ଭାବନା ଛାଡି ପାରିବେ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ। ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ।



**ତୁଳା:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ । ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ । ଆଦର୍ଶଗତ ଭାବରେ ଦୃଢ ରହିବେ। ମନ ସୃଜନଶୀଳ ଧାରାରେ ରହିବ। ଦିନଟି ଖୁସିରେ ବିତାଇବ ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ। ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି । ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ । ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ । ବକ୍ତବ୍ୟରେ ସଂଯମତା ରଖନ୍ତୁ ।



**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ। ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ। ଶାରୀରିକ ଅସୁସ୍ଥ ରହିବେ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ । ଆଜି କିଛି ଦାନ କରନ୍ତୁ। ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ । ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି। ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ। ଲାଭ ପାଇବେ । ଆୟ ବୃଦ୍ଧି ପାଇବ ।




ଜ୍ୟୋତିଷ ଗ୍ରନ୍ଥ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯